ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 230 | ଭାଗ ୩୩ | ସଂଖ୍ୟା ୨୩୦ | Thursday 13 November 2025 | Page 8 Rs. 5.00 | ● ଭୁବନେଶ୍ୱର ଗୁରୁବାର ୧୩ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ହସ୍ପିଟାଲ୍‌ରେ ଗୋବିନ୍ଦା

ପୃଷ୍ଠା ୫

ଦୋଳିରେ ଫସିଲେ ୧୦ ଲୋକ

ବାଲିଯାତ୍ରାରେ ଅଘଟଣ

କଟକ,୧୨।୧୧ (ସଂଚାର ବ୍ୟୁରୋ): କଟକ ବାଲିଯାତ୍ରାରେ ଆଜି ରାତିରେ ଏକ ବଡ ଧରଣର ଅଘଟଣ ଘଟିଛି। ଦୋଳିରେ ୧୦ରୁ ଅଧିକ ଲୋକ ଫସିଯାଇଛନ୍ତି। ରାମଦୋଳିରେ ବସିଥିବା ବେଳେ ୫୦ ଫୁଟ ଉପରେ ହଠାତ ଦୋଳିଟି ଅଟକି ଯାଇଥିଲା। ଦୋଳିରେ ୧୦ରୁ ଅଧିକ ଲୋକ ବସିଥିଲେ। କିନ୍ତୁ ଦୋଳିଟି ହଠାତ ଅଟକିଯିବାରୁ ଲୋକେ ଭୟଭୀତ ହୋଇପଡିଥିଲେ। ଦୋଳି କିଭଳି ଅଟକିଲା ସେନେଇ ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଦୋଳିର ତଳପଟେ ପ୍ରାୟ ୭-୮ ଫୁଟ ଉପରେ ଥିବା ଲୋକଙ୍କୁ କୌଣସି କ୍ରମେ ଉଦ୍ଧାର କରାଯାଇଥିଲା। କିନ୍ତୁ ଉପରେ ଥିବା ଲୋକଙ୍କୁ ଖବର ଲେଖାଯିବା ପର୍ଯ୍ୟନ୍ତ ଉଦ୍ଧାର କରାଯାଇନଥିଲା। ଘଟଣାସ୍ଥଳରେ ଫାୟାର ଓ ଅଗ୍ନିଶମ ଟିମ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

ବାରବାଟୀ ଟି-୨୦ର ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ, ତ୍ରୁଟିହୀନ ବ୍ୟବସ୍ଥା ଉପରେ ଜୋର୍

ରାଜ୍ୟ ମର୍ଯ୍ୟାଦା କ୍ଷୁଣ୍ଣ ନହେଉ

ଦିଲ୍ଲୀ ବିସ୍ଫୋରଣ ପରେ ଅଧିକ ସତର୍କ ରହିବ ପୁଲିସ୍

ଅଘଟଣ କ୍ଷେତ୍ରରେ ସୁବ୍ୟବସ୍ଥିତ ଗ୍ରୀନ୍ କରିଡର୍ ପାଇଁ ନିର୍ଦ୍ଦେଶ

ଜେନ୍‌ସେଟ୍ ମନିଟରିଂ ପାଇଁ ସ୍ୱତନ୍ତ୍ର ସଫ୍ଟୱେର୍

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ଗତ ସୋମବାର ଦିଲ୍ଲୀ ଲାଲ୍‌କିଲ୍ଲା ନିକଟସ୍ଥ ଜାମା ମସଜିଦ୍‌ର ଆଖପାଖ ଅଞ୍ଚଳରେ ଘଟିଥିବା ଭୟାବହ ବିସ୍ଫୋରଣ ପରେ ସମଗ୍ର ଦେଶରେ ହାଇ ଆଲର୍ଟ ଜାରି କରାଯାଇଥିଲା। କୌଣସି ଜନଗହଳିପୂର୍ଣ୍ଣ ସ୍ଥାନକୁ ଅସାମାଜିକମାନେ ଟାର୍ଗେଟ୍ କରୁଥିବାରୁ ଆସନ୍ତା ମାସରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଟି-୨୦ ମୁକାବିଲା ସମୟରେ ଦର୍ଶକମାନଙ୍କ ସୁରକ୍ଷା ସକାଶେ ପୁଲିସ୍ ବିଭାଗ ଫୁଲ୍‌ପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ। ରାଜ୍ୟର ମର୍ଯ୍ୟାଦା ବଜାୟ ରଖିବା ସକାଶେ ମ୍ୟାଚ୍‌ର ତ୍ରୁଟିଶୂନ୍ୟ ଆୟୋଜନ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ ପୁଲିସ୍ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆଜି ସ୍ଥାନୀୟ ଲୋକସେବା ଭବନଠାରେ ଉକ୍ତ ମ୍ୟାଚ୍‌ର ପ୍ରସ୍ତୁତି ସକାଶେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ସମୀକ୍ଷା କରିବା ସହ ମ୍ୟାଚ୍‌ର ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ପରିଚାଳନା ଉପରେ ଗୁରୁତ୍ୱ ଦେଇଛନ୍ତି। ସେ କହିଛନ୍ତି ଯେ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନରେ ଓଡ଼ିଶାର ବେଶ୍ ସୁନାମ ରହିଛି। କଟକ ବାରବାଟୀ ଷ୍ଟାଡିୟମ୍‌ରେ ପୂର୍ବରୁ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଆୟୋଜିତ ହୋଇଛି। ତେଣୁ ଆସନ୍ତା ମାସ ୯ ତାରିଖରେ ହେବାକୁ ଥିବା ଭାରତ ଓ ଦକ୍ଷିଣ ଆଫ୍ରିକା ଅନ୍ତର୍ଜାତୀୟ ଟି-୨୦ର ସଫଳ ଆୟୋଜନ ସକାଶେ ସମସ୍ତ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କ୍ରିକେଟ୍ ଦେଶରେ ବେଶ୍ ଲୋକପ୍ରିୟ ଖେଳ ହୋଇଥିବା ବେଳେ ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ। ତେଣୁ ଏହା ଯେପରି ତ୍ରୁଟିଶୂନ୍ୟ ଭାବେ ପରିଚାଳିତ ହେବ ଓ ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ରହିବ, ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍‌ର ପ୍ରସ୍ତୁତି ⮊ପୃଷ୍ଠା-୬

ସହଜ ହେବ ଜମି କିଣାବିକା ପ୍ରକ୍ରିୟା

ତହସିଲଦାରଙ୍କୁ କବଲା ସଂଶୋଧନ କ୍ଷମତା

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟର ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟାକୁ ଦୂର କରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍‌ସ (ଓଏସ୍‌ଏସ୍‌ଆର୍)ର ସଂଶୋଧନକୁ ଅନୁମୋଦନ କରିଛନ୍ତି। ସାମ୍ପ୍ରତିକ ସମୟରେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା (ଆର୍‌ଓଆର୍) ବନ୍ଦୋବସ୍ତ ଅଧିକାରୀ କ୍ରେତାଙ୍କ ନାମରେ କରିଥାନ୍ତି। କିନ୍ତୁ ଯଦି କୌଣସି କାରଣବଶତଃ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନଥାଏ, ତା'ହେଲେ କ୍ରେତାଙ୍କୁ ଏଥିପାଇଁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିବାକୁ ପଡ଼ିଥାଏ। ଅତ୍ୟଧିକ କାର୍ଯ୍ୟଭାର ଯୋଗୁଁ ଏହି ଅପିଲଗୁଡ଼ିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡ଼ି ରହିଥାଏ। ତେବେ ଏପରି ସମସ୍ୟାରୁ କ୍ରେତାମାନଙ୍କୁ ମୁକ୍ତ କରିବା ସକାଶେ ଆଜି ମୁଖ୍ୟମନ୍ତ୍ରୀ ଏ ଦିଗରେ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ଉପରୋକ୍ତ ରୁଲ୍ ସଂଶୋଧନ ଦ୍ୱାରା ଏବେ ଏହିପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସମ୍ପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସଂପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ପଟ୍ଟା ନିଜ ନାମରେ କରିବା ପାଇଁ ସମ୍ପୃକ୍ତ ତହସିଲଦାରଙ୍କ ନିକଟରେ ଆବେଦନ କରିପାରିବେ। ⮊ପୃଷ୍ଠା-୬

୧୮ରୁ ଜିଲ୍ଲାପାଳ-ଏସ୍‌ପି ସମ୍ମିଳନୀ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ଆସନ୍ତା ୧୮ରେ ଜିଲ୍ଲାପାଳ ଓ ଏସ୍‌ପି ସମ୍ମିଳନୀ ଆରମ୍ଭ ହେବ। ସ୍ଥାନୀୟ ଲୋକସେବା ଭବନରେ କନଭେନସନ ସେଣ୍ଟରରେ ୧୮ ଓ ୧୯ ତାରିଖରେ ହେବ ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀ। ଏଥିରେ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ସରକାରୀ ଯୋଜନା ଓ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ନେଇ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି ସମ୍ମିଳନୀରେ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଏସ୍‌ପିମାନେ ସାମିଲ ହେବେ। ସମସ୍ତଙ୍କୁ ମୁଖ୍ୟମନ୍ତ୍ରୀ ସରକାରୀ ଯୋଜନାର ସଫଳ ରୂପାୟନ ଓ ଅପରାଧୀଙ୍କୁ କଠୋର ⮊ପୃଷ୍ଠା-୬

ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାର ସମାରୋହରେ କେନ୍ଦ୍ରମନ୍ତ୍ରୀ

ସ୍ୱଦେଶୀ ଓ ସେବାକୁ ପ୍ରାଥମିକତା ପାଇଁ ଆହ୍ୱାନ

ଲୁଧିଆନା,୧୨।୧୧(ସଂଚାର ବ୍ୟୁରୋ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ପଞ୍ଜାବର ଲୁଧିଆନାରେ ଅନୁଷ୍ଠିତ ୩୩ତମ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଯୋଗଦେଇ ସ୍ୱଦେଶୀ, ଶିକ୍ଷା ଓ ସେବାର ମାର୍ଗକୁ

ଏନ୍‌ଇପି ଏକ ବୈପ୍ଳବିକ ପଦକ୍ଷେପ

ପ୍ରାଥମିକତା ଦେବାକୁ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ସତ ପଲ ମିତ୍ତଲ ରାଷ୍ଟ୍ରୀୟ ପୁରସ୍କାରର ଆୟୋଜନ କେବଳ ସମ୍ମାନ ଦେବା ପାଇଁ ନୁହେଁ, ବରଂ ରାଷ୍ଟ୍ର ନିର୍ମାଣରେ ଶିକ୍ଷା, ସେବା ଏବଂ ସ୍ୱଦେଶୀ ଚିନ୍ତାଧାରାର ଗୁରୁତ୍ୱପୂର୍ଣ୍ଣ ଯୋଗଦାନର ପ୍ରତୀକ। ସାମ୍ପ୍ରତିକ ସମୟରେ ସମଗ୍ର ଦେଶରେ ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ 'ବନ୍ଦେ ମାତରମ୍'ର ୧୫୦ ଗୌରବମୟ ବର୍ଷ ପାଳିତ ହେଉଛି। ଏହି ଗୀତ ଆମକୁ ସ୍ୱରାଜ୍ୟ ପାଇଁ ସଂଘର୍ଷ କରିବାକୁ ଶକ୍ତି ଦେଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସଂକଳ୍ପ ଦିଗରେ ଦେଶବାସୀଙ୍କୁ ଅଗ୍ରସର କରାଉଛି।

ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନ ଆଧାରିତ ଅର୍ଥନୀତିର ଶତାବ୍ଦୀ। ଏ ଦିଗରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଏକ ବୈପ୍ଳବିକ ପଦକ୍ଷେପ। ଏହି ନୀତି ବିଦ୍ୟାର୍ଥୀମାନଙ୍କର ସାମଗ୍ରିକ ବିକାଶ, ମାତୃଭାଷାରେ ଶିକ୍ଷା ଓ କୌଶଳ ⮊ପୃଷ୍ଠା-୬

କଳା କର୍ମର ଫଳ

ମିଳିଲାନି ପଶ୍ଚାତାପ ପାଇଁ ବେଳ

କୁହାଯାଏ, କଳାକର୍ମର ଫଳ ନିଶ୍ଚୟ ମିଳେ। ବାମ ହାତ ପାପ ଡାହାଣ ହାତ ନିଏ ନାହିଁ। ଜଣେ ବରିଷ୍ଠ ପୁଲିସ ବାବୁଙ୍କର ବର୍ତ୍ତମାନ ସମଦଶା। ଭୁବନେଶ୍ୱରରେ ଥିଲା ବେଳେ ବହୁ କୁକର୍ମ କରିଛନ୍ତି। ନିଜ ପଦମର୍ଯ୍ୟାଦାର ଅପବ୍ୟବହାର କରିବାକୁ ଯାଇ ଅନେକ ମହିଳା ଟ୍ରାଫିକଙ୍କ ଇଜ୍ଜତ ସହ ଖେଳିଛନ୍ତି। ଆଉ ଆଜି ଜଗତର ନାଥ ଜଗନ୍ନାଥ ସବୁ ହିସାବ ନିକାସ କରିଦେଇଛନ୍ତି। ଆମେ କହୁଛୁ ଜଣେ ଡିସିପି ର୍ୟାଙ୍କର ଅଫିସରଙ୍କ କଥା। ଯିଏ ଟୁଇନ ସିଟି ଟ୍ରାଫିକ ଦାୟିତ୍ୱରେ ଥିବା ବେଳେ ମହିଳା ଟ୍ରାଫିକ କନଷ୍ଟେବଲଙ୍କୁ କବାଟ କିଳି ଅସଦାଚରଣ କରୁଥିଲେ। ଛୁଟି ନେବାକୁ ହେଲେ, କିଛି ଦେବାକୁ ପଡିବ ବୋଲି ଡାଇଲଗ ମାରୁଥିଲେ। ନିକଟତର ହେବାକୁ ଯାଇ କାର୍ଯ୍ୟରତ ମହିଳା ପୁଲିସ୍ କର୍ମଚାରୀଙ୍କ ସମ୍ବେଦନଶୀଳ ଅଙ୍ଗରେ ହାତ ମଧ୍ୟ ମାରୁଥିଲେ। କିନ୍ତୁ ବଡ଼ ସାର୍ ଏଭଳି କରୁଥିବାରୁ ବାହାରକୁ ଆସି କେହି ମୁହଁ ଖୋଲୁନଥିଲେ। ଏଭଳି କିଛି ଦିନ କରିବା ପରେ ବାବୁଙ୍କ ବଦଳି ହୋଇଥିଲା ପୁରୀ। କିନ୍ତୁ ସମୟ ବଡ଼ ବଳବାନ। ଗତ ରଥଯାତ୍ରା ସମୟରେ ଘଟିଥିଲା ଦଳାଚକଟା। ଯେଉଁ ଦଳାଚକଟାରେ ୩ ଜଣଙ୍କ ଜୀବନ ଯାଇଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଥିଲା। ଭକ୍ତଙ୍କ ଜୀବନ ଯିବାକୁ ନେଇ ତତ୍ପର ତଥା ଆକ୍ସନ ମୋଡ୍‌କୁ ଆସିଥିଲେ ସରକାର। ଗୃହ ବିଭାଗର ରିପୋର୍ଟ ମୁତାବକ ୭ ଜଣ ପୁଲିସ ଅଧିକାରୀଙ୍କୁ ଦାୟୀ କରାଯାଇଥିବା ବେଳେ ସେମାନଙ୍କ ବିରୋଧରେ ନିଆଯାଇଛି ବିଭାଗୀୟ କାର୍ଯ୍ୟାନୁଷ୍ଠାନ। ଯେଉଁ ଲିଷ୍ଟରେ ଅଛନ୍ତି ସେହି କାମୁକ ବାବୁ ଜଣଙ୍କ। ସେ କିଛି କରିନଥିବା କହି ଗୁମୁରି ଗୁମୁରି କାନ୍ଦୁଛନ୍ତି। ହେଲେ କିଏବା ଶୁଣିବ! ପୂର୍ବ କଳା କର୍ମର ହିସାବ ହେଉଛି। ଆଉ ସରକାରଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ଶୁଣିବା ପରେ ମୃତକଙ୍କ ପରିବାରଠାରୁ ଅଧିକ ଖୁସି ହୋଇଛନ୍ତି ଭୁବନେଶ୍ୱରରେ କାର୍ଯ୍ୟରତ ମହିଳା ଟ୍ରାଫିକ୍ ପୁଲିସ୍। ସଭିଙ୍କ ମୁହଁରେ ଏବେ ଗୋଟିଏ କଥା, 'ଜଗା ତୋତେ କୋଟି ଧନ୍ୟବାଦ।'

ସୁରକ୍ଷା ସମ୍ପର୍କିତ ସିସିଏସ୍ ବୈଠକରେ ସହମତି

ଲାଲ୍‌କିଲ୍ଲା ବିସ୍ଫୋରଣ ଆତଙ୍କୀଙ୍କ କାମ

ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ

ଆକ୍ରମଣକୁ କଡ଼ା ଭାଷାରେ ନିନ୍ଦା

ନୂଆଦିଲ୍ଲୀ,୧୨।୧୧: ଗତ ସୋମବାର ରାଜଧାନୀ ଦିଲ୍ଲୀର ଲାଲ୍‌କିଲ୍ଲା ନିକଟରେ ଘଟିଥିବା ଭୟଙ୍କର ବିସ୍ଫୋରଣ ଘଟଣା ନେଇ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କ୍ୟାବିନେଟ୍‌ର ସୁରକ୍ଷା ସଂକ୍ରାନ୍ତ କମିଟି (ସିସିଏସ୍) ବୈଠକ ଅନୁଷ୍ଠିତ ହୋଇଛି। ଘଟଣାର ତଦନ୍ତ ନେଇ ଅଗ୍ରଗତି ଓ ସାମ୍ପ୍ରତିକ ସ୍ଥିତି ଆକଳନ କରିବା ସକାଶେ ଆୟୋଜିତ ଏହି ବୈଠକରେ ବିସ୍ଫୋରଣ ପଛରେ ଆତଙ୍କବାଦୀମାନଙ୍କର ହାତ ରହିଛି ବୋଲି ବହୁମତ ପ୍ରକାଶ ପାଇଛି। ଏଥିସହ ବୈଠକରେ ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି। ଏଥିସହ କ୍ୟାବିନେଟ୍‌ର ସଦସ୍ୟସଦସ୍ୟାମାନେ ଏହି ବିସ୍ଫୋରଣ ଘଟଣା ନେଇ ଗଭୀର ଶୋକ ବ୍ୟକ୍ତ କରିବା ସହ ପୀଡ଼ିତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା ବି କରାଯାଇଛି। ବୈଠକ ପରେ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ଲାଲ୍‌କିଲ୍ଲା ନିକଟରେ ନଭେମ୍ବର ୧୦ ସନ୍ଧ୍ୟାରେ ହୋଇଥିବା ବିସ୍ଫୋରଣ କେବଳ ଦେଶଦ୍ରୋହୀ ଶକ୍ତିମାନଙ୍କ ଦ୍ୱାରା ସଂଘଟିତ ହୋଇଛି। ତେଣୁ ଏହି ମାମଲାର ତଦନ୍ତକୁ ତ୍ୱରାନ୍ୱିତ କରାଯିବା ସହ ଏଥିରେ ପେସାଦାର ତରିକା ଆପଣାଯିବା ଆବଶ୍ୟକ। ଏହାଦ୍ୱାରା ଏପରି ଘୃଣ୍ୟ କାର୍ଯ୍ୟ ସହ ଜଡ଼ିତ ଅପରାଧୀ, ⮊ପୃଷ୍ଠା-୬

ସ୍ଲୋଗାନ ପ୍ରବଳ, କାମ ଦୁର୍ବଳ

ଗୁଡ୍ ଫର୍ ନଥିଙ୍ଗ ଟ୍ରାଫିକ ଡିସିପି!

ଭୁବନେଶ୍ୱର, ୧୨।୧୧ (ସଂଚାର ବ୍ୟୁରୋ): ସମୟ ପ୍ରାୟ ପୂର୍ବାହ୍ନ ସାଢ଼େ ୧୧ଟା। ରାଜମହଲ ଛକ ଆଡୁ ଆଚାର୍ଯ୍ୟ ବିହାର ଆଡ଼କୁ ଦୌଡୁଥାଏ ଏକ କଳା ରଙ୍ଗର ଥାର୍। ଡ୍ରାଇଭର ମାଲ ପିଇ ପୂରାପୂରି ଚୂର୍। ଯାହାକୁ ଦେଖୁଥାଏ ତାକୁ ଧକ୍କା ଦେଇ ଆଗକୁ ବଢ଼ିଚାଲିଥାଏ। ପାଖାପାଖି ୫ଟି ଟ୍ରାଫିକ ପୋଷ୍ଟ ଡେଇଁ ଗାଡ଼ିଟି ଆପୋଲୋ ହସ୍ପିଟାଲ ସମ୍ମୁଖରେ ପହଞ୍ଚିଥିଲା। ସେତେବେଳକୁ ଚକା ଫାଟି ରିମ୍‌ରେ ଗଡୁଥିଲା ଗାଡ଼ି। ଠିକ୍ ଦିନକ ପୂର୍ବରୁ ସମାନ ଢଙ୍ଗରେ ହିଟ୍ ଆଣ୍ଡ ରନ୍ ଘଟାଇ ଜଣଙ୍କ ଜୀବନ ନେବା ସହ ଏକାଧିକ ଲୋକଙ୍କୁ ଆହତ କରିଥିଲା। ଥାର୍ ଗାଡ଼ିଟିକୁ ସହିଦ ନଗର ଥାନା ପୁଲିସ୍ ଜବତ କରି ରଖିଥିବା ବେଳେ ସ୍ୱିଫ୍ଟ ଗାଡ଼ିକୁ କ୍ୟାପିଟାଲ ଥାନା ପୁଲିସ୍ ଜବତ କରିଛି। ଦୁର୍ଘଟଣା ଘଟାଇଥିବା ଚାଳକ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେସବୁ ଠିକ କଥା। କିନ୍ତୁ ପରିତାପର ବିଷୟ ହେଉଛି ଯେ ୭ରୁ ୮ କିମି ପର୍ଯ୍ୟନ୍ତ ଗାଡ଼ିଦ୍ୱୟ ଦୁର୍ଘଟଣା ଘଟାଇ ଚାଲିଯିବା ବେଳେ ସେହି ଗାଡ଼ିକୁ ଟ୍ରାଫିକ ପୁଲିସ୍ ଅଟକାଇପାରିଲେନି କେମିତି ? ⮊ପୃଷ୍ଠା-୬

ବସ୍ ଦୁର୍ଘଟଣାରେ ୩୭ ଯାତ୍ରୀ ମୃତ

ଲିମା,୧୨।୧୧: ଦକ୍ଷିଣ ଆମେରିକୀୟ ଦେଶ ପେରୁରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ୩୭ ଜଣଙ୍କର ଜୀବନ ଯାଇଛି। ବୁଧବାର ଏକ ଯାତ୍ରୀବାହୀ ବସ୍ ଏକ ପିଅକପ ଭ୍ୟାନ ସହ ଧକ୍କା ଖାଇକୁ ଖସି ପଡ଼ିବାରୁ ଏଭଳି ଦୁର୍ଘଟଣା ଘଟିଛି। ଏଥିରେ ମୃତକଙ୍କ ସହିତ ୨୪ ଜଣ ଆହତ ହୋଇଛନ୍ତି। ଦକ୍ଷିଣ ପେରୁର ଆରେକ୍ୱିପାରେ ଏହି ଦୁର୍ଘଟଣା ଘଟିଥିଲା। ଏହା ଗତ କିଛି ବର୍ଷ ମଧ୍ୟରେ ଘଟିଥିବା ଦୁର୍ଘଟଣା ମଧ୍ୟରେ ଏହା ସବୁଠାରୁ ଭୟଙ୍କର ସଡ଼କ ଦୁର୍ଘଟଣା ବୋଲି କୁହାଯାଉଛି। ପେରୁକୁ ଚିଲି ସହିତ ସଂଯୋଗ କରୁଥିବା ପାନାମେରିକାନା ସୁର ରାଜପଥରେ ଯାତ୍ରୀବାହୀ ବସ୍‌ଟି ଯାଉଥିବା ବେଳେ ଭୋର ସମୟରେ ଦୁର୍ଘଟଣା ଘଟିଥିଲା। ଅଗ୍ନିଶମ କର୍ମଚାରୀ ଓ ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ,ବସଟି ବୁଲାଣିରେ ବୁଲୁଥିବା ବେଳେ ଏକ ପିକଅପ୍ ଭ୍ୟାନ ସହିତ ମୁହାଁମୁହିଁ ଧକ୍କା ହୋଇ ପ୍ରାୟ ୨୦୦ ମିଟର (୬୫୦ ଫୁଟ) ଗଭୀର ଖାଇକୁ ଖସି ପଡ଼ିଥିଲା।

ରାଜନୀତିର ମୋଡ଼ ବଦଳାଇବ ନୂଆପଡ଼ା ଫଳ

ପ୍ରଭାବୀ ହେବ ମୋହନ-ମନମୋହନ ଯୋଡ଼ି ?

ନବୀନଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ପାଇଁ ଷଡ଼ଯନ୍ତ୍ର ଚର୍ଚ୍ଚା

ଭକ୍ତଙ୍କୁ ହଟାଇବାକୁ ସଜବାଜ ହେଉଛନ୍ତି ଅସନ୍ତୁଷ୍ଟ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଫଳାଫଳ ରାଜ୍ୟ ରାଜନୀତିକୁ ଦେବ ନୂଆ ଦିଗ। ଉପନିର୍ବାଚନରେ ରେକର୍ଡ ୮୩.୪୫ ପ୍ରତିଶତ ମତଦାନ ଅନେକ କିଛି ଇଙ୍ଗିତ କରୁଛି। ନୂଆପଡାବାସୀ ବିକାଶ ସହ ଯୋଡିହେବାକୁ ଚାହୁଁଛନ୍ତି କିମ୍ବା ଡବଲ ଇଞ୍ଜନରୁ ବିଚ୍ୟୁତ ହେବାକୁ ଚାହୁଁଛନ୍ତି ତାହାକୁ ନେଇ ଆଲୋଚନା ଚାଲିଛି। ଦୁଇଟିଯାକ ସମ୍ଭାବନା ମଧ୍ୟରୁ ଯେଉଁଟା ବି ଫଳବତୀ ହେବ ତାହା ରାଜ୍ୟ ରାଜନୀତିର ମୋଡ଼ ବଦଳାଇବ। ଗଣତି ପରେ ମୋହନ-ମନମୋହନ ଯୋଡ଼ି ହିଟ ହେବେ କି ନବୀନ ପଟ୍ଟନାୟକ ଟ୍ରାକକୁ ଫେରିବେ, ତାହା ସ୍ପଷ୍ଟ ହୋଇଯିବ।

ଗତକାଲି ଏକ୍‌ଜିଟ୍ ପୋଲ୍ ମତ ବିଜେପି ସପକ୍ଷରେ ଯାଇଥିଲା। ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବାପାଙ୍କ ବିଜୟ ରେକର୍ଡକୁ ଭାଙ୍ଗିବେ ବୋଲି ଏକଜିଟ୍ ପୋଲ ଆକଳନ କହୁଛି। ଏହି ଆକଳନ ଯଦି ସତ ହୁଏ, ତା'ହେଲେ ଏହାର ସମସ୍ତ ଶ୍ରେୟ ଯିବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ। ନୂଆ ସରକାରରେ ଉଭୟଙ୍କ ପାଇଁ ଏହି ଉପନିର୍ବାଚନ ଥିଲା ପ୍ରଥମ ଅନୁଭୂତି। ସରକାର ଗଠନର ୧୬ ମାସ ମଧ୍ୟରେ ବିଜେଡି ଭଳି ପ୍ରଭାବୀ ରାଜନୈତିକ ଶକ୍ତି ବିରୋଧରେ ଉପନିର୍ବାଚନ ଲଢ଼ିବାର ଅଭିଜ୍ଞତା ଉଭୟଙ୍କ ପାଖରେ ନଥିଲା। ହେଲେ ସମର୍ପଣ ଓ ଏକତା ହିଁ ଦଳକୁ ଜିତାପଟ ଦେବ ବୋଲି ଆକଳନ କରାଯାଉଛି। ଏହାଦ୍ୱାରା ବିଜେପି ରାଜନୀତିରେ ⮊ପୃଷ୍ଠା-୬

୧୪ ସକାଳ ୮ଟାରୁ ଗଣତି

ଆସନ୍ତା ୧୪ ତାରିଖରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ନୂଆପଡ଼ା ଉପନିର୍ବାଚନ ଭୋଟ୍ ଗଣତି ହେବ। ପ୍ରାର୍ଥୀଙ୍କ ଉପସ୍ଥିତିରେ ଇଭିଏମ୍ ଷ୍ଟ୍ରଙ୍ଗରୁମରେ ରଖାଯାଇଛି ଏବଂ ୨୪ଘଣ୍ଟିଆ ସିସିଟିଭି ସର୍ଭେଲାନ୍ସରେ ରହିଛି ଷ୍ଟ୍ରଙ୍ଗରୁମ୍। ୩୫୮ ବୁଥରେ ହୋଇଥିବା ମତଦାନକୁ ୧୪ଟି ଟେବୁଲରେ ଗଣତି କରାଯିବ। ୨୬ ରାଉଣ୍ଡ ଗଣତି ହେବ। ସକାଳ ୮ଟାରେ ପୋଷ୍ଟାଲ ବାଲାଟ ପେପର ଗଣନା କରାଯିବ। ଏହାପରେ ସାଢ଼େ ୮ଟାରେ ଇଭିଏମ୍ ଗଣତି ହେବ। ପ୍ରତି ଟେବୁଲ୍ ପାଇଁ ଜଣେ ଲେଖାଏଁ କାଉଣ୍ଟିଂ ସୁପର ଭାଇଜର ଦାୟିତ୍ୱରେ ରହିବେ। ତାଙ୍କୁ କାଉଣ୍ଟିଂ ଆସିଷ୍ଟାଣ୍ଟ ସହାୟତା କରିବେ। ଜଣେ ମାଇକ୍ରୋ ଅବଜରଭର କାଉଣ୍ଟିଂ ଟେବୁଲରେ ରହିବେ। ଏହାସହ ରିଟର୍ଣ୍ଣିଂ ଅଫିସର ତଦାରଖ କରିବେ। ଷ୍ଟ୍ରଙ୍ଗ ରୁମର ଗତିବିଧି ଜାଣିବା ପାଇଁ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ବାହାରେ କ୍ୟାମ୍ପ ପକାଇ ପାରିବେ ବୋଲି ଜିଲ୍ଲାପାଳ କହିଛନ୍ତି। ନୂଆପଡ଼ାରେ ସମୁଦାୟ ୨ ଲକ୍ଷ ୫୪ ହଜାର ୪୯୭ ଭୋଟର ⮊ପୃଷ୍ଠା-୬

ଶ୍ରୀ ବଳଦେବଜୀଉ ମନ୍ଦିରରେ ପ୍ରଥମାଷ୍ଟମୀ ନୀତି ପାଳନ

କେନ୍ଦ୍ରାପଡା,୧୨।୧୧(ସଂଚାର ବ୍ୟୁରୋ): ତୁଳସୀ କ୍ଷେତ୍ରାଧିପତି ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିରରେ ପବିତ୍ର ପ୍ରଥମାଷ୍ଟମୀ ପାରମ୍ପରିକ ରୀତି ଓ ଶାସ୍ତ୍ରୀୟ ବିଧିବିଧାନ ମୁତାବକ ପାଳନ କରାଯାଇଛି। ସକାଳ ଧୂପ ପରେ ପୂଜାପଣ୍ଡା ମାନଙ୍କ ଦ୍ୱାରା ଶ୍ରୀଜୀଉ ମାନଙ୍କୁ ନୂତନ ପାଟବସ୍ତ୍ର ପରିଧାନ କରାଯାଇ ମଙ୍ଗଳାର୍ପଣ ନୀତି ଅନୁଷ୍ଠିତ ହୋଇଥିଲା। ତତ୍ ପଶ୍ଚାତ୍ ଘଟ ସ୍ଥାପନ ପୂର୍ବକ ପୂଜା ବିଧାନ ଅନୁଷ୍ଠିତ ହେବାପରେ ଅଥାର ପିଠା ଭୋଗଲାଗି କରାଯିବା ସହ ଅନ୍ୟ ପାଶ୍ୱର୍ ଦେବାଦେବୀ ଙ୍କ ନିକଟରେ ଭୋଗ ଅର୍ପଣ କରାଯାଇଥିଲା। ଏହି ପବିତ୍ର ପର୍ବ ପାଳନ ଅବସର ରେ ବହୁ ଶ୍ରଦ୍ଧାଳୁ ଓ ଭକ୍ତ ଜୀୟୁ ମାନଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିଥିଲେ। ପରମ୍ପରା ଅନୁଯାଇ ଏହି ପ୍ରଥମାଷ୍ଟମୀ ତିଥିରେ ଜୈଷ୍ଠ୍ୟ ସନ୍ତାନ ମାନେ ନୂତନ ବସ୍ତ୍ର ପରିଧାନ ପୂର୍ବକ ପ୍ରତି ହିନ୍ଦୁ ଘରେ ପୂଜାପାଠ ଓ ପିଠା ଭୋଗ କରାଯାଇଥାଏ। ଓଡିଆ ସମାଜରେ ଏହି ପର୍ବର ଏକ ସ୍ୱତନ୍ତ୍ର ସ୍ଥାନ ରହିବା ସହ ଏହା ବହୁ ପ୍ରାଚୀନ କାଳରୁ ପ୍ରଚଳିତ ହୋଇ ଆସୁଛି।

କୋଟିଏ ଟଙ୍କା ପ୍ୟାଚ କାମରେ ବଡ଼ ଘୋଟାଲା

- କାମ ନିମ୍ନମାନର ମାନିଲେ ସହକାରୀ ନିର୍ବାହୀ ଯନ୍ତ୍ରୀ
- ରାସ୍ତାରେ ପହଞ୍ଚି ନିମ୍ନ ମାନର ପିଚୁ କାମ ବନ୍ଦ କଲେ

ରାଜନଗର,୧୨।୧୧(ସଂଚାର ବ୍ୟୁରୋ): ରାଜନଗର ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଛି। କାମ ନକରି କେବଳ ପିଚୁ ଘଷି ସରକାରୀ ଟଙ୍କା ଲୁଟି ନିଆଯାଉଥିବା ନେଇ ଆଜି ଖବର ପ୍ରକାଶ ପାଇବା ପରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧିକାରୀଙ୍କ ନିଦ ଭାଙ୍ଗିଛି। ଆଜି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରାସ୍ତାରେ ହେଉଥିବା ପିଚୁ କାମ ନିକଟରେ ପହଞ୍ଚି କାମ ନିମ୍ନ ମାନର ହେଉଥିବା ଦେଖି କାମ କରୁଥିବା ଶ୍ରମିକ ଓ କାମ ପାଖରେ ଥିବା ବିଭାଗର କର୍ମଚାରୀଙ୍କ ଉପରେ ବର୍ଷିବା ସହିତ କାମ ବନ୍ଦ କରିଥିଲେ। ରାସ୍ତାରେ ମାଟି ଉପରେ କିପରି ପିଚୁ କରୁଛ, କେବଳ ବଜୁରିରେ କାହିଁକି ପିଚୁ ଘସୁଛ ବୋଲି କହି ସହକାରୀ ନିବାହୀ ଯନ୍ତ୍ରୀ କାମ ବନ୍ଦ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ରାଜନଗର ତାଳଚୁଆ ମୁଖ୍ୟ ରାସ୍ତାର ସାନଓର ଠାରୁ ଜରିମୂଳ ମଧ୍ୟରେ ୨ କିଲୋମିଟର ରାସ୍ତାରେ ପ୍ୟାଚ ପକାଇବା ପାଇଁ କୋଟିଏ ଟଙ୍କା ଦିଆଯାଇଛି। ୧୦୦ ମିଟର ଲେଖାଏଁ ରାସ୍ତାର କାମ କରିବା ପାଇଁ ୫ ଲକ୍ଷ ଟଙ୍କିଆ ଏଗ୍ରୀମେଣ୍ଟ କରାଯାଇଛି। ୨ କିମି ରାସ୍ତା ପ୍ୟାଚ ପକାଇବା ପାଇଁ କୋଟିଏ ଟଙ୍କା ଦିଆଯାଇଛି। ଏହି ଟଙ୍କାରେ ରାସ୍ତାରେ ହୋଇଥିବା ଖାଲ ତାଡି ମେଣ୍ଟଲିଙ୍ଗ କରାଯିବ, ମେଣ୍ଟଲିଙ୍ଗ ଉପରେ ୧୨ ଏମେମ ଗୋଡିରେ ୨୦ ଏମଏମ ମୋଟେଇର କାର୍ପେଟିଙ୍ଗ ପିଚୁ କରାଯିବ। କାର୍ପେଟିଙ୍ଗ ପିଚୁ ଉପରେ ୬ ଏମଏମ ମୋଟେଇର ଆଉ ଥରେ ପିଚୁ କରାଯିବ। ମାତ୍ର ରାସ୍ତାରେ କେବଳ ପିଚୁ ଦେଇ ବଜୁରିରେ ୪ /୫ ଏମଏମ ମୋଟେଇର ସିଲକୋଟିଙ୍ଗ ପିଚୁ କରି କାମ ସାରି ଦିଆଯାଉଛି। ସମୁଦାୟ ୫ /୭ ଲକ୍ଷ ଟଙ୍କା ଖର୍ଚ୍ଚ କରି କୋଟିଏ ଟଙ୍କା ବିଲ କରି ଉଠାଇ ନେବାକୁ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ମସୁଧା ହୋଇଥିବା ନେଇ ସ୍ଥାନୀୟ ବାସିନ୍ଦା ଘନଶ୍ୟାମ ଦାସ, ଲିପୁ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ରାସ୍ତାରେ ମେଣ୍ଟଲ ଆଦୌ ନଦେଇ, କାର୍ପେଟିଙ୍ଗ ନକରି କିପରି ପିଚୁ ଘଷି କାମ ସର ଦିଆଯାଉଛି ତାହାକୁ ନେଇ ପ୍ରଶ୍ନ ଉଠିଛି। ୨୦ ଟି ଏଗ୍ରୀମେଣ୍ଟ ମଧ୍ୟରୁ ୪ ଦିନ ଭିତରେ ୧୫ ଟି ରିଚରେ କେବଳ ପିଚୁ ଘଷି କାମ ସାରି ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସହକାରୀ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳଙ୍କୁ ପଚାରିବାରୁ କାମ ନିମ୍ନ ମାନର ହେଉଥିଲା, ସାଇଟରେ ଥିବା ଆମ କର୍ମଚାରୀଙ୍କ କଥା ଠିକାଦାର ନଶୁଣି ନିମ୍ନ ମାନର କାମ କରିଛି। ଆମେ ସବୁ ସ୍ଥାନରେ ଆଉଥରେ ପିଚୁ କରିବୁ ବୋଲି କହିଛନ୍ତି।

ସଂଚୟପକ୍ଷ ପାଳନ ଉପଲକ୍ଷେ ଆଲୋଚନାଚକ୍ର

କେନ୍ଦ୍ରାପଡା, ୧୨।୧୧(ସଂଚାର ବ୍ୟୁରୋ): ସଂଚୟ ପକ୍ଷ -୨୦୨୫ ପାଳନ ଅବସରରେ ଆର୍ଥିକ ସେବା ଓ ସଞ୍ଚୟ ବିଭାଗ ପକ୍ଷରୁ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଜି ମଧାହ୍ନରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର ଆୟର ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧରେ କେନ୍ଦ୍ରାପଡ଼ା ଡାକମଣ୍ଡଳ ଅଧିକ୍ଷକ ଦେବୀ ପ୍ରସାଦ ଶତପଥୀ ଏବଂ ଆରଏସଇଟିଆଇ ର ନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ ଯୋଗ ଦେଇଥିଲେ। ଆଲୋଚନା ଚକ୍ରରେ ଆର୍ଥିକ ସାକ୍ଷରତା ଏବଂ ସୁରକ୍ଷିତ ସଞ୍ଚୟ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ। ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ଅମ୍ବରିଶ ସାମଲ ସ୍ୱାଗତ ଭାଷଣ ପ୍ରଦାନ ସହିତ ବିଷୟବସ୍ତୁ ଉପରେ ବିସ୍ତୃତ ଭାବରେ ଆଲୋଚନା କରିଥିଲେ।

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ଫୁଁ, ହାଇୱା ସାଜିଛି ଦୁର୍ଘଟଣାର କାରଣ

ଡେରାବିଶ,୧୨।୧୧(ସଂଚାର ବ୍ୟୁରୋ): କଟକ- ଚାନ୍ଦବାଲି ରାସ୍ତା ରେ ବେଧଡକ ଭାବରେ ହାଇୱା ଚଳାଚଳ ପାଇଁ ଏବେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଅକାଳରେ ମୂଲ୍ୟବାନ ଜୀବନ ଝରିପଡୁଛି। କିଛି ଦିନ ହେବ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରୁ ହାଇୱା ଦୁର୍ଘଟଣା ଜନିତ ମୃତ୍ୟୁ ନେଇ ଖବର ଦେଖିବାକୁ ମିଳିଛି। ବାରମ୍ବାର ଏ ଘଟଣା ଘଟିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ଦିନ ସମୟରେ ସହର ଓ ଗାଁ ମାନଙ୍କରେ ଭାରିଯାନ ଗାଡ଼ି ପ୍ରବେଶକୁ ରୋକ୍ ଲଗାଯାଇଥିଲା। ହେଲେ ସବୁ କଟକଣାକୁ ଫୁଙ୍କରି ଦିନ ସମୟରେ ଆବଶ୍ୟକତା ଠାରୁ ଅଧିକ ଲୋଡ୍ ନେଇ ହାଇୱା ଗୁଡ଼ିକ ଯାତାୟତ କରୁଛନ୍ତି। ସାରାକରକୁ ବଦନାମ କରିବାକୁ କିଛି ପ୍ରଶାସନିକ ଅଧିକାରି ମାସିକିଆ ଦୁଇ ହଜାର ହାତ ଗୁଜା ପାଇଁ ଗାଡି ଛାଡୁଛନ୍ତି! ଭାରିଯାନ ଗାଡ଼ି ବେଫିକର ଭାବରେ ଦ୍ରୁତ ଗତିରେ ସହର ଓ ଗାଁ ଭିତରେ ପଶି ଯାଉଥିବାରୁ ପ୍ରବଳ ରାସ୍ତା ଜାମ୍ ହେଉଛି। ଧୂଳି ଉଡ଼ି ପଥଚାରୀ ଓ ବାଇକ୍ ଆରୋହୀ ମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ଅତ୍ୟଧିକ ଲୋଡ୍ ଗାଡ଼ି ଯିବାରୁ ରାସ୍ତାର ଅବସ୍ଥା ବେହାଲ ହେଉଛି। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶକୁ କ'ଣ ପାଇଁ ହାଇୱା ଡ୍ରାଇଭର ମାନେ ବେଖାତିର କରୁଛନ୍ତି ତାହାକୁ ନେଇ ପ୍ରଶ୍ନ ଉଠିଛି ଗାଁ ମାନଙ୍କରେ ମଧ ନାନା ସମୟରେ ଦୁର୍ଘଟଣା ଘଟୁଛି। ଏଥିପାଇଁ ସମସ୍ତେ ନିରବ ଯାହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖିବାକୁ ମିଳିଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏନେଇ କଠୋର ଆଭିମୁଖ୍ୟ ଗ୍ରହଣ କରି ସହର ଓ ଗାଁ ମାନଙ୍କରେ ଭାରିଯାନ ଚଳାଚଳ ନିଷେଧ କରାଇବାକୁ ଦାବି କରିଛନ୍ତି।

ସାନବଡ଼ ଗୋପାଳପୁରରେ ବିଜେପିର ମିଶ୍ରଣ ପର୍ବ

ରାଜନଗର,୧୨।୧୧ (ସଂଚାର ବ୍ୟୁରୋ): ରାଜନଗର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସାନବଡ ଗୋପାଳପୁର ପଞ୍ଚାୟତର ସରପଞ୍ଚ, ସଭାପତି, ଏବଂ ସାତ ଜଣ ୱାର୍ଡ ମେମ୍ବରଙ୍କ ସମେତ ଶତାଧିକ କର୍ମୀ ରାଜନଗର ନିର୍ବାଚନ ମଣ୍ଡଳୀ ନେତା ଲଳିତ ବେହେରାଙ୍କ ଉପସ୍ଥିତିରେ ବିଜେଡି ଛାଡ଼ି ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହେଲେ। ଏହି ଅବସରରେ ସାନବଡ ଗୋପାଳପୁର ପଞ୍ଚାୟତର ସଭାପତି ବିଚିତ୍ର କୁମାର ସ୍ୱାଇଁ, ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ସରପଞ୍ଚ ଶୈଳେନ୍ଦ୍ର ସ୍ୱାଇଁ, ୱାର୍ଡ ମେମ୍ବର ବିର କିଶୋର ସ୍ୱାଇଁ, ସହଦେବ ରାଉତ, ଯୋଗେନ୍ଦ୍ର ସେଠୀ, ଝିରୋଧ ମହାନ୍ତି, ଅଜୟ ବାରିକ, ପ୍ରଫୁଲ୍ଲ ସ୍ୱାଇଁ, ପ୍ରଦୀପ ସାହୁ, ମହେଶ୍ୱର ପ୍ରଧାନ, ସନାତନ ସ୍ୱାଇଁ, ପବିତ୍ର ରାଉତ, ଅନାଦି ପ୍ରଧାନ, ସୁଶାନ୍ତ ମଲିକ, ନାଲୁ ଚରଣ ସ୍ୱାଇଁ, ନିରଞ୍ଜନ ସ୍ୱାଇଁ, କେଦାର ସ୍ୱାଇଁ, ବିଦ୍ୟାଧର ବଳ, ଜାମିନକାନ୍ତ ସ୍ୱାଇଁ, ଗଙ୍ଗାଧର ରାଉତ ସମେତ ଶତାଧିକ କର୍ମୀ ବିଜେଡି ଛାଡ଼ି ବିଧିବଦ୍ଧ ଭାବେ ବିଜେପିରେ ଯୋଗ ଦେଲେ।

ମିଳୁନି ସୁନାଘାସ ନାଳିଆ

- ଚିନ୍ତାରେ ବୁଣାକାର ପରିବାର

ମହାକାଳପଡ଼ା, ୧୨।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ୍ ଉପକୂଳ ଅଞ୍ଚଳ ନଦୀ ନାଳଘେରା ଜଙ୍ଗଲ ମଧ୍ୟରେ ପ୍ରଚୁର ପରିମାଣରେ ସୁନାଘାସ ନାଳିଆ ବିଲୁପ୍ତହେବାକୁ ବସିଲାଣି। ନାଳିଆ ଏକ ଶକ୍ତ ଘାସ, ଲୁଣା ହେନ୍ତାଳ ଜଙ୍ଗଲ ଅବକ୍ଷୟ ରୋକିବାରେ ସହାୟକ ହୋଇଥାଏ। ଜଙ୍ଗଲ ପାଶ୍ୱର୍ବ ନଦୀନାଳ କଡ଼ରେ ବହୁ ମାତ୍ରାରେ ନାଳିଆ ଘାସ ଦେଖିବାକୁ ମିଳୁଥିଲା। ଏଥିରେ କୌଳିକ ବୃତ୍ତିଧାରୀ ବୁଣାକାର ପରିବାରମାନେ ଟୋକେଇ, ପାଚିଆ, ଚାଉଳ ଧୁଆ ଝାଙ୍କି, କୁଆଁର ପୁନେଇ ତାଟ ଓ ରଙ୍ଗ ବେରଙ୍ଗର ବିଭିନ୍ନ ସାମଗ୍ରୀ ପ୍ରସ୍ତୁତକରି ଗାଁ ଗାଁ ବୁଲ ବିକ୍ରି କରୁଥିବା ଦୃଷ୍ଟିକୁ ଆସୁଛି। ଏମାନେ କହିବା କଥା ପୂର୍ବରୁ ନଦୀନାଳ ପାର୍ଶ୍ୱରେ ମିଳୁଥିବା ନାଳିଆ ଘାସ ବିଲୁପ୍ତହେବାକୁ ବସିଲାଣି। ଦିନ ସାରା ବୁଲି ସନ୍ଧ୍ୟାରେ ଅଟାଇ ହେଉନି ବୋଲି କୁହାଯାଉଛି।

ପ୍ରଶାସନର ନିଶ ତଳେ ଚାଲିଛି ଚୋରାମଦ କାରବାର

ଲିଖିତ ଅଭିଯୋଗ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଆଳି,୧୨।୧୧(ସଂଚାର ବ୍ୟୁରୋ): ଆଳି ବ୍ଲକ୍ ମୋହୁ ପଞ୍ଚାୟତରେ ଚୋରା ମଦ ବିକ୍ରି କୁ ନେଇ ପଞ୍ଚାୟତ ବାସୀଙ୍କ ବିରୋଧ। ପଞ୍ଚାୟତ ବାସୀଙ୍କ ପକ୍ଷରୁ ତହସିଲ ଓ ପୋଲିସକୁ କରିଛନ୍ତି ଲିଖିତ ଅଭିଯୋଗ।ଅଭିଯୋଗ ଅନୁଯାଇ ପଞ୍ଚାୟତରେ ଖୁଲମ ଖୁଲା ଚୋରା ମଦ ବିକ୍ରି କରୁଛନ୍ତି ମହିଳା ମାନେ। ସାରା ରାଜ୍ୟରେ ଯେତେ ବେଳେ ମହିଳା ମାନେ ମଦକୁ ବିରୋଧ କରୁଛନ୍ତି। କିନ୍ତୁ ଏଠି କିଛି ମହିଳା ମାନେ ଚୋରା ମଦ ବିକ୍ରି କରି ପୁରା ମହିଳା ସମାଜ ପାଇଁ କଳଙ୍କ ହୋଇଛନ୍ତି ବୋଲି ଅଭିଯୋଗ ଆଣିଛନ୍ତି ପଞ୍ଚାୟତ ବାସୀ।ସବୁଠୁ ବଡ଼ କଠାହେଲା ମହିଳା ମାନେ ଚୋରା ମଦ ବିକ୍ରି କରୁଥିବାରୁ କେହି ଯଦି ବିରୁଦ୍ଧ କରେ, ତାହାଲେ ତାଙ୍କୁ ବିଭିନ୍ନ ମିଥ୍ୟା ମାମଲାରେ ଫସାଇଦେବା କୁ ଖୁଲମ ଖୁଲା ଧମକ ଦେଇଥିବା ଅଭିଯୋଗ ହୋଇଛି। ଅନ୍ୟ ପଟେ ଆଳି ଅଞ୍ଚଳର ସବୁ ଗାଁ ଗଣ୍ଡାରେ ଚୋରା ମଦ ବିକ୍ରି ଛତୁଫୁଟିଲା ପରି କାରବାର ବୃଦ୍ଧି ପାଇବାରେ ଲାଗିଛି। ଆଳି ଅବକାରୀ ବିଭାଗ ଙ୍କ ସମେତ ଆଳି ପୋଲିସ କିଛି କାର୍ଯ୍ୟନୁଷ୍ଠାନ ନେଉନଥିବା ସହ ଏ ଭଳି ଚୋରା ମଦ ବିକ୍ରିକୁ ପ୍ରୋତ୍ସାହନ ଦେଇଥିବା ଅଭିଯୋଗ କରିଛନ୍ତି। ଏମିତିକି ଯେଉଁଠି ମଦ ବ୍ୟବସାୟ କରାଯାଉଛି ସେହି ସ୍ଥାନରେ କିଛି ମିଟର ଦୂରତା ରେ ସରକାରୀ ସ୍କୁଲ ଓ ଅପର ପ୍ରାନ୍ତରେ ବିଭିନ୍ନ ଗ୍ରାମ ଦେବା ଦେବତୀ ଙ୍କ ମନ୍ଦିର ଓ ପଞ୍ଚାୟତ ଅଫିସ ମେଡ଼ିକାଲ ଅବସ୍ଥିତ। ଯେଉଁଥିପାଇଁ ରାତି ପାହିଲେ ସ୍କୁଲ ଛାତ୍ରଛାତ୍ରୀ ଙ୍କ ସମେତ ମନ୍ଦିରକୁ ଗାଁ ର ଶ୍ରଦ୍ଧାଳୁମାନେ ଚଳପ୍ରଚଳ ବେଳେ ମଦ୍ୟପଙ୍କ ଅଭଦ୍ରାମିର ଶିକାର ହୋଇଥିବା କହିଛନ୍ତି ମହେଶ୍ୱର ତ୍ରିପାଠୀ, ଆଶିଷ କର, ରାଜେନ୍ଦ୍ର ରାଉତ, ଆଲୋକ କର, ଚନ୍ଦନ ଜେନା, ଅମରନାଥ ତ୍ରିପାଠୀ।ଅନ୍ୟ ପଟେ ପୋଲିସ କିମ୍ବା ଅବକାରୀ ବିଭାଗ ର ପ୍ରତିକ୍ରିୟା ମିଳି ନଥିବା ବେଳେ ତହସିଲ ଦାର ସୁମନ ଘୋଷ ପ୍ରତିକ୍ରିୟା ରଖି କହିଛନ୍ତି ମହିଳା ମାନେ ମଦ ବିକ୍ରି କରୁ ଥିବାରୁ ଦୁଃଖ ପ୍ରକାଶ କରିବା ସହ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କେନ୍ଦ୍ରାପଡା,୧୨।୧୧(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରାପଡା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍‌ଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ପ୍ରାଣୀ ସମ୍ପଦ ବିଭାଗର ସହକାରୀ ନିର୍ଦ୍ଦେଶକ ମନୀସ କୁମାର ସିଂ, ଏସ୍‌ଡିଭିଓ ସୁଧାଂଶୁ ସାମନ୍ତ ରାୟ, ବିଡିଓ ଅଭିଷେକ ସ୍ୱାଇଁ, ଏଡିଭିଓ (ଏଲ୍.ପି) ବିକାଶ ବେହେରା, ବିଜେପି ନେତା ଅମିତାବ ସୁଆର, ଏଏଫ୍‌ଓ ମୋନାଲିସା ପଣ୍ଡା ପ୍ରମୁଖ ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ଥିବା ଚାଷୀ ମାନଙ୍କୁ ଅବଗତ କରାଇଥିଲେ। ମତ୍ସ୍ୟଚାଷ, ଗୋପାଳନ, ଛେଳି, ମେଣ୍ଢା, କୁକୁଡା, ପୋଖରୀ ଖନନ, ପୁରାତନ ପୋଖରୀକୁ ପ୍ରଭୃତି ଯୋଜନା। ଗୁଡିକରେ ଚାଷୀଙ୍କୁ ସହଜ ଉପାୟରେ ଋଣ ପ୍ରଦାନ କରିବା ସମ୍ପର୍କରେ ଅବଗତ କରାଇ ଥିଲେ। ଏହି ଅବସରରେ ଚାଷୀ ମାନଙ୍କ ପାଇଁ ୮ ଗୋଟି ଷ୍ଟଲ୍ ଖୋଲା ଯାଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏଏଫ୍‌ଓ ମୋନାଲିସା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରୀତମ ମହାପାତ୍ର ମଂଚ ପରିଚାଳନା କରିଥିଲେ।

ମାନସିକ ପୂରଣ ହେଲେ ନିଜ ଓଜନର ଭୋଗ ଲଗାନ୍ତି ଭକ୍ତ

ମହାକାଳପଡ଼ା,୧୨।୧୧(ସଂଚାର ବ୍ୟୁରୋ): ମାନସିକ ପୂରଣ ହେଲେ ଭକ୍ତ ଟିଏ ଯାଚିଥିବା ଦ୍ରବ୍ୟ ଭଗବାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥିବା ଆପଣ ଶୁଣିଥିବେ। ହେଲେ ନିଜ ଓଜନର ଭୋଗ ଅର୍ପଣ କରିବା ଆପଣ ଜାଣିକି ଆଶ୍ଚର୍ଯ୍ୟ ହେଉଥିବେ। ଏମିତି ଏକ ଆଚମ୍ବିତ ଘଟଣା ମହାକାଳପଡା ବ୍ଲକ ରାମନଗର

ପଞ୍ଚାୟତ ର ପିତାପାଟ ଗ୍ରାମରେ ଦେଖିବାକୁ ମିଳିଛି। ଏଠାରେ ମା ମନସା ପୂଜା ପ୍ରତିବର୍ଷ ବଡ ଧୁମଧାମରେ ପାଳନ କରାଯାଉଛି। ଏହି ପୂଜାରେ ଜିଲ୍ଲା ତଥା ଜିଲ୍ଲା ବହାରୁ ହଜାର ହଜାର ଶ୍ରଦ୍ଧାଳୁ ଓ ମାନସିକ ଧାରି ଭକ୍ତଙ୍କର ସମାଗମ ହୋଇଥାଏ। ମାଙ୍କ ନିକଟରେ ମାନସିକ କରିଥିବା ଭକ୍ତଙ୍କର ମାନସିକ ପୁରଣ ହେଲେ ଭକ୍ତ ଜଣଙ୍କ ମାଙ୍କୁ ସୁନା, ରୁପା ଅଳଙ୍କାର ସହିତ ଟଙ୍କାର ହାର ମଧ ପ୍ରଦାନ କରିଥାନ୍ତି। ସବୁଠାରେ ନିଆରା ପରମ୍ପରାର ହେଉଛି ମାନସିକ ଧାରି ଭକ୍ତମାନେ କଣ୍ଟା ପାଲିରେ ବସି ନିଜ ଓଜନର ସମ ପରିମାଣ ଓଜନର ଭୋଗ ମାଙ୍କ ନିକଟରେ ଅର୍ପଣ କରିଥାନ୍ତି। ସେଥିପାଇଁ ମାଙ୍କ ମନ୍ଦିର ସମ୍ମୁଖରେ ଏକ କଣ୍ଟା ପାଲା ଲଗାଯାଇଛି।

ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବି

ଡେରାବିଶ, ୧୨।୧୧(ସଂଚାର ବ୍ୟୁରୋ): ବିପଦଶଙ୍କୁଳ ଅବସ୍ଥାରେ ବିଦ୍ୟୁତ ଟ୍ରାନ୍ସଫର୍ମର ବୁଲା ଗାଈଗୋରୁଙ୍କ ପାଖରୁ ଆରମ୍ଭ କରି ମଣିଷମାନେ ଖୋଲା ଟ୍ରାନ୍ସଫର୍ମର ଦେଖି ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ଚାନ୍ଦୋଳ ଡେରାବିଶ ରୋଡ ଫାଣ୍ଡି ଛକ ଠାରେ। ଏହି ଟ୍ରାନ୍ସଫର୍ମର ଉପରେ ପ୍ରାୟ ୨୦୦ ରୁ ୩୦୦ ପରିବାର ନିର୍ଭରଶୀଳ। ବିନା ସୁରକ୍ଷା ବାଡ଼ ମଧରେ ବହୁତ ତଳେ ଫେଜ ପଏଣ୍ଟ ଲଗାଯାଇଛି। ଶୀତ ଦିନ କୁହୁଡି ହେତୁ ବୁଲା ଗାଈ ଗୋରୁ ବୁଲୁଛନ୍ତି ଏହି ରାସ୍ତା ଦେଇ ଚାରୋଟି ସ୍କୁଲ ର ପିଲା କଲେଜ ପିଲା, ଆବାସିକ ବିଦ୍ୟାଳୟ ର ହଷ୍ଟେଲ ମଧ ରହିଚି ଚାନ୍ଦୋଳ ରୁ ଛଡା ଡେରାବିଶ ମୁଖ୍ୟ ରାସ୍ତା ଏହି ରାସ୍ତା ଦେଇ ଛଡା ମେଡିକାଲ ଲୋକ ଯାତାୟତ କରନ୍ତି ଓ ସହ ସହ ଗାଡି ଯାତାୟାତ କରୁଛନ୍ତି। ମାତ୍ର ରାସ୍ତାରୁ ଦୁଇଫୁଟ ଟ୍ରାନ୍ସଫର୍ମର ଥିବାରୁ କେତେବେଳେ ବି କିଛି ଦୁର୍ଘଟଣା ଘଟିପାରେ ବୋଲି କହିଛନ୍ତି ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବାଡ଼ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଆଗାମୀ ଦିନରେ ଯଦି ବାଡ଼ ନହୁଏ ଗ୍ରାମ ବାସି ରାସ୍ତା ବନ୍ଦ କରିବେ ବୋଲି କହିଛନ୍ତି।

କ୍ରେଡିଟ କୋ-ଅପରେଟିଭ ସୋସାଇଟି ପକ୍ଷରୁ କିଡ୍‌ନି ରୋଗୀଙ୍କୁ ସହାୟତା

କେନ୍ଦ୍ରାପଡା, ୧୨।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା କ୍ରେଡିଟ କୋ-ଅପରେଟିଭ ସୋସାଇଟି(କେସିସିଏଲ) ସହର ଶାଖା ପକ୍ଷରୁ କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଇଚ୍ଛାପୁରର କମାରଖଣ୍ଡି ଗ୍ରାମ ନିବାସୀ ସ୍ୱର୍ଗତ ଶଙ୍କର୍ଷଣ ବେହେରାଙ୍କ ଏକମାତ୍ର ପୁତ୍ର କିଡ଼ନୀ ରୋଗରେ ପୀଡ଼ିତ ପ୍ରଦୀପ ବେହେରା(୩୫)ଙ୍କୁ ଅଧିକ ଚିକିତ୍ସା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସୋସାଇଟିର ସଭାପତି ସମବାୟବିତ୍ତ ପ୍ରମୋଦ ପ୍ରମୋଦ କୁମାର ସାହୁ ପ୍ରଦୀପଙ୍କ ବାସଭବନରେ ପହଞ୍ଚି ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହାସହ ସରକାରୀ ସ୍ତରରେ ପ୍ରଦୀପଙ୍କ ଚିକିତ୍ସା ପାଇଁ କିପରି ଅଧିକ ସହାୟତା ମିଳି ପାରିବ ସେ ନେଇ ଶ୍ରୀ ସାହୁ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଶ୍ରୀ ସାହୁ କହିଥିଲେ ସମଗ୍ର କେନ୍ଦ୍ରାପଡ଼ା ଜିଲାରେ ଭୂତଳ ଜଳ ସ୍ତର ଦ୍ରୁତ ଗତିରେ ହ୍ରାସ ପାଉଛି। ଏହାସହ ଭୂତଳ ଜଳ ପ୍ରଦୂଷିତ ହେଉଛି। ଏହି ଜଳକୁ ପାନୀୟ ଭାବେ ବ୍ୟବହାର କରୁଥିବାରୁ ଜିଲ୍ଲାରେ କିଡ଼ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ସରକାରୀ ସ୍ତରରେ ବିଶେଷଜ୍ଞ କମିଟି ଗଠନ କରାଯାଇ ଏହାର କାରଣ ଓ ନିରାକରଣ ପାଇଁ ପଦକ୍ଷେପ ନିଆଯିବା ଉଚିତ। ଫଳରେ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବା ପାଇଁ ପାଇପାରିବେ ଓ କିଡ଼ନୀ ରୋଗରୁ ଦୂରେଇ ରହିପାରିବେ। ଏହି ଆର୍ଥିକ ସହାୟତା ପ୍ରଦାନ ବେଳେ ସମିତିର ସମ୍ପାଦକ ଶ୍ରୀ ଅରବିନ୍ଦ ସାହୁ, ସହର ଶାଖା ପରିଚାଳକ ଅଂଶୁମାନ ଚୌଧୁରୀ ଏବଂ ଦୈନିକ ଜମା ସଂଗ୍ରହକାରୀ ସର୍ବଶ୍ରୀ ପ୍ରଦୀପ ବେହେରା, ସନ୍ତୋଷ ସାହୁ, ଶ୍ରୀକାନ୍ତ ଦାଶ ଏବଂ ପ୍ରଶାନ୍ତ ରାଉତରାୟଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। କିଡ଼ନୀ ରୋଗୀ ପ୍ରଦୀପଙ୍କ ବିଧବା ମା ବାସନ୍ତୀ ବେହେରା (୭୦) ଙ୍କ ଛଡା ପତ୍ନୀ ମମତାମୟୀ ବେହେରା (୨୮) ଏବଂ ଦୁଇଟି ଛୋଟ ପୁଅ ରହିଛନ୍ତି।

ଦିଲ୍ଲୀ ବିସ୍ଫୋରଣ ପରେ ଉପକୂଳରେ ହାଇ ଆଲର୍ଟ

ମହାକାଳପଡ଼ା, ୧୨।୧୧(ସଂଚାର ବ୍ୟୁରୋ): ଦିଲ୍ଲୀରେ ଆତଙ୍କବାଦୀଙ୍କ ବିସ୍ଫୋରଣ ପରେ ଓଡ଼ିଶାର ସମ୍ବେଦନଶୀଳ ସ୍ଥାନଗୁଡିକରେ ହାଇ ଆଲର୍ଟ ଜାରି କରାଯାଇଛି। ଉପକୂଳ ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟରିଆଙ୍କ ନିର୍ଦ୍ଦେଶକ୍ରମେ ମହାକାଳପଡା ବ୍ଲକ ଅଞ୍ଚଳର ମହାକାଳପଡ଼ା, ଜମ୍ବୁ ଓ ତନ୍ତିଆପାଳ ସାମୁଦ୍ରିକ ଥାନାକୁ ଆଲର୍ଟ ଜାରି କରାଯାଇଛି ବୋଲି ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ସୌମ୍ୟ ରଞ୍ଜନ ବିଶ୍ୱାଳ କହିଛନ୍ତି। ସନ୍ଦିଗ୍ଧମାନଙ୍କୁ ଦେଖିଲେ କିମ୍ବା କୌଣସି ବ୍ୟକ୍ତିଙ୍କ ପ୍ରତି ସନ୍ଦେହ ହେଲେ ତୁରନ୍ତ ନିକଟସ୍ଥ ପୋଲିସକୁ ସୂଚନା ଦେବା ପାଇଁ କୁହାଯାଇଛି।

ଠାକୁର ଅଭିରାମ ପରମହଂସ ଦେବଙ୍କ ଭକ୍ତ ସମ୍ମିଳନୀ ପ୍ରସ୍ତୁତି ବୈଠକ

ରାଜନଗର,୧୨।୧୧(ସଂଚାର ବ୍ୟୁରୋ): ରାଜନଗର ତହସିଲ କଲୋନୀରେ ଥିବା ଠାକୁର ଅଭିରାମ ପରମହଂସ ଦେବଙ୍କ ଆଶ୍ରମରେ ଭକ୍ତ ସମିଳନୀ ପାଇଁ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବାବାଜୀ ହରେକୃଷ୍ଣ ଦାସ ମହାରାଜଙ୍କ ପୋରହିତ୍ୟରେ ଭକ୍ତ ମାନଙ୍କୁ ନେଇ ବୈଠକ ବସିଥିଲା। ଆସନ୍ତା ବର୍ଷ ଫେବୃୟାରି ୨୦ ରୁ ୨୩ ତାରିଖ ୪ ଦିନ ଧରି ରାଜନଗର ବ୍ଲକର ମହୁଲିଆ ଖେଳ ପଡ଼ିଆରେ ଠାକୁର ଅଭିରାମ ପରମହଂସ ଦେବଙ୍କ ଭକ୍ତ ମିଳନ ଉଶ୍ଚବ ଓ ସନାତନ ଧର୍ମ ସମ୍ମିଳନି ଅନୁଷ୍ଠିତ ହେବ। ବୈଠକରେ ବାବାଜୀ ବନବିହାରୀ ଦାସ ମହାରାଜ, ବାବାଜୀ ଅଦୈତ୍ୟ ଦାସ ମହାରାଜ, ବାବାଜୀ ଭୀମସେନ ଦାସ ମହାରାଜ, ବାବାଜୀ ଦିବ୍ୟ ଚୈତନ୍ୟ ଦାସ ମହାରାଜ ଯୋଗଦେଇ ଠାକୁରଙ୍କ ଲୀଳା ଉପରେ କହିବ ସହିତ ସମିଳନୀ ପାଇଁ ମାର୍ଗଦର୍ଶନ କରିଥିଲେ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

ମାର୍ଶାଘାଇ,୧୨।୧୧(ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ବୁଧବାର ମାର୍ଶାଘାଇ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ପାଇଁ ବ୍ଲକ ସ୍ତରୀୟ ମେଳା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମତ୍ସ୍ୟ ଏବଂ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ଦିଆଯାଉଥିବା ସରକାରୀ ସହାୟତା ଏବଂ କଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗାପ୍ରସନ ନାୟକ କହିଥିଲେ। ଗାଁ ଗାଁକୁ ଯାଇ ସରକାରଙ୍କ ଯୋଜନାର ଲାଭ ଉଠାଇବା ପାଇଁ କୃଷକ ମାନଙ୍କୁ ସଚେତନ କରିବା ଉପରେ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ବିଧାୟକ ଡ଼ଃ ନାୟକ ପରାମର୍ଶ ଦେଇଥିଲେ। ମାର୍ଶାଘାଇ ପଞ୍ଚାୟତ ସମିତି ସମିତି ଅଧକ୍ଷା ମଧୁସ୍ମିତା ସାମଲ, ମାର୍ଶାଘାଇ ବ୍ଲକ ବିଡିଓ ପଞ୍ଚାନନ ମଲିକ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ ମନୋଜ କୁମାର ପଟ୍ଟନାୟକ, ବିଭିଓ ବିନୟ କୁମାର ସାହୁ, କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ଆଲୋକ କୁମାର ନାଥ, ମାର୍ଶାଘାଇ ବ୍ଲକ ଏଏଫଓ ସୁଶ୍ରୀ ସଂଗୀତା ଦେ, ଏବିଡ଼ିଓ ଇତିଶ୍ରୀ ପଣ୍ଡା, କୃଷକପ୍ରତିନିଧି ବିକ୍ରମ କେଶରୀ ରାଉତରାୟ, ସରୋଜକାନ୍ତ ସାହୁ, କୁମରକାନ୍ତ ମହାନ୍ତି ଅତିଥି ଭାବେ ମଞ୍ଚାସିନ ଥିଲେ। ରିହାତିରେ ଗୋଖାଦ୍ୟ ଯୋଗାଣ, ବୀମା ଯୋଜନା, ଘାସ ଚାଷ ପାଇଁ ସହାୟତା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆଦି ସମ୍ପର୍କରେ କୃଷକ ମାନେ ସଚେତନ ହୋଇ ସରକାରୀ ଲାଭ ଉଠାଇବା ଉଚିତ। ମତ୍ସ୍ୟ ପୋଖରୀ ଯୋଜନାର ସଫଳ ଚାଷୀ ମୂଷାଡ଼ିଆର ଗିରିଧାରୀ ନାୟକ, ଅଙ୍ଗୁଳାଇର ବିଶ୍ୱପ୍ରକାଶ ପାଣିଙ୍କୁ ପୁରସ୍କାର ରାଶି ସହିତ ସମ୍ବର୍ଦ୍ଧିତ କକରାଯାଇଥିଲା।

ଶୀତ ଆରମ୍ଭରୁ ପସରା ମେଲାଇଲେ ବ୍ୟବସାୟୀ

ଗ୍ରାହକଙ୍କ ଚାହିଦା ଶୀତପୋଷାକ ଓ କମ୍ବଳ

କେନ୍ଦ୍ରାପଡ଼ା, ୧୧।୧୧(ସଂଚାର ବ୍ୟୁରୋ): ବର୍ତ୍ତମାନ ସଂପ୍ରତି ରାଜ୍ୟବ୍ୟାପୀ ତାପମାତ୍ରା ହ୍ରାସ ହେବା ଫଳରେ ଶୀତର ପ୍ରକୋପ ଆରମ୍ଭ ହୋଇଛି। ଏହିକ୍ରମରେ କେନ୍ଦ୍ରାପଡ଼ା ସହରରେ ବି ଶୀତ ବଢ଼ିବା ଆରମ୍ଭ କରିଛି। ଦିନର ତାପମାତ୍ରା ଅପେକ୍ଷା ସଂଧ୍ୟା ପରେ ତାପମାତ୍ରା ହ୍ରାସ ପାଇବା ସହ ରାତିରେ ବେଶ୍ ଶୀତ ଅନୁଭୂତ ହେଉଛି। ସହରବାସୀ ବି ଶୀତକୁ ବେଶ୍ ଉପଭୋଗ କରୁଛନ୍ତି। ସହର ଭିତରେ ଶୀତ ଯେଉଁ ପରିମାଣର ରହୁଛି ଉପକଣ୍ଠରେ ଅଧିକ ଜଣାପଡୁଛି। ଶୀତକୁ ଦୃଷ୍ଟିରେ ରଖି ଗତ ଏହି କିଛିଦିନ ଧରି ସହରର ଶୀତପୋଷାକ ବିକ୍ରି ପାଇଁ ବିଭିନ୍ନ ସ୍ଥାନରେ ଦୋକାନ ଖୋଲିଛି। ଚଳିତ ବର୍ଷ ବହୁ ବିଳମ୍ବରେ ଶୀତ ଅନୁଭବ ହୋଇଛି। ଯାହା ଫଳରେ ଶୀତ ନଆସିବା କାରଣ ଯୋଗୁଁ ଶୀତପୋଷାକ ବିକ୍ରି କରିବାକୁ ଆସିଥିବା ବ୍ୟବସାୟୀମାନେ ହାତବାନ୍ଧି ବସିଥିଲେ। ଶୀତ ବଢ଼ିବା ସହ ଏହି ବେପାର ବି ଏବେ ବଢ଼ିଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ତିବ୍ବତୀୟଙ୍କ ଦ୍ୱାରା କେନ୍ଦ୍ରାପଡ଼ା ରେ ଶୀତପୋଷାକ ବିକ୍ରି ମାର୍କେଟ ଖୋଲିଥାଏ। ଏହା ସହ ମଧ୍ୟପ୍ରଦେଶ ସମେତ ଅନ୍ୟରାଜ୍ୟର ବ୍ୟବସାୟୀମାନେ ରାସ୍ତାକଡ଼ରେ ଶୀତପୋଷାଜ ସହ କମ୍ବଳ ବିକ୍ରି କରିବାକୁ ଆସିଥାନ୍ତି ଚଳିତ ବର୍ଷ ଗୋପ ଛକ, ତିନିମୁହାଣି ଛକ ନୂଆ ବସ୍ ଷ୍ଟାଣ୍ଡ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ଏହି ରାସ୍ତାକଡ଼ ବ୍ୟବସାୟୀଙ୍କ ପସରା ଖୋଲିଛି ଗତ ତିନିରୁ ଚାରିଦିନ ଧରି ସହରରେ ଶୀତର ମାତ୍ରା ବଢ଼ିଥିବା ଯୋଗୁଁ ଶୀତପୋଷାକ ବିକ୍ରି ବି ବଢ଼ିଥିବା ବ୍ୟବସାୟୀ ମାନେ କହିଛନ୍ତି ରାଜ୍ୟ ବାହାରୁ ଆସିଥିବା ବ୍ୟବସାୟୀମାନେ ଏଠାରେ ପ୍ରାୟ ୩ ମାସ ରହି ବେପାର କରିବା ପରେ ପୁଣିଥରେ ନିଜ ରାଜ୍ୟକୁ ଫେରିଯାଆନ୍ତି। ଲୁଧିଆନା ଓ ପଞ୍ଜାବରୁ କମ୍ବଳ ଆଣି ବ୍ୟବସାୟ କରୁଥିବା ଏହି ବ୍ୟବସାୟୀମାନେ କହିଛନ୍ତି କମ୍ବଳର ମୂଲ୍ୟ ୩୫୦ ଟଙ୍କାରୁ ଆରମ୍ଭ କରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।

AFFIDAVIT

By virtue of an affidavit sworn before Executive Magistrate kendrapara dated 02/09/2025, I Sitanath malik, S/o - Nrusingha Malik, Vill/po - Kakharuni, Ps-Pattamundai, Dist-Kendrapara, pin-754217 declare that I have changed the name of my son from Swatish Malik to Swati Swarup Malik. Henceforth, he/she shall be known as Swati Swarup Malik for all purposes.

ଓଏମ୍‌ପିପି ସଂକ୍ରାନ୍ତ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳା

ଓଡ଼ିଶା ହେବ ବିଶ୍ୱସ୍ତରୀୟ ସାମୁଦ୍ରିକ ରାଜ୍ୟ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆଜି ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା (ଓଏମ୍‌ପିପି) ପ୍ରସ୍ତୁତି ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳା ଆୟୋଜିତ ହୋଇଛି। ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସାମୁଦ୍ରିକ ରାଜ୍ୟରେ ପରିଣତ କରିବା ପାଇଁ ରଣନୈତିକ ରୋଡମ୍ୟାପ୍ ପ୍ରସ୍ତୁତ କରିବା ନିମନ୍ତେ ବିଚାରବିମର୍ଶ ନିମନ୍ତେ ଏହି କର୍ମଶାଳାର ଆୟୋଜନ କରାଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନର ଅଷ୍ଟମ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ରାଜ୍ୟର ଦୀର୍ଘକାଳୀନ ସାମୁଦ୍ରିକ ରଣନୀତିକୁ ଚୂଡ଼ାନ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିବା ପାଇଁ ବିଭିନ୍ନ ବିଭାଗ ଓ ଏଜେନ୍ସିଗୁଡ଼ିକର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରାଯାଇଥିଲା।

ପ୍ରକଳ୍ପର ବୈଷୟିକ ପରାମର୍ଶଦାତା ନ୍ୟାସନାଲ ଟେକ୍ନୋଲୋଜି ସେଣ୍ଟର ଫର ପୋର୍ଟସ୍, ୱାଟରୱେଜ୍ ଆଣ୍ଡ୍ କୋଷ୍ଟସ୍ (ଏନ୍‌ଟିସିପିଡବ୍ଲ୍ୟୁସି), ଆଇଆଇଟି ମାଡ୍ରାସ ଦ୍ୱାରା ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା (୨୦୨୫-୨୦୫୦) ପ୍ରସ୍ତୁତ କରାଯାଉଛି। ଏହି ଯୋଜନା ସାଗରମାଳା, ପ୍ରଧାନମନ୍ତ୍ରୀ ଗତି ଶକ୍ତି ଓ ସାମୁଦ୍ରିକ ଭାରତ ଦୃଷ୍ଟିକୋଣ ୨୦୩୦ ଭଳି ପ୍ରମୁଖ ଜାତୀୟ ପଦକ୍ଷେପ ସହ ରଣନୈତିକ ଭାବେ ସଂଲଗ୍ନ, ରାଜ୍ୟ ଓ ଜାତୀୟ ସାମୁଦ୍ରିକ ବିକାଶ ଲକ୍ଷ୍ୟ ମଧ୍ୟରେ ପୂର୍ଣ୍ଣ ସମନ୍ୱୟ ସୁନିଶ୍ଚିତ କରୁଛି। ଏନ୍‌ଟିସିପିଡବ୍ଲ୍ୟୁସି, ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନେ ଡ୍ରାଫ୍ଟ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଉପସ୍ଥାପନ କରିଥିଲେ। ଏହା ରାଜ୍ୟର ୫୭୫ କିମିଟର ଉପକୂଳ ଓ ନଦୀର ବିଶାଳ ନେଟୱାର୍କର ପୂର୍ଣ୍ଣ ସମ୍ଭାବନାକୁ ଅନଲକ୍ କରିବା ପାଇଁ ଏକ ପର୍ଯ୍ୟାୟବଦ୍ଧ ଓ ସ୍ଥାୟୀ ରୋଡମ୍ୟାପ୍ ପ୍ରସ୍ତୁତ କରୁଛନ୍ତି। ଓଡ଼ିଶା ମାରିଟାଇମ ଦୃଷ୍ଟିକୋଣ (ଓଏମ୍‌ପିପି) ୬ଟି ରଣନୈତିକ ସ୍ତମ୍ଭ ଉପରେ ଗଠିତ। ଓଡ଼ିଶା ସାମୁଦ୍ରିକ ବୋର୍ଡ, ବନ୍ଦର ଓ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟ, ପର୍ଯ୍ୟଟନ ବିଭାଗ, ଇସ୍ପାତ ଓ ଖଣି ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ବିଭାଗ ଏବଂ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ)ର ବରିଷ୍ଠ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରଫେସର ଡକ୍ଟର ପୂର୍ଣ୍ଣେନ୍ଦୁ ମିଶ୍ର ମଧ୍ୟ ଯୋଗଦେଇଥିଲେ।

ପ୍ରସାର ପଦକ୍ଷେପକୁ କେନ୍ଦ୍ର ମନ୍ତ୍ରୀଙ୍କ ପ୍ରଶଂସା

ଶ୍ରୀଅନ୍ନ ପାଇଁ ଦିନଟିଏ ଉତ୍ସର୍ଗ କରିଛି ଓଡ଼ିଶା

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାରଙ୍କ ପକ୍ଷରୁ ଗତ ୧୦ ଓ ୧୧ ତାରିଖରେ ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଓ ମହିଳା କୃଷକ ସମ୍ମିଳନୀ-୨୦୨୫ ଲୋକସେବା ଭବନ କନଭେନସନ ହଲଠାରେ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀ 'କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ ଥିଲା। ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇଥିଲେ। କୃଷି ଐତିହ୍ୟର ସଂରକ୍ଷଣ ସହ ଶ୍ରୀଅନ୍ନର ସଂରକ୍ଷଣ ଓ ପ୍ରସାର ଦିଗରେ ଓଡ଼ିଶାର ପଦକ୍ଷେପକୁ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚୌହାନ ପ୍ରଶଂସା କରିଥିଲେ।

ଏହି ଅବସରରେ ଶ୍ରୀ ଚୌହାନ କହିଥିଲେ ଯେ ଓଡ଼ିଶା ଏକମାତ୍ର ରାଜ୍ୟ ଯିଏକି ଏକ ନିର୍ଦ୍ଦିଷ୍ଟ ଦିନକୁ ଶ୍ରୀଅନ୍ନ ବା ମାଣ୍ଡିଆ ଦିବସ ଭାବେ ଉତ୍ସର୍ଗ କରିଛି। କେବଳ ଏତିକି ନୁହେଁ, ଏହାର ଉତ୍ପାଦନ ବୃଦ୍ଧି କରି ଅନ୍ୟ ରାଜ୍ୟକୁ ମଧ୍ୟ ଯୋଗାଇବାରେ ରାଜ୍ୟ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଏହାଛଡ଼ା ସବୁଠାରୁ ଉତ୍ସାହଜନକ ବିଷୟ ହେଲା ଯେ ଏଥିରେ ମହିଳା ଚାଷୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଓଡ଼ିଶା ପ୍ରଥମ ରାଜ୍ୟ ଭାବେ ବିଭିନ୍ନ ଭୂ-ପ୍ରଜାତି ବା ଲ୍ୟାଣ୍ଡରେସ୍ ସଂରକ୍ଷଣ ପାଇଁ ମାର୍ଗଦର୍ଶିକା ସହ ମହିଳା କୈନ୍ଦ୍ରିକ ସୁବିଧାଜନକ କୃଷିଭିତ୍ତିକ ଯନ୍ତ୍ରପାତିର ପରୀକ୍ଷଣ ମାର୍ଗଦର୍ଶିକା ଜାରି କରିଛି ବୋଲି ଶ୍ରୀ ଚୌହାନ କହିଛନ୍ତି। କାର୍ଯ୍ୟକ୍ରମରେ କୃଷି ବିଭାଗ ପକ୍ଷରୁ ମିଲେଟ ଫାଉଣ୍ଡେସନ ଗାଇଡ଼ ପ୍ରକାଶିତ ହୋଇଛି, ଯେଉଁଥିରେ ଶ୍ରୀଅନ୍ନ ସମ୍ବନ୍ଧିତ ବିଭିନ୍ନ ଗବେଷଣାତ୍ମକ ତଥ୍ୟ ଉଲ୍ଲେଖ ରହିଛି। ଏଥିରେ ଅଧିକ ଜାଣିବା ନିମନ୍ତେ ୱେବସାଇଟ ଲିଙ୍କ ମଧ୍ୟ ପ୍ରଦାନ କରାଯାଇଛି। ବେଶ ସଫଳତାର ସହିତ ଚଳିତ ବର୍ଷର ଅନ୍ତର୍ଜାତୀୟ ଶ୍ରୀ ଅନ୍ନ ସମ୍ମିଳନୀ ଶେଷ ହୋଇଛି। ଏହାର ଉଦ୍‌ଯାପନୀ ସମାରୋହରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ଯୋଗ ଦେଇଥିଲେ।

ଦଶମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା ଉଦ୍‌ଘାଟିତ

ଓଡ଼ିଆ ସିନେମାର ପୁନରୁଦ୍ଧାର ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ଆମ ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଏଥିରେ ଅନେକ ସ୍ମୃତି ଜଡ଼ିତ ହୋଇ ରହିଛି। ଆମେ ଯେତେବେଳେ ଏହାର ସଂରକ୍ଷଣ ପାଇଁ ଉଦ୍ୟମ କରୁଛୁ ନିଶ୍ଚିତ ରୂପେ ଏହି ସ୍ମୃତି ସବୁ ଜୀବିତ ହେବ ଏବଂ ଆଗାମୀ ପିଢ଼ି ଏଥିରୁ ପ୍ରେରଣା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସ୍ଥାନୀୟ କଳାଭୂମିଠାରେ ଆୟୋଜିତ ଦଶମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା-୨୦୨୫ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି। ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ଏବଂ ଇଣ୍ଟରନ୍ୟାସନାଲ ଫେଡେରେସନ ଅଫ୍ ଫିଲ୍ମ ଆର୍କାଇଭ୍' ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ ଦେଶବିଦେଶର ନାମୀଦାମୀ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଯୋଗ ଦେଇଛନ୍ତି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କର୍ମଶାଳାର ଉଦ୍‌ଘାଟନୀ ଉତ୍ସବରେ ପ୍ରସିଦ୍ଧ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ୱାହିଦା ରେହମାନ ଉପସ୍ଥିତ ଥିବା ବେଳେ ବଲିଉଡ୍ ମହାନାୟକ ଅମିତାଭ ବଚ୍ଚନ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ୍ ସହ ଏକ ବୁଝାମଣା ସ୍ୱାକ୍ଷର ନେଇ ଘୋଷଣା କରିଥିଲେ। ଏଥିସହ ଓଡ଼ିଆ ଚଳଚ୍ଚିତ୍ରର ହୃତ୍‌ଗୌରବ ଫେରାଇ ଆଣିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମଧ୍ୟ ଯୋଗଦେଇଥିଲେ। ସେହିପରି ଶ୍ରୀ ବଚ୍ଚନ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଯାତ୍ରାରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଘନଶ୍ୟାମ ମହାପାତ୍ର, ପ୍ରଫୁଲ୍ଲ ସେନଗୁପ୍ତ, ନିତାଇ ପାଲିତ୍, ପାର୍ବତୀ ଘୋଷ, ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଝରଣା ଦାସଙ୍କ ପରି କିମ୍ବଦନ୍ତୀ ଓଡ଼ିଆ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେସନ ପକ୍ଷରୁ ରବିନ୍ ବେକରଙ୍କୁ ଆଉଟଷ୍ଟାଣ୍ଡିଙ୍ଗ ଫିଲ୍ମ ହେରିଟେଜ ପୁରସ୍କାର ଏବଂ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ ଚାମ୍ପିଅନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ତଥା ଲୋକପ୍ରିୟ ଓଡ଼ିଆ ଚଳଚ୍ଚିତ୍ର ତାରକା ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଅଭିନେତା ପ୍ରଶାନ୍ତ ନନ୍ଦ, ମୁଖ୍ୟ ପ୍ରମୁଖ ଯୋଗ ଦେଇଥିଲେ।

ଭିତ୍ତିଭୂମି ପ୍ରକଳ୍ପ ସଂକ୍ରାନ୍ତ ମାସିକ ସମନ୍ୱୟ ବୈଠକ

ତ୍ୱରିତ କାର୍ଯ୍ୟାନ୍ୱୟନ ଓ ସମୟସୀମା ଅନୁସରଣ ନିର୍ଦ୍ଦେଶ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଓ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଫରେଷ୍ଟ ଡାଇଭର୍ସନ ପ୍ରସ୍ତାବଗୁଡ଼ିକର ତ୍ୱରିତ ପ୍ରକ୍ରିୟାକରଣ ସୁନିଶ୍ଚିତ କରିବା ସକାଶେ ଆଜି ତୃତୀୟ ସମନ୍ୱୟ ବୈଠକ ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ପୂର୍ବବର୍ତ୍ତୀ ଅକ୍ଟୋବରରେ ହୋଇଥିବା ବୈଠକରେ ଆଲୋଚିତ ପ୍ରକଳ୍ପଗୁଡ଼ିକର ନିର୍ଦ୍ଧାରିତ ସମୟ ସୀମା ଅନୁଯାୟୀ ଅଗ୍ରଗତିର ସମୀକ୍ଷା ପୂର୍ବକ ଆଜିର ବୈଠକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମଜି/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପଗୁଡ଼ିକ ଉପରେ ସମୀକ୍ଷା କରିଛନ୍ତି। ଏଗୁଡିକ ମଧ୍ୟରେ କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ପ୍ରକଳ୍ପ, ଦକ୍ଷିଣ ପୂର୍ବ ରେଳବାଇର ବାଙ୍ଗିରିପୋଷିଠାରୁ ଗୋରୁମହିଷାଣୀ ନୂତନ ରେଳ ଲାଇନ୍, ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ ଓ ବିଏସଏନଏଲର ୪ଜି ଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜିଏସ୍‌ଆଇ)ର ଖନନ ଅନୁସନ୍ଧାନ ପ୍ରସ୍ତାବ, ସେଲ୍, ଏନଟିପିସିର ତୁଲାଙ୍ଗ ମାଇନ ପ୍ରକଳ୍ପ, ଓପିଟିସିଏଲର ଟ୍ରାନ୍ସମିସନ ଲାଇନ୍ ପ୍ରକଳ୍ପ, କଲ୍ୟାଣୀ ଷ୍ଟିଲ୍‌ର ଇଣ୍ଟିଗ୍ରେଟେଡ୍ ଷ୍ଟିଲ୍ ପ୍ଲାଣ୍ଟ ପ୍ରସ୍ତାବ ଆଦି ସାମିଲ୍। ଏନ୍‌ଏଚ୍‌ଏଆଇର ଦୁଇଟି ପ୍ରକଳ୍ପ ସିଆର୍‌ଆର୍‌ଆର୍-୧ ଓ ସିଆର୍‌ଆର୍‌ଆର୍-୨ର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଏଥିମଧ୍ୟରୁ ଗତ ମାସକ ମଧ୍ୟରେ ଯଥେଷ୍ଟ ପ୍ରଗତି ହାସଲ ହୋଇପାରିଛି। ତଥାପି ପ୍ରକଳ୍ପଗୁଡ଼ିକରେ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ଶୀଘ୍ର ସମାଧାନ କରିବାକୁ ପିସିସିଏଫ୍ (ଡବ୍ଲ୍ୟୁଏଲ୍)କୁ ପରାମର୍ଶ ଦିଆଯାଇଥିଲା।

ଅହିଂସା ବିଚାର କବିତା ପାଠୋତ୍ସବ ଅନୁଷ୍ଠିତ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ବିଶ୍ୱର ପରିବର୍ତ୍ତିତ ପରିସ୍ଥିତିରେ ମହାତ୍ମା ଗାନ୍ଧିଙ୍କ ଅହିଂସା ଓ ମାନବ ପ୍ରେମର ପ୍ରସାର-ପ୍ରଚାରର ଆବଶ୍ୟକତା ରହିଛି ଓ ଏହା ଯୁବ ସମାଜର ମୂଳମନ୍ତ୍ର ହେବା ଉଚିତ। ପ୍ରେମ, କ୍ଷମା, କରୁଣା ମଣିଷ ହୃଦୟରୁ ମରି ମରି ଯାଉଛି। ଧର୍ମାନ୍ଧତା ଓ ମତାନ୍ଧତା ଯୁବ ସମାଜକୁ ଆକ୍ରାନ୍ତ କରି ଏକ ବିଶୃଙ୍ଖଳିତ ସମାଜ ବ୍ୟବସ୍ଥା ଆଡ଼କୁ ଦେଶକୁ ଆଗେଇ ନେଉଛି ବୋଲି 'ଅହିଂସା ବିଚାର କବିତା ପାଠୋତ୍ସବ'ରେ ବକ୍ତାମାନେ ମତ ପୋଷଣ କରିଛନ୍ତି।

ଅହିଂସା ବିଚାର ଫାଉଣ୍ଡେସନ୍, ଭାରତୀୟ ଯୁବ ପ୍ରକଳ୍ପ, କାପୋକ୍ ଓ ଆସ୍ପାୟାର ସଂଗଠନର ମିଳିତ ଉଦ୍ୟମରେ ଗତକାଲି ସ୍ଥାନୀୟ ଭାରତୀୟ ବିଦ୍ୟାଭବନଠାରେ ଆୟୋଜିତ ଏହି ପାଠୋତ୍ସବରେ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଓଡ଼ିଆ ସାହିତ୍ୟରେ ଗାନ୍ଧି ବିଚାର ଓ ତାହାର ପ୍ରଭାବ ଉପରେ ଆଲୋକପାତ କରିଥିଲେ। ଜାତୀୟ ଯୁବ ପ୍ରକଳ୍ପର ଓଡ଼ିଶା ମୁଖ୍ୟ ତଥା ବିଶିଷ୍ଟ ଗାନ୍ଧୀବାଦୀ ମଧୁସୂଦନ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କବି ସମ୍ମିଳନୀରେ ଖଦୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ ବିଶିଷ୍ଟ ଅତିଥିଭାବେ ଯୋଗଦେଇଥିବା ବେଳେ ଗାଳ୍ପିକା ଓ କବି ସୁନନ୍ଦା ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। କବି ତଥା ଆସ୍‌ପାୟାର ସମ୍ପାଦିକା ଶର୍ମିଷ୍ଠା ନାଥ, ଜନଶିକ୍ଷା ସଂସ୍ଥାନର ନିର୍ଦ୍ଦେଶିକା ଅନିମା ଦାସ ଓ ଭାରତୀୟ ବିଦ୍ୟା ଭବନର ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅହିଂସା ବିଚାରର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ଅହିଂସା ବିଚାର ଫାଉଣ୍ଡେସନ୍‌ର ଟ୍ରଷ୍ଟି କବି ଶ୍ରୀ ସୋମ ଏହି ସମ୍ମିଳନୀର ସଂଯୋଜନା ଓ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସ୍ମୃତିରେଖା ପଣ୍ଡା, ଭାଗ୍ୟଶ୍ରୀ କାନୁନ୍‌ଗୋ, ରଶ୍ମିତା ବେହେରା, ସନ୍ତୋଷୀ ତନୟା ନନ୍ଦ, କଳ୍ପନା ରାଉତ, ବନସ୍ମିତା ସ୍ୱାଇଁ, ପ୍ରଭୁଚରଣ ପତି, ନିରଞ୍ଜନା ସମାନ୍ତରାୟ ଓ ଫରହାତ ଜାହାନ ପ୍ରମୁଖ ଯୁବକବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଦେଇଥିଲେ ସମାଜସେବୀ ବିକ୍ରମ କେଶରୀ ମହାପାତ୍ର।

ନବନିର୍ମିତ ଲାଇନ ଯାଞ୍ଚ କଲେ ରେଳ ସୁରକ୍ଷା କମିଶନର

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ଦକ୍ଷିଣ-ପୂର୍ବ ସର୍କଲର ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ବ୍ରିଜେଶ କୁମାର ମିଶ୍ର, ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ଡିଭିଜନ ଅନ୍ତର୍ଗତ ହିନ୍ଦୋଳ ରୋଡ୍ ଓ ମେରାମଣ୍ଡଳୀ ମଧ୍ୟରେ ନବନିର୍ମିତ ତୃତୀୟ ଓ ଚତୁର୍ଥ ଲାଇନର ଏକ ବିସ୍ତୃତ ବୈଧାନିକ ଯାଞ୍ଚ କରିଛନ୍ତି। ଏହି ଯାଞ୍ଚ ବୁଢ଼ାପଙ୍କ-ସାଲେଗାଓଁ ତୃତୀୟ ଓ ଚତୁର୍ଥ ଲାଇନ ପ୍ରକଳ୍ପର ଏକ ଅଂଶ ଯାହା ୨୬.୮୨୬ କିମି ଅଂଶକୁ କଭର କରିଥିଲା। ପୂର୍ବରୁ ଏହି ରୁଟର ୮୬.୫୪ କିମି ପାଇଁ ସିଆର୍‌ଏସ୍ ଯାଞ୍ଚ ସରିଛି। ଯାଞ୍ଚ ସମୟରେ ୧୧୦ କିମି ପ୍ରତି ଘଣ୍ଟା ବେଗରେ ଏକ ସ୍ପିଡ୍ ପରୀକ୍ଷଣ ସଫଳତାର ସହ କରାଯାଇଥିଲା ଓ ସନ୍ତୋଷଜନକ କାର୍ଯ୍ୟଦକ୍ଷତା ପରେ ନୂତନ ଭାବେ କାର୍ଯ୍ୟକ୍ଷମ ହୋଇଥିବା ଉଭୟ ଲାଇନରେ ଟ୍ରେନଗୁଡ଼ିକୁ ପ୍ରାରମ୍ଭିକ ଭାବରେ ଘଣ୍ଟା ପ୍ରତି ୧୦୦ କିମି ପ୍ରତି ସ୍ପିଡ୍‌ରେ ଚାଲିବାକୁ ଅନୁମତି ଦିଆଯାଇଛି। ପୂର୍ବତଟ ରେଳପଥ ଓ ନିର୍ମାଣ ସଂଗଠନର ବରିଷ୍ଠ ଅଧିକାରୀଙ୍କ ସହ ସିଆରଏସ ଟ୍ରାକ୍ ପାରାମିଟର, ସିଗ୍ନାଲିଂ ସିଷ୍ଟମ, ଓଭରହେଡ୍ ଉପକରଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଭିତ୍ତିଭୂମି ଯାଞ୍ଚ କରିଛନ୍ତି। ଟ୍ରାକ୍ ଏବଂ ସିଗନାଲିଂ କାର୍ଯ୍ୟଦକ୍ଷତା ମୂଲ୍ୟାଙ୍କନ କରିବା ଓ କମିଶନିଂ ପୂର୍ବରୁ ସମସ୍ତ ସୁରକ୍ଷା ମାନଦଣ୍ଡ ପୂରଣ ହୋଇଛି କି ନାହିଁ, ତାହା ନିଶ୍ଚିତ କରିବା ପାଇଁ ଏକ ହାଲୁକା ଇଞ୍ଜିନ୍ ପରୀକ୍ଷଣ ମଧ୍ୟ କରାଯାଇଥିଲା। ସିଆର୍‌ଏସ୍ ସମସ୍ତ ପ୍ରମୁଖ ଓ କ୍ଷୁଦ୍ର ସେତୁ, ରୋଡ୍ ଓଭରବ୍ରିଜ୍ (ଆର୍‌ଓବି), ରୋଡ୍ ଅଣ୍ଡରବ୍ରିଜ୍ (ଆର୍‌ୟୁବି) ଓ ଅନ୍ୟାନ୍ୟ ସିଭିଲ୍ କାର୍ଯ୍ୟ ସମୀକ୍ଷା କରିବା ସହ ଏହି ଅଂଶକୁ ଟ୍ରେନ ପରିଚାଳନା ପାଇଁ ଉପଯୁକ୍ତ ବୋଲି ଘୋଷଣା କରିଥିଲା।

ନୂଆପଡ଼ା ଉପନିର୍ବାଚନ

ସରକାରୀ କଳର ଅପବ୍ୟବହାର ଅଭିଯୋଗ ଆଣିଲା ବିଜେଡି

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନରେ ବିଜେପି ସରକାରୀ କଳର ଅପବ୍ୟବହାର ଓ ଆଦର୍ଶ ଆଚରଣ ବିଧିର ଖୋଲା ଉଲ୍ଲଂଘନ କରି ନିର୍ବାଚନ ବୈତରଣୀ ପାର ହେବା ପାଇଁ ଅପଚେଷ୍ଟା କରିଛି। କିନ୍ତୁ ଏହା ସତ୍ତ୍ୱେ ବି ନୂଆପଡ଼ାରେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବିଜୟୀ ହେବେ ବୋଲି ଆଜି ସ୍ଥାନୀୟ ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ପକ୍ଷରୁ ଦୃଢ଼ୋକ୍ତି ପ୍ରକାଶ ପାଇଛି। ଦଳର ବରିଷ୍ଠ ନେତ୍ରୀ ତଥା ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ତଥା ପିଏସି ସଦସ୍ୟ ଟୁକୁନି ସାହୁ ଓ ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ ନୂଆପଡ଼ା ଉପନିର୍ବାଚନରେ ହୋଇଥିବା ବିଭିନ୍ନ ଅନିୟମିତତା ନେଇ ସୂଚନା ଦେଇଛନ୍ତି। ଶ୍ରୀମତୀ ମଲ୍ଲିକ କହିଛନ୍ତି ଯେ ପ୍ରଚାର ସମୟରେ ବିଜେପି ଏକାଧିକ ବାର ଆଚରଣ ବିଧି ଉଲ୍ଲଂଘନ କରିଥିବା ବେଳେ ଏନେଇ ବିଜେଡି ପକ୍ଷରୁ ସିଇଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏଥିରେ ବିଜେପି ପକ୍ଷରୁ ଶାଢ଼ୀ ଓ ଟଙ୍କା ବଣ୍ଟା ସହ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇଙ୍କ ବାସସ୍ଥଳୀ ଓ ସ୍ଥାନୀୟ ନେତା ମନୋଜ ମିଶ୍ରଙ୍କ ଘରେ ଆଇଟି ରେଡ ଆଦି ପ୍ରମୁଖ। ସାଇଲେନ୍ସ ପିରିଅଡରେ ବିଜେପି ନେତାମାନେ ନୂଆପଡ଼ାରେ ରହି ଟଙ୍କା ବାଣ୍ଟୁଥିଲେ। ସିଇଓଙ୍କ ନିକଟରେ ପ୍ରମାଣସହ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା ବୋଲି ଶ୍ରୀମତୀ ମଲ୍ଲିକ ଅଭିଯୋଗ କରିଛନ୍ତି। ସେହିପରି ଶ୍ରୀମତୀ ସାହୁ କହିଛନ୍ତି ଯେ ଆଚରଣ ବିଧି ଉଲ୍ଲଂଘନ ଓ ସରକାରୀ କଳର ଅପବ୍ୟବହାର କ୍ଷେତ୍ରରେ ବିଜେପି ସମସ୍ତ ସୀମା ଉଲ୍ଲଂଘନ କରିଛି। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀ ବି ବିଜେପି ଏଜେଣ୍ଟ ସାଜିଥିଲେ। ତେଣୁ ନୂଆପଡ଼ାର ଉପନିର୍ବାଚନ ମୁକ୍ତ ଓ ଅବାଧ ହୋଇନାହିଁ, ଏହା ସୁନିଶ୍ଚିତ ବୋଲି ସେ କହିଛନ୍ତି। ଏହାଛଡ଼ା ଇପ୍‌ସିତା କହିଛନ୍ତି ଯେ ଉପନିର୍ବାଚନ ସମୟରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ଭୂମିକା ରାଜ୍ୟ ନିର୍ବାଚନ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ହୋଇ ରହିବ।

ଚାକିରି ବାହାନାରେ ନାବାଳିକାଙ୍କୁ ହୋଟେଲ ନେଇ କରୁଥିଲେ ଡିଲ୍

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ଚାକିରି ଦେବା ବାହାନାରେ ହୋଟେଲ ନେଇ ଡିଲ କରୁଥିଲେ। ଚାଲାଣ ପୂର୍ବରୁ ନାବାଳିକାକୁ ଉଦ୍ଧାର କଲା କମିଶନରେଟ ପୁଲିସ୍। ରାଜଧାନୀ ଭୁବନେଶ୍ୱର ଏକ ହୋଟେଲରୁ ଦଲାଲ କବଳରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଅନୈତିକ କାର୍ଯ ପାଇଁ ଚାଲାଣ ହେଉଥିବା ସୂଚନା ମିଳିଛି। ଦଲାଲକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ୍। ନାବାଳିକାର ଘର ଢେଙ୍କାନାଳ ବୋଲି ଜଣାପଡିଛି। ଏକ ସୋ ରୁମରେ ରିସେପ୍ସନିଷ୍ଟ ଚାକିରି ଦେବା ଆଳରେ ଭୁବନେଶ୍ୱର ଆଣିଥିଲେ ଦଲାଲ। ଏହା ପରେ ହୋଟେଲରେ ରଖି ଅନୈତିକ କାର୍ଯରେ ଲିପ୍ତ ପାଇଁ ଡିଲ କରୁଥିଲେ। ଏହା ପୂର୍ବରୁ ମାଡି ବସିଲା ପୁଲିସ୍। ଏହା ପଛରେ ଏକ ସେକ୍ସ ରାକେଟ ଅପରେଟ ହେଉଥିବା ସଂଦେହ କରୁଛି ପୁଲିସ୍।

୨୫ତମ ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ସ୍ଥାନୀୟ ଆଦିବାସୀ ପଡ଼ିଆଠାରେ ବେଶ୍ ଜାକଜମକରେ ଉଦ୍‌ଘାଟିତ ହୋଇଛି ୨୫ତମ ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବ। ଡଃ ଶ୍ରୁତି ମହାପାତ୍ରଙ୍କ ନେତୃତ୍ୱାଧୀନ ସ୍ୱେଚ୍ଛାସେବୀ ସଂଗଠନ 'ସ୍ୱାଭିମାନ' ପକ୍ଷରୁ ପ୍ରତିବର୍ଷ ଆୟୋଜିତ ଏହି ଉତ୍ସବ ବିଶେଷ ଭାବେ ଶାରୀରିକ ଭିନ୍ନକ୍ଷମ ପିଲାଙ୍କ ଉତ୍ସାହ ଓ ଆତ୍ମବିଶ୍ୱାସ ବଢ଼ାଇବା ଉଦ୍ଦେଶ୍ୟରେ ପରିଚାଳିତ ହୋଇଆସୁଛି। ଚଳିତ ବର୍ଷ ଏହାର ମୁଖ୍ୟ ଥିମ୍ 'କିମ୍ବଦନ୍ତୀ ପୌରାଣିକ କଥା, ଗଳ୍ପ ଓ ପୁରାଣ ସାହିତ୍ୟ' ରହିଛି। ରାଜ୍ୟର ୩୦ଟି ଜିଲ୍ଲା ସହ ଲଦାଖ୍, ଲାକ୍ଷାଦ୍ୱୀପ, ଜମ୍ମୁ-କାଶ୍ମୀର ପରି ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ହଜାର ହଜାର ଶିଶୁ ଓ ଯୁବକ ଏଥିରେ ଅଂଶଗ୍ରହଣ କରିଛନ୍ତି। ଏଥିସହ ଶ୍ରୀଲଙ୍କାରୁ ମଧ୍ୟ ପ୍ରତିଯୋଗୀ ଆସିଛନ୍ତି। ଉଦ୍‌ଘାଟନୀ ଦିବସରେ ସ୍ୱାଭିମାନ ପକ୍ଷରୁ ସମସ୍ତଙ୍କୁ ସ୍ୱାଭିମାନ ଲୋଗୋ ଯୁକ୍ତ ଟି-ଶାର୍ଟ ଓ ବ୍ୟାଜ୍ ପ୍ରଦାନ କରି ଉତ୍ସାହିତ କରାଯାଇଛି। ସନ୍ଧ୍ୟାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇଥିବା ବେଳେ ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଡ଼ି, ବିଶିଷ୍ଟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ଡଃ ସୁଦର୍ଶନ ପଟ୍ଟନାୟକ, ସିୱାଇଏସ୍‌ଡି ପ୍ରତିଷ୍ଠାତା ସଦସ୍ୟ ଶ୍ରୀ ଜଗଦାନନ୍ଦ ଓ ୧୦ ବର୍ଷୀୟା ସ୍ୱେଚ୍ଛାସେବୀ ଗାୟତ୍ରୀ କର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଡଃ ଶ୍ରୁତି ମହାପାତ୍ର ତାଙ୍କ ବକ୍ତବ୍ୟରେ ୨୫ ବର୍ଷର ଗୌରବମୟ ଯାତ୍ରାର ସଂଘର୍ଷ ଓ ସଫଳତାର କାହାଣୀ ବର୍ଣ୍ଣନା କରି କହିଛନ୍ତି ଯେ ଛୋଟ ପରିବାର କିପରି ବଡ଼ ପରିବାରରେ ପରିଣତ ହୋଇଛି ଓ ଅଞ୍ଜଳିର ଆରମ୍ଭରୁ ଅଦ୍ୟାବଧି ଲୋକଙ୍କ ସାହାଯ୍ୟ ଓ ସହଯୋଗ ମିଳିଛି। ଏହି ଅବସରରେ 'ଅଞ୍ଜଳି ଆୱାର୍ଡ ଫର ସାହସିକତା' ସୁରେଶ ଚୌଧୁରୀ ଓ 'ଅଞ୍ଜଳି ଛାତ୍ର ବୃତ୍ତି' ସୁଲେଖା ବଡ଼ାଇଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଅଞ୍ଜଳି କ୍ୟାମ୍ପ ବୁଲେଟିନ୍‌କୁ ମଞ୍ଚାସୀନ ଅତିଥିମାନେ ଉନ୍ମୋଚନ କରିଛନ୍ତି। ଏହାଛଡ଼ା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ ଶ୍ରୁତି ମହାପାତ୍ର ଜଣେ ପ୍ରେରଣାର ଉତ୍ସ ଓ ସେ ୭୦୦ରୁ ଅଧିକ ଭିନ୍ନକ୍ଷମ ପିଲାଙ୍କୁ ଏକାଠି କରି ଏକ ପରିବାର ସୃଷ୍ଟି କରିପାରିଛନ୍ତି। ସ୍ୱାଭିମାନ ଏକ ସଂସ୍ଥା ନୁହେଁ, ବରଂ ଏକ ପରିବାର। କେବଳ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଏଭଳି କାର୍ଯ୍ୟକ୍ରମ ଆୟୋଜନ ଏକ ଦୃଷ୍ଟାନ୍ତ। ସମସ୍ତ ଅତିଥି ୨୫ ବର୍ଷର ଗୌରବମୟ ଯାତ୍ରା ଓ ସୁବର୍ଣ୍ଣ ଜୟନ୍ତୀ ବର୍ଷକୁ ଶୁଭେଚ୍ଛା ଜଣାଇ ନିରନ୍ତର ପ୍ରୟାସ ପାଇଁ ପ୍ରଶଂସା କରିଛନ୍ତି।

ସାମୁଦ୍ରିକ ବିକାଶ, ବ୍ୟାପକ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୧୨।୧୧: ଓଡ଼ିଶା ସରକାର ଯେଉଁ ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା ପ୍ରସ୍ତୁତ କରିଛନ୍ତି ସେଥିରେ ୨୦୪୦-୫୦ ପର୍ଯ୍ୟନ୍ତ ସମୟକୁ ଲକ୍ଷ୍ୟରେ ରଖିଛନ୍ତି। ତଦନୁଯାୟୀ ୨୦୨୫-୩୦ ସୁଦ୍ଧା ରାଜ୍ୟରେ ୫ହଜାର ତାଲିମପ୍ରାପ୍ତ ସାମୁଦ୍ରିକ ଦକ୍ଷ ଯୁବକଙ୍କର ଆବଶ୍ୟକ ଥିବାବେଳେ ୨୦୪୦-୫୦ରେ ତାହା ୧୦ ଗୁଣ ବୃଦ୍ଧି ପାଇବ। ସେହିଭଳି ଉପକୂଳରେ ୨୦୪୦ ସୁଦ୍ଧା ଦେଢ଼ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସାମୁଦ୍ରିକ ବିକାଶ ସହ ରାଜ୍ୟର ପର୍ଯ୍ୟଟନର ବିକାଶ ହେବ ବୋଲି ପ୍ରସ୍ତୁତ ଯୋଜନାରେ ଲକ୍ଷ୍ୟ ରଖାଯାଇଛି। ଏଥିଯୋଗୁଁ ୨୦୪୦-୫୦ ସୁଦ୍ଧା ଉପକୂଳକୁ ବାର୍ଷିକ ୭ ନିୟୁତ ପର୍ଯ୍ୟଟକଙ୍କର ଆଗମନ ହେବ ବୋଲି ଦର୍ଶାଯାଇଛି। ୨୦୨୫-୩୦ରେ ପର୍ଯ୍ୟଟକଙ୍କ ସଂଖ୍ୟା ୧.୨ ନିୟୁତ ହେବାର ଲକ୍ଷ୍ୟ ରହିଛି। ପର୍ଯ୍ୟଟକମାନଙ୍କ ଆଗମନ ସହିତ ସେମାନଙ୍କ ପାଇଁ ଅଧିକ ସଂଖ୍ୟାରେ ଜେଟି ଆବଶ୍ୟକ ହେବ। ୨୦୨୫-୩୦ଏହି ଧରଣର ଜେଟି ସଂଖ୍ୟା ୫ ହେବ ବୋଲି କୁହାଯାଇଥିବାବେଳେ ୨୦୪୦-୫୦ବେଳକୁ ରାଜ୍ୟରେ ଜେଟି ସଂଖ୍ୟା ୨୦ରୁ ଅଧିକ ହୋଇଯାଇଥିବ।

ସାମୁଦ୍ରିକ ବିକାଶ ହେଲେ ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ବୃଦ୍ଧି ପାଇବ। ୨୦୨୫-୩୦ରେ ଏହି କ୍ଷେତ୍ରରେ ୩ ହଜାର ଲୋକ ସିଧାସଳଖ ନିଯୁକ୍ତି ପାଇବାକୁ ଥିବା ବେଳେ ୨୦୪୦-୫୦ରେ ଏହି ସଂଖ୍ୟା ୨୫ ହଜାରକୁ ଟପିଯିବ। ଅନୁରୂପ ଭାବେ ଉପକୂଳରେ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥାର ଚାହିଦା ମଧ୍ୟ ବୃଦ୍ଧି ପାଇବ। ସାମୁଦ୍ରିକ ବିକାଶ ଯୋଜନାରେ ମହିଳାମାନେ ବିଶେଷ ଭାବେ ଉପକୃତ ହେବେ। ମହିଳାମାନଙ୍କ ସାମିଲର ପରିମାଣ ୧୦ରୁ ୩୦ ପ୍ରତିଶତକୁ ବୃଦ୍ଧି ପାଇବ। ସେମାନେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ପାଇପାରିବେ। ସାମୁଦ୍ରିକ କ୍ଷେତ୍ରରେ ମୋଟ୍ ନିଯୁକ୍ତିର ପରିମାଣ ୭୦ରୁ ୯୦ ପ୍ରତିଶତକୁ ବୃଦ୍ଧି ପାଇଁ ର ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ଉପକୂଳରେ ସାମୁଦ୍ରିକ ବିକାଶ ହେଲେ ରେଳ, ଜଳପଥରେ ପରିବହନ ଅଧିକ ହେବ। ସଡକ ପଥରେ ପରିବହନ ହ୍ରାସ ପାଇବ। ୨୦୨୫ରେ ରେଳରେ ପରିବହନ ୩୨ ପ୍ରତିଶତ ଥିବା ବେଳେ ୨୦୫୦ ବେଳକୁ ତାହା ୫୦ ପ୍ରତିଶତକୁ ବୃଦ୍ଧି ପାଇବ। ସେହିଭଳି ଜଳପଥରେ ପରିବହନ ୬ରୁ ୨୫ ପ୍ରତିଶତକୁ ବୃଦ୍ଧି ପାଇବ। ତେବେ ସଡ଼କ ପଥରେ ପରିବହନ ପରିମାଣ ହ୍ରାସ ପାଇ ୬୨ରୁ ୩୦ ପ୍ରତିଶତକୁ ଖସିଆସିବ।

ସାମୁଦ୍ରିକ ବିକାଶ ଯୋଗୁଁ ଏହାର ଅନୁକୂଳ ପ୍ରଭାବ ପରିବେଶ ଉପରେ ପଡ଼ିବ। ୨୦୪୦ ସୁଦ୍ଧା କାର୍ବନ ହ୍ରାସ ପରିମାଣ ୩୦ ପ୍ରତିଶତ ହେବ ଓ ୨୦୫୦ ସୁଦ୍ଧା ଏହା ୫୦ ପ୍ରତିଶତରେ ପହଞ୍ଚିବ। ସେହିଭଳି ୧୦ ହଜାର ହେକ୍ଟର ଜମିରେ ହେନ୍ତାଳ ବଣ ସୃଷ୍ଟି କରାଯିବା ସହ ଗତଶୀଳ ବର୍ଜ୍ୟ ପରିଚାଳନା ବ୍ୟବସ୍ଥାକୁ ଗ୍ରହଣ କରାଯିବ। ସେହିଭଳି ୨୦୫୦ ସୁଦ୍ଧା ୮୦ ପ୍ରତିଶତ ବର୍ଥ ପରିବେଶ ଅନୁକୂଳ ହେବ ଓ ସାମୁଦ୍ରିକ ବାୟୋଟେକ୍‌ନୋଲୋଜି, ଆକ୍ୱାକଲଚର ଓ ସମୁଦ୍ରଭିତ୍ତିକ ଅକ୍ଷୟ ଶକ୍ତିର ୧୨ ପ୍ରତିଶତ ଅବଦାନ ଜିଡିପିରେ ରହିବ। ଉପକୂଳରେ ଇକୋ ଟୁରିଜିମ୍ ଓ ମତ୍ସ୍ୟ ନେଟୱାର୍କ ଯୋଗୁଁ ୨୦୪୦ ସୁଦ୍ଧା ଦେଢ଼ ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। (ତଥ୍ୟ)

जীবন —

ଜଘନ୍ୟ ଆତଙ୍କୀ ହମଲା

ଦିଲ୍ଲୀ ବିସ୍ଫୋରଣ ୧୦/୧୧

ଆହତଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ

ଡାକ୍ତରଙ୍କଠୁ ପଚାରି ବୁଝିଲେ ସ୍ଥିତି

ନୂଆଦିଲ୍ଲୀ,୧୨।୧୧ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭୁଟାନରୁ ଫେରିବା ପରେ ସିଧାସଳଖ ଦିଲ୍ଲୀ ବିସ୍ଫୋରଣରେ ପିଡ଼ିତ ଆହତଙ୍କୁ ଭେଟିଛନ୍ତି। ଦିଲ୍ଲୀ ସ୍ଥିତ ଏଲଏନଜେପି ହସପିଟାଲରେ ଆହତଙ୍କୁ ଭେଟି ସେ ଆଲୋଚନା କରିଛନ୍ତି। ଏହି ହସପିଟାଲରେ ଦିଲ୍ଲୀ ବିସ୍ଫୋରଣରେ ଆହତ ହୋଇଥିବା ବ୍ୟକ୍ତି ଚିକିତ୍ସିତ ହେଉଛନ୍ତି। ଦିଲ୍ଲୀ ବିସ୍ଫୋରଣ ପରେ ଭୁଟାନରୁ ମୋଦି କହିଥିଲେ, ଷଡଯନ୍ତ୍ରରେ ସାମିଲ ଥିବା କୌଣସି ବ୍ୟକ୍ତିଙ୍କୁ ଛଡାଯିବ ନାହିଁ। ସେଠାରୁ ଫେରି ତୁରନ୍ତ ହସପିଟାଲରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ସୂଚନାଯୋଗ୍ୟ, ଦିଲ୍ଲୀର ଲାଲକିଲ୍ଲା ନିକଟରେ ଭୟଙ୍କର ବଡ଼ ବିସ୍ଫୋରଣ ହୋଇଛି। ୧୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୫ରୁ ଅଧିକ ଆହତ ହୋଇଛନ୍ତି। ଅନେକଙ୍କ ଅବସ୍ଥା ଗୁରୁତର ରହିଛି। ବିସ୍ଫୋରଣରେ ପ୍ରାଣ ହରାଇଥିବା ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ ଲକ୍ଷ ରାଶି ଘୋଷଣା କରାଯାଇଛି। ସ୍ଥାୟୀଭାବେ ଭିନ୍ନକ୍ଷମ ହୋଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କୁ ୫ ଲକ୍ଷ ଏବଂ ପ୍ରତ୍ୟେକ ଗୁରୁତରଙ୍କୁ ୨ ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଘୋଷଣା କରିଛନ୍ତି।

ବିସ୍ଫୋରଣସ୍ଥଳରୁ ମିଳିଲା ୪୦ ପ୍ରମାଣ

ନୂଆଦିଲ୍ଲୀ,୧୨।୧୧: ଦିଲ୍ଲୀର ଲାଲକିଲ୍ଲା ମେଟ୍ରୋ ଷ୍ଟେସନ ନିକଟରେ ଭୟାବହ ବିସ୍ଫୋରଣ ପରେ ଦେଶର ବିଭିନ୍ନ ସୁରକ୍ଷା ସଂସ୍ଥା ମାମଲାର ତଦନ୍ତରେ ଜୋରସୋର ଲାଗିପଡ଼ିଛନ୍ତି। ଏହି କ୍ରମରେ ଫରେନ୍ସିକ ସାଇନ୍ସ ଲାବୋରେଟୋରିର ଟିମ ଘଟଣାସ୍ଥଳରେ ପହଞ୍ଚି ଗୋଟିଗୋଟି କରି ପ୍ରମାଣ ଓ ନମୁନା ଏକାଠି କରିବା ପାଇଁ ଲାଗି ପଡ଼ିଛନ୍ତି। ସୂଚନା ଅନୁସାରେ ଏଯାବତ ବିସ୍ଫୋରଣସ୍ଥଳରୁ ଫରେନ୍ସିକ ସାଇନ୍ସ ଲାବୋରେଟୋରି ଟିମକୁ ୪୦ଟି ପ୍ରମାଣ ଓ ନମୁନା ମିଳିଛି। ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଛି, ବିସ୍ଫୋରଣର ଏକ ନମୁନା ଆମୋନିୟମ ନାଇଟ୍ରେଟ ହୋଇପାରେ। ଗତ ସୋମବାର ଫରିଦାବାଦରୁ ଏକ ଯାଞ୍ଚ ସମୟରେ ୩୬୦ କିଲୋଗ୍ରାମର ଆମୋନିୟମ ନାଇଟ୍ରେଟ ଜବତ କରାଯାଇଥିଲା। ବିସ୍ଫୋରଣସ୍ଥଳର ତଦନ୍ତ କରୁଥିବା ଜଣେ ଅଧିକାରୀଙ୍କ କହିବାନୁସାରେ, ଫରେନ୍ସିକ ସାଇନ୍ସ ଲାବୋରେଟୋରି ଟିମ ଘଟଣାସ୍ଥଳର ନିରୀକ୍ଷଣ କରୁଥିବା ସମୟରେ ବିସ୍ଫୋରଣ ସହିତ ଜଡ଼ିତ ବିଭିନ୍ନ ପ୍ରକାର ପ୍ରମାଣ ଓ ନମୁନା ପାଇଛି। ଯାହା ତଦନ୍ତରେ ସାହାଯ୍ୟ କରିବ ବୋଲି ଆଶା ରଖାଯାଇଛି। ଘଟଣାସ୍ଥଳରୁ ସଂଗ୍ରହ ହୋଇଥିବା ୪୦ଟି ପ୍ରମାଣ ଓ ନମୁନା ମଧ୍ୟରେ ଯାନବାହାନଗୁଡ଼ିକର କିଛି କ୍ଷତିଗ୍ରସ୍ତ ଅଂଶ ଓ ମଣିଷ ଶରୀର ଅଙ୍ଗ ସାମିଲ ରହିଥିବା ଜଣାପଡ଼ିଛି।

ବିସ୍ଫୋରଣ ପୂର୍ବରୁ ବିଭିନ୍ନ ଛକ ବୁଲିଥିଲା କାର୍

ନୂଆଦିଲ୍ଲୀ,୧୨।୧୧: ଦିଲ୍ଲୀର ଲାଲକିଲ୍ଲାରେ ହୋଇଥିବା ବିସ୍ଫୋରଣର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିଛି। ଯେଉଁଥିରେ ଲାଲକିଲ୍ଲା ନିକଟରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଭୟଙ୍କର ଦୃଶ୍ୟ କଏଦ ହୋଇଛି। ବିସ୍ଫୋରଣ ସମ୍ପର୍କରେ ଏପର୍ଯ୍ୟନ୍ତ ଅନେକ ଖୁଲାସା ହୋଇଛି। ବିସ୍ଫୋରଣର ସିସିଟିଭି ଫୁଟେଜରେ ଜଣେ ସନ୍ଦିଗ୍ଧ ଜୈଶ ଆତଙ୍କବାଦୀ ଉମରର କାର ବିସ୍ଫୋରଣ ହେଉଥିବା ଦେଖିବାକୁ ମିଳିଛି। କାରଟି ବିସ୍ଫୋରଣ ହେବା ପୂର୍ବରୁ ଦିଲ୍ଲୀର ବିଭିନ୍ନ ଛକ ବୁଲିଥିବା ଜଣାପଡ଼ିଛି। ଦିଲ୍ଲୀ ଲାଲକିଲାରେ ଘଟିଥିବା ବିସ୍ଫୋରଣ ଏକ ଆତ୍ମଘାତୀ ବିସ୍ଫୋରଣ ନୁହେଁ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। କାରଣ ଏହା ନିର୍ଦ୍ଦିଷ୍ଟ ସ୍ଥାନକୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇ ନଥିଲା। ଯୋଜନାବଦ୍ଧ ଭାବେ ବିସ୍ଫୋରଣ ଘଟାଇଥିଲେ ଅଧିକ ସଂଖ୍ୟକ ଲୋକ ମୃତ ଓ ଆହତ ହୋଇଥାନ୍ତେ। ଶନିବାର ଓ ରବିବାର ହରିୟାଣାର ଫରିଦାବାଦରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହେବା ପରେ ଦେଶର ବିଭିନ୍ନ ସ୍ଥାନରେ ସୁରକ୍ଷା ଏଜେନ୍ସି ପକ୍ଷରୁ ଯାଞ୍ଚ ଆରମ୍ଭ କରାଯାଇଥିଲା। ଫରିଦାବାଦ, ଉତ୍ତରପ୍ରଦେଶ ସାହରଣପୁର ଓ ଜମ୍ମୁ-କଶ୍ମୀରର ପୁଲୱାମାରୁ ୪ଜଣ ଡାକ୍ତରଙ୍କୁ ୪ଦିନ ମଧ୍ୟରେ ଗିରଫ କରାଯାଇଥିଲା। ସେମାନଙ୍କଠାରୁ ପ୍ରାୟ ୨୯୦୦ କିଲୋ ବିସ୍ଫୋରକ ଓ ଅନେକ ଅସ୍ତ୍ରଶସ୍ତ୍ର ଜବତ କରାଯାଇଥିଲା।

ମିଳିଲା ନାଲି ରଙ୍ଗର ଟେରର କାର୍

ନୂଆଦିଲ୍ଲୀ, ୧୨।୧୧: ଫରିଦାବାଦର ଖାଣ୍ଡାୱାଲି ଗାଁ ଠାବ କରିବାକୁ ସକ୍ଷମ ହୋଇଛି। କାର ଭିତରୁ ଏଯାଏ କୌଣସି ପୁଲିସ୍ ସ୍ପଷ୍ଟ କରିଛି। ତଥାପି ଏହାର ଯାଞ୍ଚ କରାଯାଉଛି। ରଙ୍ଗର ଫୋର୍ଡ ଇକୋ ସ୍ପୋର୍ଟ ଟେରର କାର୍‌କୁ ଠାବ ଠାବ କରିଛି। ଦିଲ୍ଲୀ ବିସ୍ଫୋରଣ ପରେ ଏହି ନାଲି କାର୍‌ର ସୀମାନ୍ତ ଚେକପୋଷ୍ଟରେ ଆଲର୍ଟ ଜାରି କରିଥିଲା। କାରକୁ ଲାଲକିଲ୍ଲା କାର ବିସ୍ଫୋରଣର ସନ୍ଦିଗ୍ଧ ଡାକ୍ତର ଉମର ନବି କେହି ଆକ୍ରମଣ କରିପାରେ ବୋଲି ଆଶଙ୍କା କରି ଦିଲ୍ଲୀ ତଦନ୍ତ ଚାଲିଥିବା ବେଳେ ଜଣାପଡ଼ିଥିଲା ଯେ, ସନ୍ଦିଗ୍ଧ ନାଲି ରଙ୍ଗର କାର ରହିଥିଲା। ହୁଣ୍ଡାଇ କାର ସୋମବାର ପତ୍ତା ମିଳି ନଥିଲା। ନାଲି ରଙ୍ଗର ଫୋର୍ଡ ଇକୋ ସ୍ପୋର୍ଟ ପଞ୍ଜିକରଣ ହୋଇଥିଲା। ୨୦୧୭ ନଭେମ୍ବର ୨୨ରେ ନିକଟରେ ଗାଡ଼ିଟି ପାର୍କିଂ ହୋଇଥିବା ବେଳେ ପୁଲିସ୍ ଏହାକୁ ଠାବ ପ୍ରକାରର ବିସ୍ଫୋରଣ କିମ୍ବା ଆପତ୍ତିଜନକ ଜିନିଷ ମିଳି ନଥିବା ଲାଲକିଲ୍ଲା ବିସ୍ଫୋରଣ ପରେ ଅନ୍ତର୍ଦ୍ଧାନ ହୋଇଯାଇଥିବା ନାଲି କରିଛି ପୁଲିସ। ହରିୟାଣା ପୁଲିସ୍ ଏହି ଗାଡ଼ିକୁ ଫରିଦାବାଦରୁ ପତ୍ତା ମିଳୁ ନଥିବାରୁ ଦିଲ୍ଲୀ ପୁଲିସ୍ ସମସ୍ତ ଥାନା, ପୋଷ୍ଟ ଓ ଠାବ କରିବାକୁ ୫ଟି ସ୍ୱତନ୍ତ୍ର ଟିମ ମଧ୍ୟ ଗଠନ କରାଯାଇଥିଲା। ସହ ଏହି କାର ଜଡ଼ିତ। ତେଣୁ ଏହି କାରକୁ ବ୍ୟବହାର କରି ପୁଣି ପୁଲିସ୍ ଏପରି ପଦକ୍ଷେପ ନେଇଥିଲା। ଲାଲକିଲ୍ଲା ବିସ୍ଫୋରଣର ହମଲାକାରୀ ପାଖରେ ହୁଣ୍ଡାଇ ଆଇ ୨୦ ବ୍ୟତୀତ ଗୋଟିଏ ବିସ୍ଫୋରଣରେ ବ୍ୟବହାର ହୋଇଥିଲା। କିନ୍ତୁ ଇକୋ ସ୍ପୋର୍ଟ କାରରେ ଦିଲ୍ଲୀ ବିସ୍ଫୋରଣର ମୁଖ୍ୟ ସନ୍ଦିଗ୍ଧ ଡାକ୍ତର ଉମର ଉନ ନବି ନାଁରେ ଦିଲ୍ଲୀର ରଜୌରୀ ଗାର୍ଡେନ ଆରଟିଓରେ ପଞ୍ଜିକରଣ ହୋଇଥିଲା।

ଦୀପାବଳିରେ ଆକ୍ରମଣ ପାଇଁ ଥିଲା ମସୁଧା

ଜାନୁଆରୀ ୨୬ ପାଇଁ ଠୁଳ ହେଉଥିଲା ବିସ୍ଫୋରକ

ନୂଆଦିଲ୍ଲୀ, ୧୨।୧୧: ଦିଲ୍ଲୀ ବିସ୍ଫୋରଣକୁ ନେଇ ବଡ଼ ତଥ୍ୟ ସାମ୍ନାକୁ ଆସିଛି। ବିସ୍ଫୋରକ ସହ ଧରା ପଡ଼ିଥିବା ଅଲ ଫଲାହ ବିଶ୍ୱବିଦ୍ୟାଳୟର ଡାକ୍ତର ମୁଜାମିଲ ଜେରା ବେଳେ ସାଙ୍ଘାତିକ ତଥ୍ୟ ଦେଇଛି। ଲାଲକିଲ୍ଲା ବିସ୍ଫୋରଣ ପୂର୍ବରୁ ସେ ଓ ଆତ୍ମଘାତୀ ହମଲା କରିଥିବା ଡାକ୍ତର ଉମର ମହମ୍ମଦ ନବି ବହୁଧଣରେ ହମଲା ପାଇଁ ଯୋଜନା କରିଥିଲେ। ଏଥିପାଇଁ ଉଭୟ ଲାଲକିଲ୍ଲାର ଆଖପାଖ ଅଞ୍ଚଳରେ ରେକି କରିଥିଲେ। ଗିରଫ ହୋଇଥିବା ମୁଜାମିଲକୁ ଘନଘନ ଜେରା କରାଯାଉଛି। ତା' ଫୋନରୁ ଡିଲିଟ ହୋଇ ସାରିଥିବା ତଥ୍ୟକୁ ପୁଲିସ୍ ହାସଲ କରିବାକୁ ସକ୍ଷମ ହୋଇଛି। ଏହି ତଥ୍ୟକୁ ମୁଜାମିଲ ସାମ୍ନାରେ ପୁଲିସ୍ ରଖିବାରୁ ସେ ସତ ଓକାଳିବା ଆରମ୍ଭ କରିଛି। ଜେରା ବେଳେ ମୁଜାମିଲ କହିଛି ଯେ, ଆସନ୍ତାବର୍ଷ ଜାନୁଆରୀ ୨୬ରେ ଆକ୍ରମଣ ପାଇଁ ଯୋଜନା ହୋଇଥିଲା। ଏଥିପାଇଁ ଲାଲକିଲ୍ଲାର ଆଖପାଖ ଅଞ୍ଚଳକୁ ସେହି ଯୋଜନା ଅନୁସାରେ ରେକି କରାଯାଇଥିଲା। ସେହିପରି ଆସନ୍ତା ବର୍ଷ ଜାନୁଆରୀ ୨୬ରେ ସବୁଠାରୁ ବଡ଼ ହମଲା ପାଇଁ ବିସ୍ଫୋରକ ମଧ୍ୟ ଗଚ୍ଛିତ କରି ରଖାଯାଉଥିଲା ବୋଲି ସେ କହିଛି।

ଏହାବାଦ ଦୀପାବଳିରେ ଦିଲ୍ଲୀ ଓ ଏହାର ଆଖପାଖ କୌଣସି ଭିଡ଼ ସ୍ଥାନରେ ମଧ୍ୟ ଆକ୍ରମଣ ପାଇଁ ସେମାନେ ଯୋଜନା କରିଥିଲେ। କିନ୍ତୁ ଦୀପାବଳିରେ ଆକ୍ରମଣ ଯୋଜନାକୁ ପରବର୍ତ୍ତୀ ସମୟରେ ବାତିଲ କରାଯାଇଥିଲା ବୋଲି ମୁଜାମିଲ ପୁଲିସ୍‌କୁ କହିଛି।

ମୁଜାମିଲ ହେଉଛି ଅଲ ଫଲାହ ମେଡିକାଲ କଲେଜର ଜଣେ ବରିଷ୍ଠ ଡାକ୍ତର। ବିସ୍ଫୋରଣର ଦିନକ ପୂର୍ବରୁ ଜମ୍ମୁ-କଶ୍ମୀର ଓ ହରିୟାଣା ପୁଲିସ ଫରିଦାବାଦରେ ଥିବା ମୁଜାମିଲର ୨ଟି ଭଡ଼ା ଘରେ ରେଡ କରିଥିଲା। ଏହି ସମୟରେ ୨୯୦୦ କେଜି ବିସ୍ଫୋରକ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ମିଳିଥିଲା। ଏହାପରେ ପୁଲିସ୍ ମୁଜାମିଲ ଓ ତା' ସହଯୋଗୀ ମହିଳା ଡାକ୍ତର ଶାହିନ ସୟିଦଙ୍କୁ ଗିରଫ କରିଛି। ମହିଳା ଡାକ୍ତର ସୟିଦଙ୍କୁ ଜୈଶର ମହିଳା ସଂଗଠନକୁ ଭାରତରେ ପ୍ରତିଷ୍ଠା ପାଇଁ ଦାୟିତ୍ୱ ଦିଆଯାଇଥିଲା। ଏହାପୂର୍ବରୁ ଏହି ଟେରର ମଡ୍ୟୁଲରେ ଜମ୍ମୁ-କଶ୍ମୀରର ଡାକ୍ତର ଆଦିଲ ମହମ୍ମଦ ରାଥେରକୁ ମଧ୍ୟ ପୁଲିସ୍ ଗିରଫ କରିଥିଲା। ୩ ଜଣ ଗିରଫ ହେବାରୁ ମୁଜାମିଲର ସହଯୋଗୀ ଉମର ମହମ୍ମଦ ନବି ପୂରା ଭୟଭୀତ ହୋଇଯାଇଥିଲା। ସେ ଭୟରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ କାର ବିସ୍ଫୋରଣ କରିଥିଲା।

ବ୍ରିଟେନ ନିଜ ନାଗରିକଙ୍କ ପାଇଁ ଯାତ୍ରା ଆଡଭାଇଜରୀ ଜାରି କଲା

ଭାରତ-ପାକ୍ ସୀମାରୁ ୧୦ କିଲୋମିଟର ଦୂରେଇ ରୁହ

ଲଣ୍ଡନ,୧୨।୧୧: ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା କାର୍ ବିସ୍ଫୋରଣ ପରେ ଅନ୍ୟ ଦେଶର ଦୂତାବାସଗୁଡ଼ିକ ମଧ୍ୟ ସକ୍ରିୟ ହୋଇ ଉଠିଛନ୍ତି। ବ୍ରିଟେନ ନିଜର ନାଗରିକମାନଙ୍କ ପାଇଁ ଏକ ଆଡଭାଇଜରୀ ଜାରି କରିଛି। ଯେଉଁଥିରେ ଭାରତ ଯାତ୍ରା କରିବା ସମୟରେ ନେବାକୁ ଥିବା ଅନେକ ସତର୍କତା ଉଲ୍ଲେଖ କରାଯାଇଛି। ବିଶେଷକରି, ବ୍ରିଟେନ ଏହାର ନାଗରିକମାନଙ୍କୁ ଭାରତ-ପାକିସ୍ତାନ ସୀମାଠାରୁ ୧୦ କିଲୋମିଟର ଦୂରରେ ରହିବାକୁ ପରାମର୍ଶ ଦେଇଛି। ନଭେମ୍ବର ୧୦ ତାରିଖ ସନ୍ଧ୍ୟାରେ ଦିଲ୍ଲୀର ଲାଲକିଲ୍ଲା ନିକଟରେ ଏକ କାର ବୋମା ବିସ୍ଫୋରଣ ଘଟଣାର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି, ବ୍ରିଟେନ ନିଜ ନାଗରିକମାନଙ୍କ ପାଇଁ ଏକ ଯାତ୍ରା ଆଡଭାଇଜରୀ ଜାରି କରିଛି। ନାଗରିକମାନଙ୍କୁ ଯାତ୍ରା ସମୟରେ ଅଧିକ ସତର୍କ ରହିବାକୁ କୁହାଯାଇଛି। ୟୁକେ ସରକାରଙ୍କ ବୈଦେଶିକ, ରାଜ୍ୟଗୋଷ୍ଠୀ ଏବଂ ବିକାଶ କାର୍ଯ୍ୟାଳୟ ନିଜର ନାଗରିକମାନଙ୍କୁ ଭାରତ-ପାକିସ୍ତାନ ସୀମାର ୧୦ କିଲୋମିଟର ମଧ୍ୟରେ ଯାତ୍ରା ନକରିବାକୁ ପରାମର୍ଶ ଦେଇଛି। କାରଣ ଏହି ଅଞ୍ଚଳକୁ ଅସୁରକ୍ଷିତ ବୋଲି ବିବେଚନା କରାଯାଉଛି। ବ୍ରିଟେନ ମଧ୍ୟ ଜମ୍ମୁ ଏବଂ କଶ୍ମୀରର ଅଧିକାଂଶ ଅଞ୍ଚଳକୁ ଯାତ୍ରା ନିଷେଧ କରିଛି। ତଥାପି, ଜମ୍ମୁ ଏବଂ କଶ୍ମୀରକୁ ଯାତ୍ରା କରିବା ପାଇଁ କେବଳ ବିମାନ ଯୋଗେ ଯିବାକୁ ଅନୁମତି ଦିଆଯାଇଛି।

● କିରଣ ବେଦୀଙ୍କ ବଡ଼ ବୟାନ

ପଡ଼ୋଶୀ ଦୁଃଖୀ ଓ ଚିନ୍ତିତ, ତେଣୁ ଏଭଳି ଚାଲିବ

କୋଲକାତା ୧୨।୧୧: ଦିଲ୍ଲୀ ବିସ୍ଫୋରଣ ଓ ନିକଟରେ ଟେରର ମଡ୍ୟୁଲ ନେଇ ହୋଇଥିବା ରହସ୍ୟୋଦଘାଟନକୁ ନେଇ ପୂର୍ବତନ ଆଇପିଏସ ଅଫିସର କିରଣ ବେଦୀ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଏହା ଏବେ ଆମ ଦେଶରୁ ଆଉ ହଟିବନି, କାରଣ ଆମ ପଡୋଶୀ ଦୁଃଖୀ ଓ ଚିନ୍ତିତ, ସେମାନେ ହାରି ଯାଇଛନ୍ତି। ଏଣୁ ପରାଜୟର ଗ୍ଲାନୀ ସେମାନଙ୍କୁ ଏପରି ଗତିବିଧି ଲାଗି ପ୍ରୋତ୍ସାହିତ କରିବ। ଏହି ଗ୍ରୁପରେ ପଇସା ଖେଳ କରୁଛି। ଏମାନେ ଯଦି ଏପରି ଘଟଣା ନ ଘଟାଇବେ ସେମାନଙ୍କୁ ପଇସା ମିଳିବ ନାହିଁ, ଏଣୁ ଏହା ଜାରି ରହିବ। ତେବେ ଆମକୁ ଆମ ପଡୋଶୀ କ'ଣ କରୁଛନ୍ତି ତାଙ୍କ ଗତିବିଧି ଉପରେ ନଜର ରଖିବାକୁ ପଡିବ। ଏତେ ସାମଗ୍ରୀ ସହଜରେ ଏକତ୍ର ହେବନି, ଏହି ଦେଶଦ୍ରୋହୀଙ୍କୁ ଚିହ୍ନଟ କରିବାକୁ ପଡିବ। ସେ କହିଛନ୍ତି ଯେ, ଆମ ଦେଶକୁ ଅଧିକ ସତର୍କ ରହିବାକୁ ପଡିବ ଓ ନିଜକୁ ମୌଳବାଦରୁ ରକ୍ଷା କରିବାକୁ ପଡିବ। ନିଜର ଧର୍ମ ଆତଙ୍କବାଦ ଗତିବିଦ୍ଧି ନୁହେଁ ବରଂ ଭଲ କାମ ଲାଗି ଉପଯୋଗ ହେବା ଦରକାର। ଯେଉଁ ପର୍ଯ୍ୟନ୍ତ ଏହା ସମସ୍ତେ ନ ବୁଝିଛନ୍ତି ଏପରି ଆତଙ୍କବାଦ ଆକ୍ରମଣ ଜାରି ରହିବ। ଏଣୁ ଆମ ଦେଶର ପୁଲିସ ବ୍ୟବସ୍ଥାକୁ ଅଧିକ ମଜଭୁତ କରିବାକୁ ପଡିବ। କାରଣ ମୁଁ ଭାବୁଛି ଗୁଇନ୍ଦା ଓ ପୁଲିସ ଇନଭେଷ୍ଟିଗେସନର ପ୍ରିଭେନସନରେ ବଡ଼ ଭୂମିକା ରହିଛି।

କିରଣ ବେଦୀ କହିଛନ୍ତି ଯେ, ଏବେ କମ୍ୟୁନିଟି ପୋଲିସିଂର ଆବଶ୍ୟକତା ବହୁତ ଅଧିକ। ଆମେକୁ ଆମ ପଡୋଶୀଙ୍କ ଉପରେ ନଜର ରଖିବାକୁ ପଡିବ, ସେମାନେ କଣ କରୁଛନ୍ତି? ଏତେଗୁଡେ ସାମଗ୍ରୀ ଏତେ ସହଜରେ ଠୁଳ ହୋଇ ପାରିବନି। ଗାଁ ମୁଖିଆ ଓ ଘର ମାଲିକଙ୍କୁ ମଧ୍ୟ ପ୍ରଶ୍ନ କରିବାକୁ ପଡିବ, ତୁମେ ଏଠାକୁ ରହିବାକୁ ଆସିଛ ନା ଘରକୁ ଗୋଦାମ କରୁଛ? ଗୋଦାମରେ କଣ ସବୁ ରଖୁଛ? ଯେ ପର୍ଯ୍ୟନ୍ତ ଆମେ ଏପରି ପ୍ରଶ୍ନ କରିପାରିବାନି ଓ ଏହାର ସଠିକ ଉତ୍ତର ଜାଣି ପାରିବାନି ଆମ ଦେଶରେ ଏପରି ଘଟଣା ବଢ଼ିବ। ଏଣୁ ସମୟ ପୂର୍ବରୁ ଆମେ ଏ ସବୁ ଜାଣି ପୁଲିସକୁ ଜଣାଇବା ଆମ ଦେଶରେ ଲୋକଙ୍କ ପ୍ରଥମ କର୍ତ୍ତବ୍ୟ ହେବା ଆବଶ୍ୟକ।

ପୂର୍ବତନ ଆଇପିଏସ ଅଧିକାରୀ କହିଛନ୍ତି ଯେ, ପୋଲିସ ଓ ଗୋଇନ୍ଦା ଏଜେନ୍ସୀ ତାଙ୍କ କାମ କରୁଛନ୍ତି। ତେବେ ଦ୍ୱିତୀୟ ସବୁଠୁ ବଡ଼ କଥା ହେଉଛି ଏପରି ଘଟଣାରେ ସବୁ ରାଜ୍ୟ ମିଳିତ କାମ କରନ୍ତୁ। ଅନ୍ୟପଟେ କମ୍ୟୁନିଟି ପୋଲିସିଂକୁ ମଧ୍ୟ ପ୍ରୋତ୍ସାହନ ଦିଆଯାଉ। ଲୋକେ ନିଜନିଜ ଦାୟିତ୍ୱ ଓ ଦେଶଭକ୍ତି ପରୀକ୍ଷାରେ ଉତୀର୍ଣ୍ଣ ହୁଅନ୍ତୁ। ଏହି ଦେଶଦ୍ରୋହୀଙ୍କୁ ଖୋଜି କାଢ଼ିବା ଏବେ ଆମମାନଙ୍କର ପ୍ରଥମ କର୍ତ୍ତବ୍ୟ। ଏମାନଙ୍କ ଉପରେ ନଜର ରଖିବା ଓ ପୁଲିସକୁ ସଠିକ ସମୟରେ ସୂଚନା ଦେବା ଆମର ପ୍ରଥମ କର୍ତ୍ତବ୍ୟ।

ଫଲୋଦୀ ସଟ୍ଟା ବଜାରର ଦମ୍ଭୋକ୍ତି

ତେଜସ୍ୱୀ ହେବେ ବିହାରର ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ ୧୨।୧୧: ବିହାର ବିଧାନସଭା ନିର୍ବାଚନ ଭୋଟଗଣନା ନଭେମ୍ବର ୧୪ରେ ହେବ। ହେଲେ ଫଳାଫଳକୁ ନେଇ ଏବେଠୁ ଦେଶରେ ହଲଚଲ ଆରମ୍ଭ ହୋଇଗଲାଣି। ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପରେ ରାଜସ୍ଥାନର ପ୍ରସିଦ୍ଧ ଫଲୋଦୀ ସଟ୍ଟା ବଜାର ମୁଡ ବଦଳି ଯାଇଛି। ବିହାର ବିଧାନସଭା ନିର୍ବାଚନ ଫଳାଫଳ ନେଇ ବିଭିନ୍ନ ଏଗଜିଟ୍ ପୋଲ ରିପୋର୍ଟ ଆସି ସାରିଲାଣି। ତେବେ ଫଲୋଦୀ ସଟ୍ଟା ବଜାରରେ ଏବେ ଚମକାଇବା ଭଳି ଦର ଲାଗୁଛି। ଏଠାରେ ନୀତୀଶ ଓ ତେଜସ୍ୱୀ ଉଭୟଙ୍କ ଉପରେ ଏବେ ଲୋକେ ବାଜି ଲଗାଉଛନ୍ତି। ଏଥିରୁ ଦୁଇଜଣଙ୍କ ପାଇଁ ସମ୍ଭାବନା ଥିବା ଦେଖାଯାଉଛି। ବଜାର ଅନୁସାରେ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେବାର ଚାନ୍ସ ନିତିଶଙ୍କ ଠାରୁ ଟିକେ ଅଧିକ ରହୁଛି। ହେଲେ ସିଟ୍ ନେଇ ନୂଆ କିଛି ଅନୁମାନ କରାଯାଇ ନାହିଁ। ଫଲୋଦୀ ସଟ୍ଟାବଜାରରେ ଏନଡିଏ ନିର୍ବାଚନ ଜିତିଲେ ନିତିଶ କୁମାରଙ୍କ ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ୬୦% ରହୁଛି। ତେବେ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେବା ସମ୍ଭାବନା ୯୭% ରହୁଛି। ଏହି ଦୃଷ୍ଟିରୁ ମହାମେଣ୍ଟ ଓ ତେଜସ୍ୱୀ ଯାଦବଙ୍କ ପାଇଁ ଏହା ନିଶ୍ଚିତ ରୂପେ ଖୁସି ଖବର ହୋଇପାରେ। ଫଲୋଦୀ ସଟ୍ଟାବଜାର କଥା କହିଲେ ଗତ କିଛିବର୍ଷ ହେଲା ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ୨୦୧୫ ମସିହାରେ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି ଏପରି ଭୋଟ ପାଇବ ରାଜନୈତିକ ବିଶେଷଜ୍ଞ ମଧ୍ୟ ଅନୁମାନ କରି ପାରିନଥିଲେ। ହେଲେ ଫଲୋଦୀ ସଟ୍ଟାବଜାର ଏହାର ପୂର୍ବାନୁମାନ କରିସାରିଥିଲା। ଗତବର୍ଷ ହୋଇଥିବା ଦିଲ୍ଲୀ ବିଧାନସଭା ନିର୍ବାଚନ ନେଇ ଫଲୋଦୀ ସଟ୍ଟାବଜାରର ପୂର୍ବାନୁମାନ ପାଖାପାଖି ସଠିକ ଥିଲା। ଏଠାରେ ସଟ୍ଟାବଜାର ସମ୍ଭାବନା ଆଧାରରେ ଖେଳିଥାଏ। ତେବେ ନିର୍ବାଚନ ଫଳାଫଳ ଭୋଟ ଆଧାରରେ ହୋଇଥାଏ।

ବିଦେଶୀ ଛାତ୍ରଙ୍କୁ ରୋକି ହେବନି: ଟ୍ରମ୍ପ

ବନ୍ଦ ହୋଇଯିବ ଅନେକ ଆମେରିକୀୟ ବିଶ୍ୱବିଦ୍ୟାଳୟ



ନୂଆଦିଲ୍ଲୀ ୧୨।୧୧: ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଦେଶୀ ଛାତ୍ରମାନଙ୍କୁ ଆମେରିକାରେ ପଢ଼ିବାକୁ ଅନୁମତି ଦେବା ପାଇଁ ସମର୍ଥନ କରିଛନ୍ତି। ସେ କହିଛନ୍ତି ଯେ, ଏହା କେବଳ ଦେଶର ଶିକ୍ଷା ବ୍ୟବସ୍ଥାକୁ ମଜବୁତ କରେ ନାହିଁ ବରଂ ଆର୍ଥିକ ଦୃଷ୍ଟିରୁ ମଧ୍ୟ ଲାଭଦାୟକ। ଯଦି ବିଦେଶୀ ଛାତ୍ରଙ୍କ ନାମଲେଖା ହ୍ରାସ କରାଯାଏ, ତେବେ ଅନେକ ଆମେରିକୀୟ ବିଶ୍ୱବିଦ୍ୟାଳୟ ବନ୍ଦ ହୋଇଯିବେ। ଏନେଇ ଟ୍ରମ୍ପ୍ କହିଛନ୍ତି, ଯଦି ଆପଣ ବିଶ୍ୱର ଅଧା ଛାତ୍ରଙ୍କୁ ନିଷିଦ୍ଧ କରନ୍ତି, ତେବେ ଆମର କଲେଜ ଏବଂ ବିଶ୍ୱବିଦ୍ୟାଳୟ ଗୁଡ଼ିକ ଧ୍ୱଂସ ହୋଇଯିବେ। ମୁଁ ତାହା କରିବାକୁ ଚାହୁଁନାହିଁ। ବିଦେଶୀ ଦେଶରୁ ଛାତ୍ର ରହିବା ଭଲ କାରଣ ଆମକୁ ବିଶ୍ୱ ସହିତ ତାଳ ଦେଇ ଚାଲିବାକୁ ପଡିବ।" ସେ ଦାବି କରିଛନ୍ତି ଯେ, ଚୀନ୍ ଏବଂ ଅନ୍ୟ ଦେଶରୁ ଛାତ୍ରଙ୍କ ସଂଖ୍ୟା ହ୍ରାସ କରିବା ଦ୍ୱାରା ଆମେରିକୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଅଧା ବନ୍ଦ ହୋଇପାରେ। ଟ୍ରମ୍ପଙ୍କ ଅନୁଯାୟୀ, ବିଦେଶୀ ଛାତ୍ରମାନେ ଆମେରିକାର ଅର୍ଥନୀତିରେ ଟ୍ରିଲିୟନ ଡଲାର ଯୋଗଦାନ କରନ୍ତି ଏବଂ ଘରୋଇ ଛାତ୍ରଙ୍କ ତୁଳନାରେ ଦୁଇଗୁଣ ଫି ଦିଅନ୍ତି। ସେ କହିଛନ୍ତି, ମୁଁ ଆମର ଶିକ୍ଷା ବ୍ୟବସ୍ଥାକୁ ଉନ୍ନତି ହେଉଥିବା ଦେଖିବାକୁ ଚାହୁଁଛି। ଏହା କେବଳ ଛାତ୍ରମାନଙ୍କୁ ଆକର୍ଷିତ କରିବା ବିଷୟରେ ନୁହେଁ, ଏହା ଏକ ବ୍ୟବସାୟିକ ମଡେଲ୍। ତଥାପି, ଏହି ବିବୃତ୍ତି ଏପରି ସମୟରେ ଆସିଛି ଯେତେବେଳେ ଟ୍ରମ୍ପ୍ ପ୍ରଶାସନ ଅନ୍ତର୍ଜାତୀୟ ଛାତ୍ରମାନଙ୍କ ପାଇଁ ଭିସା ନିୟମ କଡ଼ାକଡ଼ି କରିଛି। ହଜାର ହଜାର ଭିସା ବାତିଲ କରାଯାଇଛି, ଏବଂ କିଛି ବିଦେଶୀ ଛାତ୍ରଙ୍କୁ ପାଲେଷ୍ଟାଇନ ସମର୍ଥକ କାର୍ଯ୍ୟକଳାପ ପାଇଁ ଗିରଫ କରାଯାଇଛି କିମ୍ବା ନିର୍ବାସିତ କରାଯାଇଛି।

ପୂର୍ବୋତ୍ତର ରାଜ୍ୟ ପାଇଁ ନୂଆ ସେନା ଷ୍ଟେସନ

● ବାଂଲାଦେଶ ସୀମାରୁ ୪୦ କିମି ଦୂର ଆସାମରେ ନିର୍ମାଣ ଚାଲିଛି

ନୂଆଦିଲ୍ଲୀ,୧୨।୧୧: ବାଂଲାଦେଶର ପାକିସ୍ତାନ ଓ ଚୀନ ସହ ବଢ଼ୁଥିବା ଘନିଷ୍ଠତାକୁ ଭାରତର ପୂର୍ବୋତ୍ତର ସୁରକ୍ଷା ପାଇଁ ଆହ୍ୱାନ ହୋଇପାରେ। ଏହାର ମୁକିବାଲ ପାଇଁ ଭାରତୀୟ ସେନା ବଡ଼ ରଣନୀତିରେ କାମ କରୁଛି। ଆସାମର ଧୁବରୀ ଜିଲ୍ଲାର ବମୁନିଗାଁରେ ଭାରତୀୟ ସେନା ଲାଚିତ ବୋରଫୁକନ ମିଲିଟାରୀ ଷ୍ଟେସନ୍ ନିର୍ମାଣ କରୁଛି। ଏହା ବାଂଲାଦେଶ ସୀମାଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ରହିଛି। ଏହା ପଶ୍ଚିମ ଆସମର ପ୍ରଥମ ଏପରି ଷ୍ଟେସନ ହେବ, ଯିଏ ସୀମା ସୁରକ୍ଷା ଓ ଗୁଇନ୍ଦା ସୂଚନା ଏକାଠି କରିବାରେ ସେନାକୁ ସାହାଯ୍ୟ କରିବ। ପୂର୍ବ କମାଣ୍ଡର ଜେନେରାଲ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଲେଫ୍ଟନାଣ୍ଟ ଜେନେରାଲ୍ ଆରସି ତିୱାରୀ ନିକଟରେ ଫରୱାର୍ଡ ପୋଷ୍ଟ ଗସ୍ତ ବେଳେ ଏହି ସେନା ଷ୍ଟେସନର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ପୂର୍ବତନ ସେନା ଅଧିକାରୀ କହିଛନ୍ତି, ବାଂଲାଦେଶରେ ବର୍ତ୍ତମାନର ରାଜନୀତିକ ସ୍ଥିତିକୁ ଦେଖି ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଅଟେ। ପ୍ରଥମେ ସବୁଠୁ ନିକଟତର ସୈନ୍ୟ କ୍ୟାମ୍ପ କୁଚବିହାର (ପଶ୍ଚିମବଙ୍ଗ) ଓ ତମୁଲପୁର (ଆସମ)ରେ ଥିଲା। ଏବେ ଧୁବରୀରେ ନୂଆ ଷ୍ଟେସନ ନିର୍ମାଣ ହେବା ପରେ ହ୍ୟୁମନ ଓ ସିଗନଲ୍ ଇଣ୍ଟେଲିଜେନ୍ସି ଉଭୟକୁ ମଜଭୂତି ମିଳିବ। ଅନ୍ୟପଟେ ସେନାର ମୁଖପାତ୍ର ଲେଫ୍ଟନାଣ୍ଟ କର୍ଣ୍ଣେଲ ମହେନ୍ଦ୍ର ରାୱତ କହିଛନ୍ତି ଯେ , ଏହି ଷ୍ଟେସନ କ୍ଷେତ୍ରରେ ସେନାର ସଂଚାଳନ କ୍ଷମତା ଓ ଭିତ୍ତିଭୂମିକୁ ମଜଭୁତ କରିବ। ସେ କହିଛନ୍ତି, ଏହାଦ୍ୱାରା ଅଞ୍ଚଳରେ ନରୀକ୍ଷିଣ ସହଜ ହେବ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୁରକ୍ଷା ଭାବନା ମଧ୍ୟ ବଢ଼ିବ।

ଜଣେ ସେନା ଅଧିକାରୀ କହିଛନ୍ତି ଯେ ଏହି ନୂତନ ଷ୍ଟେସନ ତେଜପୁରରେ ଅବସ୍ଥିତ ଚତୁର୍ଥ କୋର୍ପସ ଅଧୀନରେ ରହିବ ଏବଂ ଏଥିରେ ପ୍ରାୟ ୧୨୦୦ରୁ ୧୫୦ ସୈନିକ ରହିବେ। ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରି-ଫାବ୍ରିକେଟେଡ୍ କୁଡ଼ିଆ ନିର୍ମାଣ କରାଯାଉଛି। ଆସାମ ସରକାର ଏହି ପ୍ରକଳ୍ପ ପାଇଁ ଜମିକୁ ମାତ୍ର ମାସେରୁ ଦୁଇ ମାସ ମଧ୍ୟରେ ସେନାକୁ ହସ୍ତାନ୍ତର କରିଛନ୍ତି। ଏହି ଷ୍ଟେସନରେ ଏକ ପାରା-କମାଣ୍ଡୋ ୟୁନିଟ୍ ମଧ୍ୟ ନିୟୋଜିତ କରାଯିବ। ଲେଫ୍ଟନାଣ୍ଟ କର୍ଣ୍ଣେଲ ରାୱତ କହିଛନ୍ତି, ଲଚିତ ବୋରଫୁକନ ସାମରିକ ଷ୍ଟେସନ ସଶସ୍ତ୍ର ବାହିନୀ ଏବଂ ରାଜ୍ୟ ପ୍ରଶାସନ ମଧ୍ୟରେ ସମନ୍ୱୟର ପ୍ରତୀକ। ଏହା ଜାତୀୟ ସୁରକ୍ଷା ଏବଂ ଆଞ୍ଚଳିକ ବିକାଶ ପାଇଁ ଏକ ସହଭାଗୀ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ।

ଦିଲ୍ଲୀ ବିସ୍ଫୋରଣରେ ଓଡ଼ିଶା ଲିଙ୍କ୍

● ଜେରା ବେଳେ ସାମ୍ନାକୁ ଆସିଲା ସାଙ୍ଘାତିକ ତଥ୍ୟ

ନୂଆଦିଲ୍ଲୀ,୧୨।୧୧: ଦିଲ୍ଲୀ ବିସ୍ଫୋରଣ ଘଟଣାରେ ସାମ୍ନାକୁ ଆସିଲା ବଡ଼ ତଥ୍ୟ। ଦିଲ୍ଲୀରେ ଘଟିଥିବା ଭୟଙ୍କର ବିସ୍ଫୋରଣ ପଛରେ ଓଡ଼ିଶାର ଲିଙ୍କ୍ ଥିବା ସୂଚନା ମିଳିଛି। ଓଡ଼ିଶାରେ ଆତଙ୍କୀ ମୁଜାମିଲ୍ ସକିଲର ସମ୍ପର୍କ ରହିଛି। ଏନେଇ ଅଟକ ଥିବା ଜମାତିଙ୍କୁ ଜେରା ବେଳେ ସୂଚନା ମିଳିଛି। ମୁଜାମିଲର ହ୍ୱାଟ୍ସଆପରେ ଓଡ଼ିଶାର ଲିଙ୍କ୍ ଆସିଥିଲା। ଆଉ ଏହାସହିତ ଏହି ଘଟଣାରେ ଜମ୍ମୁ, ହରିୟାଣା, ତାମିଲନାଡୁରେ ବି ଲିଙ୍କ ରହିଛି ବୋଲି କୁହାଯାଉଛି। ଅନ୍ୟପଟେ ବି ଦିଲ୍ଲୀ ବିସ୍ଫୋରଣର ଆଉ ଏକ ଲୋମଟାଙ୍କୁରା ଭିଡିଓ ଏବେ ସାମ୍ନାକୁ ଆସିଛି। ସନ୍ଧ୍ୟାର ଟ୍ରାଫିକ୍ ଭିଡ଼, ଧୀରେ ଧୀରେ ଗାଡ଼ି ଯାଉଥିବା ବେଳେ ବଡ଼ ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ବେଳର ଆଉ ଏକ ସିସିଟିଭି ଦୃଶ୍ୟରେ ଏଭଳି କିଛି ଦେଖିବାକୁ ମିଳିଛି। ୧୫ ସେକେଣ୍ଡର ଏହି ଭିଡିଓରେ ଲାଲ କିଲ୍ଲା ମେଟ୍ରୋ ନିକଟର ବୋଲି ଜଣାପଡ଼ିଛି। ଯେଉଁଠି ଟ୍ରାଫିକ୍‌ରେ ଏକାଧିକ କାର ଧୀରେ ଧୀରେ ଆଗକୁ ବଢୁଥିବା ବେଳେ ହଠାତ୍ ବଡ଼ ବିସ୍ଫୋରଣ ହେଉଥିବା ଦେଖିବାକୁ ମିଳିଛି। ଏହି ବିସ୍ଫୋରଣ ଫରିଦାବାଦରେ ୨,୯୦୦ କେଜିର ବିସ୍ଫୋରକ ସାମଗ୍ରୀ ଜବତ ହେବାର ମାତ୍ର କିଛି ଘଣ୍ଟା ପରେ ଘଟିଛି। ବିସ୍ଫୋରଣ ହୋଇଥିବା ଧଳା ହ୍ୟୁଣ୍ଡାଇ କାର୍ ସହ ଆତଙ୍କୀ ଉମର ଦିଲ୍ଲୀର ବିଭିନ୍ନ ସ୍ଥାନରେ ବୁଲୁ ଥିବାର ଦେଖିବାକୁ ମିଳିଛି। ବିସ୍ଫୋରଣର କିଛିଦିନ ପୂର୍ବରୁ ଦିଲ୍ଲୀ କନୌଟ ପ୍ଲେସ୍, ମୟୂର ବିହାର ଅଞ୍ଚଳରେ ବୁଲୁଥିବାର ତଥ୍ୟ ତଦନ୍ତକାରୀ ସଂସ୍ଥାକୁ ହସ୍ତଗତ ହୋଇଛି।

ହସ୍ପିଟାଲରେ ଅଭିନେତା ଗୋବିନ୍ଦା

ମୁମ୍ବାଇ, ୧୨।୧୧: ହସ୍ପିଟାଲରେ ବଲିଉଡ ଅଭିନେତା ଗୋବିନ୍ଦା। ମଙ୍ଗଳବାର ରାତିରେ ମୁମ୍ବାଇ ସ୍ଥିତ ଘରେ ଥିବା ବେଳେ ହଠାତ୍ ଚେତା ହରାଇଥିଲେ ଗୋବିନ୍ଦା। ଏଥିପାଇଁ ତାଙ୍କ ଜୁହୁ ଉପକଣ୍ଠରେ ଥିବା କ୍ରିଟିକେୟାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୬୧ ବର୍ଷୀୟ ଗୋବିନ୍ଦା ଘରେ ଥିବା ବେଳେ କୌଣସି କାରଣରୁ ଚେତା ହରାଇଥିବା ତାଙ୍କ ବନ୍ଧୁ ତଥା ଆଇନଗତ ପରାମର୍ଶଦାତା ଲଳିତ ବିନ୍ଦଲ ନିଶ୍ଚିତ କରିଛନ୍ତି। ତାଙ୍କ କହିବା କଥା ଯେ, ଗୋବିନ୍ଦା ଅଚେତ ହୋଇପଡ଼ିବାରୁ ସମସ୍ତେ ଡରି ଯାଇଥିଲେ। ତୁରନ୍ତ ଜଣେ ଡାକ୍ତରଙ୍କୁ ଫୋନ କରାଯାଇଥିଲା। ତାଙ୍କ ପରମର୍ଶକ୍ରମେ ଗୋବିନ୍ଦାଙ୍କୁ କିଛି ମେଡିସିନ ଘରେ ହିଁ ଦିଆଯାଇଥିଲା। ଏହାପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ରାତି ପ୍ରାୟ ୧ଟା ବେଳେ ସେ ହସ୍ପିଟାଲରେ ଆଡମିଟ ହୋଇଛନ୍ତି। ହସ୍ପିଟାଲରେ ଗୋବିନ୍ଦାଙ୍କ ଏକାଧିକ ଟେଷ୍ଟ ହୋଇଛି ଓ ଏହାର ରିପୋର୍ଟକୁ ଅପେକ୍ଷା କରାଯାଇଥିବା ସେ କହିଛନ୍ତି।

ବୀରୁଦାଦା ହସ୍ପିଟାଲରୁ ଡିସଚାର୍ଜ



ମୁମ୍ବାଇ,୧୨।୧୧: ଧର୍ମେନ୍ଦ୍ରଙ୍କୁ ମୁମ୍ବାଇର ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରୁ ଡିସଚାର୍ଜ କରାଯାଇଛି। ଜୀବନ ପାଇଁ ଦୀର୍ଘ ସଂଘର୍ଷ ପରେ ବୀରୁଦାଦା ଘରକୁ ଫେରିଛନ୍ତି। ଖବର ଅନୁଯାୟୀ, ଧର୍ମେନ୍ଦ୍ରଙ୍କ ପରିବାର ତାଙ୍କୁ ହସ୍ପିଟାଲରୁ ଘରକୁ ନେବାକୁ ନିଷ୍ପତ୍ତି ନେଇଛନ୍ତି। ବ୍ରିଚ୍ କ୍ୟାଣ୍ଡିର ଡାକ୍ତରମାନେ ଅଭିନେତାଙ୍କୁ ଡିସଚାର୍ଜ କରିବାକୁ ପରାମର୍ଶ ଦେଇଛନ୍ତି। ହସ୍ପିଟାଲ ବାହାରର ଏକ ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ବୁଧବାର ସକାଳେ ବ୍ରିଚ୍ କ୍ୟାଣ୍ଡିରେ ଡାକ୍ତରମାନେ ଧର୍ମେନ୍ଦ୍ରଙ୍କୁ ଡିସଚାର୍ଜ କରିଥିଲେ। ଅଭିନେତାଙ୍କ ପରିବାର ଡାକ୍ତରଙ୍କ ପରାମର୍ଶ ପାଳନ କରି ତାଙ୍କୁ ଘରକୁ ନେବାକୁ ନିଷ୍ପତ୍ତି ନେଇଥିଲେ। ତା'ପରେ ତାଙ୍କୁ ଆମ୍ବୁଲାନ୍ସରେ ଘରକୁ ନିଆଯାଇଛି। ତାଙ୍କ ଚିକିତ୍ସା କରୁଥିବା ଡାକ୍ତର ଏହି ସୂଚନା ପ୍ରଦାନ କରିଛନ୍ତି। ୮୯ ବର୍ଷୀୟ ଧର୍ମେନ୍ଦ୍ର ଶେଷରେ ଜୀବନ ଯୁଦ୍ଧ ଜିତି ଘରକୁ ଫେରିଛନ୍ତି। ହସ୍ପିଟାଲରୁ ଡିସଚାର୍ଜ ହେବା ପରେ ପୁଅ ବବି ଦେଓଲଙ୍କ ସହ ଏକ ଆମ୍ବୁଲାନ୍ସରେ ଯାଉଥିବାର ଦେଖାଯାଇଥିଲା।

ୟୁପିରେ 'ଜିରୋ ପଭର୍ଟି' ଅଭିଯାନ

ଲକ୍ଷ୍ନୌ ୧୨।୧୧: ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ସରକାର ଉତ୍ତରପ୍ରଦେଶ (ୟୁପି)କୁ 'ଗରିବ ମୁକ୍ତ' କରିବା ପାଇଁ ବଡ଼ ପଦକ୍ଷେପ ନେଇଛନ୍ତି। 'ଜିରୋ ପଭର୍ଟି' ଅଭିଯାନକୁ ମିସନ ମୋଡରେ ଚଳାଇବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି। ଏଥିରେ ମୁଖ୍ୟମନ୍ତ୍ରୀ କୌଣସି ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେ ନେଇ ଅଧିକାରୀଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅଭିଯାନର ପ୍ରଥମ ପର୍ଯ୍ୟାୟ ପ୍ରାଥମିକତା ଥିବା ୭ ଯୋଜନାରୁ ଆରମ୍ଭ ହେବ। ଏହା ରାସନ କାର୍ଡ, ଦିବ୍ୟାଙ୍ଗ ପେନସନ, ବିଧବା ପେନସନ, ବୃଦ୍ଧାବସ୍ଥା ପେନସନ, ପିଏମ କିସାନ ସମ୍ମାନ ନିଧି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରୁ ଆରମ୍ଭ କରାଯିବ। ମୁଖ୍ୟମନ୍ତ୍ରୀ ଯୋଗୀ ନଭେମ୍ବର ୧୫ ତାରିଖ ସୁଦ୍ଧା ପ୍ରଥମ ପର୍ଯ୍ୟାୟର ସବୁ ଯୋଜନା ଯେପରି ଆରମ୍ଭ ହୋଇଯାଏ ସେ ନେଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ଥିବା ଯୋଜନାର ସତ୍ୟାପନ ପ୍ରକ୍ରିୟା ନଭେମ୍ବର ୩୦ ତାରିଖ ସୁଦ୍ଧା ଯେପରି ହେଲେ ସମ୍ପନ୍ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକ ମାସ ମଧ୍ୟରେ ସ୍ୱତନ୍ତ୍ର ଅଭିଯାନ ଚଳାଇ ଯୋଗ୍ୟ ହିତାଧିକାରୀଙ୍କ ଚିହ୍ନଟ କରାଯିବ। ଏଥିରେ ଯେଉଁମାନେ କୌଣସି କାରଣଯୋଗୁ ପୂର୍ବରୁ ଏହି ଯୋଜନାରୁ ବଞ୍ଚିତ ଥିଲେ ସେମାନଙ୍କୁ ଯୋଜନା ଅନ୍ତର୍ଗତ କରାଯିବ। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଭାବେ କହିଛନ୍ତି ଯେ ପ୍ରତ୍ୟେକ ଯୋଗ୍ୟ ପରିବାରଙ୍କୁ ସରକାରୀ ଯୋଜନାର ଲାଭ ଦିଆଯିବା 'ଜିରୋ ପଭର୍ଟି' ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

କୃଷ୍ଣନଗର କାଣ୍ଡର ୭୮ ଦିନ ପରେ ଚାର୍ଜସିଟ୍ ଦାଖଲ

କୋଲକାତା,୧୨।୧୧(ସଂଚାର ବ୍ୟୁରୋ): କୃଷ୍ଣନଗରରେ ଜଣେ ସ୍କୁଲ ଛାତ୍ରୀଙ୍କ ଘରେ ପଶି ଗୁଳିକରି ହତ୍ୟା କରିବା ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ତଥ ପ୍ରେମିକ ଦେଶରାଜ ସିଂହ ଏବଂ ତାଙ୍କ ଦୁଇ ସମ୍ପର୍କୀୟଙ୍କ ବିରୁଦ୍ଧରେ ଚାର୍ଜସିଟ୍ ଦାଖଲ କରିଛି। ଘଟଣାର ୭୮ ଦିନ ପରେ ମଙ୍ଗଳବାର କୃଷ୍ଣନଗର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ କୋର୍ଟରେ ଏହି ଚାର୍ଜସିଟ୍ ଦାଖଲ କରାଯାଇଛି। ୩୦୦ ପୃଷ୍ଠାର ଏହି ଚାର୍ଜସିଟ୍‌ରେ ଦେଶରାଜ, ତାଙ୍କ ବାପା ରାଘବେନ୍ଦ୍ର ପ୍ରତାପ ସିଂହ ଏବଂ କକା କୁଳଦୀପ ସିଂହଙ୍କ ବିରୁଦ୍ଧରେ ହତ୍ୟା, ପ୍ରମାଣ ନଷ୍ଟ, ସଂଗଠିତ ଅପରାଧ ଏବଂ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଅନ୍ୟାନ୍ୟ ଅଭିଯୋଗ କରାଯାଇଛି। ମୃତ ଛାତ୍ରୀଙ୍କ ପରିବାର ଅଭିଯୁକ୍ତଙ୍କ ପାଇଁ ଦୃଷ୍ଟାନ୍ତମୂଳକ ଦଣ୍ଡ ଦାବି କରିଛନ୍ତି।

ଦେଶରାଜଙ୍କ ବିରୁଦ୍ଧରେ ହତ୍ୟା, ପ୍ରମାଣ ନଷ୍ଟ ଅଭିଯୋଗ ଆଣିଲା ପୁଲିସ

ଚଳିତ ବର୍ଷ ଅଗଷ୍ଟ ୨୫ ତାରିଖରେ, ଉତ୍ତର ପ୍ରଦେଶର ପ୍ରକୃତ ବାସିନ୍ଦା କାଞ୍ଚରାପଡାର ବାସିନ୍ଦା ଦେଶରାଜ କୃଷ୍ଣନଗର ମହିଳା କଲେଜ ନିକଟରେ ଥିବା ଏକ ଘରେ ପ୍ରବେଶ କରି ତାଙ୍କ ପୂର୍ବତନ ପ୍ରେମିକା ଈଶିତା ମଲ୍ଲିକ, ଯିଏକି ଜଣେ ହାଇସ୍କୁଲ ଛାତ୍ରୀ ଥିଲେ, ତାଙ୍କୁ ଅତି ନିକଟରୁ ଗୁଳି କରିଥିଲେ। ଘଟଣାର ୭୮ ଦିନ ପରେ ପୋଲିସ ଚାର୍ଜସିଟ୍ ଦାଖଲ କରିଛି।

ସିଲିଣ୍ଡର ବିସ୍ଫୋରଣରେ ୬ ଜୀବନ୍ତ ଦଗ୍ଧ

କୋଲକାତା,୧୨।୧୧(ସଂଚାର ବ୍ୟୁରୋ): ରାନ୍ଧିବା ସମୟରେ ହଠାତ୍ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଛି। ଦାଉ ଦାଉ ହୋଇ ଜଳିଗଲା ଘର। ଏଥିସହ ଏହି ବିସ୍ଫୋରଣରେ ଜଣେ ଶିଶୁ ସମେତ

ମୋଟ ୬ ଜଣ ଲୋକ ଜୀବନ୍ତ ଭସ୍ମ ହୋଇଯାଇଛନ୍ତି। ଆହତମାନଙ୍କୁ ମୁର୍ଶିଦାବାଦ ମେଡିକାଲ କଲେଜକୁ ପଠାଯାଇଛି। ଖବର ଅନୁଯାୟୀ, ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ମୁର୍ଶିଦାବାଦର କାନ୍ଦି ଥାନା ଅନ୍ତର୍ଗତ ରାମେଶ୍ୱରପୁରର ବାସିନ୍ଦା ଡାଲିମ୍ ଶେଖ୍, ତାଙ୍କ ସ୍ତ୍ରୀ ଏବଂ ପିଲାମାନଙ୍କ ସହ ସେହି ଘରେ ରହୁଥିଲେ। ରଜିଆ ବିବି ରୋଷେଇ କରୁଥିବା ସମୟରେ ହଠାତ୍ ସିଲିଣ୍ଡର୍ ଫାଟିଥିଲା। ତୁରନ୍ତ ପଡ଼ୋଶୀ ଥାନା ଏବଂ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଫସିଥିବା ଲୋକଙ୍କୁ ଉଦ୍ଧାର କରିଥିଲା। ୬ ଜଣଙ୍କୁ ମୁର୍ଶିଦାବାଦ ମେଡିକାଲ କଲେଜକୁ ପଠାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

୨୦ ହଜାର ଜିଲେଟିନ୍ ଷ୍ଟିକ୍ ଉଦ୍ଧାର

କୋଲକାତା,୧୨।୧୧(ସଂଚାର ବ୍ୟୁରୋ): ଦିଲ୍ଲୀ ବିସ୍ଫୋରଣ ପରେ ସାରା ବଙ୍ଗଳାରେ ରେଡ୍ ଆଲର୍ଟ ଜାରି କରାଯାଇଛି। ରାଜ୍ୟର ସମସ୍ତ ଥାନାକୁ ସତର୍କ କରାଯାଇଛି। ଚଢ଼ାଉ ଏବଂ ନଜରଦାରୀ ଆହୁରି ତୀବ୍ର କରିବାକୁ କୁହାଯାଇଛି। ମଙ୍ଗଳବାର ରାତିରେ ଚଢ଼ାଉ ସମୟରେ ବୀରଭୂମ ପୁଲିସ ଝାଡ଼ଖଣ୍ଡରୁ ଆସୁଥିବା ବିସ୍ଫୋରକ ଭର୍ତ୍ତି ଏକ ଗାଡି ଜବତ କରିଥିଲା। ପ୍ରାୟ ୨୦ ହଜାର ଜିଲେଟିନ୍ ଷ୍ଟିକ୍ ଉଦ୍ଧାର କରାଯାଇଛି। ବୀରଭୂମ ଜିଲ୍ଲାର ନଲହାଟି ଥାନା ଅନ୍ତର୍ଗତ ସୁଲତାନପୁର-ନଲହାଟି ରାସ୍ତାରେ ଚଢ଼ାଉ ସମୟରେ ଏହି ବିପୁଳ ପରିମାଣର ବିସ୍ଫୋରକ ଜବତ କରାଯାଇଛି। ଏହି ଘଟଣାରେ ପୁଲିସ ଇତିମଧ୍ୟରେ ଜଣଙ୍କୁ ଗିରଫ କରିଛି। ସେହିପରି ମଙ୍ଗଳବାର ରାତିରେ, ପୁଲିସ ଅଧିକାରୀମାନେ ନଲହାଟି ଥାନା ଅନ୍ତର୍ଗତ ସୁଲତାନପୁର-ନଲହାଟି ରୋଡରେ ତଲାସୀ କରୁଥିଲେ। ସେହି ସମୟରେ, ପୁଲିସ ଝାଡ଼ଖଣ୍ଡର ପାକୁର ଦିଗରୁ ଆସୁଥିବା ଏକ ଗାଡିକୁ ଅଟକାଇଥିଲା। ଯାଞ୍ଚ ପରେ ସେଥିରୁ ୫୦ ଜିଲେଟିନ୍ ଷ୍ଟିକ୍ ଭର୍ତ୍ତି ବସ୍ତା ମିଳିଥିଲା।

● ଓଡ଼ିଶା ଏସ୍‌ଆଇ ପରୀକ୍ଷା ଦୁର୍ନୀତି

ଶଙ୍କର ସହଯୋଗୀ ସାଗର ଗିରଫ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ପୁଲିସ୍ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀରେ ଆଜି କ୍ରାଇମ୍ ବ୍ରାଞ୍ଚ୍ ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିର ଘନିଷ୍ଠ ସହଯୋଗୀ ସାଗର କୁମାର ଗୌଡ଼ାକୁ ଗିରଫ କରିଛି। ୨୨ ବର୍ଷୀୟ ଗୌଡ଼ା ଗଞ୍ଜାମ ଜିଲ୍ଲାର ବାଲିପଡ଼ା ଅଞ୍ଚଳର ବାସିନ୍ଦା ଓ ସେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ୍ କଲେଜ କ୍ୟାମ୍ପସରେ ରହୁଥିଲା। କ୍ରାଇମବ୍ରାଞ୍ଚର ସୂଚନାନୁଯାୟୀ, ଗୌଡ଼ା କମ୍ବାଇନ୍‌ଡ ପୁଲିସ ସର୍ଭିସ୍ ପରୀକ୍ଷା (ସିପିଏସ୍‌ଇ)-୨୦୨୪ ସହ ଜଡ଼ିତ ଏହି ଠକେଇ ଯୋଜନାକୁ କାର୍ଯ୍ୟକାରୀ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା। ସେ ଶଙ୍କର ନିର୍ଦ୍ଦେଶରେ ସାଙ୍ଗଠନିକ ଷଡ଼ଯନ୍ତ୍ରର କେନ୍ଦ୍ର ମଧ୍ୟରୁ ଅନ୍ୟତମ 'ବାଲେଶ୍ୱର ମଡ୍ୟୁଲ୍' ଅଧୀନରେ କାର୍ଯ୍ୟକଳାପର ତଦାରଖ କରୁଥିଲା। ଏହି ନକଲି ନେଟୱାର୍କ ପାଇଁ ଲଜିଷ୍ଟିକାଲ୍ ଓ ଗ୍ରାଉଣ୍ଡ ବ୍ୟବସ୍ଥାକୁ ମଧ୍ୟ ସେ ପରିଚାଳନା କରୁଥିଲା। ସେ ସିଧାସଳଖ ଶଙ୍କର ପୃଷ୍ଟି ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଥିଲା। ଏହି ମାମଲାରେ ମୋଟ ଗିରଫଦାରୀ ସଂଖ୍ୟା ୧୨୬ରେ ପହଞ୍ଚିଛି।

ବିଏଲ୍‌ଏମାନଙ୍କ ପାଇଁ ସୁରକ୍ଷା ଦାବି କଲା ବିଜେପି

କମିଶନରେ ଏସ୍‌ଆଇଆର୍ ସମ୍ପର୍କରେ ୬୫ଟି ଅଭିଯୋଗ ଦାଖଲ କଲେ ଶୁଭେନ୍ଦୁ



କୋଲକାତା,୧୨।୧୧(ସଂଚାର ବ୍ୟୁରୋ): ବିଜେପି ଏସ୍‌ଆଇଆର୍ ସମ୍ପର୍କିତ ୬୫ଟି ଅଭିଯୋଗ ନେଇ କମିଶନଙ୍କ ଦ୍ୱାରସ୍ଥ ହୋଇଛି। ଶୁଭେନ୍ଦୁ ଅଧିକାରୀ ବିଜେପିର ବିଏଲ୍‌ଏ-୨ ସଦସ୍ୟମାନଙ୍କ ବିମା ଫର୍ମ ବଣ୍ଟନ ଏବଂ ମାଡ଼ ଖାଇବାର ଅଭିଯୋଗ ଉଠାଇଛନ୍ତି। ଶୁଭେନ୍ଦୁ ଆହୁରି ଅଭିଯୋଗ କରିଛନ୍ତି ଯେ ଥାନାରେ ଏଫ୍‌ଆଇଆର୍ ଦାୟର ହୋଇଥିଲେ ମଧ୍ୟ ସେମାନେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାଁନ୍ତି। ବଙ୍ଗଳାରେ ଭୋଟର ତାଲିକାରେ ବିଶେଷ ସଘନ ସଂଶୋଧନ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଏଲ୍‌ଓମାନେ ଘର ଘର ବୁଲି ଏନୁମାରେଶନ ଫର୍ମ ବଣ୍ଟନ କରୁଛନ୍ତି। ତେବେ, ଅନେକ ସ୍ଥାନରୁ ଅଭିଯୋଗ ଆସୁଛି ଯେ ଅଧିକାରୀମାନେ ଘର ଘରକୁ ଯିବା ପରିବର୍ତ୍ତେ ଏକ ନିର୍ଦ୍ଦିଷ୍ଟ ସ୍ଥାନରୁ ଫର୍ମ ବଣ୍ଟନ କରୁଛନ୍ତି। ଶୁଭେନ୍ଦୁ ମଧ୍ୟ ସେହି ଅଭିଯୋଗ ଉଠାଇଛନ୍ତି। ସେ ବିଜେପିର ବିଏଲ୍‌ଏ-୨ ଙ୍କୁ ମାଡ଼ ମାରିବା ବିଷୟରେ ମଧ୍ୟ କହିଛନ୍ତି। ଶୁଭେନ୍ଦୁ କହିଛନ୍ତି, 'ବିଜେପି ଦ୍ୱାରା ଏକ ନିୟନ୍ତ୍ରଣ କକ୍ଷ ବା ମନିଟରିଂ କକ୍ଷ ଖୋଲାଯାଇଛି। ଆମେ କମିଶନଙ୍କ ନିକଟରେ ୬୫ଟି ଅଭିଯୋଗ ଉଠାଇଛୁ। କିଛି ସ୍ଥାନରେ, ଦେଖାଯାଇଛି ଯେ ବିଏଲ୍‌ଓମାନେ ଘରକୁ ଘର ଯାଇ ଫର୍ମ ବଣ୍ଟନ କରିବା ଏବଂ କାଉନସିଲରମାନଙ୍କ ସହିତ ପୂରଣ କରିବା ପରିବର୍ତ୍ତେ କ୍ଲବରେ ବସି ରହୁଛନ୍ତି। କିଛି ସ୍ଥାନରେ, ଦେଖାଯାଇଛି ଯେ ବିଏଲଓମାନେ ବିଏଲ୍‌ଏ-୨ ଙ୍କ ବିନା ଫର୍ମ ବଣ୍ଟନ କରାଯାଉଛି। ବିଜେପିର ବିଏଲ୍‌ଏ-୨ ଙ୍କୁ ମାଡ଼ ମରାଯାଇଛି।

ଏହା ବ୍ୟତୀତ, ଶୁଭେନ୍ଦୁ କହିଛନ୍ତି ଯେ ଭାରତୀୟ ଜନତା ପାର୍ଟି ପ୍ରାୟ ୫୦ ହଜାର ବିଏଲ୍‌ଏମାନଙ୍କ ଡକ୍ୟୁମେଣ୍ଟ ଦାଖଲ କରିଛି। ସେମାନେ ୪୨ ହଜାର ଆଇ-କାର୍ଡ ପାଇଛନ୍ତି। ତୃଣମୂଳ କଂଗ୍ରେସ ଏପର୍ଯ୍ୟନ୍ତ ୪୩ ହଜାର ବିଏଲ୍‌ଏମାନଙ୍କ ଆଇ-କାର୍ଡ ପାଇଛି। ସିପିଆଇଏମ୍ ୩୦ ହଜାର ଏବଂ କଂଗ୍ରେସ ୯ ହଜାର କାର୍ଡ ପାଇଛି।

ଲାଲବଜାର, ପାର୍କଷ୍ଟ୍ରୀଟ ସହ ବିଭିନ୍ନ ହୋଟେଲରେ ପୁଲିସର ଚଢାଉ

କୋଲକାତା,୧୨।୧୧(ସଂଚାର ବ୍ୟୁରୋ): ଦିଲ୍ଲୀରେ କାର୍ ବୋମା ବିସ୍ଫୋରଣ ପରେ ସତର୍କ ଲାଲବଜାର। ଘଟଣା ପରେ ସମସ୍ତ ଥାନାକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲାଲବଜାର ପ୍ରତ୍ୟେକ ଥାନା ଅଞ୍ଚଳରେ ଏକାଧିକ ଚେକପୋଷ୍ଟ କରିବା ଏବଂ ସମସ୍ତ ପରୀକ୍ଷା କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛି। କେବଳ ସେତିକି ନୁହେଁ, ପାର୍କଷ୍ଟ୍ରିଟ୍ ସମେତ ସହରର ହୋଟେଲରେ ରହୁଥିବା ବାସିନ୍ଦାଙ୍କ ବିଷୟରେ ବିସ୍ତୃତ ସୂଚନା ସଂଗ୍ରହ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ପରେ, ବୁଧବାର ସକାଳେ ପୁଲିସ ପାର୍କଷ୍ଟ୍ରିଟ୍ ସମେତ ସହରର ବହୁ ହୋଟେଲରେ ଚଢାଉ କରିଥିଲା। ଜାଣିବାକୁ ମିଳିଛି ଯେ, ପ୍ରତ୍ୟେକ ବାସିନ୍ଦା କେଉଁଠି ଅଛନ୍ତି ଏବଂ ସେମାନେ କେତେ ଦିନ ଧରି ରହୁଛନ୍ତି ସେ ବିଷୟରେ ବିସ୍ତୃତ ସୂଚନା ସଂଗ୍ରହ କରାଯାଇଛି। ହୋଟେଲ ରେକର୍ଡ ମଧ୍ୟ ଯାଞ୍ଚ କରାଯାଇଥିଲା।

ଏହା ବ୍ୟତୀତ, ନିର୍ଦ୍ଦେଶାବଳୀରେ ଏହା ମଧ୍ୟ କୁହାଯାଇଛି ଯେ, ଯଦି କୌଣସି ଗାଡ଼ିରେ ନୀଳ ବା ଲାଲ ବତି ଲାଗିଥାଏ, ତେବେ ଗାଡ଼ିର ଡ୍ରାଇଭରଙ୍କୁ ପଚରାଉଚରା କରିବାକୁ ହେବ। ଯଦି କୌଣସି ନୂଆ ବ୍ୟକ୍ତି କୌଣସି ଅଞ୍ଚଳରେ ବୁଲାବୁଲି କରନ୍ତି, ତେବେ ତାଙ୍କ ବିଷୟରେ

ବିସ୍ତୃତ ସୂଚନା ନେବାକୁ ହେବ। ଯଦି କୌଣସି ବ୍ୟକ୍ତିଙ୍କ ବିଷୟରେ କୌଣସି ସନ୍ଦେହଜନକ ସୂଚନା ମିଳେ, ତେବେ ସେହି ବ୍ୟକ୍ତିଙ୍କୁ ତୁରନ୍ତ ଅଟକ ରଖି ପଚରାଉଚରା କରିବାକୁ ହେବ ଏବଂ ତାଙ୍କ ଘର ତଲାସୀ କରିବାକୁ ହେବ। ଏହି ମାମଲାରେ କୌଣସି ସମୟ ନଷ୍ଟ କରାଯାଇପାରିବ ନାହିଁ ବୋଲି ଲାଲବଜାର ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ସେତିକି ନୁହେଁ, ସେହି ବୈଠକରେ ଏହା ମଧ୍ୟ କୁହାଯାଇଛି ଯେ ସହର ସାରା ବିସ୍ତାରିତ ହୋଟେଲଗୁଡ଼ିକରେ କିଏ ରହୁଛି ସେ ବିଷୟରେ ପଚରାଉଚରା କରିବାକୁ ହେବ। ଏହା ପରେ, କୋଲକାତା ପୋଲିସ ବୁଧବାର ପାର୍କଷ୍ଟ୍ରିଟ ସମେତ ସହରର ବିଭିନ୍ନ ସ୍ଥାନରେ ଥିବା ହୋଟେଲଗୁଡ଼ିକରେ ଚଢାଉ କରିଥିଲା।

କ୍ୟାନନ୍ ଇଣ୍ଡିଆର 'ଆଡପ୍ଟ ଏ ଭିଲେଜ୍'

କଲ୍ୟାଣପୁର ଗ୍ରାମର ସଫଳ ପରିବର୍ତ୍ତନ ପାଳନ

କୋଲକାତା,୧୨।୧୧(ସଂଚାର ବ୍ୟୁରୋ): ସାମଗ୍ରିକ ସମ୍ପ୍ରଦାୟ ବିକାଶ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରି, କ୍ୟାନନ୍ ଇଣ୍ଡିଆ ଏହାର ପ୍ରମୁଖ 'ଆଡପ୍ଟ ଏ ଭିଲେଜ୍' ପଦକ୍ଷେପ ଅଧୀନରେ ପଶ୍ଚିମବଙ୍ଗର ବାରୁଇପୁରର କଲ୍ୟାଣପୁର ଗ୍ରାମରେ ପାଞ୍ଚବର୍ଷର ପରିବର୍ତ୍ତନ ଯାତ୍ରାର ସଫଳ ସମାପ୍ତିକୁ ପାଳନ କରିଲା। ଏହି ମାଇଲଖୁଣ୍ଟ କାର୍ଯ୍ୟକ୍ରମରେ କ୍ୟାନନ୍ ଇଣ୍ଡିଆର ସଭାପତି ତଥା ସିଇଓ ତୋସିଆକି ନୋମୁରା ଯୋଗ ଦେଇଥିଲେ ଏବଂ ସମ୍ପ୍ରଦାୟ ସଦସ୍ୟ, ସରକାରୀ ସ୍କୁଲ ଶିକ୍ଷକ ଏବଂ ଜୁନିଅର ବେସିକ୍ ସ୍କୁଲ, କଲ୍ୟାଣପୁରର ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ, ଯେଉଁମାନେ ହାସଲ ହୋଇଥିବା ଉଲ୍ଲେଖନୀୟ ପ୍ରଗତି ଏବଂ ଆଗାମୀ ବର୍ଷଗୁଡ଼ିକରେ ଏହି ଅଭିବୃଦ୍ଧିକୁ ବଜାୟ ରଖିବା ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ସଶକ୍ତ କରୁଥିବା ପଦକ୍ଷେପଗୁଡ଼ିକ ଉପରେ ପ୍ରତିଫଳିତ କରିବାକୁ ଏକାଠି ହୋଇଥିଲେ।

କ୍ୟାନନ୍ ଇଣ୍ଡିଆର ୪ଇଏସ୍ ନୀତି, ଶିକ୍ଷା, ଚକ୍ଷୁ ଯତ୍ନ, ପରିବେଶ ଏବଂ ସଶକ୍ତିକରଣ ଦ୍ୱାରା ପରିଚାଳିତ, ଏହି ପଦକ୍ଷେପ କଲ୍ୟାଣପୁର ଗ୍ରାମରେ ସମ୍ପ୍ରଦାୟ ବିକାଶର ବହୁବିଧ ଦିଗକୁ ଗୁରୁତ୍ୱପୂର୍ଣ୍ଣ, ମାପଯୋଗ୍ୟ ଉନ୍ନତି ଆଣିଛି। ୬୦୦ ରୁ ଅଧିକ ଶିଶୁ ଏହି ସମ୍ବଳ କେନ୍ଦ୍ରରୁ ଉପକୃତ ହୋଇଛନ୍ତି, ଯାହା ସଂରଚିତ କମ୍ପ୍ୟୁଟର ଶ୍ରେଣୀ ଏବଂ ପାଠ୍ୟକ୍ରମିକ କାର୍ଯ୍ୟକଳାପ ପ୍ରଦାନ କରେ। ଏକ ବ୍ୟାପକ ଶିକ୍ଷଣ ବୃଦ୍ଧି କାର୍ଯ୍ୟକ୍ରମ 'କଦମ୍' ର ପ୍ରଚଳନ ଶୈକ୍ଷିକ ଏବଂ ସାମଗ୍ରିକ ଅଭିବୃଦ୍ଧିକୁ ଆହୁରି ସମର୍ଥନ କରିଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ, ଏକ ଭିଜନ ସେଣ୍ଟର ପ୍ରତିଷ୍ଠା ଏବଂ ନିୟମିତ ଚକ୍ଷୁ ଯାଞ୍ଚ ଶିବିର ଆୟୋଜନ ୫ ହଜାର ୫୦୦ ରୁ ଅଧିକ ହିତାଧିକାରୀଙ୍କୁ ସମୟୋଚିତ, ଗୁଣାତ୍ମକ ଚକ୍ଷୁ ଯତ୍ନ ସେବା ପାଇବାରେ ସକ୍ଷମ କରିଛି। ସଶକ୍ତିକରଣ ପଦକ୍ଷେପଗୁଡ଼ିକ ମଧ୍ୟ ଏକ ସ୍ପଷ୍ଟ ପ୍ରଭାବ ପକାଇଛି, ୫୦୦ ରୁ ଅଧିକ ସମ୍ପ୍ରଦାୟ ସଦସ୍ୟ କମ୍ପ୍ୟୁଟର ତାଲିମ ଏବଂ ବ୍ୟୁଟିସିଆନ୍ ପାଠ୍ୟକ୍ରମ ମାଧ୍ୟମରେ ଦକ୍ଷତା ବୃଦ୍ଧି କରିଛନ୍ତି, ନିଯୁକ୍ତି କ୍ଷମତା ବୃଦ୍ଧି କରିଛନ୍ତି ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିଛନ୍ତି। କ୍ୟାନନ୍ ଇଣ୍ଡିଆର ସ୍ଥାୟୀତ୍ୱ ପ୍ରତି ପ୍ରତିବଦ୍ଧତା ସହିତ ସମନ୍ୱୟ ରଖି, କମ୍ପାନୀ ୯୦୦ ରୁ ଅଧିକ ଗଛ ଲଗାଇଛି, ୧୫୦ ରୁ ଅଧିକ ରୋଷେଇ ଘର ଉଦ୍ୟାନ ସ୍ଥାପନ କରିଛି, ଏବଂ ସୌର ପ୍ୟାନେଲ ଏବଂ ସୌରଚାଳିତ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କରିଛି, ଯାହା ଗ୍ରାମ ସମ୍ପ୍ରଦାୟ ପାଇଁ ଏକ ସ୍ୱଚ୍ଛ, ସବୁଜ ଏବଂ ଅଧିକ ଶକ୍ତି-ଦକ୍ଷ ଜୀବନଶୈଳୀକୁ ପ୍ରୋତ୍ସାହିତ କରିଛି। କଲ୍ୟାଣପୁର ଗ୍ରାମ ସହିତ ପାଞ୍ଚ ବର୍ଷର ଯାତ୍ରା ବିଷୟରେ କହିବାକୁ ଗଲେ, କ୍ୟାନନ୍ ଇଣ୍ଡିଆର ସଭାପତି ଏବଂ ସିଇଓ ଶ୍ରୀଯୁକ୍ତ ତୋସିଆକି ନୋମୁରା କହିଛନ୍ତି, "କ୍ୟାନନ୍‌ରେ, ସାମାଜିକ ବିକାଶ ଆମର ପ୍ରମୁଖ 'ଆଡପ୍ଟ ଏ ଭିଲେଜ' ପ୍ରୟାସର କେନ୍ଦ୍ରରେ ରହିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ରାଜ୍ୟ ମର୍ଯ୍ୟାଦା...

ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ୍ କିଣାବିକା, ଦର୍ଶକମାନଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଂ ବ୍ୟବସ୍ଥା, ଷ୍ଟାଡିୟମ୍‌ର ଭିତ୍ତିଭୂମି ଓ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପାର୍କିଂ ଓ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ସେହିପରି ମ୍ୟାଚ୍ ସମୟରେ କେହି ଅସୁସ୍ଥ ହୋଇପଡ଼ିଲେ କିମ୍ବା ଅନ୍ୟାନ୍ୟ ସମସ୍ୟା କ୍ଷେତ୍ରରେ ଲୋକମାନଙ୍କୁ ନେବା ଆଣିବା କରିବା ସକାଶେ ଏକ ସୁବ୍ୟବସ୍ଥିତ ଗ୍ରୀନ କରିଡର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ତା'ଛଡ଼ା ଭିଡ଼ ନିୟନ୍ତ୍ରଣ, ଟିକେଟ୍ ବିକ୍ରି, ଜରୁରୀ ଚିକିତ୍ସା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟର ଉପଯୁକ୍ତ ଭାବେ ତଦାରଖ କରି ନିର୍ଭୁଲ ପରିଚାଳନା କରିବାକୁ ମଧ୍ୟ ଶ୍ରୀ ମାଝୀ ପରାମର୍ଶ ଦେଇଛନ୍ତି।

ବିଶେଷକରି ଗତ ୨୦୧୫ରୁ ଆଜି ପର୍ଯ୍ୟନ୍ତ ବାରବାଟୀରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମ୍ୟାଚ୍ ଅବସରରେ ଦୁଇ ଥର ବିଶୃଙ୍ଖଳା ସାମ୍ନାକୁ ଆସିଥିବା ବେଳେ ଏଥର ଯେପରି କୌଣସି ସମସ୍ୟା ନ ଉପୁଜିବ, ସେଥିସକାଶେ ଓସିଏ ପୂରାପୂରି ପ୍ରସ୍ତୁତ ରହିଛି। ୨୦୧୫ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ଟି-୨୦ରେ ଘରୋଇ ଦଳର ନୈରାଶ୍ୟଜନକ ପ୍ରଦର୍ଶନରେ ଦର୍ଶକମାନେ କ୍ଷୁବ୍ଧ ହୋଇ ପଡ଼ିଆ ଭିତରକୁ ବୋତଲ ଫିଙ୍ଗି ସେମାନଙ୍କ ଅସନ୍ତୋଷ ଜାହିର୍ କରିଥିଲେ। ଫଳତଃ ମ୍ୟାଚ୍‌ଟି ପୂରା ହୋଇନପାରି ଅଧାରୁ ବାତିଲ୍ ହୋଇଥିଲା ଓ ଏଥିରେ ଦକ୍ଷିଣ ଆଫ୍ରିକାକୁ ବିଜୟୀ ଘୋଷଣା କରାଯାଇଥିଲା। କିନ୍ତୁ ସ୍ଥାନୀୟ ଦର୍ଶକଙ୍କ ଏପରି ଆଚରଣ ପାଇଁ ବାରବାଟୀ ଷ୍ଟାଡିୟମ୍ ଅନ୍ତର୍ଜାତୀୟ ସ୍ତରରେ ବଦନାମ ମୁଣ୍ଡାଇଥିଲା। ସେହିପରି ଚଳିତ ବର୍ଷ ପ୍ରାରମ୍ଭରେ ଖେଳାଯାଇଥିବା ଏକ ଦିନିକିଆ ମ୍ୟାଚ୍‌ରେ ବି ଅଚାନକ ଗୋଟିଏ ଫ୍ଲଡ଼ଲାଇଟ୍ ଟାୱାର୍‌ରେ ତ୍ରୁଟି ଦେଖାଯିବାରୁ ପାଖାପାଖି ୧୫ ମିନିଟ୍ ଧରି ମ୍ୟାଚ୍ ବନ୍ଦ ରହିଥିଲା, ଯାହାକି ଓସିଏ ଓ ରାଜ୍ୟ ସରକାରଙ୍କ ପାରିବାପଣିଆ ଉପରେ ପ୍ରଶ୍ନଚିହ୍ନ ଲଗାଇଥିଲା। ତେଣୁ ଏଥର ଏପରି କୌଣସି ସମସ୍ୟାର ସମ୍ଭାବନାକୁ ଶେଷ କରିବା ସକାଶେ ଉଭୟ ଓସିଏ ଓ ରାଜ୍ୟ ପ୍ରଶାସନ ତତ୍ପରତା ପ୍ରକାଶ କରିଥିବା ଜଣାପଡ଼ିଛି।

ସେହିପରି ବୈଠକରେ ଉପସ୍ଥିତ ଓସିଏ ଶ୍ରୀ ବେହେରା ଦେଇଥିବା ସୂଚନାନୁଯାୟୀ, ପ୍ରତ୍ୟେକ ଷ୍ଟାଣ୍ଡର କ୍ଷମତା ଅନୁଯାୟୀ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦର୍ଶକଙ୍କ ବସିବା ବ୍ୟବସ୍ଥା କରାଯିବ। ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଂ ବ୍ୟବସ୍ଥା ପାଇଁ ଅଧିକ ଜେନ୍‌ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେୟାର୍ ମଧ୍ୟ ଇନ୍‌ଷ୍ଟଲ କରାଯାଇଛି। ଗୋଟିଏ ଜେନ୍‌ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଜେନ୍‌ସେଟ୍ ଚାଲୁ ହେବ ଏବଂ ଲାଇଟିଂ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଗୋଳ ବିଧାୟକ ତଥା ଓସିଏ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୁଲିସ୍ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡିଶା କ୍ରିକେଟ୍ ଆସୋସିଏସନ୍ ସଭାପତି ପଙ୍କଜ ଲୋଚନ ମହାନ୍ତି, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ଶାସନ ସଚିବ, କଟକ-ଭୁବନେଶ୍ୱର ପୁଲିସ୍ କମିଶନର, କଟକ ଜିଲ୍ଲାପାଳ ଓ ବରିଷ୍ଠ ପଦାଧିକାରୀ ବୈଠକରେ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।

ସ୍ୱଦେଶୀ ଓ ସେବାକୁ...

ଆଧାରିତ ଶିକ୍ଷଣ ଉପରେ ଗୁରୁତ୍ୱ ଦେଉଛି। ଯେତେବେଳେ ଆମ ଦେଶର ଶିକ୍ଷା ଜଗତ ଓ ସତ ପଲ ମିତ୍ତଲ ବିଦ୍ୟାଳୟ ପରି ଅନୁଷ୍ଠାନ ଏହାକୁ ମୂଳରୁ ଆପଣାଇବେ, ସେତେବେଳେ ଭାରତ କେବଳ ସମୃଦ୍ଧ ହେବ ନାହିଁ, ବରଂ ବିଶ୍ୱରେ ଜ୍ଞାନର ମାର୍ଗଦର୍ଶକ ପାଲଟିବ। ଲୁଧିଆନା ମାଟିରୁ ଆରମ୍ଭ ହୋଇଥିବା ଭାରତୀ ସମୂହ (ଏୟାରଟେଲ) ଆଜି ପ୍ରଧାନମନ୍ତ୍ରୀ ମୋଦିଙ୍କ ଡିଜିଟାଲ ଇଣ୍ଡିଆ ଦୃଷ୍ଟିକୋଣକୁ ସାକାର କରି ବିଶ୍ୱର ଶୀର୍ଷ କମ୍ପାନୀମାନଙ୍କ ମଧ୍ୟରେ ସାମିଲ ହେବା ଗୌରବର ବିଷୟ। ଏହା ସ୍ୱଦେଶୀ ଉଦ୍ୟମିତା ଓ ଭାରତୀୟ ପ୍ରତିଭାର ବିଜୟଗାଥା। ସମଗ୍ର ଦେଶବାସୀ ମିଳିମିଶି ସ୍ୱଦେଶୀ, ଶିକ୍ଷା ଓ ସେବାର ମାର୍ଗକୁ ପ୍ରାଥମିକତା ଦେଲେ ହିଁ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପାଳନର ସାର୍ଥକତା ପ୍ରତିପାଦିତ ହୋଇପାରିବ। ଏହାଦ୍ୱାରା ବୈଭବ, ସାମର୍ଥ୍ୟ ଓ ସଂସ୍କାରରେ ପରିପୂର୍ଣ୍ଣ ଭାରତ ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ଭାବେ ବିଶ୍ୱ ସମ୍ମୁଖରେ ଉଭା ହେବ ବୋଲି ଶ୍ରୀ ପ୍ରଧାନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ତହସିଲଦାରଙ୍କୁ...

ସେମାନଙ୍କୁ ଏଣିକି ଆଉ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବାକୁ ପଡ଼ିବ ନାହିଁ। ଏପରି ସଂଶୋଧନ ଏଣିକି ଦେଶର ଲକ୍ଷ ଲକ୍ଷ ଜମି କ୍ରେତାଙ୍କ ସମସ୍ୟାକୁ ଲାଘବ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା କରିଛନ୍ତି। ସେ କହିଛନ୍ତି ଯେ ଏହାଦ୍ୱାରା ଜମି କିଣାବିକା ପ୍ରକ୍ରିୟା ମଧ୍ୟ ସହଜ ଓ ବିବାଦମୁକ୍ତ ହେବ। ଆହୁରି ସ୍ଥାନୀୟ ତହସିଲଦାରଙ୍କ କ୍ଷମତା ବିକେନ୍ଦ୍ରୀକରଣ ଯୋଗୁଁ ଶାସନ କ୍ଷେତ୍ରରେ ଉତ୍ତରଦାୟିତ୍ୱ ବଢ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୧୮ରୁ ଜିଲ୍ଲାପାଳ...

ହସ୍ତରେ ଦମନ ନେଇ ମାର୍ଗଦର୍ଶନ କରିବେ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଦ୍ରୁତ ବିକାଶ ପାଇଁ ତୃଣମୂଳ ସ୍ତରକୁ ଅଧିକ ଫୋକସ୍ କରାଯାଉଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନାକୁ ତ୍ୱରିତ କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ହିତାଧିକାରୀମାନେ ଯେଭଳି କୌଣସି ସରକାରୀ ସୁବିଧାରୁ ବଞ୍ଚିତ ନ ହୁଅନ୍ତି, ତାକୁ ସରକାର ଅଗ୍ରାଧିକାର ଦେଉଛନ୍ତି। ଏଥିରେ ଜିଲ୍ଲାପାଳମାନଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଜିଲ୍ଲାପାଳମାନେ ତୃଣମୂଳ ସ୍ତରରେ ସମ୍ମୁଖୀନ ହେଉଥିବା ସମସ୍ୟା ଉପରେ ସମ୍ମିଳନୀରେ ତର୍ଜମା ହେବ। ସରକାର ଶିଳ୍ପାୟନକୁ ପ୍ରାଥମିକତା ଦେଉଥିବାରୁ ଜମି ଅଧିଗ୍ରହଣରୁ ଆଇନ ଶୃଙ୍ଖଳା ଯାଏ ଯେଭଳି ସୁରୁଖୁରୁରେ ହେବ, ତାକୁ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଓ ଏସ୍‌ପିମାନେ କାମ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ଶିଳ୍ପ ଓ ମହିଳା ବିକାଶ ଭଳି ପ୍ରସଙ୍ଗରେ ଚଳିତ ଥର ଅଧିକ ଚର୍ଚ୍ଚା ହେବ ବୋଲି ଅନୁମାନ କରାଯାଉଛି। ମୁଖ୍ୟ ଶାସନ ସଚିବଙ୍କ ସହ ସବୁ ଜିଲ୍ଲାପାଳ, ଏସପି, ବିଭାଗୀୟ ସଚିବ ଓ ମନ୍ତ୍ରୀ ଏହି ସମ୍ମିଳନୀରେ ଯୋଗଦେବେ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ମୋହନ ଚରଣ ମାଝୀ ଗତ ବର୍ଷ ସେପ୍ଟେମ୍ବର ୨୭ ଓ ୨୮ରେ ଏହି ସମ୍ମିଳନୀ ଡାକିଥିଲେ। ଜିଲ୍ଲାପାଳ ଓ ଏସ୍‌ପିମାନେ ବିନା ଭୟରେ କାମ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ କୌଣସି ପରିସ୍ଥିତିରେ ବି ଦୁର୍ନୀତିକୁ ବରଦାସ୍ତ କରାଯିବନି ବୋଲି ଚେତାବନୀ ବି ଦେଇଥିଲେ।

ଲାଲ୍‌କିଲ୍ଲା ବିସ୍ଫୋରଣ...

ଅନୁପ୍ରବେଶକାରୀ ଓ ସେମାନଙ୍କ ସହଯୋଗୀମାନଙ୍କୁ ଅବିଳମ୍ବେ ଠାବ କରାଯାଇପାରିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଏପରି ଏକ ଭୀରୁ ଓ କାପୁରୁଷତାକୁ ସମାଲୋଚନା କରିବା ସହ ଭାରତ ଆତଙ୍କବାଦ ବିରୋଧରେ ତା'ର ଶୂନ୍ୟ ସହନଶୀଳତା ନୀତି ଏବେ ବି ଅବଲମ୍ବନ କରୁଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ଏହି ବୈଠକରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ଗୃହମନ୍ତ୍ରୀ ଅମିତ ଶାହ, ବୈଦେଶିକ ମନ୍ତ୍ରୀ ଜୟଶଙ୍କର, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ସୁରକ୍ଷା ସମ୍ପର୍କୀତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ସୁରକ୍ଷା ଏଜେନ୍ସିର ପଦକ୍ଷେପ ନେଇ ସମୀକ୍ଷା କରାଯାଇଛି। ଏଥିସହ କ୍ୟାବିନେଟ୍‌ରେ ଏପରି ଏକ ହୀନ କାର୍ଯ୍ୟକୁ କଡ଼ା ଭାଷାରେ ସମାଲୋଚନା କରାଯାଇଥିବା କେନ୍ଦ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି।

ରାଜନୀତିର...

ଏହି ଯୋଡି ଅଧିକ ଶକ୍ତିଶାଳୀ ହେବା ସହ ଦଳ ଓ ସରକାରକୁ ଆଗକୁ ନେବାରେ ଦୃଢ ମାନସିକତା ସୃଷ୍ଟି କରିବାରେ ସହାୟକ ହେବ।

ସେପଟେ ବିଜେଡି ଶିବିରରେ ନିରାଶା ଜଳ ଜଳ ଦିଶିଲାଣି। ଶେଷ ମୁହୂର୍ତ୍ତରେ ବିଜେଡି ନେତାମାନେ ରଣକ୍ଷେତ୍ର ଛାଡ଼ିଦେଇଥିବା ଚର୍ଚ୍ଚା ହେଉଛି। ତେଣୁ ନବୀନଙ୍କ ଦୁଇ ଦୁଇ ଥର ଗସ୍ତ ପରେ ବି ବିଜେଡି ନୂଆପଡ଼ା ଉପନିର୍ବାଚନ ହାରିବା ଅର୍ଥ ବିଜେଡି ନେତାଙ୍କର ପୂର୍ବଭଳି ଗ୍ରହଣୀୟତା ନ ଥିବା ଓ ଦଳ ମଧ୍ୟରେ ଏକତାର ଅଭାବ ପ୍ରମାଣିତ ହେବ।

ବିରୋଧୀ ଦଳରେ ରହି ଏକ ଉପନିର୍ବାଚନର ସମ୍ମୁଖୀନ ହେବା ମଧ୍ୟ ବିଜେଡି ପାଇଁ ପ୍ରଥମ ଥିଲା। କିନ୍ତୁ ଗତ ସାଧାରଣ ନିର୍ବାଚନରେ ହାରିଯିବା ପରେ ବିଜେଡି ନେତାଙ୍କ ମଧ୍ୟରେ ଆଉ ପୂର୍ବଭଳି ସମର୍ପଣ ନଥିବା ସ୍ପଷ୍ଟ ବାରି ହୋଇପଡିଥିଲା। ଏଥିସହ ଚର୍ଚ୍ଚା ହେଉଛି ବିଜେଡିର ଏକ ଗୋଷ୍ଠୀ ଉଦ୍ଦେଶ୍ୟମୂଳକ ଭାବେ ନବୀନଙ୍କ କ୍ରେଜ ନ ଥିବା ଦର୍ଶାଇବାକୁ ଚେଷ୍ଟା କରିଛନ୍ତି। ନୂଆପଡ଼ା ଫଳାଫଳ ପରେ ଏବେ ନବୀନ ଦଳରେ ଆମୂଳଚୂଳ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି।

ସେପଟେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମ୍ମାନ ବି ବାଜିରେ ଲାଗିଛି। ରାଜ୍ୟ କଂଗ୍ରେସର ମଙ୍ଗ ଧରିବା ପରେ ଏହା ଥିଲା ତାଙ୍କର ପ୍ରଥମ ଉପନିର୍ବାଚନ। ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କରି ଭକ୍ତ ଯେଉଁ ମାଇଲେଜ ନେବାକୁ ଚେଷ୍ଟା କରିଥିଲେ, ତାହା ମଧ୍ୟ ଫେଲ ମାରିଥିବା ଆକଳନ କରାଯାଉଛି।

ନୂଆପଡ଼ା କ୍ୟାମ୍ପେନରେ ବି କଂଗ୍ରେସରେ ନେତାଙ୍କ ମଧ୍ୟରେ ଥିବା ଫାଟ ସ୍ପଷ୍ଟ ଦୃଶ୍ୟମାନ ହୋଇଥିଲା। ନୂଆପଡ଼ାରେ କଂଗ୍ରେସ ଫେଲ ମାରିବା ପରେ ପୁଣି ଦିଲ୍ଲୀ ଲବି ପାଇଁ ଅଣ୍ଟା ଭିଡ଼ିଲେଣି ଭକ୍ତଙ୍କୁ ବିରୋଧ କରୁଥିବା ଅସନ୍ତୁଷ୍ଟ ଗୋଷ୍ଠୀ।

୧୪ ସକାଳ...

ରହିଛନ୍ତି। ସେଥିମଧ୍ୟରୁ ୨ ଲକ୍ଷ ୧୨ ହଜାର ୩୮୫ ଭୋଟର ମତଦାନ କରିଛନ୍ତି। ଏହା ମଧ୍ୟରେ ୧ ଲକ୍ଷ ୩ ହଜାର ୮୫୭ ପୁରୁଷ ଭୋଟର୍ ଥିବାବେଳେ ୧ ଲକ୍ଷ ୮ ହଜାର ୩୮୩ ମହିଳା ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି।

ସ୍ଲୋଗାନ...

ଆପଣ ନିତିଦିନ ଭୁବନେଶ୍ୱର ରାଜରାସ୍ତାରେ ବସ୍ ହର୍ଣ୍ଣ, ହେଲମେଟ ଓ ଟ୍ରିପଲ ରାଇଡିଂ ନେଇ ଯାଞ୍ଚ୍ ହେଉଥିବା ନିଶ୍ଚିତ ଦେଖୁଥିବେ। ନିରୀହ ଚାଳକ ଉପରେ ଜୁଲୁମ ମଧ୍ୟ ଆପଣଙ୍କ ନଜରକୁ ଆସିଥିବ। ଟ୍ରିପଲ୍ ରାଇଡିଂ ହେଉ ଅବା ପଲ୍ୟୁସନ ପ୍ରମାଣପତ୍ର ନ ଥିଲେ ଟ୍ରାଫିକ୍ ପୁଲିସ୍ ବେଶ୍ ମୋଟା ଅଙ୍କର ଫାଇନ ମଧ୍ୟ କାଟୁଛି। ଅବଶ୍ୟ ଏହା ଆଇନ ଦୃଷ୍ଟିରୁ ଗ୍ରହଣୀୟ। କିନ୍ତୁ ଏଥିସହ ଟ୍ରାଫିକ ପୁଲିସ୍‌ର ମଧ୍ୟ ଦୁର୍ଘଟଣା ରୋକିବା ଏକ ପ୍ରମୁଖ ଦାୟିତ୍ୱ ହୋଇଥିବାରୁ ଏ ଦିଗରେ ଟ୍ରାଫିକ୍ ପୁଲିସ୍ ଅଧିକ ଯତ୍ନଶୀଳ ହେବାର ଆବଶ୍ୟକତା ରହିଛି। କିନ୍ତୁ ରାଜଧାନୀରେ ମୁତୟନ ଥିବା ଟ୍ରାଫିକ୍ ପୁଲିସ୍‌ମାନେ ଏ କ୍ଷେତ୍ରରେ ସେମାନଙ୍କ ଦାୟିତ୍ୱ ସଠିକ୍ ଭାବେ ତୁଲାଉନଥିବାରୁ ଗୋଟିଏ ପରେ ଗୋଟିଏ ଜୀବନ ଝରିପଡୁଛି। କିଛିଦିନ ତଳେ ସମାନ ଢଙ୍ଗରେ ପାତ୍ରପଡାଠାରେ ଥାର ଓ ସ୍କର୍ପିଓ ରେସିଂ ବେଳେ ଦୁଇ ଜଣ ନିରୀହ ଲୋକ ପ୍ରାଣ ହରାଇଥିଲେ। କିନ୍ତୁ ସବୁ ପରେ ବି ନିଦାବିଷ୍ଟ ପାଲଟିଛି ଭୁବନେଶ୍ୱର ଟ୍ରାଫିକ ପୁଲିସ୍। ନିରୀହଙ୍କ ଉପରେ ତୋଡ଼ ଦେଖାଉଥିବା ପୁଲିସ୍, ବଡ଼ବଡ଼ିଆଙ୍କ ବେଳକୁ ଗୋଡ଼ କାଢ଼ିବାକୁ ସାହସ କୁଳାଇପାରୁନାହିଁ। ଆଉ ଟ୍ରାଫିକ ଡିସିପି ତପନ ମହାନ୍ତିଙ୍କ କଥା ନ କହିବା ଭଲ। ସଡ଼କ ସୁରକ୍ଷା କାର୍ଯ୍ୟକ୍ରମରେ ସ୍ଲୋଗାନ ଦେବାକୁ ଆଗଭର ହେଉଥିବା ଟ୍ରାଫିକ ଡିସିପିଙ୍କର ଦୁର୍ଘଟଣା ସମୟରେ ଦେଖା ମିଳୁନାହିଁ। ନା ସେ କେବେ ସ୍ପଟ୍‌କୁ ଯାଉଛନ୍ତି ନା କେବେ ଦୁର୍ଘଟଣାର ତଦନ୍ତ କରୁଥିବାର ତାଙ୍କୁ କେହି ଦେଖିଛନ୍ତି। ପୂର୍ବରୁ ପାର୍ବଣ ସମୟରେ ସହରରେ ଟ୍ରାଫିକ ସମସ୍ୟା ଦେଖାଯାଉଥିଲା। ଏବେ ନିତିଦିନ ବେହାଲ ହେଲାଣି ଅବସ୍ଥା। କୌଣସି ରାସ୍ତାରେ ଯିବା ସମ୍ଭବ ନୁହେଁ। କଥା ପଡ଼ିଲେ ଗାଡି ସଂଖ୍ୟା ଓ ରୋଡ୍ ଇଞ୍ଜିନିୟରିଂ କଥା କହି ଗଳାବାଟରେ ଖସିଯାଉଛନ୍ତି ଟ୍ରାଫିକ ଡିସିପି। ଏସିପି ଓ ଇନ୍ସପେକ୍ଟରଙ୍କ କଥା ବି ନ କହିବା ଭଲ। ଟ୍ରାନ୍ସଫର ପରେ ବି ଭୁବନେଶ୍ୱର ମୋହ ତୁଟୁନି। ଅନ୍‌ଲାଇନ ଫାଇନ ନ ଦେଇ ଜଣେ କୁନି ଝିଅ କାର୍‌ରେ ବସି ଛଟପଟ ହେଉଥିବା ବେଳେ ଉକ୍ତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଅଭିଯୋଗ ପରେ ଟ୍ରାଫିକ ଆଇଆଇସି ଆକାଶ ରଣାଙ୍କ ବଦଳି ନେଇ ନିର୍ଦ୍ଦେଶ ଦେଇଥିଲେ କମିଶନର। ଘଟଣାକୁ ୬ ମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ଇନ୍ସପେକ୍ଟର ଜଣଙ୍କ ସେହି ଜାଗାରେ ଅଛନ୍ତି। ହୁଏତ ଭୁବନେଶ୍ୱର ମୋହ ତାଙ୍କର ତୁଟୁନି। ଛୋଟରୁ ବଡ଼, ସବୁ ଅଫିସରଙ୍କ ଗାଦି ମୋହ, ଅପାରଗତା ପାଇଁ ପୋକମାଛି ଭଳି ଜୀବନ ଯାଉଛି। ଏ ଦିଗରେ ଦୃଷ୍ଟି ନ ଦେଲେ ସହର ଅବସ୍ଥା ଆହୁରି ସାଙ୍ଘାତିକ ହେବ ବୋଲି ସହରବାସୀ କହିଛନ୍ତି।

ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ

ଭୁବନେଶ୍ୱର,୧୨।୧୧(ସଂଚାର ବ୍ୟୁରୋ): ସ୍ଥାନୀୟ ଇଡକୋ ପ୍ରଦର୍ଶନୀ ପଡ଼ିଆଠାରେ ୧୨ ଦିନ ଧରି ଅୟୋଜିତ ମହିଳା ସଶକ୍ତିକରଣର ଏବଂ ଉଦ୍ୟୋଗିତାର ମହୋତ୍ସବ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବ ଓଡିଶାର ୩୦ଟି ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ୩୦୦ରୁ ଅଧିକ ଷ୍ଟଲ ମାଧ୍ୟମରେ ସେମାନଙ୍କର ବିଭିନ୍ନ ଉତ୍ପାଦଗୁଡ଼ିକୁ ପ୍ରଦର୍ଶନ ଏବଂ ବିକ୍ରୟ କରିବା ନିମନ୍ତେ ଏକ ବିଶାଳ ମଞ୍ଚ ପ୍ରଦାନ କରିଥିବା ବେଳେ ମହିଳା-ନେତୃତ୍ୱାଧୀନ ବ୍ୟବସାୟଗୁଡ଼ିକୁ ସୁଦୃଢ଼ କରିଛି। ହସ୍ତତନ୍ତ, ହସ୍ତଶିଳ୍ପ, ବାଉଁଶ ଶିଳ୍ପଠାରୁ ଆରମ୍ଭ କରି ପାରମ୍ପରିକ ଖାଦ୍ୟ, ମସଲା T ପରିବେଶ ଅନୁକୂଳ ଉତ୍ପାଦ ପର୍ଯ୍ୟନ୍ତ, ସୁଭଦ୍ରା ଶକ୍ତି ମେଳା ଏକ ଜୀବନ୍ତ ବଜାର ଭାବରେ ମହିଳା ଉଦ୍ୟୋଗୀମାନଙ୍କ ପ୍ରତିଭା ଏବଂ ଉଦ୍ୟୋଗିତାର ପ୍ରଦର୍ଶନ କରିଥିଲା। ମା'ମାନଙ୍କ ଦ୍ୱାରା ପରିଚାଳିତ ଫୁଡ୍ କୋର୍ଟ ମେଳାର ପ୍ରମୁଖ ଆକର୍ଷଣ ହୋଇ ରହିଥିଲା ବେଳେ ମା'ମାନଙ୍କ ହାତ ତିଆରି ସ୍ୱଦେଶୀ ଉତ୍ପାଦ ଓ ପାରମ୍ପରିକ ଓଡ଼ିଆ ଖାଦ୍ୟ ପାଇଁ ବିପୁଳ ଜନସମାଗମ ଦେଖିବାକୁ ମିଳିଥିଲା। ପାରମ୍ପରିକ ମିଲେଟ୍ ଜାତୀୟ ଖାଦ୍ୟର ବର୍ତ୍ତମାନ ଯୁଗରେ ଦୈନିକ ଖାଦ୍ୟ ଶୃଙ୍ଖଳାରେ ଆକର୍ଷଣୀୟ ପୁନଃପ୍ରବେଶ ପାଇଁ ସୁଭଦ୍ରା ଶକ୍ତି ମେଳା ବୃହତ ଭୂମିକା ଓ ପ୍ରାସଙ୍ଗିକତା ରଖେ। ଦର୍ଶକମାନେ ମିଲେଟ୍ ସହିତ ଓଡ଼ିଶାର ସମୃଦ୍ଧ ବ୍ୟଞ୍ଜନ ପରମ୍ପରାର ଭରପୁର ଉପଭୋଗ କରିଥିଲେ। ମେଳାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଶିଶୁଙ୍କ ପାଇଁ କ୍ରୀଡ଼ାଙ୍ଗନ ଓ କ୍ରୀଡ଼ା ଉପକରଣର ବ୍ୟବସ୍ଥା କରାଯାଇଥିଲା। ଚଳିତ ବର୍ଷ ସୁଭଦ୍ରା ଶକ୍ତି ମେଳାର ପ୍ରମୁଖ ଆକର୍ଷଣ ଥିଲା ଓଡ଼ିଶାର ହସ୍ତତନ୍ତ ଓ ପାରମ୍ପରିକ ଗହଣା ପରିହିତ ମଡେଲମାନଙ୍କର ଫ୍ୟାସନ ଶୋ। ମେଳାରେ ୬୯ଟି ଏସ୍‌ଏଚ୍‌ଜି ପ୍ରଥମଥର ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚଳିତ ବର୍ଷ ୧୨ କୋଟିରୁ ଉର୍ଦ୍ଧ୍ୱ ବେପାର ହୋଇଛି ଯାହା ଗତବର୍ଷ ତୁଳନାରେ ଦୁଇ ଗୁଣ ବୋଲି ସେ କହିଥିଲେ। ସେହିଭଳି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇଥିଲେ।

ଅଢ଼େଇ ଏକର ଜମି ଥିଲେ କଟିବ ରାସନ

ଦେଢ଼ଲକ୍ଷ ଚାଷୀଙ୍କ ମୁଣ୍ଡ ଉପରେ ଚଡ଼କ, ଜିଲ୍ଲାରେ ଚିନ୍ତା ଓ ଅସନ୍ତୋଷ

ଜିଲ୍ଲାର ବିଭିନ୍ନ ବ୍ଲକରେ ଏହିପରି ଚାଷୀଙ୍କ ସଂଖ୍ୟା ଉଲ୍ଲେଖନୀୟ

ଧର୍ମଶାଳାରେ ୨୧,୬୬୫, ଦଶରଥପୁରରେ ୨୦,୦୩୩, ବଡ଼ଚଣାରେ ୧୮,୯୩୧, ବରୀରେ ୧୮,୩୪୨, ଯାଜପୁର ସଦରରେ ୧୭,୮୦୪, କୋରେଇ ଓ ରସୁଲପୁରରେ ୧୭,୬୦୬, ବିଞ୍ଝାରପୁରରେ ୧୪,୭୩୮, ସୁକିନ୍ଦାରେ ୬,୪୦୬, ଏବଂ ବ୍ୟାସନଗରରେ ୧୯ ଜଣ ଚାଷୀ ଏହି ତାଲିକାରେ ରହିଛନ୍ତି।

ଯାଜପୁର,୧୨।୧୧(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ନୂଆ ନିଷ୍ପତ୍ତି ଅନୁସାରେ ଯେଉଁ ଚାଷୀଙ୍କ ପାଖରେ ଅଢ଼େଇ ଏକରରୁ ଅଧିକ ଜମି ରହିଛି, ସେମାନଙ୍କ ରାସନ କାର୍ଡ କାଟାଯିବ। ଏହି ନିୟମ ଜାରି ହେବା ସହିତ ଯାଜପୁର ଜିଲ୍ଲାର ହଜାର ହଜାର ଚାଷୀଙ୍କ ମଧ୍ୟରେ ଚିନ୍ତା ଓ ଅସନ୍ତୋଷ ସୃଷ୍ଟି ହୋଇଛି। ଜିଲ୍ଲାରେ ଏପର୍ଯ୍ୟନ୍ତ ପ୍ରାୟ ୧ ଲକ୍ଷ ୫୮ ହଜାର ତିନିଶହ ପଞ୍ଚାଅଶିଜଣ ଚାଷୀ ଏହି ଶ୍ରେଣୀରେ ଚିହ୍ନଟ ହୋଇଛନ୍ତି। ଏହା ଫଳରେ ଆସନ୍ତା ଦିନରେ ପ୍ରାୟ ୧ ଲକ୍ଷ ୬୨ ହଜାର ରାସନ କାର୍ଡ ଧାରୀ ସଦସ୍ୟ ରାସନ ସୁବିଧାରୁ ବଞ୍ଚିତ ହେବେ ବୋଲି ଆଶଙ୍କା ହୋଇଛି। ଏହି ଚିହ୍ନଟ ପ୍ରକ୍ରିୟା 'ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନା' ଅନୁସାରେ ହେଉଛି। ଯେଉଁମାନେ ସେହି ଯୋଜନାରେ ନାମ ଥିବା ସହ ନିଜ ନାମରେ ଅଢ଼େଇ ଏକର ଉପରେ ଜମି ରଖିଛନ୍ତି, କିମ୍ବା ନିଜ ବା ପରିବାରର ନାମରେ ଚାରିଚକିଆ ଗାଡ଼ି ରହିଛି, ସେମାନଙ୍କୁ ଅନୁଚିତ ଲାଭଭୋଗୀ ଭାବେ ଚିହ୍ନଟ କରାଯାଇଛି। ସରକାର ଏହାକୁ ଡିସେମ୍ବର ମାସ ସୁଦ୍ଧା ତୃଣମୂଳ ସ୍ତରରେ ସତ୍ୟତା ଯାଞ୍ଚ କରି ଅନୁସନ୍ଧାନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। ଏହି ନିଷ୍ପତ୍ତି ପ୍ରତି ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଉଛି। କୃଷକ ନେତା ନିମାଇଁ ରାୟ କହିଛନ୍ତି, "କେବଳ ଅଢ଼େଇ ଏକର ଜମି ଥିଲେ ମଧ୍ୟ ଚାଷୀ ଆତ୍ମନିର୍ଭର ଜୀବନ ଯାପନ କରିପାରୁନାହାନ୍ତି। ସରକାର ଯେପରି ଅନ୍ୟାୟ ଭାବେ ରାସନ କାର୍ଡ କାଟୁଛନ୍ତି, ଏହା ଚାଷୀଙ୍କ ଜୀବିକା ଉପରେ ଆଘାତ। ଏହା ବିରୋଧରେ ଆଗାମୀ ଦିନରେ ଆନ୍ଦୋଳନ ହେବ।"ଚାଷୀମାନେ କହୁଛନ୍ତି, ପିଏମ୍ କିଷାନ ଯୋଜନାରେ ବର୍ଷକୁ ମାତ୍ର ୪ ହଜାର ଟଙ୍କା ସହାୟତା ମିଳୁଛି, ତାହାରୁ ଚାଷ ଚଳିନାହିଁ। ଏବେ ସେହି ନିୟମ ଉପରେ ରାସନ କାଟିବା ନିଷ୍ପତ୍ତି ଚାଷୀମାନଙ୍କ ମୁଣ୍ଡ ଉପରେ ଚଡ଼କ ସଦୃଶ ହୋଇପଡ଼ିଛି।

ପ୍ରଥମାଷ୍ଟମୀ: ଘରେ ଘରେ ଏଣ୍ଡୁରି ପିଠାରେ ମହକିଲା ଘର

କାକଟପୁର /ଅସ୍ତରଙ୍ଗ,୧୨।୧୧(ସଂଚାର ବ୍ୟୁରୋ): ବୁଧବାର ପାଳିତ ହୋଇଛି ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଏହି ଦିନକୁ ପ୍ରଥମାଷ୍ଟମୀ ଭାବେ ପାଳନ କରାଯାଏ। ଘରର ଜ୍ୟେଷ୍ଠ ସନ୍ତାନମାନଙ୍କ ପାଇଁ ସ୍ୱତନ୍ତ୍ର ପୂଜା କରିବାର ପରମ୍ପରା ରହିଛି। ଜ୍ୟେଷ୍ଠ ସନ୍ତାନମାନେ ସକାଳୁ ଉଠି ଗାଧୋଇ ନବ ବସ୍ତ୍ର ପରିଧାନ କରିଥାଆନ୍ତି। ତାପରେ ତାଙ୍କୁ ପିଢ଼ାରେ ବସାଇ ବନ୍ଦାପନା କରାଯାଇଥାଏ। ଜ୍ୟେଷ୍ଠ ସନ୍ତାନମାନଙ୍କର ଶୁଭ ମଙ୍ଗଳ କାମନା କରି ଷଠୀ ଦେବୀ ଓ କୁଳ ଦେବତାଙ୍କ ନିକଟରେ ପୂଜା କରାଯାଇଥାଏ। ଜ୍ୟେଷ୍ଠ ସନ୍ତାନଙ୍କ ପଢ଼ୁଆଁ କରିବା ପାଇଁ ମାମୁଁ ଘରୁ ନୂତନ ବସ୍ତ୍ର ଆସିଥାଏ। ନୂଆ ବସ୍ତ୍ର ପିନ୍ଧି ବନ୍ଦାପନ ହୋଇ ସାରିବା ପରେ ହଳଦୀ ପତ୍ରରେ ତିଆରି ସ୍ୱତନ୍ତ୍ର ଏଣ୍ଡୁରି ପିଠା ଖାଇ ଥାଆନ୍ତି। ମାର୍ଗଶିର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ।ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ। ଏହି ପିଠା ପାଇଁ ହଳଦୀପତ୍ରର ବ୍ୟବହାର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ। ଅନ୍ୟ କୌଣସି ପିଠାରେ ହଳଦୀପତ୍ର ବ୍ୟବହୃତ ହୁଏନାହିଁ ଓ କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରି ପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ ହୋଇଛି, ନଡ଼ିଆପୁର, ଗୁଡ଼, ଉଷୁମ୍ବଣ୍ଡା ଚାଉଳ, ହଳଦୀ ପତ୍ର ଏବଂ ବିରିରେ ପିଠା ତିଆରି କରାଯାଏ। ହଳଦୀ ପତ୍ରର ମହମହ ବାସ୍ନାରେ ପିଠାରେ ସ୍ୱାଦ ଅଧିକ ରୁଚିକର ଲାଗେ।

ଏକ୍ କିଲୋମିଟର ଖଟିଆରେ ବୁହାହେଲେ ଗର୍ଭବତୀ

ଫୁଲବାଣୀ,୧୨।୧୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଗାଁ କୁ ସହର ସହିତ ଯୋଡିବା ପାଇଁ ପକ୍କା ରାସ୍ତାର ବ୍ୟବସ୍ଥା କରିଛନ୍ତି, ହେଲେ ଏବେବି ଆଦିବାସୀ ବହୁଳ ଉପାନ୍ତ ଅଞ୍ଚଳ ମାନଙ୍କରେ ପକ୍କା ରାସ୍ତା ସଂଯୋଗ ହୋଇ ପାରିନଥିବାରୁ ଆଜିବି ସେମାନେ ଦୁର୍ବିସହ ଜୀବନ ଜିଉଁଛନ୍ତି। ସ୍ଥାନୀୟ ଜନ ପ୍ରତିନିଧି ତଥା ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ଓ ୱାର୍ଡ ସଭ୍ୟ ମାନେ ଏସବୁ ଅଞ୍ଚଳକୁ ପକ୍କା ରାସ୍ତା ଯୋଗେଇ ଦେବା ସହିତ ଆବଶ୍ୟକ ସ୍ଥଳେ ଶଙ୍ଖ ସବୁ ନିର୍ମାଣ ପାଇଁ ପ୍ରଶାସନ ଆଗରେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପ୍ରଶାସନ ଜନ ପ୍ରତିନିଧି ମାନଙ୍କ ଅଭିଯୋଗ ଉପରେ ଗୁରୁତ୍ୱ ଦେଉନଥିବାରୁ ଉକ୍ତ ଅଞ୍ଚଳର ଜନସାଧାରଣ ଅଭିଶପ୍ତ ଜୀବନ ଜିଉଁଥିବା ଜନ ପ୍ରତିନିଧିମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଏପରିକି ପୂର୍ବତନ ବିଧାୟକ ଲେଖିକି ଦେଇଥିଲେ ମଧ୍ୟ ଉକ୍ତ ଗ୍ରାମକୁ ଗସ୍ତ କରିଥିବା ସମୟରେ ଗ୍ରାମବାସୀ ରାସ୍ତା ଓ ନାଳ ବିଷୟରେ ଜଣେଇଥିବା କହିଛନ୍ତି। ତଥାପି କୌଣସି ସୁଫଳ ମିଳି ନାହିଁ।ଏଭଳି ଏକ ଘଟଣା ଆଜି ସାମ୍ନାକୁ ଆସିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ପଞ୍ଚାୟତ ଅନ୍ତର୍ଗତ ସବେରୀ ଗ୍ରାମରେ। ଉକ୍ତ ଗ୍ରାମର ଜଣେ ଗର୍ଭବତୀ ମହିଳା ପୁଷ୍ପଲତା ବେହେରା ୩୦ ବର୍ଷ ଙ୍କୁ ପ୍ରସବ ବେଦନା ହେବା ପରେ ଉକ୍ତ ଗ୍ରାମର ଆଶା ଦିଦି ସଂଗେ ସଂଗେ ଆମ୍ବୁଲାନ୍ସକୁ ଫୋନ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିଥିଲା ସତ କିନ୍ତୁ ରାସ୍ତାର ଅବସ୍ଥା ଅତି ଶୋଚନୀୟ ସାଙ୍ଗକୁ ରାସ୍ତାରେ ଏକ ବଡ଼ ନାଳ ପଡୁଥିବାରୁ ଆମ୍ବୁଲାନ୍ସ ଟି ଗ୍ରାମଠାରୁ ୧କିଲୋମିଟର ଦୂରରେ କାଲାଡି ପାଜିପାରି ଗାଁ ରେ ଅଟକି ରହିଥିଲା ପରେ ଆଶା ଦିଦି, ଆମ୍ବୁଲାନ୍ସ ଡ୍ରାଇଭର ବଣ ଓ ଜଙ୍ଗଲ ଘାଟି ପାହାଡ଼ ଦେଇ ଆସିଥିଲେ ଗ୍ରାମର ଜନ ସାଧାରଣ ମିଶି ଖଟିଆରେ ୧କିଲୋମିଟର ଏକ ଭାର କରି ତହିଁରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଯିବା ପରେ ତାଙ୍କୁ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ସେଠାରେ ସେ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିବା ସୂଚନା ମିଳିଛି ଓ ଉଭୟ ମା ପୁଅ ସୁସ୍ଥ ଥିବା ସୂଚନା ମିଳିଛି। ଅନ୍ୟପଟେ ରାସ୍ତାର ଅବସ୍ଥା ଏତେ କଦର୍ଯ୍ୟ ଥିଲା ଯେ ନିଜେ ଆମ୍ବୁଲାନ୍ସ ଡ୍ରାଇଭର ଜିତୁ ମାଝୀ ଗର୍ଭବତୀଙ୍କୁ କାନ୍ଧରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଥିଲେ।ପ୍ରଶାସନ ଉକ୍ତ ଗ୍ରାମର ଦୁଃଖକୁ ହୃଦୟଙ୍ଗମ କରି ଯଥାଶୀଘ୍ର ଉକ୍ତ ଗ୍ରାମକୁ ଏକ ପକ୍କା ରାସ୍ତା ଯୋଗେଇ ଦେବା ସହ ମେଣ୍ଡ ମୁଣ୍ଡା ନାଳରେ ଏକ ସ୍ଥାୟୀ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବୀ କରିଛନ୍ତି।

ଜଳ ପ୍ରକଳ୍ପ ସୋଲାର ଚୋରି

ଫୁଲବାଣୀ,୧୨।୧୧(ସଂଚାର ବ୍ୟୁରୋ): ଫିରିଙ୍ଗିଆ ବ୍ଲକ ରେ ବାଇକ ପାଣି ପମ୍ପ ବିଦ୍ୟୁତ ତାର ଭଳି ବିଭିନ୍ନ ଜିନିଷ ଚୋରି ବୃଦ୍ଧି ପାଇଥିବା ବେଳେ ଗତ କାଲି ରାତିରେ ବୃଡ଼ି ପଡା ଗାଁରୁ ଗ୍ରାମବାସୀ ଙ୍କ ପାଇଁ ସ୍ୱଚ୍ଛ ପିଇବା ପାଣି ପାଇଁ ଦିଆଯାଅଥିବା ଘର ଘର ଟ୍ୟାପ ଯୋଜନା ର ପ୍ରକଳ୍ପ ରୁ ସୋଲାର ଚୋରି ହୋଇଥିବା ବେଳେ ଆଜି ଗ୍ରାମବାସୀ ଏହାକୁ ନେଇଁ ଫିରିଙ୍ଗିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତେବେ ସୂଚନା ଅନୁସାରେ ପବିଙ୍ଗିଆ ପଞ୍ଚାୟତ ଟାଲୁପଦର ଗାଁ ବୃଡ଼ି ସାହିରେ ପାଣି ନଥିବାରୁ ଗ୍ରାମବାସୀ ପାଣି ପାଇଁ ବହୁତ ଅସୁବିଧା ଭୋଗୁଥିଲେ ବାରମ୍ବାର ଅଭିଯୋଗ ପରେ ଉପାନ୍ତ ଆଞ୍ଚଳ ହୋଇଥିବାରୁ ଏବଂ ପାଣି ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ପ୍ରଶାସନ ତରଫରୁ ଏହି ବୃଡ଼ି ସାହିରେ ଘର ଘର ଟ୍ୟାପ ଯୋଜନାରେ ଏକ ସୋଲାର ପ୍ରକଳ୍ପ ଗତ ଚାରି ମାସ ତଳେ ଦେଇ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଗ୍ରାମକୁ ପାଣି ଯୋଗାଇ ଦିଆ ଯାଉଥିଲା। ଅଞ୍ଚଳ ର ଲୋକେ ମଧ୍ୟ ପାଣି ପାଇପାରିଥିଲେ ତେବେ ଗତ କାଲି ଲାଗିଥିବା ସବୁ ସୋଲାର ଦୁର୍ବୃତ୍ତ ମାନେ ଚୋରାଇ ନେଇଥିବାରୁ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି ତେବେ ଏହି ଘଟଣା କୁ ନେଇଁ ଫିରିଙ୍ଗିଆ ଥାନାରେ ଲିଖିତ ଭାବରେ ଅଚ୍ୟୁତାନନ୍ଦ ପ୍ରଧାନ, ଲୋକନାଥ କହଁର, ଦୁର୍ବାସା ପ୍ରଧାନ, ଲେମ୍ବୁ କହଁର ଙ୍କ ସହ ଜଣାଇଛନ୍ତି ସମୂହ ଗ୍ରାମବାସୀ ।

ଅଧପନ୍ତରିଆ ରାସ୍ତା ଦେଉଛି ଯନ୍ତ୍ରଣା

● କେବେ ସରିବ ରାସ୍ତା କାମ ?

ହିଞ୍ଜିଳିକାଟୁ,୧୨।୧୧(ସଂଚାର ବ୍ୟୁରୋ): ଗାଁ ଲୋକଙ୍କ ଗମନାଗମନ ବାବଦରେ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମନ୍ୱୟ ଅଭାବ ଯୋଗୁଁ ମାସ ମାସ ଧରି ରାସ୍ତା କାମ ସରୁନି । ଏଭଳି ଖବର ଆସିଛି ହିଞ୍ଜିଳି ନିକଟବର୍ତ୍ତୀ ଖରିଡ଼ା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର। ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ୍ୱ ସମୟ ହେବ ନିର୍ମାଣ କାର୍ଯ୍ୟ ବନ୍ଦ ରହିଥିବା ଯୋଗୁଁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମିତ ରାସ୍ତା ଗୋଟିଏ ପାର୍ଶ୍ୱ କଂକ୍ରିଟ ହୋଇଥିବା ବେଳେ ଅନ୍ୟ ପାର୍ଶ୍ୱଟି ଖାଲ ହୋଇ ଛାଡିଥିବା ଯୋଗୁଁ ରାତି ଅନ୍ଧକାରରେ ଅନେକ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ବିଶେଷ କରି ବରିଷ୍ଠ ନାଗରିକ ମାନେ ସାଇକେଲରେ ଯା ' ଆସ କରି ହୀନସ୍ତା ଭୋଗୁଛନ୍ତି। କେବେ ରାସ୍ତା କାମ ସମ୍ପୂର୍ଣ୍ଣ ହେବ ଏ ନେଇ ଅନିଶ୍ଚିତତା ଦେଖା ଦେଇଛି। ଅଧପନ୍ତରିଆ ରାସ୍ତା ଯୋଗୁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ କାର୍ଯ୍ୟକୁ ଶେଷ କରିବାକୁ ଓ ବି ଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନଭାବର ଫଳ ଭୋଗୁଛନ୍ତି ସାଧାରଣ ଜନତା। ଏଣୁ ଏହାର ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ । ଏ ନେଇ ହିଞ୍ଜିଳି ବିଡ଼ିଓ ସାଗରୀକା ଷଡ଼ଙ୍ଗୀଙ୍କୁ ପଚାରିବାରୁ ଚଳିତ ମାସ ଶେଷ ସୁଦ୍ଧା କାର୍ଯ୍ୟ ସରିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

● କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଆସୁନାହାନ୍ତି ଡାକ୍ତର, ରୋଗୀ ହନ୍ତସନ୍ତ ଅଭିଯୋଗ

ବ୍ରହ୍ମପୁର,୧୨।୧୧(ସଂଚାର ବ୍ୟୁରୋ): କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତ ରହୁଥିବାରୁ ରୋଗୀ ହନ୍ତସନ୍ତ ହେଉଥିବା ଅଭିଯୋଗ ଆସିଛି। ବୁଧବାର ଅପରାହ୍ଣରେ କୁକୁଡ଼ାଖଣ୍ଡି ବ୍ଲକ ଅଧିନ ବଉଳଝୋଳି ଗ୍ରାମର ସଞ୍ଜୟ ଦାସ(୩୦) ନାମକ ଜଣେ ଯୁବକଙ୍କ ଗଳା କଟିଯିବାରୁ ପରିବାର ଲୋକେ ଏକ ଅଟୋ ଯୋଗେ ଗୁରୁତର ଅବସ୍ଥାରେ ତାଙ୍କୁ କୁକୁଡ଼ାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଦାୟିତ୍ୱରେ ଥିବା ଡାକ୍ତର ନଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ପରିବାର ଲୋକେ। ଯୁବକ ଜଣକ ଗୁରୁତର ଥିବା ଦେଖି ଆର୍.ବି.ଏସ. କେ ବିଭାଗର ଡାକ୍ତର ଅଲ୍ଲୀ ଆସି ଏକ ଇଞ୍ଜେକସନ୍ ଦେଇ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଥିଲେ। ସୂଚନା ପ୍ରକାରେ ଯୁବକ ଜଣକ ମାନସିକ ରୋଗୀ ବା ସାଇକୋ ଥିବା ଜଣାପଡ଼ିଛି। ବିଚଳିତ ହୋଇ ଏକ ବ୍ଲେଡରେ ନିଜ ବେକକୁ କାଟି ଦେଇଥିବା ଜଣାପଡ଼ିଛି। ତେବେ ଏତେ ବଡ ମେଡ଼ିକାଲ ଏବଂ ୧୦ ଜଣ ଡାକ୍ତର ଥାଇ ମଧ୍ୟ କୌଣସି କାର୍ଯ୍ୟରେ ଆସୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଏ ସମସ୍ତ ଘଟଣାର ଏକ ଭିଡିଓ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ଏ ସଂକ୍ରାନ୍ତରେ ମେଡିକାଲ ଦାୟିତ୍ୱରେ ଥିବା ଡାକ୍ତର ସୁମିତ ସାହୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଯୋଗାଯୋଗ ହୋଇପାରିନାହିଁ।

ମାଙ୍କଡ଼ଙ୍କୁ ଖାଦ୍ୟ ଦେବା ନିଷେଧ, ଚିନ୍ତାରେ ପଶୁପ୍ରେମୀ

ବ୍ରହ୍ମପୁର,୧୨।୧୧ (ସଂଚାର ବ୍ୟୁରୋ): ବନ ବିଭାଗ ତରଫରୁ "ମାଙ୍କଡ଼ମାନଙ୍କୁ ଖାଦ୍ୟ ଦିଅନ୍ତୁ ନାହିଁ" ବୋଲି ବିଭିନ୍ନ ସ୍ଥାନରେ ସତର୍କତା ସୂଚନା ଫଳକ ଟଙ୍ଗାଯାଇଥିବାରୁ ପଶୁପ୍ରେମୀଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ପଶୁପ୍ରେମୀଙ୍କ ମତ ଅନୁସାରେ, ବନାଞ୍ଚଳରେ ଖାଦ୍ୟ ଓ ଜଳସ୍ରୋତର ଅଭାବ ହେତୁ ମାଙ୍କଡ଼ ମାନେ ମନୁଷ୍ୟ ବସତି ଅଞ୍ଚଳକୁ ଆସି ଖାଦ୍ୟ ଖୋଜୁଛନ୍ତି। ଏହି ପରିସ୍ଥିତିରେ ଯଦି ମନୁଷ୍ୟ ସେମାନଙ୍କୁ ଖାଇବା ଦିଅନ୍ତି ନାହିଁ, ତେବେ ସେମାନଙ୍କ ଜୀବନ ପ୍ରତି ବିପଦ ପଡ଼ିପାରେ ବୋଲି ଆଶଙ୍କା ଜନ୍ମିଛି। ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀ ଏହି ବିଷୟକୁ ଗୁରୁତର ସହ ନେଇ ସ୍ଥାନୀୟ ବନାଞ୍ଚଳ ଅଧିକାରୀ (ଡିଏଫଓ)ଙ୍କ ସହ ଯୋଗାଯୋଗ କରିଥିଲେ। ସେ ମାଙ୍କଡ଼ଙ୍କ ସୁରକ୍ଷା ଓ ଖାଦ୍ୟ ବ୍ୟବସ୍ଥା ସମ୍ବନ୍ଧରେ ଚିନ୍ତା ପ୍ରକାଶ କରିଥିଲେ। ଏହା ଉପରେ ଡିଏଫଓ ସ୍ପଷ୍ଟ କରିଥିଲେ ଯେ, ମନୁଷ୍ୟଙ୍କ ସୁରକ୍ଷା ଓ ମାଙ୍କଡ଼ଙ୍କ ସଂସ୍ପର୍ଶରେ ଆସି ଜନ ସାଧାରଣଙ୍କୁ ରୋଗ ବ୍ୟାପିବା ରୋକିବା ଦୃଷ୍ଟିରୁ ଏହି ସତର୍କତା ବୋର୍ଡ ଟଙ୍ଗା ଯାଇଛି।

ମାଟି ବୋଝେଇ ହାଇୱା ଜବତ, ଚାଳକ ଗିରଫ

ବାଲିଅନ୍ତା,୧୨।୧୧ (ସଂଚାର ବ୍ୟୁରୋ): ବାଲିଅନ୍ତା ଥାନା ପୁଲିସ୍ ଚୋରା ମାଟି ଚାଲାଣ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ବେଣୁପୁର ଗଡ଼ ସାହିର ଅଭିଯୁକ୍ତ ରାମଚନ୍ଦ୍ର ଜେନା (୨୭)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ତା ୧୧.୧୧.୨୦୨୫ ମଧରାତ୍ରିରେ, ଚନ୍ଦକା ଥାନାର ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ, ଇନ୍ସପେକ୍ଟର ମାନସ ରଞ୍ଜନ ମଲ୍ଲିକ, ଅନ୍ୟାନ୍ୟ କର୍ମଚାରୀ ମାନଙ୍କ ସହ ମିଶି ବାଲିଅନ୍ତା ପୋଲ ନିକଟସ୍ଥ ମହାତ୍ମା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ବ୍ଲକିଂ ଡ୍ୟୁଟି ସମ୍ପାଦନ କରୁଥିଲେ। ସକାଳ ପ୍ରାୟ ୧୦.୩୦ ସମୟରେ ଏକ ହାଇୱା ଟ୍ରକ ଦ୍ରୁତ ଗତିରେ ବଇଁଚୁଆ ଗ୍ରାମ ଅଭିମୁଖେ ଆସୁଥିବାର ଦେଖିଥିଲେ। ଏହା ଦେଖି ପୋଲିସ କର୍ମଚାରୀମାନେ ବ୍ଲକିଂ ପଏଣ୍ଟ ନିକଟରେ ଉକ୍ତ ଟ୍ରକକୁ ଅଟକାଇଥିଲେ। ଗାଡ଼ି ଯାଞ୍ଚ କରିବା ପରେ ଉକ୍ତ ହାଇୱା ଗାଡ଼ିରେ ମାଟି/ବାଲି ଲୋଡ୍ ହୋଇଥିବାର ଜଣାପଡ଼ିଥିଲା। ପଚରାଉଚରାରୁ ଅଭିଯୁକ୍ତ ଚାଳକ, ମାଟି/ବାଲି ପରିବହନ ପାଇଁ କୌଣସି ବୈଧ ଲାଇସେନ୍ସ ଦେଖାଇ ପାରିନଥିଲେ। ସେ ଆହୁରି ମଧ ସ୍ୱୀକାର କରିଥିଲେ ଯେ, ଉକ୍ତ ହାଇୱା ଗାଡ଼ିର ମାଲିକ ବିଟୁ ଓରଫ୍ ଅର୍ଣ୍ଣବ ଦାସଙ୍କ ନିର୍ଦ୍ଦେଶ ଅନୁଯାୟୀ, ସେମାନେ ଦୀର୍ଘ ଦିନ ଧରି କୌଣସି ଲାଇସେନ୍ସ କିମ୍ବା କର୍ତ୍ତୃପକ୍ଷ/ଅନୁମତି ବିନା ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏହି ମାଟି/ବାଲି ଚୋରାଚାଲାଣ କରିଆସୁଥିଲେ।

ନୂତନ ଜିଲ୍ଲା କୃଷି ଅଧିକାରୀଙ୍କ ଯୋଗଦାନ

ବାରିପଦା,୧୨।୧୧ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲାର ନୂତନ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ଲୋକନାଥ ମିଶ୍ର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବୁଧବାର ବାରିପଦା ସ୍ଥିତ କାର୍ଯ୍ୟାଳୟରେ ପୂର୍ବ ଅଧିକାରୀ ଜ୍ଞାନ ବଲ୍ଲଭ ଦାସଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ମିଶ୍ର ଏହା ପୂର୍ବରୁ ରାଇରଙ୍ଗପୁର କୃଷି ଜିଲ୍ଲା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭାବେ ପଦୋନ୍ନତି ପାଇ ସେ ଏଠାରେ ଯୋଗ ଦେଇଛନ୍ତି। କୃଷି ଓ କୃଷକ ଉନ୍ନତି ଓ ବିଭିନ୍ନ କୃଷି ଆନୁସଙ୍ଗିକ ଯୋଜନା ଯେପରି ପ୍ରତ୍ୟେକ ଚାଷୀଙ୍କ ପାଖରେ ପହଞ୍ଚି ପାରିବ ସେଥିପାଇଁ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି ସେ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ।

ସାମୁଦ୍ରିକ ଥାନା ସୁରକ୍ଷା ଦେବ ତ ?

ଦିଲ୍ଲୀ ବିସ୍ଫୋରଣ ପରେ ସାମୁଦ୍ରିକ ଥାନାଞ୍ଚଳରେ ହାଇ ଆଲର୍ଟ

କାକଟପୁର /ଅସ୍ତରଙ୍ଗ, ୧୨।୧୧(ସଂଚାର ବ୍ୟୁରୋ): ଦିଲ୍ଲୀ ବିସ୍ଫୋରଣକୁ ନେଇ ସାରା ଦେଶରେ ଏବେ ହାଇଆଲର୍ଟ। ଏହି ସମୟରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧକ୍ଷତାରେ ମଙ୍ଗଳବାର ମଧ୍ୟ ଗୁରୁତ୍ୱ ପୂର୍ଣ୍ଣ ବୈଠକ ବସିଥିଲା। କେବଳ ଦିଲ୍ଲୀ ନୁହେଁ ଏହା ଉପରେ ଏବେ ସାରା ଦେଶର ନଜର। କିନ୍ତୁ ଏ ପଟେ ଦେଖିବାକୁ ଗଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଦେବୀ ନଦୀ ମୁହାଁଣ ଦେଇ ପ୍ରଭାହିତ ସମୁଦ୍ର ସମ୍ପୂର୍ଣ୍ଣ ମୁକୁଳା ରହିଛି। ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ନାହିଁ ନାହିଁରେ ସାମୁଦ୍ରିକ ଥାନା ଚାଲୁଛି। ଦିଲ୍ଲୀ ବିସ୍ଫୋରଣକୁ ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ଉପକୂଳରେ ହାଇଆଲର୍ଟ ଜାରି ମଧ୍ୟ କରାଯାଇଛି। ଆତଙ୍କବାଦୀ ହୁଅନ୍ତୁ ବା ବାହ୍ୟଶତ୍ରୁ ସ୍ଥଳପଥ ଅପେକ୍ଷା ଜଳପଥକୁ ବେଶୀ ସହଜ ମନେ କରନ୍ତି। ଏ ସବୁକୁ ଦୃଷ୍ଟିରେ ରଖି ସମୁଦ୍ର ତଟକୁ ସୁରକ୍ଷା ଦେବା ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ୨୦୧୪ମସିହାରେ ସ୍ଥାପିତ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ନୂଆଗଡ଼ ସାମୁଦ୍ରିକ ଥାନା ରହିଛି। କିନ୍ତୁ ଦୀର୍ଘ ଦିନ ହେବ ପୁଲିସ ବ୍ୟବସ୍ଥା ରେ ନବୀକରଣ ହୋଇପାରୁନାହିଁ। ବର୍ଷ ବର୍ଷ ଧରି କର୍ମଚାରୀ ଙ୍କ ଅଭାବ କଣ ଆତଙ୍କବାଦୀ ଆକ୍ରମଣ କୁ ସାମ୍ନା କରି ପ୍ରତିହତ କରିପାରିବ। ଦିଲ୍ଲୀ, ଜାମ୍ମୁ କାଶ୍ମୀରର ପହଲଗାମ ପରି ଘଟିବ ତାହାକୁ ନେଇ ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଞ୍ଚଳରେ ଆତଙ୍କ ଦେଖାଦେଇଛି। ନାହିଁ ନାହିଁ ରେ ଚାଲୁଛି ଅସ୍ତରଙ୍ଗ ନୂଆଗଡ଼ ସାମୁଦ୍ରିକ ଥାନା। ନୂଆଗଡ଼ ସାମୁଦ୍ରିକ ଥାନାରେ ଅନୁମୋଦିତ ପଦବୀରେ ଜଣେ ଇନିସ୍ପେକ୍ଟର, ୩ ଜଣ ସବଇନିସ୍ପେକ୍ଟର, ୩ ଜଣ ଏଏସଆଇ, ହାବିଲଦାର ୮ଜଣ, କନେଷ୍ଟବଳ ୨୪ଜଣ, ହୋମଗାର୍ଡ ୧୫ଜଣ, ଗାଡି ଚାଳକ ୨ଜଣ, ସ୍ପେସିଆଲ ପୋଲିସ ଅଫିସର ୫ଜଣ, ଟେକ୍ନିକାଲ ଷ୍ଟାଫ ୧୪ଜଣ ଆବଶ୍ୟକ ରହିଥିବା ବେଳେ ବର୍ତ୍ତମାନ ଅଛନ୍ତି ଜଣେ ଇନିସ୍ପେକ୍ଟର, ସବଇନିସ୍ପେକ୍ଟର ପଦବୀ ଖାଲି, ଏଏସଆଇ ଜଣେ, ହାବିଲଦାର ନାହାନ୍ତି, କନେଷ୍ଟବଳ ୧୦ଜଣ, ହୋମଗାର୍ଡ ୯ଜଣ, ଡ୍ରାଇଭର ନାହାନ୍ତି, ଟେକ୍ନିକାଲ ଷ୍ଟାଫ ୧୦ଜଣ ଥାନାରେ କାର୍ଯ୍ୟରତ ଅଛନ୍ତି।

ଉତ୍କଳ ବାଳାଶ୍ରମରୁ ଦୁଇ ଅନ୍ତେବାସୀ ଫେରାର ମାମଲା

ଘଟଣାର ସମୀକ୍ଷା କଲେ ଓଏସସିପିସିଆର ଅଧ୍ୟକ୍ଷା



ବ୍ରହ୍ମପୁର,୧୨।୧୧ (ସଂଚାର ବ୍ୟୁରୋ): ସ୍ଥାନୀୟ ଉତ୍କଳ ବାଳାଶ୍ରମରୁ ଅନ୍ତେବାସୀ ଫେରାର ହୋଇଥିବା ଘଟଣାରେ ଆଜି ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ବ୍ରହ୍ମପୁର ଗସ୍ତ କରିଛନ୍ତି। ସେ ପ୍ରଥମେ ବ୍ରହ୍ମପୁର ରେଳଷ୍ଟେସନ ରୋଡ ସ୍ଥିତ ସ୍ୱତନ୍ତ୍ର ସର୍କିଟ ହାଉସରେ ପହଂଚିଥିଲେ। ପରେ ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ, ଏଡିଏମ ଡା. ପ୍ରମୋଦ କୁମାର ପୃଷ୍ଟି, ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ପାତ୍ରଙ୍କ ସମେତ ଡ଼ିଏସଡବ୍ଲ୍ୟୁ, ଡିସିପିଓଙ୍କ ସମେତ ଉତ୍କଳ ବାଳାଶ୍ରମ ଅଧ୍ୟକ୍ଷାଙ୍କ ସହ ଆଲୋଚନା ଓ ସମୀକ୍ଷା କରିଥିଲେ। ଗତ ଅକ୍ଟୋବର ୨୧ ତାରିଖରେ ବ୍ରହ୍ମପୁର ବାଳିକା ପର୍ଯ୍ୟବେକ୍ଷଣ ଗୃହରୁ ଦୁଇ ଅନ୍ତେବାସୀ ଚମ୍ପଟ ମାରିଥିଲେ। ଚମ୍ପଟ ମାରିଥିବା ଦୁଇ ଅନ୍ତେବାସୀଙ୍କୁ ଦୀପାବଳି ଦିନ ଝାରସୁଗୁଡା ଜିଲାରୁ ଆଣି ବ୍ରହ୍ମପୁରରେ ରଖାଯାଇଥିଲା।ତେବେ ସେହି ଦୁଇ ଅନ୍ତେବାସୀ କିଭଳି ଏବଂ କେଉଁ ପରିସ୍ଥିତିରେ ପର୍ଯ୍ୟବେକ୍ଷଣ ଗୃହରୁ ଫେରାର ହୋଇଗଲେ ତାହାର ରିପୋର୍ଟ ପ୍ରଦାନ କରିବାକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସସିପିସିଆର) ଅଧ୍ୟକ୍ଷା ବବିତା ପାତ୍ର କହିଛନ୍ତି। ସେହିପରି ଗୋଶାଣୀନୂଆଗାଁରେ ଥିବା ଉତ୍କଳ ବାଳାଶ୍ରମରୁ ଦୁଇ ଜଣ ଅନ୍ତେବାସୀ ଫେରାର ଘଟଣାରେ ମଧ୍ୟ ଆୟୋଗ ଅଧ୍ୟକ୍ଷା ସ୍ଥାନୀୟ ସୁପ୍ରିଟେଣ୍ଡେଣ୍ଟଙ୍କୁ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ଉତ୍ତର ମିଳି ପାରିନଥିଲା। ଅଧ୍ୟକ୍ଷା ବବିତା ପାତ୍ର ବ୍ରହ୍ମପୁରରେ ପହଞ୍ଚି ସମସ୍ତ ଅଧିକାରୀଙ୍କ ସହିତ ଗୋଶାଣୀନୂଆଗାଁ ସ୍ଥିତ ଉତ୍କଳ ବାଳାଶ୍ରମରେ ପହଂଚି ସେଠାକାର ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ।

ବରୀର ବିକାଶ ମୋ ଠାରୁ କିଏ ଅଧିକ କରିଛି ?

ଦେବାଶିଷଙ୍କ ବୟାନରେ ରାଜନୀତିରେ ସରଗରମ

ଯାଜପୁର,୧୨।୧୧(ସଂଚାର ବ୍ୟୁରୋ): ବରୀ ନିର୍ବାଚନମଣ୍ଡଳୀର ବିକାଶ ଓ ରାଜନୈତିକ ପରିସ୍ଥିତିକୁ ନେଇ ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକଙ୍କ ତୀକ୍ଷ୍ଣ ମନ୍ତବ୍ୟ ଏବେ ଜିଲ୍ଲା ରାଜନୀତିରେ ନୂଆ ଚର୍ଚ୍ଚା ସୃଷ୍ଟି କରିଛି। ସୋମବାର ଯାଜପୁର ସହରରେ ଏକ ସାଧାରଣ କାର୍ଯ୍ୟକ୍ରମରେ ଯୋଗ ଦେଇ ସେ କହିଥିଲେ "ବରୀ ନିର୍ବାଚନମଣ୍ଡଳୀ ଆଜି ଯେଉଁ ଅବସ୍ଥାରେ ଅଛି, ତାହା ଦେଖି ଦୁଃଖ ଲାଗୁଛି। ମୋ' ସମୟରେ ଯେତେ ବିକାଶ ହୋଇଥିଲା, ଆଜି ସେଗୁଡ଼ିକ ଅବହେଳାରେ ପଡ଼ିଛି। ବରୀର ବିକାଶ ମୋ'ଠାରୁ ଅଧିକ କିଏ କରିଛି, ସେ ଦେଖାଇଦିଅନ୍ତୁ। ଶ୍ରୀ ନାୟକ କହିଛନ୍ତି ଯେ, ବରୀ ଅଞ୍ଚଳ ପାଇଁ ସେ ନିଜ ବିଧାୟକ ଥିବା ସମୟରେ ଏକାଧିକ ସେତୁ, ରାସ୍ତା, ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବସ୍‌ଷ୍ଟାଣ୍ଡର ବିକାଶ କରିଥିଲେ, ଯାହା ଏବେ ଭଲ ଭାବେ ରକ୍ଷଣ ବେକ୍ଷଣ ନ ହେବାରୁ ଅବସ୍ଥା ଖରାପ ହୋଇଯାଇଛି। ତାଙ୍କ ଅଭିଯୋଗ ବର୍ତ୍ତମାନ ଅଞ୍ଚଳର ବିକାଶ ରାଜନୀତିକ ହିସାବରେ ବାଟବଣା ହୋଇଯାଇଛି ଏବଂ ସାଧାରଣ ଲୋକଙ୍କ ସମସ୍ୟା ଲୁଚି ରହିଯାଉଛି। ସେ ଆହୁରି କହିଥିଲେ, ବରୀ ନଦୀନାଳ ଘେରା ଅଞ୍ଚଳ ହୋଇଥିବା ସତ୍ତ୍ୱେ, କୃଷିକାର୍ଯ୍ୟ ଛଡ଼ା ଅନ୍ୟ କୌଣସି ଅର୍ଥନୈତିକ କାର୍ଯ୍ୟକଳାପ ଏଠାରେ ସୁଦୃଢ଼ ହୋଇପାରିନାହିଁ। ଲୋକମାନେ ଆଜି ମଧ୍ୟ ମୌଳିକ ସୁବିଧା ପାଇଁ ଲଢ଼ୁଛନ୍ତି।ବରୀ ନିର୍ବାଚନମଣ୍ଡଳୀରେ ଶ୍ରୀ ନାୟକଙ୍କ ଏହି ବୟାନକୁ ନେଇ ରାଜନୀତି ଗରମ ହୋଇଯାଇଛି। ସେ ଯେତେବେଳେ ବିଜେଡି ଟିକେଟରେ ୨୦୦୦ରୁ ୨୦୧୪ ପର୍ଯ୍ୟନ୍ତ ଲଗାତାର ଚାରିଥର ବିଧାୟକ ହୋଇଥିଲେ, ସେତେବେଳେ ତାଙ୍କ ଅଞ୍ଚଳରେ ଅନେକ ବିକାଶମୂଳକ ପ୍ରକଳ୍ପ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ଦିନରେ ସେ ବିଜେପି ଓ ପରେ କଂଗ୍ରେସରେ ସାମିଲ ହେଲେ ମଧ୍ୟ ନିଜ ଅଞ୍ଚଳର ବିକାଶ ଉପରେ ତାଙ୍କ ମତାମତ ଦେଇ ଆସୁଛନ୍ତି। ଅନ୍ୟପକ୍ଷରେ, ବର୍ତ୍ତମାନର ବିଜେଡି ବିଧାୟକ ବିଶ୍ୱରଂଜନ ମଲ୍ଲିକ ତାଙ୍କ ଏହି ବୟାନ ପ୍ରତି କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ରାଜନୀତିକ ବିଶ୍ଳେଷକମାନେ କହୁଛନ୍ତି "ଦେବାଶିଷ ନାୟକଙ୍କ ଏହି ମନ୍ତବ୍ୟ ଆସନ୍ତା ନିର୍ବାଚନର ପରିସ୍ଥିତିକୁ ଆଉ ଅଧିକ ଗୁରୁତର କରିପାରେ।

ଦୋଛକିରେ ହିରୋ ସୋରୁମର ଉଦ୍‌ଘାଟିତ

ପାରାଦୀପ,୧୨।୧୧(ସଂଚାର ବ୍ୟୁରୋ): ପାରାଦୀପର ଦୋଛକିରେ ଆଜି ଆନୁଷ୍ଠାନିକ ଭାବେ ହିରୋ ସୋରୁମ ଉଦ୍ଘାଟିତ ହୋଇ ଯାଇଛି। ଏହାକୁ ସୋନି ମୋଟେରର ମାଳିଆଙ୍କ ଆଶ୍ରଦୀପ ସିଂ ଫିତା କାଟି ଉଦ୍‌ଘାଟିତ କରିଛନ୍ତି। ସ୍ଥାନୀୟ ଲୋକଙ୍କ ଚାହିଦାକୁ ଭିତିକରି ଶାନ୍ତି ମୋଟେର ନାମରେ ଶୈଳେନ୍ଦ୍ର ପାତ୍ର ଏହି ସୋରୁମ ଖୋଲିଛନ୍ତି। ହିରୋ କମ୍ପାନୀର ସମସ୍ତ ବାଇକ, ସ୍କୁଟି ଏଠାରେ ମିଳିବା ସହ ଗାଡିର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି। ଏହି ଉଦ୍‌ଘାଟନ ସମୟରେ ନୀତିଶ କୁମାର, ହାରଭେର କୌର ଓ ଦେବାଶିଷ ସର ପ୍ରମୁଖ ଉପସ୍ଥିତ ଥିଲେ।

୨୦୨୭ ଜନଗଣନା ପାଇଁ ପ୍ରାକ ପ୍ରସ୍ତୁତି

ଡିଜିଟାଲ ଲେ ଆଉଟ ମ୍ୟାପିଙ୍ଗ କାର୍ଯ୍ୟକ୍ରମ

ନବରଂଗପୁର,୧୨।୧୧(ସଂଚାର ବ୍ୟୁରୋ): ଜନଗଣନା ୨୦୨୭ ପାଇଁ ପ୍ରାକ ପ୍ରସ୍ତୁତି ସ୍ୱରପ ଆଜି ଠାରୁ ଆରମ୍ଭ ହେଉଛି ଡିଜିଟାଲ ଲେ ଆଉଟ ମ୍ୟାପଙ୍ଗ କାର୍ଯ୍ୟକ୍ରମ। ଯେଉଁ ଗ୍ରାମ ଗୁଡିକ ରେ ପ୍ରି ଟେଷ୍ଟ ଜନଗଣନା କରାଯିବ ସେହି ଗ୍ରାମ ଗୁଡିକର ଡିଜିଟାଲ ମ୍ୟାପିଙ୍ଗ ହେଉଛି। ନବରଙ୍ଗପୁର ଜିଲ୍ଲା ର ତେନ୍ତୁଲୀଖୁଣ୍ଟି ବ୍ଲକ ର ଜନଗଣନା ହେବାକୁ ଥିବା ୨୦ ଟି ଗ୍ରାମରେ ଡିଜିଟାଲ ମ୍ୟାପିଙ୍ଗ ହେଉଛି। ଏଥି ସକାଶେ ଭାରତର ରେଜିଷ୍ଟର ଜେନେରାଲ ଏବଂ ଜନଗଣନା ଆଯୁକ୍ତ କାର୍ଯ୍ୟାଳୟ ଙ୍କ ତରଫରୁ ତାଲିମ ଦିଆଯାଇଥିଲା। ଯାହା ବର୍ତ୍ତମାନ ତାଲିମ ପ୍ରାପ୍ତ ଶିକ୍ଷକ ମାନେ ତେନ୍ତୁଲୀଖୁଣ୍ଟି ର ଗ୍ରାମ ଗୁଡିକ ସର୍ଭେ କରୁଛନ୍ତି। ଏହିଠାରେ ସୂଚନା ଯୋଗ୍ୟ ଯେ ସାରା ରାଜ୍ୟରେ ମାତ୍ର ଚାରୋଟି ଜିଲ୍ଲା କଟକ, ଖୋର୍ଦ୍ଧା (ଭୁବେନେଶ୍ୱର) ସହରାଞ୍ଚଳ, ନବରଙ୍ଗପୁର ଓ ମୟୁରଭଞ୍ଜ ଜିଲ୍ଲାର ଗ୍ରାମାଞ୍ଚଳ ରେ ଏହି କାର୍ଯ୍ୟକ୍ରମ ପରୀକ୍ଷା ମୂଳକ ଭାବେ କରାଯାଉଛି। ପ୍ରିଟେଷ୍ଟ ଜନ ଗଣନା ପାଇଁ ତାଲିମ ନେଇଥିବା ସୁପରଭାଇଜର ମାନେ ମ୍ୟାପିଙ୍ଗ କରି ଗଣନାକାରୀ ମାନଙ୍କୁ ଦେବେ। ମ୍ୟାପିଙ୍ଗ ପରେ ଗଣନାକାରୀ ମାନେ ସେହି ମ୍ୟାପ କୁ ଆଧାର କରି ଘର କୁ ଘର ବୁଲି ପରିବାର ର ସମସ୍ତ ସଦସ୍ୟ ଙ୍କ ତଥ୍ୟ, କେତୋଟି ଘର ଅଛି ତାହା ମଧ୍ୟରୁ କେତୋଟି ଘର ବ୍ୟବହାର ରେ ଲାଗୁଛି, ପାଇଖାନା ସୁବିଧା ଅଛି କି ନାହିଁ, ପାନୀୟ ଜଳ ପାଇଁ କାହା ଉପରେ ନିର୍ଭର, ଘର ରୁ ବର୍ଷା ଜଳ ଓ ନିତ୍ୟ ବ୍ୟବହାର ଜଳ ନିଷ୍କାସନ ବ୍ୟବସ୍ଥା କଣ ରହିଛି ଆଦି ତଥ୍ୟ ସଂଗ୍ରହ କରି ମୋବାଇଲ ରେ ଡିଜିଟାଲ ମାଧ୍ୟମରେ ଫିଡ଼ କରିବେ।

ନେଦରଲ୍ୟାଣ୍ଡରେ 'ଡଙ୍ଗା ଭସା' ଓ 'ଛାଡ଼ଖାଇ ୨୦୨୫' ପାଳିତ!

ପାରାଦୀପ,୧୨।୧୧ (ସଂଚାର ବ୍ୟୁରୋ): ଓଡ଼ିଆ ସାମାଜିକ-ସାଂସ୍କୃତିକ ସଂଘ ନେଦରଲ୍ୟାଣ୍ଡ (ଓଡ଼ିଆ ସୋସିଅ -କଲ୍ଚରାଲ ଏସସିଏସନ ଅଫ ନେଥଏର୍ଲାଣ୍ଡସ - ଓସକାନ) ପକ୍ଷରୁ ଡଙ୍ଗା ଭସା ଓ ଛାଡ଼ଖାଇର ଅଷ୍ଟମ ସଂସ୍କରଣକୁ ନେଦରଲ୍ୟାଣ୍ଡ ଆମ୍‌ଷ୍ଟେଲଭୀନ ସହରରେ ଅତ୍ୟନ୍ତ ଉତ୍ସାହ ଏବଂ ଗର୍ବର ସହ ପାଳନ କରାଯାଇଛି। ଓଡ଼ିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଏବଂ ସାଂସ୍କୃତିକ ପରମ୍ପରାର ଏହି ଉଜ୍ଜ୍ୱଳ ଉତ୍ସବରେ ନେଦରଲ୍ୟାଣ୍ଡରେ ବିଭିନ୍ନ ସ୍ଥାନରୁ ଓଡ଼ିଆ ତଥା ବ୍ୟାପକ ଭାରତୀୟ ସମୁଦାୟର ଲୋକେ ଏକାଠି ହୋଇଥିଲେ। ଏହି ସ୍ଥାନକୁ ସୁନ୍ଦର ଭାବରେ ସଜାଯାଇଥିଲା ଏବଂ ଦିନକ ପାଇଁ ଏହା ଏକ ମନମୁଗ୍ଧକର 'ମିନି ଓଡ଼ିଶା'ରେ ପରିଣତ ହୋଇଥିଲା। ଭଗବାନ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ଦୀପ ପ୍ରଜ୍ୱଳନ ସହିତ ଏହି ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭାରତୀୟ ଦୂତାବାସର ଗାନ୍ଧୀ କେନ୍ଦ୍ର ନିର୍ଦ୍ଦେଶକ ଶ୍ରୀ କୃଷ୍ଣ ଗୁପ୍ତା, ଜଣେ ବିଶିଷ୍ଟ ଡାକ୍ତର ତଥା ନେଦରଲ୍ୟାଣ୍ଡ ଅଗ୍ରଣୀ ରାଜନୈତିକ ଦଳର ପ୍ରାର୍ଥୀ ନୂପୁର କୋହଲିଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଓ ଓସକାନର ବନ୍ଧୁମାନେ ଯୋଗ ଦେଇଥିଲେ।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫' ଉଦ୍‌ଘାଟିତ

ଯୋଗଦେଲେ ୨୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ

- 'ନିପୁଣ ଓଡ଼ିଶା-ନିପୁଣ ଭାରତ' କାର୍ଯ୍ୟକ୍ରମ ମାଧ୍ୟମରେ ଭାଗନେଲେ କୁନିକୁନି ଛାତ୍ରଛାତ୍ରୀ
- ଶିଶୁଙ୍କ ସ୍ୱପ୍ନକୁ ସାକାର କରିବା, ସେମାନଙ୍କ ମାର୍ଗଦର୍ଶନ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା
- ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କଲେ ମୁଖ୍ୟମନ୍ତ୍ରୀ
- ବିଦ୍ୟାର୍ଥୀମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ 'ସୁରଭି' ଏକ ଅଦ୍ୱିତୀୟ ପ୍ଲାଟଫର୍ମ

ଭୁବନେଶ୍ୱର, ୧୨।୧୧ (ସଂଚାର ବ୍ୟୁରୋ) : ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଆରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଭୁବନେଶ୍ୱରର ୟୁନିଟ୍-୩ ସ୍ଥିତ କ୍ୟାପିଟାଲ ହାଇସ୍କୁଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି ଓ କହିଛନ୍ତି ଯେ, ସୁରଭି କେବଳ ଶିଶୁ ପ୍ରତିଭାର ବିକାଶ ପାଇଁ ଏକ ଉତ୍ସବ ନୁହେଁ, ଏହା ପ୍ରତ୍ୟେକ ଶିଶୁମାନଙ୍କ ସ୍ୱପ୍ନ, ସୃଜନଶୀଳତା, ଚିନ୍ତାଧାରା ଓ ପ୍ରତିଭା ବିକାଶର ମଞ୍ଚ। ବିଦ୍ୟାର୍ଥୀମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ 'ସୁରଭି' ଏକ ଅଦ୍ୱିତୀୟ ପ୍ଲାଟଫର୍ମ ସାଜିଛି। ସୂଚନା ଯୋଗ୍ୟ ଯେ ଏହି ରାଜ୍ୟସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମରେ ୨୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଓ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ୧୦୦୦ରୁ ଊର୍ଦ୍ଧ୍ୱ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଛନ୍ତି। ଚଳିତ ବର୍ଷ 'ସୁରଭି' କାର୍ଯ୍ୟକ୍ରମରେ 'ନିପୁଣ ଓଡ଼ିଶା-ନିପୁଣ ଭାରତ' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାମାନଙ୍କୁ ବିଦ୍ୟାଳୟ ଓ କ୍ଲଷ୍ଟର ସ୍ତରରେ ଭାଗନେବାର ସୁଯୋଗ ଦିଆଯାଇଛି। କାର୍ଯ୍ୟକ୍ରମ ପ୍ରାଙ୍ଗଣରେ ମୁଖ୍ୟମନ୍ତ୍ରୀ, ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ବିଭିନ୍ନ କାର୍ଯ୍ୟକ୍ରମର ପ୍ରଦର୍ଶନୀକୁ ବୁଲି ଦେଖିଥିଲେ। ଏଥି ସହିତ ଯୁକ୍ତ ଦୁଇ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ ସୁସ୍ମିଳ କୁମାର ନାୟକ, ବାଣିଜ୍ୟରେ ସ୍ମିତାରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୁତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ଏବଂ ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ଉଚ୍ଚଶିକ୍ଷା ଭଳି ବିଭିନ୍ନ ସ୍ତର ରହିଛି ଏବଂ ଏହି ସମସ୍ତେ ପରସ୍ପରର ପରିପୂରକ। ତେଣୁ ସବୁ ସ୍ତର ବିକାଶ ହୋଇପାରିଲେ ହିଁ ଆମ ରାଜ୍ୟର ଶିକ୍ଷା କ୍ଷେତ୍ରର ବିକାଶ ସମ୍ଭବ ହୋଇପାରିବ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନୀୟ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତକାର, ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ମଡେଲ ୟୁନାଇଟେଡ୍ ନେସନ୍ ପାଲିଆମେଣ୍ଟ, କର୍ମଶାଳା ଓ ବିଭିନ୍ନ ପ୍ରଦର୍ଶନୀ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ବିଶିଷ୍ଟ ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ଼ ଏନ୍. ତିରୁମାଲା ନାଏକ, ଓଡ଼ିଶା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା, ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଓଡ଼ିଶା ବୈଦ୍ୟୁତିକ ଯାନ ନୀତି ୨.୦ ଉପରେ ଆଲୋଚନା

ଭୁବନେଶ୍ୱର,୧୨ । ୧୧(ସଂଚାର ବ୍ୟୁରୋ) : ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତିରେ ପ୍ରସ୍ତାବିତ ସଂଶୋଧନ ଉପରେ ଏକ ଅଂଶୀଦାର ପରାମର୍ଶ ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଶ୍ରୀମତୀ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ଇଭି ଇକୋସିଷ୍ଟମ୍ କୁ ସୁଦୃଢ଼ କରିବା ଏବଂ ଆଗାମୀ ଓଡ଼ିଶା ଇଭି ନୀତି ୨.୦ ର ଢାଞ୍ଚା ଗଠନ ଉପରେ ବିଚାର ବିମର୍ଶ କରିବା ପାଇଁ ଏକାଧିକ ବିଭାଗ ଓ କ୍ଷେତ୍ରର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଆଜି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ କମିଶନର ଶ୍ରୀ ଅମିତାଭ ଠାକୁର , ସିଏମଡି-ଓଏସଆରଟିସି ଶ୍ରୀ ଏନ. ବି. ଏସ. ରାଜପୁତ , କୁଟ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ, ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ, ଶକ୍ତି, ଅର୍ଥ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ବରିଷ୍ଠ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଅଂଶୀଦ୍ରଧାକାରୀମାନେ ବର୍ଦ୍ଧିତ କ୍ରୟ ପ୍ରୋତ୍ସାହନ, ଯାନ ରେଟ୍ରୋ-ଫିଟମେଣ୍ଟ ଏବଂ ସ୍କ୍ରାପେଜ୍ ଲାଭ, ପିଏମ ଇ-ଡ୍ରାଇଭ୍ ଯୋଜନା ଅଧୀନରେ ତାଙ୍କ ଭିତ୍ତିଭୂମିର ବିକାଶ ଏବଂ ଇଭି ପଦକ୍ଷେପ ବାର୍ଷିକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ରାଜ୍ୟ ଇଭି ପାଣ୍ଠି ସୃଷ୍ଟି ଭଳି ପ୍ରମୁଖ ଦିଗ ଉପରେ ଆଲୋଚନା କରିଥିଲେ। ଆନ୍ତଃବିଭାଗୀୟ ସମନ୍ୱୟ ଏବଂ ଘରୋଇ କ୍ଷେତ୍ରର ଯୋଗଦାନ ଉପରେ ଗୁରୁତ୍ୱ ଦେଇ ଶ୍ରୀମତୀ ପାଢ଼ୀ ସମଗ୍ର ଓଡ଼ିଶାରେ ବୈଦ୍ୟୁତିକ ଗତିଶୀଳତାକୁ ଏକ ସୁଗମ ଏବଂ ଅନ୍ତର୍ଭୁକ୍ତ ପରିବର୍ତ୍ତନକୁ ସକ୍ଷମ କରିବା ପାଇଁ ଦକ୍ଷତା ବିକାଶ ଏବଂ ନୀତି ସଂଶୋଧନ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ପରାମର୍ଶ ଓଡ଼ିଶା ଇଭି ନୀତି ୨କୁ ଚୂଡ଼ାନ୍ତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ, ଯାହାର ଉଦ୍ଦେଶ୍ୟ ବିକଶିତ ଓଡ଼ିଶା ୨୦୩୬ ର ଦୃଷ୍ଟିକୋଣ ଅନୁଯାୟୀ ଓଡ଼ିଶାର ସ୍ୱଚ୍ଛ ଏବଂ ସବୁଜ ଗତିଶୀଳତା ଆନ୍ଦୋଳନରେ ଅଗ୍ରଣୀ ଭାବରେ ଅବସ୍ଥାପିତ ହେବା।

ଶ୍ରୀମନ୍ଦିରରେ ପଢୁଆଁ ନୀତି ସମ୍ପନ୍ନ

ପୁରୀ, ୧୨।୧୧ (ସଂଚାର ବ୍ୟୁରୋ): ମାର୍ଗଶୀର କୃଷ୍ଣ ଅଷ୍ଟମୀ ତିଥି ଦିନ ଶ୍ରୀମନ୍ଦିରରେ ଭୋଗ ମଣ୍ଡପ ସରିବା ପରେ ୩ ବାଡରେ ମଇଲମ କରାଯାଇ ପୂଜାପଣ୍ଡା ସେବକଙ୍କ ଦ୍ୱାରା ମହାସ୍ନାନ ନୀତି ହୋଇଥିଲା। ପରେ ପାଳିଆ ପୁଷ୍ପାଳକ ଶ୍ରୀବିଗ୍ରହମାନଙ୍କୁ ନୂଆଲୁଗା ଲାଗି କରାଇଥିଲେ। ପୂଜାପଣ୍ଡା ,ପତିମହାପାତ୍ର, ମୁଦିରସ୍ତ ସେବକ ଘଟୁଆରୀ ଚନ୍ଦନ ଘରଠାରୁ ଚନ୍ଦନ ବିଜେ କରାଇ ଆଣି ତିନି ବାଡରେ ଲାଗି କରାଇଥିଲେ। ଏହାପରେ ପୁଷ୍ପାଳକ ସେବକମାନେ ଠାକୁରମାନଙ୍କୁ ବଡ଼ ଠାକୁର ବଳଭଦ୍ର, ମା' ସୁଭଦ୍ରା, ମହାପ୍ରଭୁ ଜଗନ୍ନାଥ, ସୁଦର୍ଶନ, ଶ୍ରୀଦେବୀ, ଭୂଦେବୀ, ମାଧବ ନୂଆଲୁଗା ପିନ୍ଧାଇ ତାଙ୍କର ବେଶ ସମ୍ପନ୍ନ କରିଥାନ୍ତି। ପରେ, ସ୍ୱର୍ଣ୍ଣ ଅଳଙ୍କାର ଏବଂ କର୍ପୂର ଲାଗି ହୋଇଥାଏ। ସୁଦ୍ଧ ସୁଆର ସେବକମାନେ ପୂଜା ବ୍ୟବସ୍ଥା କରିବା ପରେ, ପୂଜାପଣ୍ଡା, ପତିମହାପାତ୍ର, ଓ ମୁଦିରସ୍ତ ବରୁଣ ପୂଜା କରିଥିଲେ। ମଧ୍ୟାହ୍ନ ଧୂପ ନୀତି ସରିବା ପରେ, ଠାକୁରମାନଙ୍କ ନିକଟରେ ମଙ୍ଗଳାର୍ପଣ କରାଯାଇଛି। ଏହା ଉପରାନ୍ତ, ଫୁଲ ଏବଂ ଛେଦା ପ୍ରାସାଦ ଲାଗି ହୋଇ

ବନ୍ଦାପନା କରାଯାଇଥିଲା । ପରେ ବେଶ ଓ ଅଳଙ୍କାରରେ ବିମଣ୍ଡିତ ହୋଇ କର୍ପୂର ଲାଗି କରିସାରିଲା ପରେ ପୁଷ୍ପାଳକମାନେ ସିଂହାସନରୁ ଓହ୍ଲାଇଥିଲେ। ସୁଦ୍ଧସୁଆର ପୂଜା ପାଠ କରିବା ପରେ ତିନିବାଡ଼ରେ ପୂଜାପଣ୍ଡା,ପତିମହାପାତ୍ର, ମୁଦିରସ୍ତ ସେବକ ବରୁଣ ପୂଜା କରିଥିଲେ। ମଧ୍ୟାହ୍ନ ଧୂପ ଉଠିସାରିବା ପରେ ତିନି ବାଡରେ ମଙ୍ଗଳାର୍ପଣ ନୀତି କରାଯାଇଥିଲା। ଫୁଲୁପୁରିଆ ଖଦି ଓ ଛେଦା ପ୍ରସାଦ ଲାଗି ହୋଇ ବନ୍ଦାପନା ହୋଇଥିଲା।

ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ପାଇଁ ସମନ୍ୱିତ ପ୍ରୟାସ ଜରୁରୀ

ଭୁବନେଶ୍ୱର, ୧୨।୧୧(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ଜଳ ସମ୍ପଦ ବୋର୍ଡର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଜଳ ସମ୍ପଦବିଭାଗ ଅନୁ ଗର୍ଗ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗପ୍ରମୁଖ

୨୦୨୯ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରାଯିବ

ଶାସନ ସଚିବ ଡଃ. ଅରବିନ୍ଦ କୁମାର ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠଙ୍କ ସମେତ ଜଳ ସମ୍ପଦ, ଶକ୍ତି, ଗୃହ ଓ ନଗର ଉନ୍ନୟନ ବିଭାଗ, ଶିଳ୍ପ, ଇସ୍ପାତ ଓ ଖଣି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଆଦି ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଥିଲେ।

ବୈଠକରେ କାର୍ଯ୍ୟକାରୀ 'ରାଜ୍ୟ ଜଳ ନୀତି' ପ୍ରସ୍ତୁତିର ଅଗ୍ରଗତି, ୨୦୨୯ ସୁଦ୍ଧା ଧାର୍ଯ୍ୟ ଲକ୍ଷ୍ୟ ୧୫

ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା, ଜଳସେଚନ କ୍ଷମତା ସୃଷ୍ଟି ଓ ପ୍ରକୃତ ଜଳ ଉପଯୋଗିତା ମଧ୍ୟରେ ରହୁଥିବା ଅନ୍ତରକୁ ହ୍ରାସ କରିବାଏବଂ ଉଠା ଜଳ ସେଚନ ପ୍ରକଳ୍ପରେ ଜଳର ତତ୍କାଳିକ ମାପ ନିମନ୍ତେ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର ବିଷୟରେ ବିସ୍ତୃତ ଉପସ୍ଥାପନ କରାଯାଇଥିଲା। ଏଥି ସହିତ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବିଭିନ୍ନ ମୁଖ୍ୟ କମିଟିଗୁଡ଼ିକୁ ରାଜ୍ୟ ଜଳ ସଂପଦ ବୋର୍ଡ ସହ ସମନ୍ୱିତ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା, ଜଳ ସମ୍ପଦ ବିଭାଗ ଏବଂ ଜଳ ବ୍ୟବହାରକାରୀ ସମ୍ପୃକ୍ତ ଅଂଶୀଦାରୀ ବିଭାଗମାନଙ୍କୁଜଳ ସମ୍ପଦର ବିକାଶ ଓ ଜଳ ପରିଚାଳନା କ୍ଷେତ୍ରରେ ଭିଜନ ଡକ୍ୟୁମେଣ୍ଟ ୨୦୩୬ଓ ୨୦୪୭ ରେ ରହିଥିବା ବିଭାଗୀୟ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସାଧନ ପାଇଁ ସମନ୍ୱିତ ଓ ନିରନ୍ତର ପ୍ରୟାସ କରିବାକୁ ପରାମର୍ଶ ଦେଇଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟ ଜଳ ନୀତି ଖସଡ଼ାର ପ୍ରମୁଖ ଦୃଷ୍ଟିକୋଣ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବେ ଅବଗତ କରିଥିଲେ। ସେ ରାଜ୍ୟରେ ଜଳସେଚନ ଅଞ୍ଚଳ ବୃଦ୍ଧି ଏବଂ ଜଳ ସେଚନ ସୃଷ୍ଟି କରାଯାଇଥିବା ଜଳ ସଂପଦ କ୍ଷମତାର ଅଧିକତମ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଓଏଲଆଇସିର ପରିଚାଳନା ନିର୍ଦ୍ଦେଶିକା, ଉଠା ଜଳସେଚନ ପ୍ରକଳ୍ପଗୁଡ଼ିକରେ ଜଳ ବ୍ୟବହାରର ତତ୍କାଳିକ ମାପ ନିମନ୍ତେ ପ୍ରଯୁକ୍ତି ବିଦ୍ୟା ଉପଯୋଗ ସଂପର୍କରେ ଉପସ୍ଥାପନ କରିଥିଲେ।

ଆଉ ଗୋଟିଏ ଦିନ ବଢ଼ିଲା କଟକ ବାଲିଯାତ୍ରା



ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ): ଆଉ ଗୋଟିଏ ଦିନ ବଢିଲା କଟକ ବାଲିଯାତ୍ରା। ବିଶ୍ୱପ୍ରସିଦ୍ଧ କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହାଦ୍ୱାରା ବାଲିଯାତ୍ରା ୧୨ ତାରିଖ ପରିବର୍ତ୍ତେ ୧୩ ତାରିଖ ଦିନ ଉଦଯାପିତ ହେବ। ବାଲିଯାତ୍ରା ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ଓ ଆଗ୍ରହ ତଥା ମେଳାରେ ବ୍ୟବସାୟୀମାନଙ୍କ କାରବାରକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ଏହାର ଅବଧି ବୃଦ୍ଧି କରିଛନ୍ତି। ଐତିହାସିକ ବାଲିଯାତ୍ରା ଅବସରରେ ପ୍ରଥମ ମହାନଦୀ ବୋଇତ ପ୍ରତିଯୋଗିତା ୨୦୨୫ ଉଦଘାଟିତ ହୋଇଛି। ରାଜ୍ୟର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିବା ପାଇଁ ୨ ଦିନ ଧରି କଟକ ଗଡ଼ଗଡିଆ ଘାଟରେ ଏହି ପ୍ରତିଯୋଗିତା କରାଯାଉଛି। ଓଡିଶା, ଛତିଶଗଡ଼, ବିହାର, ପଞ୍ଜାବ, ଦିଲ୍ଲୀ, ଆସାମ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ହରିୟାଣା ଭଳି ରାଜ୍ୟର ଜାତୀୟ ସ୍ତରୀୟ ପୁରୁଷ ଓ ମହିଳା ଦଳ ଏହି ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ଗତକାଲି ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଉପସ୍ଥିତ ରହି ବୋଇତ ରେସ୍ ଆରମ୍ଭ କରିଥିଲେ ଏବଂ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେହିଭଳି ବୋଇତ ପ୍ରତିଯୋଗିତା ଉଦଘାଟନୀ ଦିବସରେ ମୁଖ୍ୟ ଆକର୍ଷଣ ଥିଲା ଫ୍ଲାଏ ବୋଟ। ଜଣେ ଯୁବକ ଚିତାକର୍ଷକ ଭାବେ ଏହା ପ୍ରଦର୍ଶନ କରିଥିଲେ।

ଘରୋଇ କଳିରୁ ବାପକୁ ହତ୍ୟାକଲା ପୁଅ

କେନ୍ଦୁଝର, ୧୨।୧୧ (ସଂଚାର ବ୍ୟୁରୋ): ଆଜି ମଧ୍ୟାହ୍ନରେ ଟାଉନ ଥାନା ଅନ୍ତର୍ଗତ ଶିରିଶପାଳ ପଞ୍ଚାୟତ ଅନ୍ତର୍ଗତ ନାଏକ ସାହିରେ ଘଟିଛି ହତ୍ୟାକାଣ୍ଡ। ଘରୋଇ କଳିରୁ ନିଶାସକ୍ତ ଅବସ୍ଥାରେ ବାପକୁ ପିଟି ହତ୍ୟା କରିଛି ପୁଅ। ପ୍ରକାଶ ଯେ, ରଇଆ ନାଏକ ନିଶାସକ୍ତ ଅବସ୍ଥାରେ ତରଣିସେନକୁ ଟଙ୍କା ମାଗିଥିଲା। ବାପ ଟଙ୍କା ଦେଇନଥିବା ବେଳେ ଝଗଡ଼ା ହୋଇଥିଲା। ନିଶାସକ୍ତ ଅବସ୍ଥାରେ ପୁଅ ବାପକୁ ଏକ କାଠ ଫାଳିଆରେ ମୁଣ୍ଡକୁ ପିଟିଥିବା ବେଳେ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ଟାଉନ ଥାନା ପୋଲିସ ପୁଅକୁ ଗିରଫ କରି ଶବକୁ ଜବତ କରି ଅଧିକ ତଦନ୍ତ କରୁଛି।

ମୋବାଇଲ ପାଇଁ ଛାତ୍ରଙ୍କ ଆତ୍ମହତ୍ୟା

ଚମ୍ପୁଆ,୧୨।୧୧ (ସଂଚାର ବ୍ୟୁରୋ): ମୋବାଇଲ ପାଇଁ ମାମୁଁ ଘରେ ବେକରେ ଫାଶୀ ଲଗାଇ ଜଣେ ଛାତ୍ର ଆତ୍ମହତ୍ୟା କରିଛନ୍ତି। ମୃତ ଛାତ୍ର ଚମ୍ପୁଆ ବ୍ଲକ ଚନ୍ଦ୍ରଶେଖରପୁର ପଞ୍ଚାୟତ ବାଲେଶ୍ୱର ଗ୍ରାମର ଫକିର ମହାନ୍ତଙ୍କ ପୁଅ ଶୈଳେନ୍ଦ୍ର ମହାନ୍ତ (୧୭)। ସେ ନିଜ ମାମୁଁ ଘରେ କାଶିପାଳ ପଞ୍ଚାୟତ ଗୁଲୁଦିପଶି ଗ୍ରାମରେ ମାଆଙ୍କ ସହିତ ରହି ଗ୍ରାମରେ ଥିବା ଆଇଟିଆଇରେ ପାଠ ପଢୁଥିଲେ। ମିଳିଥିବା ସୂଚନା ଅନୁସାରେ ମୋବାଇଲ ଖରାପ ହୋଇଥିବାରୁ ଗତକାଲି ସକାଳେ ନୂଆ ମୋବାଇଲ ପାଇଁ ନିଜ ମାଆଙ୍କ ନିକଟରେ ଅଳି କରିଥିଲେ। ତେବେ ସଙ୍ଗେ ସଙ୍ଗେ ମୋବାଇଲ କିଣି ଦେବାକୁ ମାଆ ଅସମର୍ଥ ହେବାରୁ ଦିନ ପ୍ରାୟ ସାଢ଼େ ୧୦ ଘଟିକା ସମୟରେ ଘର ପଛପଟେ ଥିବା ଏକ ଆମ୍ବ ଗଛରେ ଗାମୁଛାରେ ଫାଶି ଲଗାଇ ଝୁଲି ପଡିଥିଲେ। ଘର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଗଛରୁ ଉଦ୍ଧାର କରି ନିକଟସ୍ଥ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାରିଆ ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଶୈଳେନ୍ଦ୍ର ନିଜ ପିତା ମାତାଙ୍କ ଏକମାତ୍ର ପୁତ୍ର ହୋଇଥିବା ବେଳେ ଏହି ଘଟଣା ଯୋଗୁ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ବିଏମ୍‌ସି ଅଞ୍ଚଳରେ ଲାଗିଲା ଲକ୍ଷେ ବୃକ୍ଷ

ଭୁବନେଶ୍ୱର,୧୨।୧୧ (ସଂଚାର ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଜାରି ରହିଛି ବୃକ୍ଷରୋପଣ କାର୍ଯ୍ୟକ୍ରମ। ଭୁବନେଶ୍ୱରକୁ ସବୁଜ ସୁନ୍ଦର କରିବା ପାଇଁ ପ୍ରୟାସ ଜାରି ରହିଛି। ଚଳିତ ବର୍ଷ ବିଏମ୍ ସିରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ଏକ ଲକ୍ଷ ବୃକ୍ଷ ରୋପଣ ହୋଇସାରିଥିବା ବେଳେ ଆହୁରି ବୃକ୍ଷ ରୋପଣ କରିବା ପାଇଁ ଯୋଜନା ରହିଛି। ଆଜି ଗୋଟିଏ ଦିନରେ ଦୁଇ ଦୁଇଟି ସ୍ଥାନରେ ହେଲା ମିଆୱାକି ପଦ୍ଧତିରେ ବୃକ୍ଷ ରୋପଣ। ଉତ୍ତର ମଣ୍ଡଳ ଅଧୀନସ୍ଥ ପଳାଶୁଣିଠାରେ ଥିବା ମେଗା ଏମ୍‌ଆରଏଫ ପରିସରରେ ମିଆୱାକି ପଦ୍ଧତିରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଂଜୁଲତା କହଁର, ଫରେଷ୍ଟର ଦିଲ୍ଲୀପ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ୪ ହଜାର ବୃକ୍ଷ ରୋପଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି କଳିଙ୍ଗ ନଗର ନିକଟ ଆଇସିଏଆର-୨ ନିକଟରେ ବୃକ୍ଷ ରୋପଣ କରାଯାଇଛି। ଦକ୍ଷିଣ-ପଶ୍ଚିମ ଜୋନ ଅନ୍ତର୍ଗତ ୨୪ ନମ୍ବର ୱାର୍ଡରେ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମେୟର ଓ ଡେପୁଟି ମେୟରଙ୍କ ସହ ସ୍ଥାନୀୟ କର୍ପୋରେଟର ଦୀପକ କୁମାର ମିଶ୍ର, ଆଇସିଓଆର ନିର୍ଦ୍ଦେଶକ ଡଃ ମୃଦୁଳା ଦେବୀ, ନଗର ବନ୍ଧୁ ଅରୁଣ ମହାନ୍ତି, ଚନ୍ଦକା ଡିଭିଜନର ଡେପୁଟି ରେଞ୍ଜର ଧ୍ୟାନଚାନ୍ଦ ଟୁଡୁ, ଫରେଷ୍ଟର ସତ୍ୟ ପଟ୍ଟନାୟକଙ୍କ ସମେତ ବହୁ ବନ ବିଭାଗ କର୍ମଚାରୀ ଓ ଟିମ୍ ବିଏମ୍ ସିଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରାଯାଇଥିଲା।

୬୦ ଜଣଙ୍କୁ ନିଯୁକ୍ତି ପତ୍ର ବାଣ୍ଟିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ

ଭଦ୍ରକ, ୧୨।୧୧ (ସଂଚାର ବ୍ୟୁରୋ): ଭଦ୍ରକ ଜିଲାରେ ଶିକ୍ଷା ବିଭାଗ ପକ୍ଷରୁ ୩୦ ଜଣଙ୍କୁ ଅନୁକମ୍ପା ମୂଳକ ଥଇଥାନ ନିଯୁକ୍ତି ଦିଆଯାଇଥିବା ବେଳେ ଓଡ଼ିଶା ଦକ୍ଷତା ବିକାଶ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାଜ୍ୟସ୍ତରରେ ନୂଆ ଓଡ଼ିଶା ଡିଷ୍ଟ୍ରିକ୍ଟ୍ କମ୍ପୋନେଣ୍ଟ ଯୋଜନା ମାଧ୍ୟମରେ ୨୭ ଜଣଙ୍କୁ ନିଯୁକ୍ତି ମିଳିଛି। ଅନୁରୂପ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ୩ ଜଣଙ୍କୁ ନିଯୁକ୍ତି ମିଳିଥିବା ବେଳେ ସମୁଦାୟ ୬୦ ଜଣ ଯୁବକ/ଯୁବତୀଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସଂସ୍କୃତି ଭବନରେ ଆୟୋଜିତ ସଭାରେ ନିଯୁକ୍ତି ପତ୍ର ବଣ୍ଟନ କରିଛନ୍ତି। ଏମାନଙ୍କ ମଧ୍ୟରୁ ୩୦ ଜଣ ଅନୁକମ୍ପା ମୂଳକ ନିଯୁକ୍ତି ପାଇଥିବା ଯୁବକ/ଯୁବତୀମାନେ ବିଭିନ୍ନ

ଶିକ୍ଷାନୁଷ୍ଠାନ ଗୁଡିକରେ ୪ର୍ଥ ଶ୍ରେଣୀ କର୍ମଚାରୀ ଭାବେ ସରକାରଙ୍କ ଅଧୀନରେ ବିଭିନ୍ନ ସ୍କୁଲରେ ଚାକିରୀ ପାଇଛନ୍ତି। ଦକ୍ଷତା ବିକାଶ ଉନ୍ନୟନ ସଂସ୍ଥା ଦ୍ୱାରା ଯୁବକ/ଯୁବତୀମାନେ ବିଭିନ୍ନ ବୃତିଗତ କୌଶଳରେ ପ୍ରଶିକ୍ଷଣ ନେଇଛନ୍ତି। ଖ୍ୟାତିସଂପନ୍ନ କଂପାନୀମାନଙ୍କରେ ନିଯୁକ୍ତି ସୁଯୋଗ ପାଇ ନିଜ ଜୀବନକୁ ନୂତନ ଭାବେ ଗଢ଼ିବାର ସମ୍ଭାବନା ସୃଷ୍ଟି ହୋଇଥିବା ବିଷୟ ମନ୍ତ୍ରୀ ସୂର୍ଯ୍ୟବଂଶୀ ତାଙ୍କର ଅଭିଭାଷଣରେ କହିଛନ୍ତି। ଆୟୋଜିତ ନିଯୁକ୍ତି ମେଳାରେ ଜିଲାପାଳ ଦିଲ୍ଲୀପ ରାଉତରାୟ, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଅନିତା ନାୟକ, ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଧରଣୀଧର ପାତ୍ର, ତୃପ୍ତିମୟୀ ପାତ୍ର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ଶାଶୂକୁ ମାଡ଼ମାରି ଗହଣା ଧରି ବୋହୂ ଛୁ'

ଭଦ୍ରକ, ୧୨।୧୧ (ସଂଚାର ବ୍ୟୁରୋ): ଭଦ୍ରକ ଜିଲ୍ଲା ଆଗରପଡା ଥାନା ଅଧିନ ମହାନ୍ତିପଡା ପଞ୍ଚାୟତ କୁଣ୍ଡି ଗ୍ରାମରେ ଘରେ କେହି ନଥିବା ସୁଯୋଗରେ ଶାଶୂକୁ ମାଡମାରି ବାପ ଘର ଲୋକଙ୍କ ସହାୟତାରେ ସୁନା ଗହଣା ଧରି ବହୂ ଚମ୍ପଟ ମାରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୋଗରୁ ଜଣାପଡେ କୁଣ୍ଡି ଗ୍ରାମର ଲକ୍ଷ୍ମୀଧର ସେଠୀ ୩ ବର୍ଷ ପୂର୍ବେ ଖଇରା ଥାନା ଅଧିନ ହରିପୁର ଗ୍ରାମର ଲକ୍ଷ୍ମୀ ସେଠୀଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ପାରିବାରିକ ମନୋମାଳିନ୍ୟ ଯୋଗୁ ଭଦ୍ରଲୋକଙ୍କ ମାଧ୍ୟମରେ ସମାଧାନ ହୋଇ କେହି କାହାରି ଘରକୁ ଯିବା ଆସିବା କରିବେ ନାହିଁ ବୋଲି ସିଦ୍ଧାନ୍ତ ହୋଇଥିଲା। ଇତିମଧ୍ୟରେ ଲକ୍ଷ୍ମୀଙ୍କର ଏକ ପୁତ୍ର ସନ୍ତାନ ହୋଇଛି। ଗତ ମଙ୍ଗଳବାର ମଧ୍ୟାହ୍ନରେ ଘରେ କେହି ନଥିବାର ସୁଯୋଗରେ ବହୂର ବାପ ଘର ଲୋକ ଏକ ବୋଲେରୋ ଗାଡିରେ ଆସି ଶାଶୂ ସରସ୍ୱତୀଙ୍କୁ ନାନା ଧମକ ଚମକ ଦେଇ ମାଡ ମାରି ଅଚେତ୍ କରିବା ପରେ ଗଡ୍ରେଜରେ ଥିବା ୧ ଲକ୍ଷ ଟଙ୍କା, ୩ ଗୋଟି ସୁନା ଚେନ୍, କାନଫୁଲ ୧ ହଳ, ମଙ୍ଗଳସୂତ୍ର ଓ ଦୁଇଗୋଟି ମୋବାଇଲ୍ ଧରି ବହୂ ତାଙ୍କ ପୁଅକୁ ସାଙ୍ଗରେ ନେଇ ଚମ୍ପଟ ମାରିଥିଲେ। ଉପରୋକ୍ତ ଘଟଣା ନେଇ ପ୍ରଥମେ ଶାଶୂ ସରସ୍ୱତୀ ଓ ପରେ ପୁଅ ଲକ୍ଷ୍ମୀଧର ଆଗରପଡା ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଓ ସୁରକ୍ଷା ଦାବି କରିଛନ୍ତି।

ଟାଇଲ ମିସ୍ତ୍ରିଙ୍କୁ ପିଟିପିଟି ହତ୍ୟା

ପୁରୀ,୧୨।୧୧(ସଂଚାର ବ୍ୟୁରୋ): ପୁରୀରେ ଟାଇଲ ମିସ୍ତ୍ରୀଙ୍କୁ ହତ୍ୟା। ହାତୁଡିରେ ପିଟି ପିଟି ଅତି ନିର୍ମମ ଭାବେ ଟାଇଲ ମିସ୍ତ୍ରୀଙ୍କୁ କରାଯାଇଛି ହତ୍ୟା। ପୁରୀ ବାଲିଘାଟ ବ୍ରାହ୍ମଣ ପୋଖରୀ ନିକଟ ତୋଟା ବେହେରା ସାହିରେ ଘଟିଛି ଏହି ଘଟଣା। ମୃତକ ଟାଇଲ ମିସ୍ତ୍ରୀ ହେଉଛନ୍ତି ପଶ୍ଚିମବଙ୍ଗ ମେଦିନୀପୁରର ଶେଖ୍ ନୋରା ଆଲମ୍। ଖବରପାଇ ଘଟଣାସ୍ଥଳରେ ମେରାଇନ ଓ ତାଳବଣିଆ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପୋଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ମୃତ ଟାଇଲ ମିସ୍ତ୍ରୀଙ୍କୁ ତାଙ୍କ ସହଯୋଗୀ ହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ଗତ କିଛିବର୍ଷ ଧରି ପୁରୀର ବିଭିନ୍ନ ଅଞ୍ଚଳରେ ଲେବରମାନଙ୍କୁ ଆଣି ଟାଇଲ କାମ କରୁଥିଲେ ଶେଖ୍ ନୋରା ଆଲମ୍। ଜଣେ ଲେବରଙ୍କ ସହ ନୋରାଙ୍କ ବଚସା ହୋଇଥିଲା। ଆଜି ନୋରା ଶୋଇଥିବା ସମୟରେ ତାଙ୍କୁ ଲେବର ଜଣକ ଅତି ନିର୍ମମ ଭାବେ ହତ୍ୟା କରି ଫେରାର ହୋଇଯାଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି।

ଯାତ୍ରା କଳାକାରଙ୍କୁ ଚାପୁଡ଼ା ମାରିଲେ ଯୁବକ

ଭଦ୍ରକ, ୧୨।୧୧ (ସଂଚାର ବ୍ୟୁରୋ): ସାହାଡ଼ା, ଅଣ୍ଡରେଇ, ଭଦ୍ରକରେ 'ଏମିତି ବିଚାର କେବେ ଦେଖିନି' ନାଟକ ପରିବେଷଣ କରୁଥିବା ବେଳେ ଏହି ନାଟକରେ ଏକ ସିନ୍‌ରେ ଦର୍ଶକ ଉତ୍ତ୍ୟକ୍ତ ହୋଇ ମଞ୍ଚକୁ ଚଢ଼ି ନାୟକ ଭୂମିକାରେ ଅଭିନୟ କରୁଥିବା କାର୍ତ୍ତୀଙ୍କୁ ମାଡ଼ ମାରିଥିବା ଦେଖିବାକୁ ମିଳିଛି। ପରେ ଦର୍ଶକଙ୍କୁ ଲୋକେ ଓ କଳାକାର ବୁଝାସୁଝା କରି ମଞ୍ଚ ତଳକୁ ପଠାଇ ପୁଣି ଯାତ୍ରା ପରିବେଷଣ କରିଥିଲେ। ଏମିତି ଅନେକ କ୍ୟାମ୍ପରେ ଘଟିଥିବା ବେଳେ ଏବେ କିନ୍ତୁ ଭଦ୍ରକରେ ଦେଖିବାକୁ ମିଳିଛି।

୩୦୦ ବୋତଲ କଫ ସିରପ୍ ଜବତ

ବଲାଙ୍ଗିର ୧୨।୧୧(ସଂଚାର ବ୍ୟୁରୋ): ବଲାଙ୍ଗିର ଟାଉନ୍ ଥାନା ପୁଲିସ ଦ୍ୱାରା ପୁଣି ବିପୁଳ ପରିମାଣର କଫ୍ ସିରପ୍ ଜବତ ହୋଇଛି । ସୁଦପଡା ନିକଟରୁ ଜବତ କଲା ଟାଉନ୍ ଥାନା ପୁଲିସ। ଏକ ବ୍ୟାଗ୍‌ରେ ଥିବା ୩ ଶହ ବୋତଲ କଫ୍ ସିରପ୍ ଜବତ ହୋଇଛି । ଜବତ କଫ୍ ସିରପ୍‌ର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତର ନାଁ ସୂରଜ ଭୋଇ। ତାଙ୍କ ଘର ବଲାଙ୍ଗିର ସହର କଂସାରୀପଡା ବୋଲି ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଏସ୍‌ଡିପିଓ ସରୋଜ ଉପାଧ୍ୟାୟଙ୍କ ସୂଚନା ଦେଇଛନ୍ତି । ଅଭିଯୁକ୍ତ ଠାରୁ ୨ ଶହ ଟଙ୍କା ଓ ମୋବାଇଲ ଜବତ କରାଯାଇଛି। ଏହି ଘଟଣାରେ ଆଉ କାହା କାହା ସମ୍ପୃକ୍ତି ରହିଛି କି? ଏତେ ପରିମାଣରେ କଫ୍ ସିରପ୍ କେମିତି ସେ ଏକୁଟିଆ ହିଁ ନେଇକି ଯାଉଥିଲେ ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।

ବାଲିଘାଟରେ ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ

ମେସିନ୍ ସହ ଶହ ଶହ ଟ୍ରିପ୍ ବାଲି ଜବତ

ସୁବର୍ଣ୍ଣପୁର,୧୨।୧୧(ସଂଚାର ବ୍ୟୁରୋ) : ଅମାନିଆ ଲିଜଧାରୀଙ୍କ ବାଲିଘାଟରେ ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇଛି। ତିନି ଗୋଟି ମେସିନ୍ ସହିତ ଗଚ୍ଛିତ ଶହ ଶହ ଟ୍ରିପ୍ ବାଲି ଜବତ କରାଯାଇଛି। କଟକ ଜିଲ୍ଲାର ବାଙ୍କୀ ତହସିଲ ଅନ୍ତର୍ଗତ ମହାନଦୀର ଓସ୍ତିଆ ବାଲିଘାଟ ଓସ୍ତିଆ ଗାଁର ପଟୁଗଦାଧରପୂର୍ ମୌଜାର ପ୍ଲଟ ନମ୍ବର ୧ ମୋଟ ୧୨ଏକର ୩୫ ଡିସିମିଲ ସ୍ଥାନରୁ ପାଞ୍ଚ ବର୍ଷୀୟା ବାଲି ଉଠାଣ ପାଇଁ ନିଲାମଧାରୀ ଚୁକ୍ତିନାମା କରିଥିଲା।

ଏବେ ଏହି ସ୍ଥାନରୁ ଉଠାଣ କରୁନାହାନ୍ତି। ମାତ୍ର ନିଲାମ ନେଇଥିବା ଲିଜଧାରୀ ଜଣକ ଓସ୍ତିଆ ଘାଟରୁ ବାଲି ନ ଉଠାଇ ସୁବର୍ଣ୍ଣପୁର ଗ୍ରାମ ପଞ୍ଚାୟତର ଜଳ ସମ୍ପଦ ବିଭାଗ ଅଧୀନରେ ଆସୁଥିବା ମହାନଦୀ ବନ୍ଧକୁ କାଟି ନୂତନ ଭାବେ ଘାଟ ଖୋଲି ବାଲି ଉତ୍ତୋଳନ କରି ଚାଲାଣ କରୁଥିବାର ଅଭିଯୋଗ ହୋଇଛି। ପୁଣି ଦିନବେଳା ବାଲିଉଠାଣ ପାଇଁ ଅନୁମତି ମିଳି ନ ଥିବା ବେଳେ ରାତିରେ ବାଲି ନେବା ପରିବର୍ତ୍ତେ ଏବେ ଦିନ ଦୁଇ ପ୍ରହରରେ

ଜେସିବି ମେସିନ ସାହାଯ୍ୟରେ ଉତ୍ତୋଳନ ହେଉଛି। ଯାହାକୁ ନେଇ ଓସ୍ତିଆ ଗ୍ରାମବାସୀ ଅଭିଯୋଗ କରୁଥିଲେ ମଧ୍ୟ ଲିଜଧାରୀ କାହାକୁ ମାନୁ ନାହାଁ।

ମହାନଦୀର ଯେଉଁ ସ୍ଥାନରେ ଲିଜଧାରୀ ବନ୍ଧ କାଟି ବାଲି ଉତ୍ତୋଳନ କରୁଛନ୍ତି ସେହି ସ୍ଥାନରେ ଘାଟ ନ ଖୋଲିବା ପାଇଁ ଆଠଗଡ ଜଳ ସମ୍ପଦ ବିଭାଗ ଖଣି ବିଭାଗକୁ ଚିଠି ମାଧ୍ୟମରେ ବନ୍ଦ କରିବାକୁ କହିଥିବା ବେଳେ ଶୁଣୁନାହାନ୍ତି ଖଣି ବିଭାଗରୁ ଓସ୍ତିଆ, ଆନନ୍ଦପୁର, ବିଷ୍ଣୁପୁର ସହିତ ସୁବର୍ଣ୍ଣପୁରକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଏ। ଏବେ ବନ୍ଧକୁ କଟା ଯିବାରୁ ନିଶ୍ଚିତ ବନ୍ୟାଜଳ ପ୍ରବେଶ କରିବ, ଫଳରେ ଶହ ଶହ ହେକ୍ଟର ଜମିରେ ପାଣି ମାଡି ରହିବ। ତେଣୁ ନିଲାମ ନେଇଥିବା ନିଲାମଧାରୀ ମହାନଦୀର ଓସ୍ତିଆରେ ପୂର୍ବରୁ ଯେଉଁ ସ୍ଥାନରେ ବାଲି ଘାଟ ଚାଲୁଥିଲା ସେହି ସ୍ଥାନରେ ଖୋଲାଯିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ବେଆଇନ ଭାବେ ଘାଟରୁ ବାଲି ଉଠାଣ କରୁଥିବାରୁ କଟକ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବାଙ୍କୀ ତହସିଲଦାର ଓ ଖଣି କଟକ ଖଣି ବିଭାଗ ଅଧିକାରୀ ତିନି ଗୋଟି ମେସିନ୍ ଓ ବାହାରେ ଗଚ୍ଛିତ ଥିବା ଶହ ଶହ ଟ୍ରିପ ବାଲିକୁ ଜବତ କରିଛନ୍ତି। ଯେହେତୁ ଲିଜଧାରୀ ସରକାରଙ୍କ ନିୟମକୁ ଖୋଲାଖୋଲି ଉଲଂଘନ କରୁଛି ତେବେ ତଦନ୍ତ ପରେ ଲିଜକୁ ବାତିଲ କରାଯିବ ବୋଲି କହିଛନ୍ତି କଟକ ଜିଲ୍ଲାପାଳ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

ରୁଷ୍‌ରୁ ତେଲ କିଣାକୁ ନା କଲା ଭାରତ

ନୂଆଦିଲ୍ଲୀ, ୧୨।୧୧: ରୁଷ୍‌ରୁ ଭାରତୀୟ କମ୍ପାନିଗୁଡ଼ିକ ତେଲ କିଣିବା ବନ୍ଦ କରିଛନ୍ତି। ଡିସେମ୍ବର ମାସରେ ଆସିବାକୁ ଥିବା ତେଲ ପାଇଁ ୫ଟି ଭାରତୀୟ କମ୍ପାନି ଆଦେଶନାମା ରୁଷ୍‌କୁ ଦେଇନାହାନ୍ତି ବୋଲି ଏହି ଶିଳ୍ପ ସହ ଜଡ଼ିତ ଅଧିକାରୀମାନେ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି। ସାଧାରଣ ପରବର୍ତ୍ତୀ ମାସ ପାଇଁ କିଣାଯିବାକୁ ଥିବା ତେଲ ପାଇଁ ଚଳିତବର୍ଷ ୧୦ ତାରିଖ ମଧ୍ୟରେ ଆଦେଶନାମା ଦିଆଯାଇଥାଏ। ରୁଷ୍‌ଠାରୁ ତେଲ ନକିଣିବା ପାଇଁ ଦୀର୍ଘଦିନ ହେଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାପ ପକାଇ ଆସୁଛନ୍ତି। ରୁଷ୍‌ଠାରୁ ଭାରତ ତେଲ କିଣୁଥିବାରୁ ଟ୍ରମ୍ପ ଜରିମାନା ଭାବେ ୨୫ ପ୍ରତିଶତ ଅଧିକ ଶୁଳ୍କ ନୂଆଦିଲ୍ଲୀ ଉପରେ ଲଗାଇଛନ୍ତି। ଫଳରେ ଭାରତର ରପ୍ତାନିକାରୀମାନେ ଏବେ ଆମେରିକାରେ ୫୦ ପ୍ରତିଶତର ଚଢ଼ା ଶୁଳ୍କର ସମ୍ମୁଖୀନ ହେଉଛନ୍ତି। ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ରାଜିନାମା ନେଇ ଆଲୋଚନା ଚାଲିଥିଲେ ମଧ୍ୟ ଏ ନେଇ କିଛି ଅଗ୍ରଗତି ହୋଇପାରିନାହିଁ। ଏଭଳି ସ୍ଥିତିରେ ରୁଷ୍‌ଠାରୁ ଭାରତ ତେଲ କିଣିବା ବନ୍ଦ ଖବର ସାମ୍‌ନାକୁ ଆସିଛି। ଯେଉଁ ୫ଟି କମ୍ପାନି ରୁଷ୍‌ଠାରୁ ତେଲ କିଣିବା ପାଇଁ ଆଦେଶ ଦେଇନାହାନ୍ତି ସେମାନେ ହେଲେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍, ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ, ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍, ମାଙ୍ଗାଲୋର ରିଫାଇନାରି ଆଣ୍ଡ୍ ପେଟ୍ରୋକେମିକାଲ୍ସ ଲିମିଟେଡ୍ ଏବଂ ଏଚ୍‌ପିସିଏଲ୍-ମିତ୍ତଲ ଏନର୍ଜି ଲିମିଟେଡ୍। ରୁଷ୍‌ରୁ ଭାରତ ଆମଦାନି କରୁଥିବା ଅଶୋଧିତ ତେଲର ଦୁଇ ତୃତୀୟାଂଶ ଏହି ୫ କମ୍ପାନି କରିଥାନ୍ତି ବୋଲି କେପଲର୍ ତଥ୍ୟରୁ ଜଣାଯାଇଛି। କେବଳ ଭାରତୀୟ ତୈଳ ନିଗମ ଏବଂ ନାୟାରା ଏନର୍ଜି ଲିମିଟେଡ ରୁଷ୍‌ଠାରୁ କିଛି ପରିମାଣର ତେଲ କିଣିବା ପାଇଁ ଆଦେଶ ଦେଇଛନ୍ତି। ଆମେରିକା କଟକଣା ଲଗାଇ ନଥିବା କମ୍ପାନିଠାରୁ ଭାରତୀୟ ତୈଳ ନିଗମ ତେଲ କିଣିଛି। ନାୟାରା ରୁଷ୍ କମ୍ପାନି ରୋଜନେଫ୍ଟର ଏକ ଅଂଶ ହୋଇଥିବାରୁ ଏହି କମ୍ପାନି ରୁଷ୍‌ଠାରୁ ତେଲ କିଣିବା ପାଇଁ ନିର୍ଭର କରିଛି। ଚଳିତବର୍ଷ ରୁଷ୍‌ଠାରୁ ଭାରତ ଏହାର ମୋଟ ଅଶୋଧିତ ତେଲର ଆମଦାନୀର ୩୬ ପ୍ରତିଶତ ଆଣିଛି। ରୁଷ୍‌ରୁ ତେଲ ଆମଦାନୀ ବନ୍ଦ ହେବା ପରେ ଭାରତୀୟ କମ୍ପାନିଙ୍କୁ ଏହାର ପାରମ୍ପରିକ ବଜାର ଉପରେ ନିର୍ଭର କରିବାକୁ ପଡ଼ିବ।

ଅକ୍ଟୋବରରେ ମୂଲ୍ୟ ବୃଦ୍ଧି ଉପରେ ଲାଗିଛି ବ୍ରେକ୍

ନୂଆଦିଲ୍ଲୀ ୧୨।୧୧: କଞ୍ଜ୍ୟୁମର ପ୍ରାଇସ୍ ଇଣ୍ଡେକ୍ସ (ସିପିଆଇ) ଆଧାରିତ ଖୁଚୁରା ମୁଦ୍ରାସ୍ଫିତି ଅକ୍ଟୋବର ମାସରେ ୧% ପର୍ଯ୍ୟନ୍ତ ହ୍ରାସ ହୋଇଛି। ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫିତି ହ୍ରାସ ହୋଇ ୦.୨୫%କୁ ପହଞ୍ଚି ଯାଇଛି। ସେପ୍ଟେମ୍ବର ୨୨ରେ ଜିଏସଟି ହ୍ରାସ ଓ ଖାଦ୍ୟ ସାମଗ୍ରୀ ମୂଲ୍ୟ କମିବା ଯୋଗୁ ଏହା ପୁରା ମାସର ପ୍ରଭାବକୁ ପ୍ରଦର୍ଶିତ କରୁଛି। ସେପ୍ଟେମ୍ବରରେ ମୁଦ୍ରାସ୍ଫିତି ୧.୫% ଥିଲା, ଏହା ଜୁନ ୨୦୧୭ ପରେ ମୁଦ୍ରାସ୍ଫିତିର ସବୁଠୁ ନିମନ୍ନ ସ୍ତର ବୋଲି କୁହାଯାଉଛି। ଭାରତ ସରକାର ୧୨ ନଭେମ୍ବର ବୁଧବାର ଅକ୍ଟୋବରର ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଡାଟା ଜାରି କରିଛନ୍ତି। ଏହି ତଥ୍ୟ ଅନୁସାରେ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫିତି ଦ୍ରୁତ ହ୍ରାସ ହୋଇ -୫.୦୨%କୁ ପହଞ୍ଚି ଯାଇଥିବା ଜଣାପଡିଛି, ଯାହା ସେପ୍ଟେମ୍ବରରେ -୨.୨୮% ଥିଲା। ଗ୍ରାମାଞ୍ଚଳରେ ଏହା -୪.୮୫% ଥିବା ବେଳେ ସହରାଞ୍ଚଳରେ -୫.୧୮% ରହିଛି। ଏଥିରୁ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫିତି ଏବେକା ସିପିଆଇ ଶୃଙ୍ଖଳାରେ ସବୁଠୁ କମ୍ ରହିଛି। ଅକ୍ଟୋବରରେ ମୁଦ୍ରାସ୍ଫିତି ହ୍ରାସ ଜିଏସଟି ସଂଶୋଧନର ପୁରା ପ୍ରଭାବକୁ ଦର୍ଶାଉଛି। ସେପ୍ଟେମ୍ବର ୩ ତାରିଖରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜିଏସଟି ସଂଶୋଧନ ଘୋଷୋଣା କରିଥିଲେ। ଏଥିରେ ଏଥିରେ ୫ ଓ ୧୮% ଦୁଇ ମୁଖ୍ୟ ସ୍ଲାବକୁ ସରଳ କରିଥିଲେ। ଷ୍ଟେସନାରୀ ଓ ଡାୟେରୀ ଉତ୍ପାଦ ଭଳି ଅଧିକାଂଶ ଦୈନନ୍ଦିନ ଉପଯୋଗରେ ଆସୁଥିବା ସାମଗ୍ରୀର ମୂଲ୍ୟ ହ୍ରାସ ହୋଇଛି। ସିପିଆଇ ସାଧାରଣ ଉପଭୋକ୍ତା ସାମଗ୍ରୀ ଓ ସେବା ମୂଲ୍ୟ ପରିବର୍ତ୍ତନର ଆକଳନ କରି ଖୁଚୁରା ମୁଦ୍ରାସ୍ଫିତିର ମୂଲ୍ୟାୟନ କରିଥାଏ। ସିପିଆଇ ସାମଗ୍ରୀର ଏକ ନିଶ୍ଚିତ ସୂଚୀ ନିମନ୍ତେ ଆକଳନ କରିଥାଏ। ଏଥିରେ ଭୋଜନ, ଆବାସ, ବସ୍ତ୍ର, ପରିବହନ, ଇଲେକ୍ଟ୍ରୋନିକ୍ସ, ଚିକିତ୍ସା ସେବା ଓ ଶିକ୍ଷା ଆଦି ସାମିଲ ଥାଏ।

ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୩,୨୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୨,୯୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୩,୨୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୨,୯୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୩,୨୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୨,୯୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୩,୩୭୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୩,୧୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୪ ,୪୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୪, ୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୩,୨୨୦ ଓ ୧,୧୨,୯୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୫,୦୦୦ ଟଙ୍କା ହୋଇଛି।

ୱାଟର୍ ଗାର୍ଡ-୨ ଲଞ୍ଚ୍ କଲା ସାଓମି

ନୂଆଦିଲ୍ଲୀ, ୧୨।୧୧: ସାଓମି କମ୍ପାନି ଆନୁଷ୍ଠାନିକ ଭାବେ ଏକ ସ୍ମାର୍ଟ ଲିକ୍ ଡିଟେକ୍‌ସନ୍ ଡିଭାଇସ୍ ସାଓମି ୱାଟର୍ ଗାର୍ଡ୨ ଲଞ୍ଚ କରିଛି। ଏହି ଡିଭାଇସ୍ ବିଭିନ୍ନ ଘରୋଇ ପରିସ୍ଥିତିରେ ପାଣି ଲିକ୍ ଚିହ୍ନଟ କରିବା ପାଇଁ ଡିଜାଇନ୍ କରାଯାଇଛି। ଏହାର ବ୍ୟାଟେରି ଲାଇଫ୍ ୩ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି କମ୍ପାନି ପକ୍ଷରୁ ଦାବି କରାଯାଇଛି। ଏହା ସାଓମି ହାଇପର୍‌ଓଏସ୍ ଇକୋସିଷ୍ଟମ୍‌ର ଅନ୍ୟ ସ୍ମାର୍ଟ ଡିଭାଇସ୍ ସହିତ ମଧ୍ୟ ଯୋଗାଯୋଗ କରିପାରିବ। ସାଓମି ୱାଟର୍ ଗାର୍ଡ୨ର ମୂଲ୍ୟ ୬୯ ୟୁଆନ (ପ୍ରାୟ ୮୮୬ ଟଙ୍କା)। ଏହା ସାଓମି ୟୁପିନ୍ ସମେତ ଅନେକ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମରେ ମଧ୍ୟ ଉପଲବ୍ଧ। ଏଥିରେ ୫୫ଏମ୍‌ଏମ୍ ବ୍ୟାସ ଓ ୧୯.୫ଏମ୍‌ଏମ୍ ମୋଟେଇ ସହିତ ଏକ କମ୍ପାକ୍ଟ ଗୋଲାକାର ଡିଜାଇନ୍ ରହିଛି। ସାଓମି ଆଉଟର୍ ସେଲ୍ ଓ ବଟନ୍‌ଗୁଡ଼ିକ ପାଇଁ ଏକ ଡୁଆଲ୍-କଲର୍‌ର ଇଞ୍ଜେକ୍ସନ୍ ମୋଲ୍‌ଡିଂ ପ୍ରକ୍ରିୟା ବ୍ୟବହାର କରାଯାଇଛି। ଡିଭାଇସ୍‌ଟି ଧୂଳି ଓ ଜଳ ପ୍ରତିରୋଧ ପାଇଁ ଆଇପି୬୭ ମୂଲ୍ୟାଙ୍କିତ ହୋଇଥିବାରୁ ଏହା ଆର୍ଦ୍ର ଓ ଧୂଳିମୟ ପରିବେଶରେ ମଧ୍ୟ ସହଜ ଭାବେ କାର୍ଯ୍ୟ କରିପାରିବ। ସାଓମି ଡିଭାଇସ୍‌ରେ ଦୁଇ ପ୍ରକାରର ୱାଟର୍ ଡିଟେକ୍‌ସନ୍ ସିଷ୍ଟମ୍ ରହିଛି। ତଳଭାଗରେ ଡୁଆଲ୍-ପ୍ରୋବ୍ ସେନ୍‌ସର୍ ୦.୫ଏମ୍‌ଏମ୍ ପର୍ଯ୍ୟନ୍ତ ଜମିଥିବା ପାଣିକୁ ଚିହ୍ନଟ କରିପାରିବ, ଯେତେବେଳେ ଉପର ସେନ୍‌ସର୍ ଟପ୍‌ଟପ୍ ପଡୁଥିବା କିମ୍ବା ଛିଟାପଡୁଥିବା ପାଣିକୁ ଚିହ୍ନଟ କରିପାରିବ। ଏହି ଡୁଆଲ୍-ସେନ୍‌ସର୍ ପ୍ରଯୁକ୍ତିବିଦ୍ୟା ଉଚ୍ଚସ୍ଥାନ ସହିତ ସିଙ୍କ୍ ତଳେ କିମ୍ବା ୱାସିଂ ମେସିନ୍ ପାଖରେ ଥିବା ଲିକ୍‌କୁ ମଧ୍ୟ ଚିହ୍ନଟ କରିପାରେ। ଏହି ଡିଭାଇସ୍ ଲିକ୍ ଚିହ୍ନଟ ପାଇଁ ତିନି ପ୍ରକାରର ଆଲର୍ଟ ପ୍ରଦାନ କରିଥାଏ। ଏଥିରେ ଏକ

ବିଲ୍‌ଟ-ଇନ୍ ବଜର୍ ଓ ଏଲ୍‌ଇଡି ଇଣ୍ଡିକେଟର୍ ଅନ୍ତର୍ଭୁକ୍ତ ଯାହା ଶବ୍ଦ ଓ ଆଲୋକ ନୋଟିଫିକେସନ୍ ପଠାଏ। ଏହା ଡିଭାଇସ୍‌ଟି ଅଫ୍‌ଲାଇନ୍ ଥିବା ସମୟରେ ମଧ୍ୟ କାମ କରିଥାଏ। ବ୍ୟବହାରକାରୀମାନେ ଏମଆଇ ହୋମ୍ ଆପ୍ ମାଧ୍ୟମରେ ରିମୋଟ୍ ଆଲର୍ଟ ପାଇପାରିବେ। ରିଅଲ୍-ଟାଇମ୍ ଜଳ ସ୍ଥିତିକୁ ମନିଟର୍ କରିପାରିବେ, ଆଲର୍ଟ ଫ୍ରିକ୍ୱେନ୍ସି ଆଡ୍‌ଜଷ୍ଟ କରିପାରିବେ ଏବଂ ବ୍ୟାଟେରି ଲେବଲ୍‌କୁ ବି ଯାଞ୍ଚ କରିପାରିବେ। ସାଓମି ବ୍ଲୁଟୁଥ୍ ମେସ୍ ଗେଟ୍‌ୱେ ସହିତ ପେୟାର୍ ହେଲେ ଏହା ସାଓମି ହାଇପରଓଏସ ଇକୋସିଷ୍ଟମ୍‌ର ଅନ୍ୟ ସ୍ମାର୍ଟ ଡିଭାଇସ୍‌ଗୁଡ଼ିକ ସହିତ ମଧ୍ୟ ଯୋଗାଯୋଗ କରିପାରିବ। ଉଦାହରଣ ସ୍ୱରୂପ, ବୈଦ୍ୟୁତିକ ବିପଦକୁ ହ୍ରାସ କରିବା ପାଇଁ ଲିକ୍ ଚିହ୍ନଟ ହେଲେ ଏହା ସ୍ୱୟଂଚାଳିତ ଭାବରେ ସଂଯୁକ୍ତ ସ୍ମାର୍ଟ ସକେଟ୍‌ଗୁଡ଼ିକୁ ବନ୍ଦ କରିପାରେ। ୱାଟର୍ ଗାର୍ଡ୨ ବ୍ଲୁଟୁଥ୍ ୫.୨କୁ ସପୋର୍ଟ କରେ ଏବଂ ଏଥିରେ ସିଆର୨୪୫୦ କଏନ୍ ସେଲ୍ ବ୍ୟାଟେରି ଆବଶ୍ୟକ ହୋଇଥାଏ। ଅଲ୍‌ଟ୍ରା-ଲୋ ପାୱାର୍ ଡିଜାଇନ୍ ତିନି ବର୍ଷ ପର୍ଯ୍ୟନ୍ତ ବ୍ୟାଟେରି ଲାଇଫ୍‌କୁ ସୁନିଶ୍ଚିତ କରେ। ଏହି ଡିଭାଇସ୍‌ରେ ଏକ ନିକେଲ୍-ପ୍ଲେଟେଡ୍ ରଷ୍ଟ-ମୁକ୍ତ ପ୍ରୋବ୍ ଏବଂ ଆଣ୍ଟି-ୟୁଭି ସାମଗ୍ରୀ ବ୍ୟବହାର ହୋଇଛି।

ଶେୟାର ବଜାରର ଲଙ୍ଗ ଜମ୍ପ୍

୬୦୦ ବଢ଼ିଲା ସେନ୍‌ସେକ୍ସ

ନୂଆଦିଲ୍ଲୀ: ଭାରତୀୟ ସେୟାର ବଜାର ବୁଧବାର ଲଗାତାର ତୃତୀୟ ଦିନରେ ବଡ଼ ବୃଦ୍ଧ ସହ ବନ୍ଦ ହୋଇଛି। ସେନ୍‌ସେକ୍ସ ପ୍ରାୟ ୬୦୦ ଅଙ୍କ ଉପରକୁ ଉଠିଛି। ସେହିପରି ନିଫ୍ଟି ୨୫,୮୭୫ ସ୍ତରରେ ପହଞ୍ଚିଛି। ନିଫ୍ଟି ମିଡ୍‌କ୍ୟାପ୍ ୧୦୦ ଇଣ୍ଡେକ୍ସ ଆଜି କାରବାର ବେଳେ ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ବୁଝାମଣା ଶୀଘ୍ର ହେବା ସମ୍ଭବନା ଓ ବିହାର ବିଧାନସଭା ନିର୍ବାଚନର ଏକଜିଟ୍ ପୋଲରେ ଏନଡିଏର ପୁଣି ଥରେ ସରକାର ଗଠନ ସମ୍ଭାବନା ଯୋଗୁ ଅଧିକ କ୍ରୟ ଦେଖିବାକୁ ମିଳିଛି। କାରବାର ଶେଷରେ ସେନ୍‌ସେକ୍ସ ୫୯୫.୧୯ ଅଙ୍କ ଅର୍ଥାତ୍ ୦.୭୧ ପ୍ରତିଶତ ବଢ଼ି ୮୪,୪୬୬.୫୧ ସ୍ତରରେ ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ୧୮୦.୮୫ ଅଙ୍କ ବା ୦.୭୦ ପ୍ରତିଶତ ବଢ଼ି ୨୫,୮୭୫.୮୦ ସ୍ତରରେ ବନ୍ଦ ହୋଇଛି। ଆଜିର କାରବାରରେ ଅଧିକାଂଶ ସେକ୍ଟୋରାଲ୍ ଇଣ୍ଡେକ୍ସ ବି ସବୁଜ ସଂକେତରେ ବନ୍ଦ ହୋଇଛି। ଆଇଟି ସେକ୍ଟରରେ ସବୁଠୁ ଅଧିକ ୨.୦୪ ପ୍ରତିଶତ ବୃଦ୍ଧି ରେକର୍ଡ ହୋଇଛି। ଅଟୋ ସେକ୍ଟରର ୧.୨୪ ପ୍ରତିଶତ ବଢ଼ି ବନ୍ଦ ହୋଇଛି। ଫାର୍ମା, ହେଲ୍ଥକେୟାର ଓ କଞ୍ଜ୍ୟୁମର ଡ୍ୟୁରେବଲ୍ସରେ ବି ମଜଭୁତ କ୍ରୟ ଦେଖିବାକୁ ମିଳିଛି। ତେବେ ରିୟଲ ଇଷ୍ଟେଟ୍ ଓ ମେଟାଲ୍ ଇଣ୍ଡେକ୍ସରେ ସାମାନ୍ୟ ଲାଭ ଅସୁଲ ଦେଖିବାକୁ ମିଳିଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ଗୋଟେ ଦୁଇଟି ସହରକୁ ଛାଡିବା ପରେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ଭାରତର ୮୬% କୃଷକ ପାଖରେ ପହଞ୍ଚୁନି କୃଷି ଟେକ୍ନୋଲୋଜୀ

ନୂଆଦିଲ୍ଲୀ, ୧୨।୧୧: ଭାରତରେ ଏବେ ବି ଅଧିକାଂଶ କୃଷକ ଚାଷ ଜନିତ ଟେକ୍ନୋଲୋଜୀରୁ ବଞ୍ଚିତ ରହିଛନ୍ତି। ପାଖାପାଖି ୮୬% କୃଷକ ବର୍ତ୍ତମାନ ଏହି ଶ୍ରେଣୀର। ତେଣୁ ବର୍ତ୍ତମାନ ଭାରତକୁ ବିଭାଜିତ ଚାଷ ବ୍ୟବସ୍ଥାରୁ ହଟି ଏକପ୍ରଣାଳିଗତ ଏକୀକରଣ ଚାଷ ବ୍ୟବସ୍ଥା ଆଡ଼କୁ ଅଗ୍ରସର ହେବା ଆବଶ୍ୟକ ବୋଲି କହିଛିଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘ। କେବଳ ସେତିକି ନୁହେଁ, ଟେକ୍ନୋଲୋଜୀକୁ ଚାଷୀଙ୍କ ପାଇଁ କେମିତି ବୈଧିକରାଯିବ,ଏହାର ବ୍ୟବସାୟକରଣ କରିବା ଓ କ୍ଷୁଦ୍ର ଚାଷୀମାନଙ୍କ ପାଖରେ ପହଞ୍ଚିବାର ଉପାୟରେ ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ରହିଛି ବୋଲି କହିଛି ଆସୋଚାମ। ଦେଶରେ ବିଭିନ୍ନ ଖାଦ୍ୟ ଶଷ୍ୟର ଚାଷବାସ ହେଉଛି। ହେଲେ କୃଷକମାନେ କୃଷି ଟେକ୍ନୋଲୋଜୀ ସହିତ ଜଡ଼ିତ ନହେବାରୁ ଚାଷରେ ନାନା ସମସ୍ୟା ଦେଖାଯାଉଛି। ତେଣୁ କୃଷକମାନଙ୍କୁ ଟେକ୍ନୋଲୋଜୀ ସହ ଯୋଡ଼ିବାକୁ ଆହ୍ୱାନ ଦେଇଛି ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ସଂଘବା ଆସୋଚାମ। ରାଜ୍ୟସ୍ତରରେ ଟେଷ୍ଟିଂ ପ୍ଲାଟଫର୍ମ ଓ ୟୁନିଫାଏଡ୍ ଡାଟା ଫ୍ରେମୱର୍କ ଦ୍ୱାରା ଏହା କରାଗଲେ ଅଧିକାଂଶ ଚାଷୀଙ୍କୁ ଟେକ୍ନୋଲୋଜୀ ସହ ଯୋଡ଼ା ଯାଇପାରିବ ବୋଲି ଆସୋଚାମ ମଙ୍ଗଳବାର ଜାରି କରିଥିବା ଏକ ସର୍ଭେ ରିପୋର୍ଟରେ ଦର୍ଶାଇଛି।

ଶିଳ୍ପ ସଂଘ କହିଛି ଯେ ଦେଶର ୮୬ ପ୍ରତିଶତ ଚାଷୀ କୃଷି ଟେକ୍ନୋଲୋଜୀ ଉଦ୍ଭାବନ ପାଖରେ ପହଞ୍ଚି ପାରି ନାହାନ୍ତି। ତେଣୁ ଟେକ୍ନୋଲୋଜୀକୁ ବୈଧକରାଇବା,ଏହାର ବ୍ୟବସାୟକରଣ କରିବା ଓ କ୍ଷୁଦ୍ର ଚାଷୀମାନଙ୍କ ପାଖରେ ପହଞ୍ଚିବାର ଉପାୟରେ ଆମୂଳଚୂଳ ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି। ଭବିଷ୍ୟତର କୃଷି ଅର୍ଥ ଗୋଟିଏ ସ୍ଥାନରେ ଟେକ୍ନୋଲୋଜୀ ସହ ଚାଷ କରିବା, ତଥ୍ୟ ସଂଗ୍ରହ ସହ ତୁରନ୍ତ ନିଷ୍ପତ୍ତି ଏବଂ ନୂଆ ଉଦ୍ଭାବନର ଚାଷ ଉପରେ ପ୍ରଭାବକୁ ବୁଝାଇବା। ତେଣୁ ପୁରୁଣା ଶୈଳୀରେ ଚାଷ କଲେ କିଛି ଲାଭ ନାହିଁ ବୋଲି ଶିଳ୍ପ ସଂଘ କହିଛି। ତେଣୁ ଚାଷୀଙ୍କୁ ଟେକ୍ନୋଲୋଜୀ, ଡାଟା, ରିସର୍ଚ୍ଚ ବିଷୟରେ ଅବଗତ କରାଇବାକୁ ହେଲେ ରାଜ୍ୟସ୍ତରରେ ସରକାରୀ ସହଯୋଗରେ ଏକ ଏଗ୍ରୀ ଟେକ୍ ସାଣ୍ଡବକ୍ସ ସ୍ଥାପନ କରିବାକୁ ପଡ଼ିବ। ଯେଉଁଥିରେ ସରକାରୀ ସଂସ୍ଥା, ଷ୍ଟାର୍ଟଅପ୍ ଏବଂ ରିସର୍ଚ୍ଚ ସଂସ୍ଥାନ ଏକାଠି ଆସିବେ। କୌଣସି ଯୋଜନାରେ ପୂର୍ଣ୍ଣ ରୂପାୟନ ପୂର୍ବରୁ ଏହାର ଏହାର ବୈଧତାକୁ ଯାଞ୍ଚ କରିବେ ଓ ଏହା ଲାଗୁ କରିବେ। ପାଇଲଟ ପ୍ରକଳ୍ପ ହିସାବରେ ଯୋଜନା ଓ ଟେକ୍ନଲୋଜୀ ଲାଗୁ କରି ଏହାର ସଫଳତା ଦେଖିବା ପରେ କିଭଳି ନୂଆ ଯୋଜନାକୁ ପୂର୍ଣ୍ଣକାଳୀନ ଭାବେ ଲାଗୁ କରାଯିବ ସେ ଦିଗରେ ଧ୍ୟାନ ଦେବ ବୋଲି ଆସୋଚାମ କହିଛି।

ବିଶ୍ୱର ନୂଆ ଧନୀ ତାଲିକା ଜାରି

ଏକ ନମ୍ବରରେ ଏଲନ ମସ୍କ

ୱାଶିଂଟନ୍,୧୨।୧୧: ବିଶ୍ୱର ୧୦ ଜଣ ଧନୀ ବ୍ୟକ୍ତିଙ୍କ ତାଲିକାରେ ଲୁଇସ ଭୁଇଟନ ଏବଂ ଟିଫାନି ଆଣ୍ଡ କୋ ଭଳି କମ୍ପାନୀର ପ୍ରତିନିଧିମାନେ ନିଜ ପାଇଁ ଏକ ସ୍ଥାନ ସୃଷ୍ଟି କରିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରୁ କେବଳ ସାତ ଜଣ କୋଟିପତି ୨୦୦ ବିଲିୟନ ଡଲାର କ୍ଲବରେ ଅଛନ୍ତି। ସଦ୍ୟତମ ପ୍ରବେଶ ହେଉଛି ବର୍ଣ୍ଣାର୍ଡ ଆର୍ନାଲ୍ଟ, ଯିଏ ଆମେରିକାର ନୁହଁନ୍ତି। ଶ୍ରେଷ୍ଠ ଛଅ ଜଣ ଆମେରିକୀୟ ଏବଂ ଟେକ କମ୍ପାନୀଗୁଡ଼ିକ ସହିତ ଜଡିତ। ସେହିପରି ବର୍ଣ୍ଣାର୍ଡ ଆର୍ନାଲ୍ଟ, ଟେକ କ୍ଷେତ୍ର ସହିତ ଜଡିତ ନୁହଁନ୍ତି। ବ୍ଲୁମବର୍ଗ ବିଲିୟନିୟର୍ସ ତାଲିକା ଅନୁଯାୟୀ, ଏଲନ ମସ୍କ ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି, ଯାହାଙ୍କ ସମ୍ପତ୍ତି ୪୫୭ ବିଲିୟନ ଡଲାର। ଯଦିଓ ତାଙ୍କ ସମ୍ପତ୍ତି ସମ୍ପ୍ରତି ପ୍ରାୟ ୪ ବିଲିୟନ ଡଲାର ହ୍ରାସ ପାଇଛି, ଏହି ବର୍ଷ ଆରମ୍ଭରୁ ମସ୍କଙ୍କ ସମ୍ପତ୍ତି ୨୪ ବିଲିୟନ ଡଲାର ବୃଦ୍ଧି ପାଇଛି। ମସ୍କ ୪୫୭ ବିଲିୟନ ଡଲାର ସମ୍ପତ୍ତି ସହିତ ତାଲିକାର ଶୀର୍ଷରେ ଅଛନ୍ତି। ତାଙ୍କ ପରେ ଲାରି ଏଲିସନ ଅଛନ୍ତି, ଯାହାଙ୍କ ସମ୍ପତ୍ତି ୨୯୫ ବିଲିୟନ ଡଲାର। ଲାରି ଓରାକେଲଙ୍କୁ ପ୍ରତିନିଧିତ୍ୱ କରନ୍ତି। ଆମାଜନର ଜେଫ ବେଜୋସ ୨୬୯ ବିଲିୟନ ଡଲାର ସମ୍ପତ୍ତି ସହିତ ତୃତୀୟ ସ୍ଥାନରେ ଅଛନ୍ତି। ଗୁଗଲ ପ୍ରତିଷ୍ଠାତା ଲାରି ପେଜ ଏବଂ ସେର୍ଗେ ବ୍ରିନ ମଧ୍ୟ ତାଲିକାରେ ଦୃଢ଼ ଅଛନ୍ତି। ଲାରି ପେଜ୍ଙ୍କ ସମ୍ପତ୍ତି ୨୫୧ ବିଲିୟନ ଡଲାର, ବ୍ରିନଙ୍କ ସମ୍ପତ୍ତି ପ୍ରାୟ ୨୩୫ ବିଲିୟନ ଡଲାର। ଫେସବୁକ ପ୍ରତିଷ୍ଠାତା ମାର୍କ ଜୁକରବର୍ଗ ୨୨୨ ବିଲିୟନ ଡଲାର ସମ୍ପତ୍ତି ସହିତ ଷଷ୍ଠ ସ୍ଥାନରେ ଅଛନ୍ତି। ଫରାସୀ ବାସିନ୍ଦା ଏବଂ ଅନେକ ଗ୍ରାହକ କମ୍ପାନୀର ପ୍ରତିନିଧି ବର୍ଣ୍ଣାର୍ଡ ଆର୍ନାଲ୍ଟ, ବିଶ୍ୱର ସପ୍ତମ ଧନୀ ବ୍ୟକ୍ତି, ଯିଏକି ୨୦୦ ବିଲିୟନ ଡଲାର ଧନୀ ବ୍ୟକ୍ତିଙ୍କ ତାଲିକାରେ ସାମିଲ ହୋଇଛନ୍ତି। ୱିକିପିଡିଆ ଅନୁଯାୟୀ, ବର୍ଣ୍ଣାର୍ଡ ଆର୍ନାଲ୍ଟ ଜଣେ ଫରାସୀ ବ୍ୟବସାୟୀ। ୫ ମାର୍ଚ୍ଚ, ୧୯୪୯ରେ ଜନ୍ମଗ୍ରହଣ କରିଥିବା, ସେ LVMH ମୋଏଟ ହେନେସି ଲୁଇସ ଭିଟନ (LVMH) ର ସିଇଓ ଏବଂ ଅଧ୍ୟକ୍ଷ। ବର୍ଣ୍ଣାର୍ଡଙ୍କ କମ୍ପାନୀ ବିଶ୍ୱର ସବୁଠାରୁ ବଡ଼ ଲଗଜରୀ ବ୍ରାଣ୍ଡ ମଧ୍ୟରୁ ଗୋଟିଏ। ତାଙ୍କ ଗୋଷ୍ଠୀର ପୋର୍ଟଫୋଲିଓରେ ଲୁଇସ ଭିଟନ, ଟିଫାନି ଆଣ୍ଡ କୋ., ଡିଓର୍, ଗିଭେଞ୍ଚି, ଟ୍ୟାଗ ହୁଏର୍ ଏବଂ ବୁଲଗାରି ଭଳି ବ୍ରାଣ୍ଡ ଅନ୍ତର୍ଭୁକ୍ତ।

ପୁଣି ସୁନା, ରୁପା ମହଙ୍ଗା

ଭୁବନେଶ୍ୱର, ୧୨।୧୧: ବଜାରରେ ପୁଣି ଥରେ ସୁନା ଓ ରୁପା ଦରରେ ବଡ଼ଧରଣର ବୃଦ୍ଧି ଦେଖାଦେଇଛି। ଏହି ଦୁଇ ମୂଲ୍ୟବାନ ଧାତୁ ଦର ଲଗାତାର ଗତ ଦୁଇଦିନ ହେଲା ଉପରମୁହାଁ ହୋଇଛି। ଏଥିଯୋଗୁ ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନାର ୧୦ ଗ୍ରାମ୍ ପିଛା ଦର ମଙ୍ଗଳବାର ୧,୨୫, ୮୪୦ ଟଙ୍କାରେ ପହଞ୍ଚିଛି। ସେହିଭଳି ୨୨ କ୍ୟାରେଟ୍ ସୁନା ଦର ୧,୧୫,୩୫୦ ଟଙ୍କା ହୋଇଛି। ଦୁଇ ଦିନରେ ୨୪ କ୍ୟାରେଟ୍ ଦର ୧୦ ଗ୍ରାମ୍ ପିଛା ୩୮୨୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ଦର ୩୫୦୦ ଟଙ୍କା ମହଙ୍ଗା ହୋଇଛି। ଚଳିତମାସ ୭ ତାରିଖରେ ୨୪ କ୍ୟାରେଟ୍ ସୁନା ଦର ୧,୨୨,୦୨୦ ଟଙ୍କା ଏବଂ ୨୨ କ୍ୟାରେଟ୍ ସୁନା ଦର ୧,୧୧,୮୫୦ ଟଙ୍କା ସ୍ତରରେ ରହିଥିଲା। ସେହିଭଳି ରୁପା ଦର ଗତ ଦୁଇଦିନ ମଧ୍ୟରେ କିଲୋଗ୍ରାମ୍ ପିଛା ୫୦୦୦ ଟଙ୍କା ମହଙ୍ଗା ହୋଇ ୧,୭୦,୦୦୦ ଟଙ୍କାରେ ପହଞ୍ଚିଛି। ସୋମବାର ରୁପା ଦର ୪୦୦୦ ଟଙ୍କା ବଢ଼ିଥିଲା। ମଙ୍ଗଳବାର ଏଥିରେ ୧୦୦୦ ଟଙ୍କାର ବୃଦ୍ଧି ଘଟିଛି। ନଭେମ୍ବର ମାସର ଦର ଉପରେ ନଜର ପକାଇଲେ ଜଣାଯାଇଛି ଯେ ଭୁବନେଶ୍ୱର ବଜାରରେ ୨୪ କ୍ୟାରେଟ୍ ସୁନା ଦର ଚଳିତମାସ ୧ ତାରିଖରେ ୧,୨୩,୦୦୦ ଟଙ୍କାରେ ରହିଥିଲା।

ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ

ତୁମୁଡିବନ୍ଧ,୧୨।୧୧(ସଂଚାର ବ୍ୟୁରୋ): ମତ୍ସ୍ୟ ସମ୍ପଦ ଓ ପଶୁ ଚିକିତ୍ସା ବିଭାଗୀୟ ଆନୁକୂଲ୍ୟରେ ତୁମୁଡିବନ୍ଧ ସ୍ଥିତ ପଶୁ ଚିକିତ୍ସାଳୟ ପରିସର ଭିତରେ ଏକ ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା-୨୦୨୫ ବର୍ଷ ସଫଳତାର ସହ ଆୟୋଜିତ ହୋଇଯାଇଛି। ମେଳାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଏବଂ ଏହାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା।ଏହି କାର୍ଯ୍ୟକ୍ରମ ଜରିଆରେ ମାଛ, ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଓ ଘୁଷୁରୀ ଆଦି ଚାଷ କରୁଥିବା ଚାଷୀମାନଙ୍କୁ ତାଲିମ ପ୍ରଦାନ କରିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରାଯାଇଥିଲା, ଯାହା ଫଳରେ ସେମାନେ ଅଧିକ ଲାଭବାନ ହୋଇପାରିବେ। ମେଳା ଅବସରରେ ବ୍ଲକର ବିଭିନ୍ନ ପଞ୍ଚାୟତର କେତେକ ସଫଳ ଚାଷୀଙ୍କୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଏହି ଚାଷୀମାନଙ୍କୁ ଉପଢୌକନ, ମାନପତ୍ର, ଟ୍ରଫି ଏବଂ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏବଂ ଏହି ଅବସରରେ ହୋଇଥିବା କୃଷି ଏବଂ ପ୍ରାଣି ବିଭାଗର ମିଳିତ, ହଳଦୀ ଗୁଣ୍ଡ, ଗୋଖାଦ୍ୟ ଇତ୍ୟାଦି ବିଭିନ୍ନ ଷ୍ଟୋଲ ଗୁଡ଼ିକ ମଧ୍ୟ କରାଯାଇଥିଲା।

ଦୃଷ୍ଟି ଆଢୁଆଳରେ ବନଦେବତା ପେଞ୍ଜାଇ ପୀଠ



ଫୁଲବାଣୀ,୧୨।୧୧(ସଂଚାର ବ୍ୟୁରୋ): ଆଦିବାସୀ ଅଧ୍ୟୁଷିତ ଫିରିଙ୍ଗିଆ ବ୍ଲକ ରେ ରହିଛି ଅନେକ ଦେବଦେବୀଙ୍କ ଆସ୍ଥାନ ଏଥି ମଧ୍ୟରୁ କିଛି ଦେବଦେବୀଙ୍କ ମନ୍ଦିର ରହିଛି ଅନେକ ମଧ୍ୟ ବିନା ମନ୍ଦିରରେ ପୂଜା ପାଉଛନ୍ତି ଏହି ଭଳି ଦେବତା ପେଞ୍ଜାଇ ଠାକୁର ଘଞ୍ଚ ଅରଣ୍ୟ ଭିତରେ କାହିଁ କେଉଁ କାଳୁ ପୂଜା ପାଉଛନ୍ତି। ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ସଲାଗୁଡ଼ା ପଞ୍ଚାୟତରୁ ୭ କିମି ଦୂର, ତ, ବୌଦ୍ଧ ଜିଲ୍ଲାର ଶଗଡ଼ା-ମନମୁଣ୍ଡା ରାସ୍ତା ର ପର୍ଯ୍ୟଟନସ୍ଥଳୀ କାଟ୍ରାମାଳା ଜଳପ୍ରପାତ ନିକଟରେ ଅବସ୍ଥିତ ଦେବତା ଆସ୍ଥାନ ଜଳପ୍ରପାତ ନିକଟରେ ଚାଉଳ, ଲିଆ, ବିସ୍କେଟ୍ ଇତ୍ୟାଦି ପାଣିରେ ପକାଇବା ସହ ହାତରେ ଧରିଲେ ମାଛମାନେ ଆସି ପାପୁଲିରୁ ଖାଇଥାନ୍ତି। ବନ ଦେବତା ପେଞ୍ଜାଇଙ୍କ କୌଣସି ପୂଜା ପୀଠ ନାହିଁ। କେବଳ ଦୁଇଟି ମଣିଷ ସଦୃଶ୍ୟ ପଥର ରହିଛି। କିମ୍ବଦନ୍ତୀ ଅନୁସାରେ, ତ୍ରୟୋଦଶ-ଚତୁର୍ଦଶ ଶତାବ୍ଦୀରେ ଭଞ୍ଜବଂଶର ରାଜା ମାନେ ବୌଦ୍ଧରୁ ବିତାଡିତ ପରେ ତୋଳବଂଶ ଏବଂ ମୋଗଲମାନେ କନ୍ଧମାଳ ଅଞ୍ଚଳକୁ ଆକ୍ରମଣ ଉଦ୍ଦେଶ୍ୟରେ ବୌଦ୍ଧରୁ ବାହାରି ଶଗଡ଼ା ପଞ୍ଚାୟତ ଅନ୍ତର୍ଗତ ମାଳତୀ ଗୋଛାପଡା ରେ ରାତ୍ରି ଯାପନ କଲେ। ଶତ୍ରୁ ଆଗମନ ଜାଣି ପାରି ବନଦେବତା ପେଞ୍ଜାଇ ଜଣେ ସଧବା ସ୍ତ୍ରୀ ରୂପରେ ଆସି ଲୋକଙ୍କୁ ଏ ବିଷୟରେ ସୂଚନା ଦେଇଥିଲେ। ବନବାସୀ ଯୁଦ୍ଧ କରି ଶତ୍ରୁ ମାନଙ୍କୁ ପରାଜିତ କରିଥିଲେ। ଶତ୍ରୁ ପକ୍ଷର ଜଣେ ମାତ୍ର ସେନାପତିଙ୍କୁ ଜୀବିତ ରଖି କାଟ୍ରାମାଳା ଠାରୁ ଅଧ କିମି ଦୂର ପଥର ଗୁମ୍ଫାରେ ଆଶ୍ରୟ ଦେଲେ। ବର୍ତ୍ତମାନ ସୁଦ୍ଧା ସେ ସ୍ଥାନ ଦେଖିଲେ, ଅତୀତରେ ଏକ ପୁରାତନ ବସ୍ତି ଥିବାର ଅନୁମାନ କରାଯାଏ। ସେ ସ୍ଥାନକୁ ରାଜେନ୍ କନ୍ ଅର୍ଥାତ୍ ରାଜାଙ୍କ ନଅର କୁହାଯାଏ ଯୁଦ୍ଧ ଶେଷ ପରେ ପୀଠ ସ୍ଥାପନ କରି ଆଦିବାସୀ ମାନେ ପେଞ୍ଜାଇ ଦେବତାଙ୍କୁ ପୂଜା କରି ଆସୁଛନ୍ତି। ଯୁଦ୍ଧ ସ୍ଥାନରୁ ଶତ୍ରୁଙ୍କ ଠାରୁ ମିଳିଥିବା ତୁରି, ପିତଳ ହଣ୍ଡା, ଚଟୁ ସଲାଗୁଡ଼ା ଗ୍ରାମବାସୀଙ୍କ ପାଖରେ ରହିଛି। -ଲୁହାରେ ନିର୍ମିତ ବାଳା 'ସରସଦଲା' ଗୋଛାପଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବନ୍ଧୁଲି ଗ୍ରାମରେ ରହିଛି। ବନଦେବତା ପେଞ୍ଜାଇ ଆଦିବାସୀ ସଂସ୍କୃତି ଅନୁସାରେ ସତାଧିକା ଗ୍ରାମର -ଗୋଲାଙ୍କ ଆରାଧ୍ୟ ଦେବତାରୂପେ ପୂଜା ପାଇଁ ଆସୁଛନ୍ତି। ପ୍ରତିବର୍ଷ ଜ୍ୟେଷ୍ଠ ମାସରେ ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥାଏ। କୃଷକମାନେ ବିଲରେ ଭଲ ଫସଲ ପାଇଁ ପେଞ୍ଜାଇଙ୍କ ନିକଟରେ ଗୁହାରି କରିଥାନ୍ତି। ବାର୍ଷିକ ପୂଜା ନହେବା ଯାଏ କୌଣସି କୃଷକ ବିଲ ରେ ଧାନ କିମ୍ବା ବିହନ ବୁଣନ୍ତି ନାହିଁ। ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଯୋଗୁଁ ମଣ୍ଡାସାହି ଠାରୁ କାଟ୍ରାମାଳା ପ୍ରଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କାମ ହେଉଗଲାଣି ରାସ୍ତା। ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଲେ ଅଧିକ ସ୍ୱୀକୃତି ପାଇପାରିବେ ବହୁ ସଂଖ୍ୟକ ପର୍ଯ୍ୟଟକଙ୍କ ଆଗମନ ହେବ ବୋଲି କୁହାଯାଉଛି।

ଆଜି କାଞ୍ଜି ଅଁଳା ନବମୀ, ପୂଜା ପାଇବେ ଶୁଖୁଆ ବୋହୂ

କାକଟପୁର/ଅସ୍ତରଙ୍ଗ, ୧୨।୧୧(ସଂଚାର ବ୍ୟୁରୋ): ଓଡିଆ ଘରେ ରହିଛି ବାର ମାସରେ ତେର ପର୍ବ। ସେମିତି ଏକ ପର୍ବ ହେଉଛି କାଞ୍ଜିଅଁଳା ନବମୀ। ବିଶେଷ କରି ଉପକୂଳ ଓଡ଼ିଶାରେ ଏହା ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ। ଗୁରୁବାର କୃଷ୍ଣ ପକ୍ଷ ନବମୀ ତିଥୀରେ ତଥା ପ୍ରଥମାଷ୍ଟମୀ ପର ଦିନ ଏହି କାଞ୍ଜି ଅଁଳା ଓଷା କରାଯାଇଥାଏ। ଏହି ପୂଜା ଷଠି ଦେବୀଙ୍କ ପାଇଁ କରାଯାଏ। ପିଲାମାନଙ୍କ ସୁରକ୍ଷା ପାଇଁ ଷଠି ଦେବୀଙ୍କୁ ପୂଜା କରାଯାଏ। ଷଠି ଦେବୀଙ୍କର ଆଉ ଏକ ପୂଜା ଅଛି, ଯାହାକୁ ଷଠି ଓଷା କୁହାଯାଏ। ସନ୍ଧ୍ୟାରେ ମହିଳାମାନେ ଏକତ୍ରିତ ହୋଇ ଏହି ପୂଜା କରନ୍ତି।କାଞ୍ଜି ପ୍ରସ୍ତୁତ କରାଯାଏ। କାଞ୍ଜିରେ ଅଁଳା ପଡ଼ିଥାଏ। ତେଣୁ ଏହାକୁ କାଞ୍ଜି ଅଁଳା ନବମୀ କୁହାଯାଏ। ଏହି ଦିନ ପିତା ଶୁଖୁଆ ପୂଜା କରାଯାଏ। ୭ଟି ଶୁଖୁଆ ନେଇ ହଳଦୀ ପାଣିରେ ଭଲ ଭାବେ ଧୋଇ ଦିଆଯାଏ। ହଳଦୀ ରଙ୍ଗ କିମ୍ବା ନାଲି ରଙ୍ଗର ବସ୍ତ୍ର ଶୁଖୁଆକୁ ପିନ୍ଧାଯାଏ। କଜଳ ଲଗାଯାଏ। ସନ୍ଧ୍ୟା ଗଡ଼ିବା ପରେ ଏହି ଓଷା ହୋଇଥାଏ। ଘର ଅଗଣାରେ ଗୋଲାକାର ଖାଲଟିଏ ଖୋଳି ସେଥିରେ ପାଣି ଭର୍ତି କରି ଛୋଟ ମାଛ ଛାଡ଼ନ୍ତି। ଏହାକୁ ଓଷା ପୋଖରୀ କୁହାଯାଏ। ପୋଖରୀ ଚାରିପଟେ ଧାନ, ଅପମାରଙ୍ଗ ଓ ସାରୁ ଗଛ ଲଗାଯାଏ। ପିତଳ ଥାଳିରେ ୭ଟି ପିତା ଶୁଖୁଆ ରଖାଯାଏ। ପୋଖରୀ ମଧ୍ୟକୁ ଫୁଲ ପକାଯାଏ। ପ୍ରସ୍ତୁତ ଖାଦ୍ୟ କିଛି ପରିବାର ପ୍ରଦାନ କରାଯାଏ।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

କୋରେଇ,୧୨।୧୧(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା କୋରେଇ ବ୍ଲକ ନିକଟରେ ଥିବା ବଟିରା ଖେଳପଡ଼ିଆ ଠାରେ ଆଜି ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଅଛି। କୋରେଇ ବିଡ଼ିଓ ଶ୍ରୀ ଅବନୀକାନ୍ତ ସାହୁ'ଙ୍କ ନେତୃତ୍ୟର ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଶ୍ରୀ ଆକାଶ ଦାସନାୟକ ଯୋଗଦେଇ ମତ୍ସ୍ୟ ଯିବି ଓ ପ୍ରାଣୀ ସମ୍ପଦ କଲ୍ୟାଣ ଯୋଜନା ଉପକାରିତା ବିଷୟରେ କୃଷକ ସାଥି ମାନଙ୍କୁ ଅବଗତ କରାଇଥିଲେ।ଏଥିସହିତ ଓଡିଶା ମତ୍ସ୍ୟଜୀବୀ କ୍ଷେତ୍ରରେ ସାମଗ୍ରୀକ ବିକାଶ ନିମନ୍ତେ ୧୪ଗୋଟି ବୃହତ ଯୋଜନା ସମ୍ପର୍କ ବିଷୟରେ ଆଲୋକପାତ କରାଇଥିଲେ। କୋରେଇ ବିଡ଼ିଓ, ମୁଖ୍ୟମନ୍ତ୍ରୀଙ୍କ କାମଧେନୁ ଯୋଜନା, ପ୍ରାଣୀ ସମ୍ପଦ ସମବୃଦ୍ଧି ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣୀ କଲ୍ୟାଣ ଯୋଜନା, ଜାତୀୟ ପ୍ରାଣୀଧନ ମିଶନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଚାଷୀ ଏବଂ ଜନସାଧାରଣ ମାନଙ୍କୁ ସୂଚନା ଦେଇଥିଲେ। ସରକାରଙ୍କ ଜନହିତକରି ଯୋଜନା ଗୁଡିକକୁ ପ୍ରୟୋଗ କରି ଚାଷୀ ମାନେ କିଭଳି ଲାଭବାନ ହୋଇପାରିବେ ସେ ବିଷୟରେ ଏଫେଏସବିର ଯୁଗ୍ମ ନିର୍ଦ୍ଦେଶକ ଆଲୋକ କୁମାର ନାୟକ ସମ୍ୟକ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରିଣୀ ଜ୍ୟୋତିର୍ମୟୀ ବରାଳ ପରିଚାଳନା କରିଥିବା ବେଳେ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ଚନ୍ଦ୍ରକାନ୍ତ ଢ଼େଠି ଓ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ଃ ଦେବାଶିଷ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।

ଡଃ ପ୍ରତିଭା ମହାରଥୀ ପାଇବେ ଶିଶୁ ଅନନ୍ତ ସମ୍ମାନ

ବାଲିପାଟଣା,୧୨।୧୧(ସଂଚାର ବ୍ୟୁରୋ): ଆସନ୍ତା ଡିସେମ୍ବର ତିନି ତାରିଖରେ ବାଲି ପାଟଣା ସ୍ଥିତ ମହାପୁରୁଷ ଶିଶୁ ଅନନ୍ତଙ୍କ ପୀଠରେ ପାଳନ ହେବାକୁ ଯାଉଛି ରାଜ୍ୟ ସ୍ତରୀୟ ଶିଶୁ ଅନନ୍ତ ଜୟନ୍ତୀ ଉତ୍ସବ।ଏହି ଅବସରରେ ଚଳିତ ବର୍ଷର ମର୍ଯ୍ୟାଦା ଜନକ ଶିଶୁ ଅନନ୍ତ ସଂମ୍ମାନ ପାଇବେ ବାଗ୍ମୀ ତଥା ସଂସ୍କୃତି ଗବେଷିକା ଡଃ ପ୍ରତିଭା ମହାରଥୀ। ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟର ୩୦୦ ତମ ପର୍ଯ୍ୟଟନ ସ୍ଥଳୀ ଶିଶୁମଠ ଗ୍ରାମସ୍ଥିତ ସିଶୁଅନନ୍ତ ପୀଠରେ ଆସନ୍ତା ଡିସେମ୍ବର ୩ ତାରିଖ ବୁଧବାର ଦିନ ରାଜ୍ୟ ସ୍ତରୀୟ ମହାପୁରୁଷ ଶିଶୁ ଅନନ୍ତଙ୍କ ଜୟନ୍ତୀ ଉତ୍ସବ ୨୦୨୫ ପାଳନ ହେବ। ପ୍ରତିବର୍ଷ ପରି ଚଳିତ ବର୍ଷ ଶିଶୁ ଅନନ୍ତ ସୃତି ସଂସଦ ଓ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ କିଛି ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।ଚଳିତ ବର୍ଷ ସବୁଠାରୁ ମର୍ଯ୍ୟାଦା ଜନକ ଶିଶୁ ଅନନ୍ତ ସମ୍ମାନ ବାଗ୍ମୀ ତଥା ସଂସ୍କୃତି ଗବେଷିକା ଡଃ ପ୍ରତିଭା ମହାରଥୀଙ୍କୁ ପ୍ରଦାନ କରାଯିବ। ଏଥି ସହବାବା ମଧୁସୂଦନ ସମ୍ମାନ ପାଇବେ ବରିଷ୍ଠ କଣ୍ଠ ଶିଳ୍ପୀ ଗୀତାରାଣୀ ଦାଶ, ଶ୍ରେଷ୍ଠ ସମୀକ୍ଷକ ଭାବରେ ଦିଲ୍ଲୀପ ହାଲିଙ୍କୁ ସମ୍ବର୍ଦ୍ଧିତ କରାଯିବ।

ଏଚଆଇଭି ଏଡ୍ସ ଓ ଏଚ୍ଆଇଭି ଆଇନ୍ ସଚେତନତା

ନୟାଗଡ଼, ୧୨।୧୧(ସଂଚାର ବ୍ୟୁରୋ): ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ସହଭାଗିତା ପକ୍ଷରୁ ନୟାଗଡ଼ ପୌର ପରିଷଦର ନୂତନ ସମ୍ମିଳନୀ କକ୍ଷରେ ଏଚଆଇଭି ଏଡସ୍ ଓ ଏଚଆଇଭି ଆଇନ୍ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ନୟାଗଡ଼ ପୌର ପରିଷଦର ପୌରାଧ୍ୟକ୍ଷା ନିରୂପମା ଖଟେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଳେ ସମ୍ମାନୀତ ଅତିଥି ଭାବେ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ, ଇଁ ଅଜୟ ପାତ୍ର, ଡିପିଏମ୍ ବିଧାନ ଚନ୍ଦ୍ର ନାୟକ, କିଶୋର କୁମାର କାନୁନଗୋ ମଞ୍ଚାସିନ ହୋଇଥିଲେ। ଉକ୍ତ ସଚେତନତା ସଭାରେ ପଞ୍ଚାୟତି ରାଜ ଅନୁଷ୍ଠାନ ଅନୁସାରେ ଜନପ୍ରତିନିଧି ମାନଙ୍କୁ ଏଚଆଇଭି ଏଡସ୍ ଓ ଏଚଆଇଭି ଆଇନ୍ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜନପ୍ରତିନିଧି ମାନଙ୍କ ଭୂମିକା ବିଷୟରେ ଅବଗତ କରାଇଥିଲେ। ନୟାଗଡ଼ ପୌର ପରିଷଦ ଅଞ୍ଚଳରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ବେସରକାରୀ ହସ୍ପିଟାଲ୍, କ୍ଲିନିଗ୍ ଗୁଡ଼ିକୁ ହସ୍ପିଟାଲର ଅଳୀହା ଆବର୍ଜନା ଦେଲା ସମୟରେ ସଠିକ୍ ଭାବେ ଦବାକୁ ତାଗିଦ୍ କରନ୍ତୁ ବୋଲି ନୟାଗଡ଼ ପୌର ପରିଷଦ ପକ୍ଷରୁ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଅଧିକାରୀଙ୍କୁ ପୌରାଧ୍ୟକ୍ଷା ଶ୍ରୀମତୀ ଖଟେଇ ପରାମର୍ଶ ଦେଇଥିଲେ। ଆଜିର ଏହି ସଭାରେ କାଉନସିଲର ଜାନକୀ ବଲ୍ଲଭ ଜେନା, ଦୀନବନ୍ଧୁ ଗୁରୁ, ଗୀତାଞ୍ଜଳୀ ସ୍ୱାଇଁ ଯୋଗ ଦେଇଥିବା ବେଳେ ପୌର ପରିଷଦର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀ ଆଲୋଚନାରେ ସାମିଲ ହୋଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଡିଆଇସି କଳ୍ପନା ନାୟକ, ଲ୍ୟାବ ଟେକ୍ନିସିଆନ୍ ରଂଜିତ କୁମାର ନାୟକ ଉପସ୍ଥିତ ଥିଲେ।

ଦୁର୍ଘଟଣା ଘଟାଇଲା ଲକ୍ଷ୍ମୀବସ୍ ମୋବାଇଲ ଭ୍ୟାନ

ବାଲିକୁଦା,୧୨।୧୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ତହସିଲ ଛକଠାରେ ଆଜି ରାତ୍ରି ପ୍ରାୟ ଆଠଟା ସମୟରେ ଜଗତସିଂହପୁର ଜିଲ୍ଲା ସଦର ମହକୁମରୁ ଲକ୍ଷ୍ମୀବସର ରକ୍ଷଣା ବ୍ୟକ୍ଷଣା ଦଇତ୍ୱରେ ଥିବା ଏକ ମୋବାଇଲ ଭ୍ୟାନ ଆସୁଥିବା ସମୟରେ ବାଲିକୁଦା ତହସିଲ ଛକଠାରେ ଦୁର୍ଘଟଣା ଘଟାଇଛି। ବାଲିକୁଦା ବ୍ଲକର କଂପୁର ଗ୍ରାମର ଶରତ ଚନ୍ଦ୍ର ଦାସ ଏବଂ ତାଙ୍କ ଝିଅ କୌଣସି ଏକ କାମରେ ଏକ ସ୍କୁଟି ଗାଡିରେ ତହସିଲ ଛକ ରାସ୍ତାରେ ଯାଉଥିବାବେଳେ ଲକ୍ଷ୍ମୀବସ ମୋବାଇଲ ଭ୍ୟାନଟି ହଟାତ ବାପା ଓ ଝିଅଙ୍କୁ ସାମ୍ନା ପଟୁ ଦୁର୍ଘଟଣା ଘଟାଇଥିଲା। ବାପା ଶରତ ଚନ୍ଦ୍ର ଦାସ ଏବଂ ତାଙ୍କ ଝିଅଙ୍କୁ ଉପସ୍ଥିତ ଥିବା ସ୍ଥାନୀୟ ଲୋକମାନେ ଦୁର୍ଘଟଣା ସ୍ଥଳରୁ ଉଦ୍ଧାର କରି ବାଲିକୁଦା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଇଥିଲେ ମଧ୍ୟ ବାପା ଶରତ ଚନ୍ଦ୍ର ଦାସଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ସେ ଜଗତସିଂହପୁର ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ହୋଇଥିଲେ। ଉପସ୍ଥିତ ଲୋକମାନଙ୍କ ସୂଚନା ମୁତାବକ ଭ୍ୟାନର ଡ୍ରାଇଭର ମଦ୍ୟପାନ କରି ଗାଡି ଚଳାଉ ଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ପ୍ରକାଶ କରିଛନ୍ତି। ଘଟଣା ସ୍ଥଳରେ ବାଲିକୁଦା ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଭ୍ୟାନଟିକୁ ଜବତ କରିବା ସହିତ ଡ୍ରାଇଭରକୁ ଥାନାରେ ଅଟକ ରଖିଛନ୍ତି।

ଜନ ଜାତି ଗୌରବ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ନୀଳଗିରି,୧୨।୧୧(ସଂଚାର ବ୍ୟୁରୋ): ବୁଧବାର ଦିବା ୧୨ ଘଟିକା ସମୟରେ ସ୍ଥାନୀୟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀଯୁକ୍ତ ଦେବାଶିଷ ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଜନଜାତି ଗୌରବ ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ନୀଳଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା, ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକ ଡା. ସରୋଜିନୀ ପ୍ରଧାନ, ନୀଳଗିରି ଭାରାପ୍ରାପ୍ତ ପୌର ପରିଷଦ ଅଧ୍ୟକ୍ଷ ମହେନ୍ଦ୍ର ନାଥ ବେହେରା, ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀମତୀ ମାନସୀ ମାସନ୍ତ, ଆଇ.ଟି.ଡି.ଏ. ର ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ ତଲୱାର ଜେନା, କୈଳାସ ଚନ୍ଦ୍ର ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୌଶିକ ଦାସ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଦିବସଟିକୁ ଆନନ୍ଦ ଉଲ୍ଲାସର ସହ ସରସ ସୁନ୍ଦର କରି ପାଳନ କରିବା ପାଇଁ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ବିଗତ ବର୍ଷ ଭଳି ଏହି ବର୍ଷ ମଧ୍ୟ ସରକାରଙ୍କ ପକ୍ଷରୁ ଜନଜାତି ଗୌରବ ଦିବସ ଆସନ୍ତା ବା ଚଳିତ ମାସ ୧୫ ତାରିଖରେ ସ୍ଥାନୀୟ ଇଣ୍ଡୋର୍ ଷ୍ଟାଡିୟମ୍ ପରିସରରେ ଅୟୋଜନ କରାଯିବା ପାଇଁ ସ୍ଥିର କରାଯାଇଛି।

ବଜାଜ ଫାଇନାନ୍ସ ଗୋଲ୍ଡ ଲୋନ ନୂତନ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟନ

ଗୋପ,୧୨।୧୧(ସଂଚାର ବ୍ୟୁରୋ): ଗୋପ ଲକ୍ଷ୍ମୀ ବଜାରରେ ବଜାଜ ଫାଇନାନସ ଗୋଲଡ ଲୋନ ନୂତନ ଶାଖା କାର୍ଯ୍ୟାଳୟ ଶୁଭ ଉଦଘାଟନ ହୋଇଯାଇଛି। ଏହି ଶାଖା କର୍ଯ୍ୟାଳୟକୁ ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଢିହାରୀ ପ୍ରଦୀପପ୍ରଜ୍ୱଳ କରି ଉଦଘାଟନ କରିଥିଲେ। ବଜାଜ ଫାଇନାନସ ଗୋଲଡ଼ ଲୋନ ଶାଖା କାର୍ଯ୍ୟାଳୟ ଖୋଲିବା ଦ୍ୱାରା ଚାଷୀ, ଖୁଦ୍ର ଚାଷୀ ଏବଂ ଛୋଟ ବଡ଼ ବେବସାୟୀ ମାନେ ସୋର୍ଣ୍ଣ ବନ୍ଧକ ରଖି କମ ସୁଧରେ ସର୍ବନିମ୍ନ ପାଞ୍ଚ ହଜାର ଟଙ୍କା ଠାରୁ ଲକ୍ଷାଧିକ ଟଙ୍କା ଋଣ ନେଇପାରିବେ ବୋଲି ଗୋପ ଶାଖା ପରିଚାଳକ କହିଛନ୍ତି। ଏପରିକି ଗ୍ରାହକ ଯେତିକି ଟଙ୍କାର ସୁନାଗହଣା ବନ୍ଧକ ରଖିବେ ତାହାଠାରୁ ଅଧିକ ଟଙ୍କା ଋଣ ନେଇ ଉପକୃତ ହୋଇପାରିବେ ବୋଲି ଶାଖା ତରଫରୁ କୁହାଯାଇଛି।

ବିଜେପିରେ ଦଳଡିଆଁ ନେତାଙ୍କ ପାଦୁର୍ଭାବ

ପୁରୁଣା ବିଜେପି ନେତା ଅଶୋକ ଭଞ୍ଜକୁ ମରଣାନ୍ତକଆକ୍ରମଣ: ଥାନାରେ ମାମଲା

ନୟାଗଡ଼,୧୨।୧୧(ସଂଚାର ବ୍ୟୁରୋ): ନୟାଗଡ଼ କାଳିକା ପ୍ରସାଦ ଗାଁରେ ଗୋଷ୍ଠୀ ସଂଘର୍ଷ। ଜଣେ ଗୁରୁତର, ଥାନାରେ ମାମଲା। ମାମଲାକୁ ନେଇ ପୋଲିସ ଉପରେ ପଡୁଛି ଚାପ। ଯାହାକୁ ନେଇ ଆକ୍ରମଣର ଶିକାର ହୋଇଥିବା ଗୋଷ୍ଠୀର ଆନ୍ଦୋଳନ କରିବା ପାଇଁ କଡ଼ା ଚେତାବନୀ। ଦଳ ସିନା ଅନ୍ୟ ଦଳ ସହ ଗୋଷ୍ଠୀ ସଂଘର୍ଷ ଲାଗିବା କଥା, କିନ୍ତୁ ନୟାଗଡ଼ ବିଜେପି ଗୋଟିଏ ଦଳ ଦୁଇଟି ଗୋଷ୍ଠୀ। ଯାହାକୁ ନେଇ ହେଉଛି ତୁମୁଳ କାଣ୍ଡ। ପୁରୁଣା ନେତାଙ୍କୁ ଅଣଦେଖା କରାଯାଉଥିବା ବେଳେ ଆମଦାନୀ ନେତାଙ୍କ ପର୍ଦୁର୍ଭାବ ବଢ଼ିବାରେ ଲାଗିଛି। ଯେଉଁଥି ପାଇଁ ଆମଦାନୀ ନେତାଙ୍କ ପାଇଁ ବିଜେପି ଦଳ ବଦନାମ୍ ହେଉଛି। ନୟାଗଡ଼ ଜିଲ୍ଲା ସଦରବ୍ଲକ ଅନ୍ତର୍ଗତ କାଳିକାପ୍ରସାଦ ଗାଁରେ କିଛି ଦିନ ହେବ କୁହୁଳୁଥିବା ରାଜନୈତିକ ଉଷ୍ମତା ଆଜି ଉଗ୍ରରୂପ ଧାରଣ କରିଛି। ବିଜେପି ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିଗତ ଦିନରେ ବାଦ ବିବାଦ ସୃଷ୍ଟି ହୋଇଥିଲା। ପୁରୁଣା ବିଜେପି ଗୋଷ୍ଠୀ ଏବଂ ଦଳଡିଆଁ ଆମଦାନୀ ବିଜେପି ଗୋଷ୍ଠୀ ନେତାଙ୍କ ସମର୍ଥନରେ ଗୋଟିଏ ଦିନରେ ଦୁଇ ଦୁଇଟି ସମାନ୍ତରାଳ ସଭା ଅନୁଷ୍ଠିତ ହୋଇଥିଲା। ଯାହାକୁ ନେଇ ଗାଁରେ କୁହୁଳୁଥିବା ରାଜନୈତିକ ଉଷ୍ମତା ଆଜି ତେଜିଛି। ଉକ୍ତ ଗାଁରେ ବିଜେପି କର୍ମୀ ଅଶୋକ କୁମାର ଭଞ୍ଜ ଗାଁରୁ ନୟାଗଡ଼ ଅଭିମୂଖେ ଯିବା ସମୟରେ ଉକ୍ତ ଗାଁର ଅନ୍ୟ ଗୋଷ୍ଠୀ ସମର୍ଥିତ ଦିଗାମ୍ବର ସ୍ୱାଇଁ, ଗୋପାଳ ମହାପାତ୍ର, ଚନ୍ଦନ ମହାପାତ୍ର, ସୁଶାନ୍ତ କୁମାର ଭଞ୍ଜ ତାଙ୍କୁ ରାସ୍ତାରେ ଅଟକାଇ ନିର୍ଦ୍ଦୁମ ମାଡ଼ ମାରିଛନ୍ତି। ଅଶୋକଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ହୋଇଛି। ତାଙ୍କୁ ତୁରନ୍ତ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତୀ କରାଯାଇଛି। ଏନେଇ ଅଶୋକଙ୍କ ଭାଇ ସଦରଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ମାମଲା ରୁଜୁ ସମୟରେ ଅପର ପକ୍ଷରୁ ପୋଲିସ ଉପରେ ଚାପ ପଡୁଥିବା ନେଇ ମଧ୍ୟ ଅଭିଯୋଗ ଆସିଥିବା ବେଳେ ଯଦି ଆସନ୍ତା କାଲି ଭିତରେ ଆକ୍ରମଣ କାରୀମାନଙ୍କୁ ପୋଲିସ୍ ଗିରଫ ନକରେ ତେବେ ଆନ୍ଦୋଳନ କରାଯିବ ବୋଲି ବିଜେପି ନେତା ସନ୍ତୋଷ ପ୍ରଧାନ ପ୍ରକାଶ କରିଛନ୍ତି।

ଜଙ୍ଗଲରେ ଝୁଲୁଛି ଅଜଣା ଯୁବତୀଙ୍କ ମୃତଦେହ

ବାଲିଗୁଡା,୧୨।୧୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ବୁଡୁକିଆ ପଞ୍ଚାୟତର ଡପାସାହି ନିକଟସ୍ଥ ଏକ ଜଙ୍ଗଲ ମଧ୍ୟରେ ଅଜଣା ଯୁବତୀର ଝୁଲନ୍ତା ମୃତଦେହ ଜବତ କରିଛି ବାଲିଗୁଡ଼ା ପୋଲିସ। ଘଟଣାରୁ ପ୍ରକାଶ ଯେ, ଉକ୍ତ ଗ୍ରାମର କିଛି ବ୍ୟକ୍ତି ଜଙ୍ଗଲ ରାସ୍ତା ଦେଇ ଯାଉଥିବା ବେଳେ ଗଛରେ ଝୁଲନ୍ତା ମୃତ ଶରୀର କୁ ଦେଖି ସଙ୍ଗେ ସଙ୍ଗେ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି କେଉଁ ପରିସ୍ଥିତିରେ ଏଭଳି ଘଟଣା ଘଟିଛି, ସେ ନେଇ ବାଲିଗୁଡ଼ା ପୋଲିସ ଅଧିକ ଛାନଭିନ କରୁଥିବା ଜଣାପଡିଛି। ଉପଖଣ୍ଡ ଆରକ୍ଷୀ ଅଧକାରୀ ରାମେନ୍ଦ୍ର ପ୍ରସାଦଙ୍କ ନିର୍ଦ୍ଦେଶ ପ୍ରକାରେ ଥାନା ଅଧିକାରୀ ସମ୍ବିତ ସ୍ୱାଇଁ ଏହି ଘଟଣାରେ ଅଧିକ ତଦନ୍ତ ପାଇଁ ସାଇଣ୍ଟଫିକ ଟିମ ସହିତ ଯୋଗାଯୋଗ କରିଥିବା ସୂଚନା ମିଳିଛି। ଏ ପର୍ଯ୍ୟନ୍ତ ଯୁବତୀଙ୍କ ପରିଚୟ ମିଳି ପାରି ନ ଥିବା ବେଳେ ଘଟଣାକୁ ନେଇ ଅଞ୍ଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି।

ଧୁମ୍‌ଧାମ୍ ମାହୋଲରେ ପାଳିତ ହେଲା ପ୍ରଥମାଷ୍ଟମୀ

ଯାଜପୁର,୧୨।୧୧(ସଂଚାର ବ୍ୟୁରୋ): ଯାଜପୁର ସହର ସହିତ ସମଗ୍ର ଜିଲ୍ଲାରେ ଆଜି ଧାର୍ମିକ ଉତ୍ସାହ ଓ ଭକ୍ତିଭାବରେ ପ୍ରଥମାଷ୍ଟମୀ ପାଳିତ ହୋଇଛି। ସକାଳେ ନାରୀମାନେ ନଦୀ ଓ ପୋଖରୀ କୂଳରେ ସ୍ନାନ କରି ପ୍ରଥମାଷ୍ଟମୀ ନିମନ୍ତେ ପୂଜା-ଅର୍ଚ୍ଚନା କରିଥିଲେ। ବିଭିନ୍ନ ଗ୍ରାମ ଓ ସହର ଅଞ୍ଚଳରେ ପଢୁଆଁ, ପିଲାମାନଙ୍କ ପାଇଁ ନୂଆ ବସ୍ତ୍ର ଘରେ ଉତ୍ସବ ମାହୋଲ ଦେଖାଯାଇଥିଲା। ମା'ମାନେ ନିଜ ସନ୍ତାନଙ୍କ ଦୀର୍ଘାୟୁ ଓ ମଙ୍ଗଳକାମନା କରି 'ପ୍ରଥମାଷ୍ଟମୀ ଓଷା' ପାଳନ କରିଥିଲେ। ଯାଜପୁର ବିରଜା ମନ୍ଦିର ପରିସର, ଦଶରଥପୁର, ବିଞ୍ଝାରପୁର, ଧର୍ମଶାଳା, ବରି, କାଇପଡ଼ା ଓ ସୁକିନ୍ଦାରେ ଭକ୍ତମାନଙ୍କ ଭିଡ଼ ଦେଖାଯାଇଥିଲା। ପିଲାମାନେ ନୂଆ ପୋଶାକରେ ଆନନ୍ଦିତ ହୋଇ ଘରେ ଘରେ ପୂଜାପାଠ ରେ ଯୋଗଦେଇଥିଲେ। ଧାର୍ମିକ ଆସ୍ଥା, ପରମ୍ପରା ଓ ସଂସ୍କୃତିର ସମ୍ମିଶ୍ରଣ ହୋଇ ଯାଜପୁରରେ ଏବେ ମଧ୍ୟ ପ୍ରଥମାଷ୍ଟମୀ ଉତ୍ସବ ଗୃହସ୍ଥ ଓ ସାମୁଦାୟିକ ଦୁଇ ପରିସରରେ ସମାନ ଭାବେ ଆୟୋଜିତ ହେଉଛି।

ବଡ଼ବିଲ ଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର,୧୨।୧୧ (ସଂଚାର ବ୍ୟୁରୋ): ବଡ଼ବିଲ୍ ପୋଲିସ, ବ୍ୟାଙ୍କ ବ୍ୟାଙ୍କ ଅଫ ଇଣ୍ଡିଆ ବଡ଼ବିଲ ଶାଖା, ବଡ଼ବିଲ ସିଭିଲ ସୋସାଇ ଇଟି ଓ ରାଜ୍ୟ ସାଇବର ସୁରକ୍ଷା ମଞ୍ଚର ମିଳିତ ସହଯୋଗ ରେ ବଡ଼ବିଲ ଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଠାରେ ମନ୍ତେ ବଡ଼ବିଲ ଏ ସ୍ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଥାନା ଅଧୂକାରୀ ଅଶୋକ କୁମାର ନାୟକ, ସାଂସଦ ପ୍ରତିନିଧୂ ନୀଳମଣି ମହାନ୍ତି ଓ ଚନ୍ଦ୍ରଗୁପ୍ତ ପ୍ରସାଦ ଙ୍କ ନେତୃତ୍ୱରେ ବଡ଼ବିଲ କିରିବୁରୁ ଛକ ଠାରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବଡ଼ବିଲ ବାସୀଙ୍କୁ ସାଇବର ଠକେଇ ସମ୍ବନ୍ଧରେ ସଚେତନ କରାଯାଇଥିଲା। ବଡ଼ବିଲ ପୌରାଞ୍ଚଳରେ ଥୁବା ବିଦ୍ୟାଳୟର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ବଡ଼ବିଲ ସିଭିଲ ସୋସାଇଟି ର ସଦସ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ। ସମାଜସେବୀ ରାମ କୁମାର, କାଉନସିଲର ଧମେନ୍ଦ୍ର ମହାନ୍ତି, ବସନ୍ତି ମହାନ୍ତି, ରସାନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ନିର୍ମାଣ କାର୍ଯ୍ୟରେ ତ୍ରୁଟି, ଦୁର୍ଘଟଣା ସ୍ପଟ୍ ପାଲଟିଛି ପୋଲ

ଖଜୁରୀପଡ଼ା,୧୨।୧୧(ବିଦୁର ବେହେରା): ସରକାର ରାସ୍ତା, ପୋଲ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଦାୟିତ୍ୱରେ ଥିବା ବିଭାଗର ଅବହେଳା ଏବଂ ଠିକାଦାର ଓ ଯନ୍ତ୍ରୀଙ୍କ ପୋଲ ନିର୍ମାଣ କାର୍ଯ୍ୟ ତ୍ରୁଟି ଯୋଗୁ ଏବେ ପୋଲ ଦୁର୍ଘଟଣାର ସ୍ପଟ୍ ପାଲଟିଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ୧୫୭ ନଂ ଜାତୀୟ ରାଜପଥରେ। ଏହି ରାଜପଥ ଫୁଲବାଣୀରୁ ରାଜଧାନୀ ଭୁବନେଶ୍ୱର ସଂଯୋଗ କରୁଛି। ଏହି ରାସ୍ତାରେ ଦୃତିପଡ଼ା ନିକଟସ୍ଥ ଜାମଝୋରିଠାରେ କିଛିବର୍ଷ ତଳେ ନୂତନ ପୋଲ ନିର୍ମାଣ କରାଯାଇଛି। ଯାହାର ନିର୍ମାଣ ଦାୟିତ୍ୱ ଫୁଲବାଣୀ ପୂର୍ତ୍ତ ବିଭାଗ ନିର୍ବାହ କରିଛି। ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ ଏବଂ ଠିକାଦାରଙ୍କ କାର୍ଯ୍ୟ ତ୍ରୁଟି ଯୋଗୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଥିବା ପୋଲଟି ବଙ୍କା ହୋଇ ଗଲା। ଯାହା ଫଳରେ ଏହି ପୋଲ ଠାରେ ଦୁର୍ଘଟଣା ଘଟୁଛି।

'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର' ଅନୁଷ୍ଠିତ

ତୁମୁଡିବନ୍ଧ,୧୨।୧୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକର ଭିତର ଅଞ୍ଚଳରେ ଥିବା ଝିରିପାଣି ପଞ୍ଚାୟତ ପରିସରରେ ବୁଧବାର 'ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର' ଅନୁଷ୍ଠିତ ହୋଇଯାଇଛି। ତୁମୁଡିବନ୍ଧ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟ ରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପି. ପଦ୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସନ୍ଥ କବି ଭୀମ ଭୋଇଙ୍କ ଫଟୋଚିତ୍ରରେ ଧୂପ ଦୀପ ଜାଳି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଝିରିପାଣି ସରପଞ୍ଚ କାନ୍ତି ପାତ୍ର ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ଡାକ୍ତରମାନେ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ୍ ୨୩୬ ଜଣ ଭିନ୍ନକ୍ଷମ ପଞ୍ଜିକରଣ କରିଥିଲେ। ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ଡାକ୍ତରମାନେ ବିଭିନ୍ନ ବିଭାଗ ଅନୁସାରେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରିଥିଲେ। ଶିବିର ଶେଷରେ, ୬ ଜଣ ଭିନ୍ନକ୍ଷମଙ୍କୁ ହୁଇଲ ଚେୟାର ଏବଂ ୨ ଜଣଙ୍କୁ ଆଶା ବାଡ଼ି ପ୍ରଦାନ କରାଯାଇଥିଲା। ଝିରିପାଣି ଭଳି ଭିତର ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ ହୋଇଥିବାରୁ ଅଞ୍ଚଳବାସୀ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

ସଂଚାର SANCHAR ଗୁରୁବାର ୨୩ ନଭେମ୍ବର ୨୦୨୫
ସ୍ୱାସ୍ଥ୍ୟ

ଶିଶୁଙ୍କ ନିମୋନିଆ ରୋଗ

ସମ୍ପ୍ରତି ନିମୋନିଆ ରୋଗ ବା ଫୁସ୍‌ଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି। ଦେଖାଯାଉଛି ଆବଶ୍ୟକତା ଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି। ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ। ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ। ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର। ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରସ୍ଟିସିଆଲ ନିମୋନିଆ। ସ୍ୱଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ। ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ। ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ। ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ। ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମଧ୍ୟ ପଡ଼ିଆସେ। ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ। ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ। ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, ଇନ୍‌ଫ୍ଲୁଏଞ୍ଜି, କ୍ଲେବସିଲା, ଇ.କୋଲି, ଷ୍ଟାଫାଇଲୋକୋକସ ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି। ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ। ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ। ଏହାକୁ ଚିହ୍ନଟ କରିବା ପାଇଁ ସ୍ପେଟିକ୍ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମଧ୍ୟ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ। ତେବେ ପାକସ୍ଥଳୀ ଶୋଷଣରେ ଫୁସ୍‌ଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ। ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉପଯୁକ୍ତ ପରିବେଶରେ ରଖାଯାଇଥାଏ। ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମାଧ୍ୟରେ ଖାଦ୍ୟ ପ୍ରଦାନ କରାଯାଇଥାଏ। ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଧିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ। ତେବେ କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ।

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ
ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

ରକ୍ତଚାପର ଶିକାର ହେଉଛନ୍ତି ଯୁବପିଢ଼ି

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁସାରେ, ଭାରତରେ ଯଦି ୫୦ ପ୍ରତିଶତ ଉଚ୍ଚ ରକ୍ତଚାପ ପୀଡ଼ିତ ନିଜ ରୋଗକୁ ନିୟନ୍ତ୍ରଣରେ ରଖିପାରିବେ ତେବେ ୨୦୪୦ ମସିହା ସୁଦ୍ଧା ଅତି କମ୍‌ରେ ୪.୬ ନିୟୁତ ଲୋକଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ହେବ। ଏଥିସହିତ ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ଭେଷଜ ଗବେଷଣା କେନ୍ଦ୍ର ଦ୍ୱାରା କରାଯାଇଥିବା ଅନୁଧ୍ୟାନରୁ ଜଣାପଡ଼ିଛି, ଦେଶର ୨୧.୩ ପ୍ରତିଶତ ମହିଳା ଓ ୨୪ ପ୍ରତିଶତ ପୁରୁଷ ଉଚ୍ଚ ରକ୍ତଚାପ ରୋଗରେ ପୀଡ଼ିତ। ବିଳମ୍ବରେ ରୋଗ ନିରୂପଣ ଏବଂ ରକ୍ତଚାପକୁ ନିୟନ୍ତ୍ରଣରେ ନ ରଖିପାରିବା ହେତୁ ଆକ୍ରାନ୍ତ ହୃଦରୋଗ ଓ ମଧୁମେହ ଶିକାର ହୋଇ ପ୍ରାଣ ହରାଉଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ରକ୍ତଚାପ ଦୁଇ ପ୍ରକାରର- ସିଷ୍ଟୋଲିକ୍ ବ୍ଲଡ୍‌ପ୍ରେସର ଓ ଡାଇଷ୍ଟୋଲିକ୍ ବ୍ଲଡ୍‌ପ୍ରେସର। ଯେତେବେଳେ ହୃତପିଣ୍ଡରେ ରକ୍ତର ଚାପ ସ୍ୱାଭାବିକ ଠାରୁ ଅଧିକ ହୋଇ ଧମନୀକୁ ଅଧିକ ବେଗରେ ରକ୍ତ ପ୍ରବାହିତ ହୁଏ ତାହାକୁ ସିଷ୍ଟଲିକ୍ ବ୍ଲଡ୍‌ପ୍ରେସର୍ ଭାବେ ଅଭିହିତ କରାଯାଏ। ସେହିପରି ପ୍ରତି ସଂକୋଚନ ପରେ ହୃତପିଣ୍ଡ ସାମାନ୍ୟ ଶିଥିଳ ହୋଇଥାଏ।

ଏହି ଅବସ୍ଥାରେ ଧମନୀରେ ରକ୍ତଚାପ ନ୍ୟୁନତମ ସୀମାରେ ପହଞ୍ଚିଥାଏ। ଏହାକୁ ଡାଇଷ୍ଟୋଲିକ୍ ବ୍ଲଡପ୍ରେସର କୁହାଯାଇଥାଏ। ସିଷ୍ଟୋଲିକ୍ ରକ୍ତଚାପ ୧୩୦ ମିଲିମିଟର ମରକ୍ୟୁରି ଓ ଡାଇଷ୍ଟାଲିକ୍ ରକ୍ତଚାପ ୮୫ ମିଲିଲିଟର ମରକ୍ୟୁରିରୁ କମ୍ ହେଲେ ଏହାକୁ ସାମାନ୍ୟ ବା ନର୍ମାଲ୍ ବୋଲି ବିଚାର କରାଯାଏ। ସାଧାରଣତଃ ଉଚ୍ଚରକ୍ତଚାପ ଦୁଇପ୍ରକାରର। ପ୍ରଥମଟି ହେଲା ପ୍ରାଇମେରି ହାଇପରଟେନ୍ସନ୍, ଯାହାର କାରଣ ଏପର୍ଯ୍ୟନ୍ତ ଆବିଷ୍କୃତ ହୋଇନାହିଁ। ଦ୍ୱିତୀୟ ପ୍ରକାରର ଉଚ୍ଚରକ୍ତଚାପକୁ ସେକେଣ୍ଡାରି ହାଇପରଟେନ୍ସନ୍ କହାଯାଏ। ହର୍ମୋନଜନିତ ସମସ୍ୟା, ଗର୍ଭାବସ୍ଥା, ଅଧିକ ଓଜନ କିମ୍ବା ମେଦବହୁଳତା, କିଡ୍‌ନି ସମସ୍ୟା, ବଂଶାନୁକ୍ରମିକତା, ଥାଇରଏଡ୍ ବିଶୃଙ୍ଖଳା, ନିଦ୍ରାହୀନତା ଓ ଧୂମପାନ, ମଦ୍ୟପାନ କିମ୍ବା ଜୀବନଶୈଳୀଗତ ସମସ୍ୟା ଉଚ୍ଚ ରକ୍ତଚାପର କାରଣ ହୋଇଥାଏ। ପୂର୍ବରୁ ବୟସ୍କଙ୍କଠାରେ ଅଧିକ ଉଚ୍ଚରକ୍ତଚାପ ଦେଖାଯାଉଥିଲା। କିନ୍ତୁ ଏବେ ଯୁବପିଢ଼ିଙ୍କ ଠାରେ ଏହି ରୋଗ ଅଧିକ ଦେଖିବାକୁ ମିଳୁଛି। ଯେକୌଣସି ବୟସରେ ଆପଣ ଉଚ୍ଚ ରକ୍ତଚାପର କବଳରେ ପଡ଼ିଯାଇପାରନ୍ତି। ଏଥିରୁ ମୁକୁଳିବାକୁ ହେଲେ ପ୍ରଥମରୁ ରୋଗକୁ ଚିହ୍ନିବା ଦରକାର। ପ୍ରଥମରୁ ରୋଗଟିକୁ ନ ଚିହ୍ନି ପାରିଲେ ଏହା ଧୀରେଧୀରେ ସମଗ୍ର ଶରୀରକୁ ଆକ୍ରମଣ କରିଥାଏ, ଯାହାଦ୍ୱାରା ଆପଣ ବ୍ରେନ୍‌ଷ୍ଟୋକ୍, ଯକୃତ ସଂକ୍ରମଣ, ନାକରୁ ରକ୍ତପଡ଼ିବା, ମୁଣ୍ଡ ବିନ୍ଧିବା ଓ ମୁଣ୍ଡ ବୁଲାଇବା ଯୋଗୁ ପଡ଼ିଯିବା, ଛାତିରେ ଯନ୍ତ୍ରଣା ପରି ସମସ୍ୟା ଉତ୍ପନ୍ନ ହୋଇଥାଏ।

ମାଟି ପାତ୍ରରେ ରାନ୍ଧିବା ଏବଂ ଖାଇବା ଶରୀର ପାଇଁ ସ୍ୱାସ୍ଥ୍ୟକର

ମାଟିପାତ୍ର ଖାଦ୍ୟର ଅନ୍ୟାନ୍ୟ ଲାଭ
ମାଟିପାତ୍ରରେ ପ୍ରସ୍ତୁତ ଭୋଜନ ଶୀଘ୍ର ଖରାପ ହୁଏନି
ମାଟିପାତ୍ରରେ ତିଆରି ଖାଦ୍ୟ ଅଧିକ ସ୍ୱାଦିଷ୍ଟ ଓ ବାସ୍ନାଯୁକ୍ତ ହୋଇଥାଏ
ମାଟିପାତ୍ରରେ ପ୍ରସ୍ତୁତ ଡାଲିରେ ନ୍ୟୁଟ୍ରିଏଣ୍ଟସ୍ ୧୦୦ ପ୍ରତିଶତ ଥିବା ବେଳେ ପ୍ରେସର କୁକର୍ ଡାଲିରେ ୮୭ ପ୍ରତିଶତ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ

ହୁଏ। ଯାହା ଦ୍ୱାରା ଖାଦ୍ୟ ଏବଂ ମସଲା ତଳ ଭାଗରେ ଲାଗି ଥାଏ, କିନ୍ତୁ ମାଟି ହାଣ୍ଡିରେ ଖାଦ୍ୟ ରାନ୍ଧିଲେ ଏହା ଲାଗି ନ ଥାଏ। ଡାକ୍ତର ଆମକୁ ମିନେରାଲ୍ସ, ଭିଟାମିନ ଓ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବାକୁ ପରାମର୍ଶ ଦିଅନ୍ତି । ମାତ୍ର କ'ଣ ଆପଣ ଜାଣନ୍ତି ଖାଦ୍ୟର ମାନ ଓ ଗୁଣ ବୃଦ୍ଧି କରିବାରେ ବାସନର ବିଶେଷ ଭୂମିକା ରହିଥାଏ । ବିଶେଷଜ୍ଞମାନଙ୍କ କହିବା ଅନୁସାରେ ପ୍ରେସର କୁକର ତଥା ଅନ୍ୟାନ୍ୟ ବାସନ ଅପେକ୍ଷା ମାଟି ହାଣ୍ଡିରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଶରୀର ପାଇଁ ଅଧିକ ସ୍ୱାସ୍ଥ୍ୟକର।

ଆଲୁମିନିୟମ, ଷ୍ଟିଲ୍ ବାସନରେ ରାନ୍ଧିବା ସମୟରେ ଖାଦ୍ୟ ଅନେକ ଥର ଜଳି ଯାଇଥାଏ । କିନ୍ତୁ କମ୍ ନିଆଁରେ ଏକ ମାଟିପାତ୍ରରେ ସଠିକ୍ ଭାବରେ ରନ୍ଧା ଯାଇପାରେ। ପିତ୍ତଳ ବାସନକୁସନ ରାନ୍ଧିବା ପାଇଁ ବ୍ୟବହୃତ ହୁଏ। ମାତ୍ର ଏଥିରେ ଖାଦ୍ୟର ପୁଷ୍ଟିକର ଅଂଶ ନଷ୍ଟ ହୋଇଥାଏ । କିନ୍ତୁ ଖାଦ୍ୟ ଯଦି ମାଟିପାତ୍ରରେ ରନ୍ଧାଯିବ ଏବଂ ଏହି ପାତ୍ରରେ ଖିଆଯିବ ଏହା ୧୦ ଗୁଣ ପୁଷ୍ଟିକର ହୋଇଥାଏ। ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଅଟେ। ଏହାବ୍ୟତୀତ ଷ୍ଟିଲ୍ ଏବଂ ଆଲୁମିନିୟମ ବାସନରେ ରାନ୍ଧିବା ସମୟରେ ତେଲ ଅଧିକ ବ୍ୟବହୃତ

ମାଟିପାତ୍ରର ଖାଦ୍ୟ ଖାଇବା ଦ୍ୱାରା ଅନେକ ରୋଗ ଦୂର ହୋଇଥାଏ। ଖାଦ୍ୟ ଧୀରେ ଧୀରେ ପ୍ରସ୍ତୁତ ହେଲେ ତାହା ଶରୀର ପାଇଁ ଅଧିକ ଲାଭପ୍ରଦ। ମାତ୍ର ଅନ୍ୟାନ୍ୟ ବାସନରେ ପ୍ରସ୍ତୁତ ହେଉଥିବା ଖାଦ୍ୟରୁ ଅଧିକ ପ୍ରକାରର ପୋଷକ ତତ୍ତ୍ୱ ମିଳିପାରେନି। ମଣିଷ ଶରୀରକୁ ପ୍ରତିଦିନ ୧୮ ପ୍ରକାରର ପୋଷକ ତତ୍ତ୍ୱ ମିଳିବା କଥା, ଯାହା ଆମକୁ ମାଟିରୁ ହିଁ ମିଳିପାରିବ। ପ୍ରେସର କୁକର୍ ଆଲୁମିନିୟମର ଅଟେ ଓ ଏହା ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ। ମାଟିପାତ୍ର ପ୍ରସ୍ତୁତ ଖାଦ୍ୟ ସୁଦ୍ଧ ଓ ସ୍ୱାସ୍ଥ୍ୟପ୍ରଦ ହୋଇଥିବାରୁ ଆଜି ବି ମନ୍ଦିର ମାନଙ୍କରେ ଏହା ବ୍ୟବହୃତ ହୋଇଥାଏ ।

ଆପଣଙ୍କ କେଶ ଝଡୁଛି କି ?

ଆଜିର ସମୟରେ କେଶ ଝଡିବା ବଡ଼ ସମସ୍ୟାରେ ପରିଣତ ହୋଇଗଲାଣି। କେବଳ ବୟସ୍କ ଲୋକ ନୁହେଁ ଛୋଟ ପିଲାମାନଙ୍କଠାରେ ଏହି ସମସ୍ସା ଦେଖାଦେଉଛି। ଜେନେଟିକ୍ସ, ହରମୋନ୍ ପରିବର୍ତ୍ତନ, ଚାପ, ଏବଂ କିଛି ଜୀବନଶୈଳୀ ଅଭ୍ୟାସ ହେବା ଫଳରେ କେଶ ଝଡିବାରେ ଲାଗିଛି। କଣ କଲେ ଆପଣଙ୍କ କେଶ ଝଡିବ ନାହିଁ। ଆସନ୍ତୁ ଜାଣିବା। ମୁଣ୍ଡକୁ କେଶ ବେଶ ଆକର୍ଶଣୀୟ ଲାଗିଥାଏ। ଯଦି ସବୁଦିନ କେଶ ଝଡ଼ିଥାଏ, ତେବେ ଆମର କେଶ ବଢ଼ିବ ନାହିଁ। ଲଗାତାର କେଶ ଝଡିବା ଫଳରେ ଆମେ ଚନ୍ଦା ହେବାକୁ ଆରମ୍ଭ କରିଥାଉ। MSc କ୍ଲିନିକାଲ୍ ନ୍ୟୁଟ୍ରିସନିଷ୍ଟ ଖୁସି ଛାବ୍ରାଙ୍କ ଅନୁସାରେ , ଜୀବନଶୈଳୀ ଅଭ୍ୟାସରେ ପରିବର୍ତ୍ତନ , ଚାପ ,ହରମୋନ୍ ରେ ପରିବର୍ତ୍ତନ ହେବା ଦ୍ୱାରା ଅତ୍ୟଧିକ କେଶ ଝଡ଼ିଥାଏ।

କେଶ ଝଡିବାର ମୁଖ୍ୟ କାରଣ କଣ ?

ଜେନେଟିକ୍ସମ: ବଂଶାନୁକ୍ରମିକ କେଶ ଝଡ଼ିବା ସବୁଠାରୁ ସାଧାରଣ କାରଣ ହୋଇଥାଏ। ଯାହାକୁ ଆଣ୍ଡ୍ରୋଜେନେଟିକ୍ ଆଲୋପେସିଆ ମଧ୍ୟ କୁହାଯାଏ।

ହରମୋନ ପରିବର୍ତ୍ତନ: ଗର୍ଭାବସ୍ଥା, ପ୍ରସବ କିମ୍ବା ଋତୁସ୍ରାବ ସମୟରେ ହେଉଥିବା ପରିବର୍ତ୍ତନ ଯୋଗୁଁ କେଶ ଝଡ଼ିଥାଏ।

ଚିକିତ୍ସା ଅବସ୍ଥା: ଥାଇରଏଡ୍ ସମସ୍ୟା, ଲୁପସ୍ ଭଳି ଅଟୋଇମ୍ମ୍ୟୁନ୍ ରୋଗ ଏବଂ ମୁଣ୍ଡ ସଂକ୍ରମଣ କେଶ ଝଡ଼ିପାରେ।

ଔଷଧ: ରକ୍ତଚାପ, କର୍କଟ ରୋଗ କିମ୍ବା ମାନସିକ ଅବସାଦ ଭଳି କିଛି ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ଭାବରେ କେଶ ଝଡ଼ିଥାଏ।

କିପରି ନେବେ କେଶର ଯତ୍ନ ?

ସନ୍ତୁଳିତ ଖାଦ୍ୟ ଖାଆନ୍ତୁ: ଖାଦ୍ୟରେ ପର୍ଯ୍ୟାପ୍ତ ପରିମାଣର ପ୍ରୋଟିନ, ଭିଟାମିନ (A, B, C, D, E) ଏବଂ ପ୍ରୋଟିନ ଜିଙ୍କ, ଲୌହପରି ଖଣିଜ ପଦାର୍ଥ ଖାଆନ୍ତୁ। ଏହାସହିତ ସବୁଦିନ ବାଦାମ ,ବ୍ରୋକୋଲି ଏବଂ ମିଠା ଆଳୁ ଖାଇବାକୁ ଚେଷ୍ଟା କରନ୍ତୁ।

ହାଇଡ୍ରେଟେଡ୍ ରୁହନ୍ତୁ: କେଶ ଏବଂ ମୁଣ୍ଡର ଜଳୀୟ ଅଂଶକୁ ହାଇଡ୍ରେଟ୍ ରଖିବା ପାଇଁ ଏବଂ କେଶ ଫଲିକିଲ୍ସକୁ ପୋଷକ ତତ୍ତ୍ୱ ପରିବହନରେ ସାହାଯ୍ୟ କରିବା ପାଇଁ ପ୍ରଚୁର ପାଣି ପିଅନ୍ତୁ।

ଟାଇଟ୍ ହେୟାରଷ୍ଟାଇଲ୍ ଏଡାନ୍ତୁ: କେଶ ମୂଳକୁ ଟାଣି ନେଉଥିବା ବେଣୀ ଭଳି ଷ୍ଟାଇଲ୍ରୁ ସୀମିତ କରନ୍ତୁ। କର୍ଲିଂ ଆଇରନ୍, ଷ୍ଟ୍ରେଟନର୍ ବ୍ୟବହାର କମ୍ କରନ୍ତୁ। ଯେତେବେଳେ ଆପଣଙ୍କୁ ସେଗୁଡ଼ିକୁ ବ୍ୟବହାର କରିବାକୁ ପଡିବ, କେବଳ ସେତେବେଳେ ବ୍ୟବହାର କରନ୍ତୁ। ସବୁ ସମୟରେ ବଜାରରେ ମିଳୁଥିବା ରାସାୟନିକ ସାମ୍ପୁ ବ୍ୟବହାର କରନ୍ତୁ ନାହିଁ।

ଆପଣଙ୍କ କେଶକୁ ସୁରକ୍ଷା ଦିଅନ୍ତୁ: ସୂର୍ଯ୍ୟ କିରଣ, କ୍ଲୋରିନ୍ ଏବଂ ଅନ୍ୟାନ୍ୟ କ୍ଷତିକାରକ ଉପାଦାନରୁ କେଶକୁ ରକ୍ଷା କରନ୍ତୁ।

ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ: ଯଦି ଆପଣଙ୍କର କେଶ ବହୁତ ଝଡୁଛି ତେବେ, ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ବଜାରରେ ମିଳୁଥିବା ବାୟୋଟିନ୍ କିମ୍ବା ଅନ୍ୟାନ୍ୟ କେଶ ବୃଦ୍ଧି ଭିଟାମିନ୍ ଭଳି ସପ୍ଲିମେଣ୍ଟର ଆପଣ ସାହାଯ୍ୟ ନେଇପାରିବେ।

ଜୀବନଶୈଳୀ ଏବଂ ଘରୋଇ ଉପଚାର

ଆପଣଙ୍କ ମୁଣ୍ଡର ମସାଜ୍ କରନ୍ତୁ। ନିୟମିତ ମୁଣ୍ଡ ମାଲିସ୍ କେଶ ମୂଳରେ ରକ୍ତ ସଞ୍ଚାଳନ ବୃଦ୍ଧି କରିପାରେ। ଅଧିକ ଚାପ ସ୍ତର କେଶ ଝଡ଼ିପାରେ। ବ୍ୟାୟାମ, ଧ୍ୟାନ, କିମ୍ବା ଜର୍ଣ୍ଣାଲିଂ ଭଳି ଚାପ ହ୍ରାସକାରୀ କାର୍ଯ୍ୟକଳାପ ଚେଷ୍ଟା କରନ୍ତୁ। ସପ୍ତାହରେ ଥରେ କେଳରେ ତେଲ ଲଗାନ୍ତୁ। ନଡ଼ିଆ ତେଲ , ଜଡାତେଲ , ରାଶିତେଲ , ସୋଲିଶ ତେଲ ପରି ପ୍ରାକତିକ ତେଲ ମୁଣ୍ଡ ମାଲିସ କରନ୍ତୁ। ଏହାସହ ପିଆଜ ରସ ଏବଂ ଆଲୋଭେରା ମଧ୍ୟ କେଶ ବୃଦ୍ଧି ପାଇଁ ପାଇଁ ବ୍ୟବହାର କରିପାରିବେ।

ଶୀତଦିନେ ଓଠ ଫାଟୁଛି କି ?

ବର୍ଷର ଯେକୌଣସି ସମୟରେ ଓଠ ଫାଟିପାରେ। କିନ୍ତୁ ଶୀତ ଋତୁରେ ଏହି ସମସ୍ୟା ଅତି ସାଧାରଣ ହୋଇଯାଏ। ଶୀତ ଆରମ୍ଭ ହେବା ସହିତ ଲୋକେ ପ୍ରତିଦିନ ଅନେକ ଚର୍ମ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଶୀତ ଦିନରେ ସବୁଠାରୁ ସାଧାରଣ ସମସ୍ୟା ହେଉଛି ଓଠ ଫାଟିବା, କଳା ପଡ଼ିଯିବା ଏବଂ ଶୁଷ୍କ ହୋଇଯିବା। ଶୀତ ଋତୁରେ ବୋହୁଥିବା ଥଣ୍ଡା ପବନ ଚର୍ମର ଆର୍ଦ୍ରତା ହ୍ରାସ କରିଥାଏ, ଯାହା ଫଳରେ ଚର୍ମ ଶୁଷ୍କ ହୋଇଯାଏ। ଏହି ଶୁଷ୍କତା ବେଳେବେଳେ ଓଠକୁ କଳା ମଧ୍ୟ କରିଦିଏ। ତେବେ ହେଉଥିବା ଏସବୁ ସମସ୍ୟାର ସମାଧାନ ପାଇଁ ଲୋକେ ବଜାରରେ ମିଳୁଥିବା ଦାମୀ ପ୍ରଡକ୍ଟ ବ୍ୟବହାର କରନ୍ତି, ଯାହାକୁ କିଣିବା ସମସ୍ତଙ୍କ ପାଇଁ ସହଜ ହୋଇନଥାଏ। ଏଭଳି କ୍ଷେତ୍ରରେ ଆପଣ ଘରେ ଓଠ ଫାଟିବା ସମସ୍ୟାର ସମାଧାନ କରିପାରିବେ।

ଲଗାନ୍ତୁ ଘରେ ତିଆରି ଲିପ୍ ବାମ୍: ଶୁଷ୍କ ଏବଂ ଫାଟିଥିବା ଓଠରୁ ମୁକ୍ତି ପାଇବା ପାଇଁ, ଅଧିକାଂଶ ଲୋକ ବଜାରରେ ଉପଲବ୍ଧ ମଏଶ୍ଚରାଇଜର, ଲୋସନ୍ କିମ୍ବା ପେଟ୍ରୋଲିୟମ୍ ଜେଲି ବ୍ୟବହାର କରନ୍ତି। ହେଲେ ଏହି ଉତ୍ପାଦଗୁଡ଼ିକରେ ଥିବା ରାସାୟନିକ ପଦାର୍ଥଗୁଡ଼ିକ ଦୀର୍ଘକାଳୀନ ଲାଭ ପ୍ରଦାନ କରେ ନାହିଁ। ଏପରି ପରିସ୍ଥିତିରେ, ଘରୋଇ ଉପଚାର ସବୁଠାରୁ ପ୍ରଭାବଶାଳୀ ପ୍ରମାଣିତ ହୁଏ। ତେଣୁ, ଆଜି ଆମେ ଘରେ କିପରି ଆପଣ ଲିପ୍ ବାମ୍ ତିଆରି କରିପାରିବେ ସେ ବିଷୟରେ ଜଣାଇବୁ। ୟୁଟ୍ୟୁବର ପୁନମ୍ ଦେବନାନୀ ଏହାର ପ୍ରସ୍ତୁତି ପ୍ରଣାଳୀ ନିଜ ଚ୍ୟାନେଲରେ ସେୟାର କରିଥିବା ବେଳେ ଲୋକେ ଏଥିରୁ ଲାଭବାନ ହେଉଥିବା ଦାବି କରିଛନ୍ତି।

ପ୍ରସ୍ତୁତି ପ୍ରଣାଳୀ: ପୁନମଙ୍କ ମୁତାବକ, ଘରେ ଲିପ୍‌ବାମ୍ ତିଆରି କରିବା ପାଇଁ ପ୍ରଥମେ ବିଟ୍ ରୁଟ୍ ଭଲ ଭାବରେ ଛୋଟ ଛୋଟ କରି କାଟି ନିଅନ୍ତୁ। ତାପରେ ସେଥିରେ ଗୋଲାପ ଜଳ ଏବଂ ଗୋଲାପ ଫୁଲର ପାଖୁଡା ମିଶାଇ ଗ୍ରାଇଣ୍ଡ କରନ୍ତୁ। ଏହି ମିଶ୍ରଣକୁ ଏକ କପଡ଼ା ରଖି ଛାଣିନେବା ପରେ ସେଥିରେ ନଡ଼ିଆ ତେଲ ଏବଂ ବାଦାମ ତେଲ ଭଲ ଭାବରେ ମିଶାନ୍ତୁ। ତାପରେ, ସେହି ମିଶ୍ରଣରେ ଆଲୋଭେରା ଜେଲ ଏବଂ ପେଟ୍ରୋଲିୟମ୍ ଜେଲି ମିଶାନ୍ତୁ। ଏହି ପେଷ୍ଟକୁ କିଛି ସମୟ ପାଇଁ ମାଇକ୍ରୋୱେଭ୍ କରନ୍ତୁ। ଯଦି ଆପଣଙ୍କର ମାଇକ୍ରୋୱେଭ୍ ନାହିଁ, ତେବେ ଆପଣ ଏକ ପାତ୍ରରେ ପାଣି ଗରମ କରି ସେଥିରେ ମିଶ୍ରଣ ଥିବା ପାତ୍ର ରଖିପାରିବେ। ଆପଣଙ୍କର ଲିପ୍ ବାମ୍ ଏବେ ପ୍ରସ୍ତୁତ। ଆପଣ ଏହାକୁ ଏକ କାଚ ପାତ୍ର କିମ୍ବା ବୋତଲରେ ରଖି ବ୍ୟବହାର କରିପାରିବେ।

ବଢୁଛି ଦନ୍ତାର ଦୌରାତ୍ମ୍ୟ, ଗାଁକୁ ପଶି ଭାଙ୍ଗିଲା ଘର

ନୀଳଗିରି,୧୨।୧୧ (ସଂଚାର ବ୍ୟୁରୋ): ଝାଡ଼ଖଣ୍ଡ ରୁ ନିଳଗିରିକୁ ଆସିଥିବା ପାଇଲଟ୍ ଦନ୍ତା ଏବେ ଆତଙ୍କ ସୃଷ୍ଟି କରୁଛି। ଝାଡ଼ଖଣ୍ଡି ଦନ୍ତା ନୀଳଗିରି ବଣସୀମା ଅଞ୍ଚଳରେ ପଶିବାଫଳରେ ଅଞ୍ଚଳବାସୀଙ୍କର ଆଖିରୁ ନିଦ ହଜିଯାଇଛି। ଦିନକୁଦିନ ଦାନ୍ତାର ଦୌରାତ୍ମ୍ୟ ବଢ଼ି ଚାଲିଛି। ଏପରିକି ସନ୍ଧ୍ୟାହେଲେ ଦନ୍ତା ଭୟରେ ଗାଁ ଗଣ୍ଡାରେ ତାଟିକବାଟ ପଡ଼ିଯାଉଥିବାର ଦେଖିବାକୁ ମିଳୁଛି। ସନ୍ଧ୍ୟାହେଲେ ଧାନକ୍ଷେତରେ ପଶି ଧାନଖାଇବା ସହିତ ଦଳିମକଚି ନଷ୍ଟକରୁଥିବା ବେଳେ ଅଧରାତିରେ ଗାଁ ଗଣ୍ଡାରେ ପଶି ଘର ଭାଙ୍ଗୁଥିବାର ଦେଖିବାକୁ ମିଳିଛି। ଚାରିଦିନ ଧରି ଦନ୍ତାହାତୀଟି ଧାନକ୍ଷେତରେ ବ୍ୟାପକ ଫସଲ ନଷ୍ଟକରିଥିବା ମଙ୍ଗଳବାର ମଧ୍ୟରାତ୍ରୀରେ ଦନ୍ତାହାତୀଟି ନରଣପୁର ପଞ୍ଚାୟତର ସନ୍ତିଆଶୋଳ ଗାଁରେ ପଶି ରତ୍ନାକର ପଥିରିଆ ଓ ରାଇବାରି ପଥିରିଆଙ୍କ ଘରେପଶି କାନ୍ଥଭାଙ୍ଗି ଘରଭିତରକୁ ପଶିଥିବା ବେଳେ ଶବ୍ଦପାଇ ପରିବାର ଲୋକ ଜୀବନବିକଳରେ ବାହାରକୁ ପଳାଇଯିବାରୁ ଅଳ୍ପକେ ଜୀବନରକ୍ଷା ପାଇଯାଇଛି।ତେବେ ଦନ୍ତାହାତୀଟିର ଦୌରାତ୍ମ୍ୟ ବଢୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡୁଛନ୍ତି। ହାତୀ ଓ ସାଧାରଣ ଲୋକଙ୍କ ଧନଜୀବନକୁ ସୁରକ୍ଷାଦେବା ପାଇଁ ସାଧାରଣରେ ଦାବୀ ହେଉଛି। ସୁଚନା ଥାଉକି ଝାଡ଼ଖଣ୍ଡ ଦଲମା ଜଙ୍ଗଲରୁ ଗତ ୨୦୧୦ ମସିହାରୁ ଚିରାଚରିତ ଭାବେ ନୀଳଗିରିକୁ ପ୍ରଥମେ ଆସନ୍ତି ପାଇଲଟ ଦନ୍ତା ଓ ପରେ ଆସନ୍ତି ହାତୀ ପଲ ଆସିଥାନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଝାଡ଼ଖଣ୍ଡ ର ଦଲମା ଜଙ୍ଗଲରୁ ଏକ ପାଇଲଟ ଦନ୍ତା ଓଡିଶା ବର୍ଡ଼ର୍ ପାରି ହୋଇ କିଛି ଦିନ ମୟୁରଭଞ୍ଜରେ ରହିଥିବା ବେଳେ ଗତ ଶନିବାର ଭୋର ସମୟ ରେ ପାଇଲଟ ଦନ୍ତା ନୀଳଗିରି ରେଞ୍ଜ ଅଧିନ ଦୁର୍ଗାଦେବୀ, ପୁନ୍ଦାଳ, କାଠପାଳ, ପାଟଣା ଅଯୋଧ୍ୟା ପିଚୁ ରାସ୍ତା ପାର କରି ଗୋପାଳପୁର ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲା। ପାଇଲଟ ଦନ୍ତା ଆସୁଥିବା ରାସ୍ଥାରେ ଧାନ ଫସଲ ନଷ୍ଟ କରିଥିଲା।

ଜରାଜୀର୍ଣ୍ଣ ଅବସ୍ଥାରେ ନୂଆଗଡ଼ ଜେଟି

- କେବେ ହେବ ନବୀକରଣ କାର୍ଯ୍ୟ, ନା କେବଳ ଫାଇଲ ରେ ରହିଯିବ
- ଶୋଷଣର ଶିକାର ମତ୍ସ୍ୟଜୀବି
- ମାଛର ଅଭାବୀ ବିକ୍ରି, ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ନାହିଁ

କାକଟପୁର /ଅସ୍ତରଙ୍ଗ,୧୨।୧୧ (ସଂଚାର ବ୍ୟୁରୋ): ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଏବଂ ସାମୁଦ୍ରିକ ମତ୍ସ୍ୟଜୀବି ଙ୍କ ସହାୟତା ଯୋଗାଇ ଦେବା ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ମତ୍ସ୍ୟଜୀବି ମାନଙ୍କୁ ଅଭାବୀ ଦୂର କରିବା ପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ଯୋଜନା ରହିଛି। ଗଭୀର ସମୁଦ୍ର ମଧ୍ୟରେ ଜୀବନକୁ ବିପଦରେ ପକାଇ ମାଛଧରି ପରିବାର ପୋଷୁଥିବା ମତ୍ସ୍ୟଜୀବିମାନଙ୍କ ପାଇଁ ସରକାର ଜାଲ, ଡଙ୍ଗା ଓ ଇଂଜିନ ରିହାତି ଦରରେ ଯୋଗାଇ ଦେଉଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବି କଲ୍ୟାଣ ଯୋଜନା (ଏମ୍‌ଏମ୍‌କେୱାଇ)କାର୍ଯ୍ୟ କରୁଛି। ନଭେମ୍ବର ୧ରୁ ମେ 'ମାସ ୩୧ତାରିଖ ପର୍ଯ୍ୟନ୍ତ ଅଲିଭ ରିଡଲେ କଇଁଛ ମାନଙ୍କ ପାଇଁ ମାଛ ଧରିବା ଉପରେ କଟକଣା ରହିଛି। ଏହି ସମୟରେ ମତ୍ସ୍ୟଜୀବିଙ୍କ ପରିବାରକୁ ସରକାରୀ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି। ଏସବୁ ବାଦ ମାଛ ଧରୁଥିବା ମତ୍ସ୍ୟଜୀବି ମାନଙ୍କ ମାଛ ବିକ୍ରିବା ପାଇଁ ଜେଟି ନିର୍ମାଣ ସହ ଆନୁସାଙ୍ଗିକ ସୁବିଧା ଖଞ୍ଜି ଦିଆଯାଇଛି। ହେଲେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ଜେଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି। ଦୀର୍ଘ ବର୍ଷ ହେବ ଜେଟି ପରିତ୍ୟକ୍ତ ହୋଇ ପଡ଼ିଥିବାବେଳେ ଏହାର ପୁନଃଉଦ୍ଧାର ଦିଗରେ ପଦକ୍ଷେପ କେବଳ ବିଭିନ୍ନ ମଞ୍ଚରେ ନେତାଙ୍କ ବାକ୍ୟ ମାଧ୍ୟମରେ ଚାଲିଥିବା ବେଳେ କାର୍ଯ୍ୟ ଓ ନିର୍ମାଣ, ମରାମତି ହୋଇପାରିଲା ନାହିଁ। ଜେଟି କାର୍ଯ୍ୟକ୍ଷମ ନ ହେବା ଦ୍ୱାରା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ହଜାର ହଜାର ମତ୍ସ୍ୟଜୀବି ପରିବାର ନାନାଦି ସମସ୍ୟା ଭୋଗୁଛନ୍ତି। ମାଛର ବିପଣନ୍ ରେ ବାଧା ସୃଷ୍ଟି ହେଉଥିବା ବେଳେ ଡଙ୍ଗା ଜେଟି ପଶି ପାରୁନି। ମତ୍ସ୍ୟଜୀବିଙ୍କ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ନାହିଁ। ମାଛର ଅଭାବ ବିକ୍ରିର ସମ୍ମୁଖୀନ ହେଉଛନ୍ତି ମତ୍ସ୍ୟଜୀବି। ସ୍ଥାନୀୟ ମତ୍ସ୍ୟଜୀବିଙ୍କ ଅଭିଯୋଗ ରହିଛି କି -ସ୍ଥାନୀୟ ମତ୍ସ୍ୟଜୀବି ଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୯୦ଦଶକରେ ଏହି ଜେଟି ନିର୍ମାଣ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ ପ୍ରତି ଆଉ ଗୁରୁତ୍ୱ ଦିଆଗଲା ନାହିଁ। ଜେଟି ଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାନଯିବା ଯୋଗୁଁ ପ୍ରଥମତଃ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏମାନଙ୍କ ଜେଟି ଲାଗି ପାରୁନାହିଁ ବେଳୀ ନଦୀ ନିକଟସ୍ଥ ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ୨୧ଟି ସାମୁଦ୍ରିକ ଗାଁ ରହିଛି।

ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପ୍ରତିମୂର୍ତ୍ତି ନିର୍ମାଣ ଲାଗି ଭୂମିପୂଜନ

ଯାଜପୁର,୧୨।୧୧(ସଂଚାର ବ୍ୟୁରୋ): ଆଜି ସକାଳ ୯ଟା ସମୟରେ ଯାଜପୁରର ପ୍ରସିଦ୍ଧ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ରାୟବାହାଦୁର ନରସିଂହ ଚୌଧୁରୀଙ୍କ ମୂର୍ତ୍ତିସ୍ଥମ୍ଭ ନିର୍ମାଣ ନିମନ୍ତେ ଭୂମିପୂଜନ ଅନୁଷ୍ଠାନ ଉତ୍ସାହପୂର୍ଣ୍ଣ ପରିବେଶରେ ସମ୍ପନ୍ନ ହୋଇଯାଇଛି। ଏହି ଅବସରରେ ପୁରାତନ ଛାତ୍ର ସଂସଦର ଅନେକ ସଦସ୍ୟମାନେ ଉପସ୍ଥିତ ହୋଇ ରାୟବାହାଦୁର ନରସିଂହ ଚୌଧୁରୀଙ୍କ ଅମର ସଂସ୍କୃତିକୁ ସ୍ମରଣ କଲେ। ମହାବିଦ୍ୟାଳୟ ପରିସର ଏହି ଅବସରରେ ଉତ୍ସବମୟ ହୋଇଉଠିଥିଲା।ଭୂମିପୂଜନ ଅନୁଷ୍ଠାନ ଶାସ୍ତ୍ରୋକ୍ତ ପଦ୍ଧତିରେ ସମ୍ପନ୍ନ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ, ଅଧ୍ୟାପକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଶିକ୍ଷାପ୍ରେମୀ ନାଗରିକମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ପୁରାତନ ଛାତ୍ର ସଂସଦ ପକ୍ଷରୁ ଜଣାଯାଇଛି ଯେ, ଏହି ମୃତିସ୍ଥମ୍ଭ ନିର୍ମାଣ ମାଧ୍ୟମରେ ରାୟବାହାଦୁର ନରସିଂହ ଚୌଧୁରୀଙ୍କ ଦେଶପ୍ରେମ, ସାହିତ୍ୟ ସେବା ଓ ଶିକ୍ଷା ପ୍ରତି ତାଙ୍କ ଅବଦାନକୁ ନୂତନ ପିଢ଼ୀ ସମ୍ମୁଖରେ ଆଣିବା ହେବା।ସମାରୋହ ଶେଷରେ ଅତିଥିମାନଙ୍କୁ ସମ୍ମାନ ଜଣାଇ ସଭାର ସମାପନ ହୋଇଥିଲା।

ଫୁଡ୍ ପାର୍କକୁ ନେଇ ଉପୁଜିଥିବା ମାମଲା ଏବେ ଅଦାଲତରେ

ବୈଶିଙ୍ଗା,୧୨।୧୧(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତର ଅଙ୍ଗାରୁଆ ମୌଜାରେ ୪୦ ଏକର ଜମି ପରିମିତ ଅଞ୍ଚଳରେ ଏକ ପ୍ରସ୍ତାବିତ ଫୁଡ୍ ପାର୍କ କରାଯିବାର ଯୋଜନା କୁ ନେଇ ଗତ ଅଗଷ୍ଟ ୨୮ ତାରିଖରେ ଉପୁଜିଥିବା ଏକ ଘଟଣାର ଗ୍ରାମ ବୈଠକରେ ଶାନ୍ତ ପଡ଼ିଥିବା ଜଣାଯାଇଥିଲା। ଖବରରୁ ପ୍ରକାଶ ମୟୂରଭଞ୍ଜ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ଆନୁକୂଲ୍ୟରେ ଏହି ୪୦ ଏକର ଜମିରେ ଏକ ଫୁଡ୍ ପାର୍କ କରିବା ପାଇଁ ବିଧାୟକଙ୍କ ପ୍ରସ୍ତାବ ଅନୁଯାୟ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରକଳ୍ପ ପ୍ରଶାସକ ପ୍ରଣୟ ରଞ୍ଜନ ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ଗଙ୍ଗାଧର ପ୍ରଧାନ, ବେତନଟି ବିଡିଓ ଶୁଶାନ୍ତ କୁମାର ସ୍ୱାତର, ଅଧିକଣ ଯଷ୍ଟୀ ସୌମ୍ୟାଶ୍ରୀ ଭୋଇ, ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ପୋଲିସ ଫୋର୍ସ ସହିତ ପହଞ୍ଚିଥିଲେ। ବିଧାୟକ ସନାତନ ବିଜୁଳି ମଧ୍ୟ ଉପସ୍ଥିତ ହୋଇଥିଲେ। କଣ କାର୍ଯ୍ୟ ହେବ, କେତେ ଟଙ୍କାର ପ୍ରକଳ୍ପ, କିଏ କାର୍ଯ୍ୟ ନିର୍ବାହୀ ଅଧିକାରୀ ଏ ସବୁର କୌଣସି ଫଳକ କରାନଯାଇ କାର୍ଯ୍ୟ ଆରମ୍ଭ କରିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା ସଙ୍ଗେ ସଙ୍ଗେ ଖବର ପାଇ ଶତାଧିକ ଗ୍ରାମବାସୀ ରୁଣ୍ଡ ହୋଇଥିବାର ଦେଖିବାକୁ ମିଳିଥିଲା। ପୂର୍ବତନ ସରପଞ୍ଚ ବିଜୟ କୁମାର ପଣ୍ଡା ଏହି ଜମି ଉପରେ ଟ୍ରାକ୍ଟର ଲଗାଇ ହଳ କରୁଥିବା ଲୋକ କୁ ଲୋକେ ବାରଣ କରିଥିଲେ। ଏହାର କାରଣ ଅଶୀ ଦଶକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶାସନ କାଳରେ ସେ ନିଜେ ଏହି ଜାଗାରେ ପହଞ୍ଚି ୪୦ ଏକର ଜମିକୁ ୨୫ ଜଣ ଚାଷୀମାନଙ୍କୁ ଚାଷ କରିବା ପାଇଁ ଲିଜ୍ ଦେବା ସହିତ ତାଙ୍କ ପାଇଁ ଘର ଏବଂ ଜଳସେଚନ ପାଇଁ ବ୍ୟବସ୍ଥା କରାଇଥିଲେ।ପର୍ଯ୍ୟାୟକ୍ରମେ ଚାଷ ବାସ ଆଉ ହେଲା ନାହିଁ। ଫଳରେ ଜମି ପଡ଼ିଆ ପଡ଼ିଥିଲେ ମଧ୍ୟ ଘର କରି ଦିଆଯାଇଥିବା ଚାଷୀ ମାନେ ଅଦ୍ୟାବଧି ରହିଛନ୍ତି। ହଠାତ୍ ଏପରି ଏକ ଘଟଣା କୁ ଦେଖି ସେମାନେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତେବେ କାହିଁକି ଏଭଳି ଉତ୍ତେଜନା ସୃଷ୍ଟି ହେଲା, ଏହା ପଛରେ କି ରାଜନୈତିକ ଶକ୍ତି କାମ କରୁଛି, ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠିଥିଲା।

ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା: ସମ୍ମାନିତ ହେଲେ ସଫଳ ଚାଷୀ

କର୍ଲାମୁଣ୍ଡା,୧୨।୧୧(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଭିଡ଼ାସ୍ଥିତ ବାପୁଜୀ ମିନି ଷ୍ଟାଡିୟମରେ ବୁଧବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭା ରେ କର୍ଲାମୁଣ୍ଡା ବିଡିଓ ସୁଚରିତା ମୁଗ୍ରାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା କୁନି ସାହୁ, ତହସିଲଦାର ଅରୁଣ ବର୍ଦ୍ଧ, ଓମଫେଡ଼ ସାଧାରଣ ପ୍ରବନ୍ଧକ ରଜନୀ କାନ୍ତ ପଣ୍ଡା, ଭବାନୀପାଟଣା ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରଭାତ କୁମାର ପରିଡା,କର୍ଲାମୁଣ୍ଡା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ କେଦାର ନାଥ ଖମାରୀ, ସହକାରୀ ମତ୍ସ୍ୟ ଅଧିକାରୀ ଶକ୍ତିକାନ୍ତ ବେହେରା, କଳାହାଣ୍ଡି ଅତିରିକ୍ତ ଜିଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ,ରିଭିଡା ସରପଞ୍ଚ ସେବତୀ ରଣା, ଜିଲ୍ଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନାର ବିସ୍ତୃତ ଭାବେ ଆଲୋଚନା କରିବା ସହ ଯୋଜନାର ଫାଇଦା ନେବାକୁ ଚାଷୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ବିଭିନ୍ନ ସରକାରୀ ଯୋଜନାରେ ସାମିଲ ହୋଇ ସଫଳତା ଅର୍ଜନ କରିଥିବା ମହିଳା ,ପୁରୁଷ ଚାଷୀ ମାନଙ୍କୁ ସମ୍ମାନିତ କରାଯାଇଥିଲା।ଏହି ମେଳାରେ ବିଭିନ୍ନ ବିଭାଗରୁ ଷ୍ଟଲ ଲଗେଇବା ସହ ବ୍ଲକ ସଂସ୍କୃତିକ ସଂଘ ପକ୍ଷରୁ ନାଚ ଗୀତ ମାଧ୍ୟମରେ ଯୋଜନା ଉପରେ ଚାଷୀ ମାନଙ୍କୁ ସଚେତନ କରାଯାଇଥିଲା।

ରହସ୍ୟାବୃତ୍ତ ବୃଦ୍ଧଙ୍କର ଶବସଂସ୍କାର କଲେ ଶ୍ମଶାନବନ୍ଧୁ

ସୁନ୍ଦରଗଡ଼,୧୨।୧୧(ସଂଚାର ବ୍ୟୁରୋ): କଲେଜ ବାଏପାସ ମୁଖ୍ୟ ରାସ୍ତାରୁ ଅମଲିପାଲି ଗଲା ବେଳେ ମୁଖ୍ୟ ରାସ୍ତାରୁ ବାମ କଡେ ପାଖାପାଖୀ ୩୦୦ ମିଟର ଏକ ଅର୍ଧନିର୍ମିତ ପରିତ୍ୟକ୍ତ ଘର, ଯାହାର ଚତୁଃପାର୍ଶ୍ୱ ଘରକୁ ଯିବା ସକାସେ କୌଣସି ରାସ୍ତା ନାହିଁ। ଅନାବନା ଜଙ୍ଗଲ ଘେରି ରହିଛି, ସଞ୍ଜ ନଇଁଲେ କେବଳ ଅନ୍ଧକାର, ପାଖରେ ନା ଅଛି ବିଦ୍ୟୁତ ଆଲୋକ ନା ପାଣି, ନା କୌଣସି ମୌଳିକ ସୁବିଧା, ଘର ତ ନୁହଁ ବିଛା ସରୀସୃପଙ୍କ ବାସସ୍ଥାନ କହିଲେ ଅତ୍ୟୁକ୍ତି ହେବ ନାହିଁ। ଘର ଭିତରକୁ ପଶୁ ପଶୁ ଏକ ଲୁହା ତାର ରେ ସୁନ୍ଦର ପରିବାର ଫଟୋ ଫ୍ରେମ ଝୁଲା ହୋଇଛି, ପାଖାପାଖୀ ୫/୭ ବର୍ଷ ପୁରୁଣା ଫଟୋ ବୋଧେ। ଘର ଅଗଣାରେ ତିନୋଟି ଛୋଟ ମୂର୍ତ୍ତି ଭଗବାନଙ୍କର। ଏକ ପତାକା ମଧ୍ୟ ବାଉଁଶରେ ଗଡ଼ା ଯାଇଛି। ତାଙ୍କର ନାଁ କଣ ? ତାଙ୍କର ଘର କେଉଁଠି, କେଉଁ ପରିସ୍ଥିତିରେ ଆସିଛନ୍ତି, କେତେ ଦିନ ହେଲା ଏଠି ରହୁଥିଲେ କାହାକୁ ଜଣା ନାହିଁ। ଫଟୋଟି ଦେଖିଲେ ଏକ ଭଲ ପରିବାରର ବୋଲି ଜଣାପଡୁଛି। ଘର ଭିତରେ ପୁରୁଣା ଫ୍ରିଜରର କେବିନେଟ ଦୁଇଟିକୁ ଯୋଡି ଖଟ ଭଳିଆ ତିଆରି ହୋଇଛି, ତା ଉପରେ ବୃଦ୍ଧଙ୍କର ଶବଟି ପଡ଼ିରହିଛି, କେବେଠୁ ମରି ପଡ଼ିଛନ୍ତି କେଜାଣି, ଦୁର୍ଗନ୍ଧ ହେବାରୁ ଏକ ଗାଇ ଚରାଉଥିବା ପିଲା ପାଖରେ ଥିବା ପଡାବାସୀଙ୍କୁ ଖବର ଦେବା ପରେ ଟାଉନ ଥାନାକୁ ଖବର ଦେଇ ଥିଲେ। ଟାଉନ ଥାନା ଅଧିକାରୀ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ମାନଙ୍କୁ ଶବ ସଂସ୍କାର ସକାଶେ ଅନୁରୋଧ କରିଥିଲେ। ବୋଧେ ୮/୧୦ଦିନ ହେବ କିଛି ଖିଆପିଆ କରି ନ ଥିବାରୁ ଓ ପ୍ରବଳ ଥଣ୍ଡା ଯୋଗୁଁ ତାଙ୍କର ମୃତ୍ୟୁ ଘଟି ଥାଇପାରେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କ ସହିତ ଶିଶିର କୁମାର ବେହେରା, ଚିଣ୍ଟୁ ରକ୍ସା ଓ ଦେବେନ୍ଦ୍ର ସାହୁ ଶେଷକୃତ ସସମ୍ମାନ ର ସହିତ ସମ୍ପନ୍ନ କରିଥିବା ବେଳେ ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନର ଅଧ୍ୟକ୍ଷ ସଞ୍ଜୟ ନନ୍ଦ ଶେଷକୃତ ସକାଶେ ଆବଶ୍ୟକ ସାମଗ୍ରୀଗୁଡିକ ଯୋଗାଇ ଦେଇ ଥିଲେ।

ଜିଲ୍ଲା ପରିଷଦର ଦଶମ ସାଧାରଣ ଅଧିବେଶନ

ଶ୍ରୀଅନ୍ନ କେଳେଙ୍କାରୀକୁ ନେଇ ହୋ ହାଲ୍ଲା: ତଦନ୍ତ କରିବ ସ୍ୱତନ୍ତ୍ର କମିଟି

ନୟାଗଡ଼,୧୨।୧୧(ସଂଚାର ବ୍ୟୁରୋ): ହୋ ହାଲ୍ଲାରେ ସରିଲା ଜିଲ୍ଲା ପରିଷଦର ଦଶମ ସଧାରଣ ଅଧିବେଶନ। ଶ୍ରୀଅନ୍ନ କେଳେଙ୍କାରୀ, ବନ ବିଭାଗରେ କମ୍ପା ଦୁର୍ନୀତି ଓ ଜଳ ବିଭାଜିକା ପ୍ରକଳ୍ପରେ ବ୍ୟାପକ ଅନିୟମିତତା ହୋଇଥିବା ବେଳେ ଏହାକୁ ନେଇ ଗୃହରେ ଝଡ ସୃଷ୍ଟି ହୋଇଥିଲା। ଏହାକୁ ବିରୋଧ କରି ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟା ମାନେ ପବିତ୍ର ଗୃହରେ ହୋ ହାଲ୍ଲା କରିଥିଲେ। ବୁଧବାର ପୂର୍ବାହ୍ନ ସାଢ଼େ ୧୧ଟାରେ ଷଷ୍ଠ ଜିଲ୍ଲା ପରିଷଦର ଦଶମ ସାଧାରଣ ଅଧିବେଶନ, ଜିଲ୍ଲା ପରିଷଦର ସୃଜନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ ଅଧ୍ୟକ୍ଷତା କରିଥିବା ବେଳେ ନୟାଗଡ଼ ବିଧାୟକ ଡ଼ ଅରୁଣ କୁମାର ସାହୁ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରାଯାଇଥିଲା। ପ୍ରଥମେ ଶିକ୍ଷା ଅଧିକାରୀଙ୍କ ଠାରୁ ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରଶ୍ନ ଥିଲା, କେତେ ବିଦ୍ୟାଳୟରେ ଶିକ୍ଷକ ଯେଉଁ ସ୍କୁଲରେ ପ୍ରାରମ୍ଭରେ ଯୋଗଦାନ କରି ସେହି ବିଦ୍ୟାଳୟରେ କାର୍ଯ୍ୟ କରି ଆସୁଛନ୍ତି ଅବା କେତେ ଶିକ୍ଷକ ସେହି ଏକା ବିଦ୍ୟାଳୟରେ ଯୋଗଦାନ କରି ଅବସର ଗ୍ରହଣ କରିଛନ୍ତି। ଯେହେତୁ ଶିକ୍ଷା ବିଭାଗର ବଦଳି ପଲିସି ନାହିଁ, ତେଣୁ ସେସବୁ ଅନୁଧ୍ୟାନ କରିବାକୁ ପଡ଼ିବ ବୋଲି ଅତିରିକ୍ତ ଶିକ୍ଷା ଅଧିକାରୀ କହିଥିଲେ। ଏହାପରେ ଜିଲ୍ଲା ବନ ବିଭାଗକୁ ଜିଲ୍ଲା ପରିଷଦ ସଦସ୍ୟଙ୍କ ବିଭିନ୍ନ ପ୍ରଶ୍ନବାଣରେ ଘାଇଲା ହୋଇଥଲା ବନ ବିଭାଗ। ଜିଲ୍ଲା ପରିଷଦ ସଦସ୍ୟ/ସଦସ୍ୟାଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ବନ ବିଭାଗ ଦେଇ ନପାରିବାରୁ କ୍ଷୋଭ ପ୍ରକାଶ କରିବା ସହ ହୋ ହାଲ୍ଲା କରିଥିଲେ ଏବଂ ବିଗତ ଦିନରେ ଭିଜିଲାନ୍ସ ତଦନ୍ତ କରିବା ନେଇ ଜିଲ୍ଲା ପରିଷଦ ପ୍ରୋସେଡିଂ ସ୍ଥାନୀୟ ଦେଇଥିବା ବେଳେ କାହିଁକି ଭିଜିଲାନ୍ସକୁ ଚିଠି ଲେଖାଯାଇ ନାହିଁ ବୋଲି ସଦସ୍ୟ ମାନେ ପ୍ରଶ୍ନ କରିଥିଲେ।

ଗୋମାଂସ ଜବତ କଲେ ବଜରଙ୍ଗ କର୍ମୀ

ବାଲିକୁଦା,୧୨।୧୧(ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଧିନସ୍ଥ କାଠଗୋଲା ବଜାରର ନିକଟରେ ଥିବା ମୁସଲିମ ସାହିରେ ଗୋମାଂସ ଚାଲାଣ ପାଇଁ ପ୍ରସ୍ତୁତ ହେଉ ଥିବାବେଳେ କୌଣସି ସୂତ୍ରରୁ ବଜ୍ରରଙ୍ଗ ଦଳର କର୍ମୀ ମାନେ ଖବର ପାଇ ଗୋମାଂସ ପ୍ରସ୍ତୁତ ସ୍ଥାନରେ ପହଞ୍ଚି ଦୁଇ କ୍ୟୁଣ୍ଟାଲରୁ ଉର୍ଦ୍ଧ୍ୱ ଗୋମାଂସକୁ ଜବତ କରିଥିଲେ। ଏ ନେଇ ଘଟଣା ସ୍ଥଳରେ ବଜ୍ରରଙ୍ଗୀ କର୍ମୀ ଏବଂ ଗୋମାଂସ ପ୍ରସ୍ତୁତ କରୁଥିବା ମୁସଲିମ ସମ୍ପ୍ରଦାୟର ଲୋକ ମାନଙ୍କ ମଧ୍ୟରେ ଉତେଜନା ସୃଷ୍ଟି ହେବାରୁ ବାଲିକୁଦା ପୁଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ଉଭୟ ପକ୍ଷ୍ୟର ଲୋକ ମାନଙ୍କୁ ବୁଝା ସୁଝା କରିବା ସହିତ ଗୋମାଂସ କୁ ନେଇ ଅନ୍ୟ ଜାଗାରେ ପୋତି ଦେଇଥିଲେ। ବାଲିକୁଦା ମୁଖ୍ୟ ପ୍ରାଣୀ ସମ୍ପଦ ଅଧିକାରୀ ସ୍ୱାଗତ ପଟ୍ଟନାୟକ ଗୋମାଂସର ନମୁନା ସଂଗ୍ରହକରି ପଶୁ ସମ୍ପଦ ପରୀକ୍ଷାଗାର କୁ ପଠାଇଥିଲେ। ପରବର୍ତ୍ତୀ ସମୟରେ ବାଲିକୁଦା ଅଞ୍ଚଳର ଶତାଧିକ ବଜ୍ରରଙ୍ଗ ଦଳର କର୍ମୀ ମାନେ ଏକତ୍ରିତ ହୋଇ ବାଲିକୁଦା ଥାନାରେ ପହଞ୍ଚି ଜୟ ଶ୍ରୀରାମ ନାରା ଦେବାସହ ବାଲିକୁଦା ଅଞ୍ଚଳରେ କିପରି ଗୋମାଂସ ଚାଲାଣ ବନ୍ଦ ହେବ ସେଥିନେଇ ଥାନାର ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସହ ଆଲୋଚନା କରିବା ସହ ଦୋଷୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନେଇ ଦାବି କରିଛନ୍ତି। ବାଲିକୁଦା ବଜାରରେ ଚାପା ଉତେଜନାକୁ ଦୃଷ୍ଟିରେ ରଖି ଜଗତସିଂହପୁର ଜିଲ୍ଲା ପ୍ରଶାସନ ତରଫରୁ ସ୍ଥାନୀୟ ଅଞ୍ଚଳରେ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୃତୟନ କରାଯାଇଛି।

ମୌଳିକ ସମସ୍ୟା ପୂରଣ ଲାଗି ଗ୍ରାମବାସୀଙ୍କ ଧାରଣା

ବାରିପଦା,୧୨।୧୧(ସଂଚାର ବ୍ୟୁରୋ): ଗ୍ରାମବାସୀ ବିଭିନ୍ନ ମୌଳିକ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତବାସୀ ଧାରଣା ଦେଇଛନ୍ତି। ଏନେଇ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କପ୍ତିପଦା ବ୍ଲକର ରାଣୀପୋଖରୀ ଏବଂ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ମଧ୍ୟରେ ପ୍ରବାହିତ ହେଉଥିବା ଦୋମୁହାଣୀ ନଦୀ ଉପରେ ଚିର ସ୍ଥାୟୀ ପୋଲ ନିର୍ମାଣ କରାଯିବାକୁ ମୁଖ୍ୟ ଦାବି ରହିଛି। ଏହାସହିତ ଅନ୍ୟ ୯ଟି ଦାବି ପୂରଣ ପାଇଁ ଆଜି 'ଶରତ ବିକାଶ ମଞ୍ଚ' ମିଳିତ ସହଯୋଗରେ ରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତବାସୀ ଏହି ପଦଯାତ୍ରା ଏବଂ ଗଣଧାରଣା ଦେଇଛନ୍ତି। ସ୍ଥାନୀୟ ଟୋଲ ଗଡିଆରେ ନିର୍ମାଣାଧିନ ବସୁଧା ଜଳପ୍ରକଳ୍ପ ସଂପୂର୍ଣ୍ଣ କରିବା, କିଟିସାହିରେ ବିଦ୍ୟୁତ ସଂଯୋଗ କରାଯିବା, ରାମଚନ୍ଦ୍ରପୁର ଗ୍ରା:ପରେ ଏଫଆରଏ ୨୦୦୬ କାର୍ଯ୍ୟକାରୀ କରିବା, କେନ୍ଦୁଗୁଠ ଠାରୁ ମହୁଲଡିହା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା, ଆଲଡାସାହିରେ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପନ କରିବା, କପ୍ତିପଦା ବ୍ଲକରେ ଏଫଆରଏ ୨୦୦୬ କାର୍ଯ୍ୟକାରୀ କରିବା , କେନ୍ଦୁଗୁଠି ଠାରୁ କଳମଗଡିଆ ପର୍ଯ୍ୟନ୍ତ ରାସ୍ତାକୁ ନିର୍ମାଣ କରିବା , ଧୋଲିପଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ କରିବା ଓ ଜିଲ୍ଲାରେ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ କାର୍ଯ୍ୟକାରୀ କରିବା ଇତ୍ୟାଦି ଦାବି ରହିଛି।

ଜଙ୍ଗଲରେ ଚଳାଇଥିଲେ ବେଆଇନ କାରବାର



ମୋହନା,୧୨।୧୧ (ସଂଚାର ବ୍ୟୁରୋ): ଗଜପତି ଜିଲା ମୋହନା ଅବକାରୀ ବିଭାଗ ଅତର୍କିତ ଭାବେ ଚଢ଼ାଉ କରି ଦେଶୀ ମହୁଲି ମଦ ଓ ପୋଚ୍ ଜବତ କରିଛି। ବୁଧବାର ଘଟଣାସ୍ଥଳରେ ପୋଚ୍ ନଷ୍ଟ କରାଯାଇଥିବା ଜଣାପଡ଼ିଛି। ମୋହନା ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀ ଦଣ୍ଡ ଶବର ଓ କର୍ମଚାରୀମାନେ ବିଶେଷ ସୂତ୍ରରୁ ଖବର ପାଇ ଏହି ଥାନା ଅନ୍ତର୍ଗତ ଶିକୁଲିପଦର ପଞ୍ଚାୟତ ଅଧୀନ କଳାମେରୀ ଓ ପଥରଗଡ଼ ଗ୍ରାମ ନିକଟ ଜଙ୍ଗଲ ନିକଟରେ ଥିବା ଏକ ନାଳ ନିକଟରେ ଚଢ଼ାଉ କରି ୧୮୦ ଲିଟର ଦେଶୀ ମହୁଲି ମଦ ଜବତ କରିଛନ୍ତି। ଏଥିସହ ୨ ହଜାର ଲିଟର ମହୁଲ ପୋଚ୍‌କୁ ଜବତ କରି ଘଟଣାସ୍ଥଳରେ ନଷ୍ଟ କରିଛନ୍ତି। ଭାଟି ନିକଟରେ ରହିଥିବା ରନ୍ଧା ମଦ ସାମଗ୍ରୀ ରସହାଣ୍ଡି, ପ୍ଲାଷ୍ଟିକ ଡ୍ରମଗୁଡ଼ିକୁ ଜବତ କରିଛନ୍ତି। ଅବକାରୀ ପୋଲିସ ଆସିବା ଜାଣି ମଦ ରାନ୍ଧୁଥିବା ମାଫିଆମାନେ ଜଙ୍ଗଲ ମଧ୍ୟକୁ ଚମ୍ପଟ ମାରିଥିଲେ। ଜଙ୍ଗଲ ମଧ୍ୟରେ ଲୁଚାଛପାରେ ମାଫିଆମାନେ ବେଆଇନ ମହୁଲି ମଦ ରାନ୍ଧି ଲୋକଙ୍କୁ ଚଢ଼ା ଦରରେ ବିକ୍ରୀ କରୁଥିବା ଅଞ୍ଚଳର କିଛି ମହିଳା ଅଭିଯୋଗ ହୋଇଥିବା ସୂଚନା ମିଳିଛି। ଆଗକୁ ବଡ଼ ଧରଣର ଚଢ଼ାଉ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରତିଭା ଚୟନ ପ୍ରତିଯୋଗିତା 'ମହକ' ଅନୁଷ୍ଠିତ

ଭଦ୍ରକ, ୧୨।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି,ମହିଳା ଓ ଶିଶୁ ବିକାଶ ବିଭାଗ,ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ରାଜ୍ୟ ସ୍ତରୀୟ ଆନ୍ତଃ ଶିଶୁ ଯତ୍ନ ଅନୁଷ୍ଠାନ ଅନ୍ତେବାସୀଙ୍କ ମଧ୍ୟରେ ପ୍ରତିଭା ଚୟନ ପ୍ରତିଯୋଗିତା ମହକ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭଦ୍ରକ ଜିଲ୍ଲା ଶିଶୁ ଯତ୍ନ ଅନୁଷ୍ଠାନର ଶିଶୁମାନେ କନିଷ୍ଠ ବିଭାଗରେ କୁଇଜ୍ ଓ ସଙ୍ଗୀତରେ ପ୍ରଥମ ହେବା ସହ ଉତ୍କର୍ଷତା ପ୍ରଦାନ କରି ଚମ୍ପିୟାନ ଟ୍ରଫି ଓ ପ୍ରମାଣପତ୍ର ଗ୍ରହଣ କରିଛନ୍ତି । ଭଦ୍ରକ,ଜିଲ୍ଲା ପ୍ରଶାସନ , ଶିଶୁ ସୁରକ୍ଷା ୟୁନିଟ ଓ ଶିଶୁ ଅନୁଷ୍ଠାନ ପକ୍ଷରୁ ଶିଶୁ ମାନଙ୍କୁ ଶୁଭେଚ୍ଛା ପ୍ରଦାନ କରାଯାଇଛି।

● ଦୁର୍ଗମ ବନାଞ୍ଚଳରେ ଖଣିଜ ପଦାର୍ଥ ଚୋରି

ଲୁହାପଥର ବୋଝେଇ ୪ ଗାଡ଼ି ଜବତ: ୪ ଖଣି ଚୋର ଗିରଫ

କେନ୍ଦୁଝର,୧୨।୧୧(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ପୁଲିସ ପିଢ଼ପୋଖରୀ ବନାଞ୍ଚଳରେ ଚଢ଼ାଉ କରି ଚୋରା ଲୁହାପଥର ବୋଝେଇ ଦୁଇଟି ହାଇୱା, ଗୋଟିଏ ଜେସିବି ମେସିନ ଓ ଗୋଟିଏ ବାଇକ୍ ଜବତ ସହିତ ଚୋରା ଖଣିଜ ପଦାର୍ଥ ଚୋରା କାରବାରରେ ସଂଶ୍ଲିଷ୍ଟ ୪ ଜଣ ଖଣି ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଯୋଡା ହୁଡ଼ିସାହିର ପ୍ରିନ୍ସ ଜର୍ଜ, ଝାଡ଼ଖଣ୍ଡ ରାଜ୍ୟ ଦେଓଘରର ହାଡ଼ିସ ମିଆଁ, ବଡ଼ବିଲ ନାଦ ବସ୍ତିର ମହମ୍ମଦ ମୋସିନ ଆଲ ଥାଲମ୍ , ବଡ଼ବିଲ ଦାମୁ ହଟିଂର ୱାସିମ୍ ଆକ୍ରମ। ପୋଲିସ ଜବତ କରିଥିବା ହାଇୱା ନଂ ଓଡି-୦୯ପି-୨୨୯୨, ଓଡ଼ି-୦୯ଭି-୩୪୦୬, ବାଇକ୍ ନଂ ଓଆ-୧୦୯ ପି-୦୧ -୦୧୫୩କୁ ପୋଲିସ ଜବତ କରିଛି। ଜବତ ଟ୍ରକ୍ ଦ୍ୱୟରେ ପ୍ରାୟ ୬୦ ମେଟ୍ରିକ୍ ଟନ୍ ଉନ୍ନତ ମାନର ଲମ୍ପସ ଲୁହାପଥର ବୋଝେଇ ହୋଇଥୁଲ ଥିଲା।

କାଲିମେଳାରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦ୍‌ଘାଟିତ

ମାଲକାନଗିରି,୧୨।୧୧ (ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ କାଲିମେଳା ତହସିଲରେ ସବ୍ ରେଜିଷ୍ଟ୍ରେସନ ଅଫିସ୍ ଆଜି ଉଦଘାଟନ ହୋଇଯାଇଛି। ଅତିରିକ୍ତ ଜିଲ୍ଲପାଳ ବେଦବର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସବ୍ ରେଜିଷ୍ଟ୍ରେସନ ଅଫିସ୍ ଉଦଘାଟନ କରିଥିବା ବେଳେ କାଲିମେଳା ତହସିଲଦାର ରାମକୃଷ୍ଣ ସତ୍ୟ ରାଜଗୁରୁ ସବ୍ ରେଜିଷ୍ଟ୍ରେସନ ଅଧିକାରୀ ଭାବେ ଯୋଗ ଦେଇଥିଲେ। କାଲିମେଳା ତହସିଲ ଅଞ୍ଚଳବାସୀ ପୂର୍ବରୁ ବିଭିନ୍ନ ରେଜିଷ୍ଟ୍ରେସନ କାମ ପାଇଁ ମୋଟୁ ତହସିଲ ଉପରେ ନିର୍ଭର ଥିବା ବେଳେ ନାନା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଥିଲା। ତେବେ ବର୍ତ୍ତମାନ ତହସିଲ ସୀମା ବାହାରେ ନ ଯାଇ ନିଜ ନିଜ ତହସିଲରେ ଜମି ପଞ୍ଜିକରଣ କିମ୍ବା ଜମି କିଣାବିକା ଏବଂ ଅନ୍ୟାନ୍ୟ ରେଜିଷ୍ଟ୍ରେସନ କାମ କରାଯାଇ ପାରିବ। ଏହା ଲୋକଙ୍କ ପାଇଁ ବହୁ ସୁବିଧା ଯୋଗେଇବା ସହ ଜମି କିଣାବିକାରେ ଲୋକେ ତ୍ରାହି ପାଇବେ। ସବୁ ମଙ୍ଗଳବାର ଏବଂ ବୁଧବାର ଦିନ ଏହି ରେଜିଷ୍ଟ୍ରେସନ କାମ କରାଯିବ ବୋଲି ତହସିଲ ପକ୍ଷରୁ ସୂଚନା ମିଳିଛି।

ଦଶ ବର୍ଷ ହେଲା ଗାଁରେ ଏକଘରିଆ ବୃଦ୍ଧା

● ଡିଲର ଦଉନି ରାସନ ସାମଗ୍ରୀ, ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ

ଭଦ୍ରକ, ୧୨।୧୧ (ସଂଚାର ବ୍ୟୁରୋ): ବର୍ଷେ କି ଦୁଇବର୍ଷ ନୁହେଁ, ଦଶ ବର୍ଷରୁ ଅଧିକ ସମୟ ଧରି ଗାଁରେ ଏକଘରିଆ ହୋଇ ଚଳୁଛନ୍ତି ଜଣେ ବୃଦ୍ଧା। ନାଁ ତାଙ୍କ ସହ କିଏ ମିଶୁଛନ୍ତି ନାଁ କଥା ହେଉଛନ୍ତି। ଏମିତିକି ଡିଲର ରାସନ ସାମଗ୍ରୀ ଦେଉନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଚାନ୍ଦବାଲି ଥାନା ବିଜୟନଗର ପଞ୍ଚାୟତ ବିଜୟନଗର ଗାଁର ବୃଦ୍ଧା ନୟନା ସାହୁ। କାନ୍ଦି କାନ୍ଦି ନିଜ ଦୁଃଖ କଥା ଗୁହାରି କରିଛନ୍ତି ଜିଲ୍ଲାପାଳଙ୍କ ନିକଟରେ। ବୃଦ୍ଧାଙ୍କ କହିବା ଅନୁଯାୟୀ, ଗାଁରେ କୌଣସି କାମ କାର୍ଯ୍ୟ, ପର୍ବପର୍ବାଣୀ ବା ଅନ୍ୟ ସମାଜିକ କାର୍ଯ୍ୟ ହେଲେ ମଧ୍ୟ ତାଙ୍କୁ ଡକାଯାଉନାହିଁ ଓ ସାମିଲ କରାଯାଉନାହିଁ। ଗାଁ ଲୋକଙ୍କ ସହ ମିଶିକରି ଚଳିବାକୁ ଆଗ୍ରହ ପ୍ରକାଶ କରିଥିବା ବେଳେ ଏ ବାବଦରେ ସ୍ଥାନୀୟ ସରପଞ୍ଚ ଦିଲୀପ କୁମାର ରାଉତ କହିଛନ୍ତି ଜିଲ୍ଲାପାଳଙ୍କୁ ଅଭିଯୋଗ ପରେ ଚାନ୍ଦବାଲି ବିଡିଓ ଓ ଥାନା ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତଦନ୍ତ କରି ଯଥାଶୀଘ୍ର ସମସ୍ୟାର ସମାଧାନ କରିବାକୁ।

୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ କେନ୍ଦୁଝରର ସାର୍ଥକ ସ୍ୱୟଂପ୍ରକାଶ

କେନ୍ଦୁଝର, ୧୨।୧୧ (ସଂଚାର ବ୍ୟୁରୋ): କେନ୍ଦୁଝରର ଉଦୀୟମାନ ତରୁଣ କ୍ରିକେଟ ଖେଳାଳି ସାର୍ଥକ ସ୍ୱୟଂପ୍ରକାଶ ୧୯ ବର୍ଷରୁ କମ ଓଡ଼ିଶା କ୍ରିକେଟ ଦଳରେ ସାମିଲ ହୋଇଛନ୍ତି। ଓଡ଼ିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଘୋଷିତ ୧୯ ବର୍ଷରୁ କମ ଦଳରେ ସାର୍ଥକ ସ୍ଥାନ ହାସଲ କରିବା ସହ ବିସିସିଆଇ ବୋର୍ଡ ଅଫ କଣ୍ଟ୍ରୋଲ ଫର କ୍ରିକେଟ ଇନ ଇଣ୍ଡିଆ ଆନୁକୁଲ୍ୟରେ ଚଳିତ ନଭେମ୍ବର ୧୬ ତାରିଖରୁ ମହାରାଷ୍ଟ୍ରରେ ଆରମ୍ଭ ହୋଇ ଆନ୍ଧ୍ରପ୍ରଦେଶ, ଉତ୍ତରାଖଣ୍ଡ ଏବଂ ଓଡ଼ିଶାରେ ଅନୁଷ୍ଠିତ ହେବାକୁ ଥିବା କୁଚ ବିହାର ଟ୍ରଫି ମ୍ୟାଚରେ ରାଜ୍ୟ ତରଫରୁ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସୂଚନାଯୋଗ୍ୟଯେ ଗତବର୍ଷ ମଧ୍ୟ ସେ ଓଡ଼ିଶା ରାଜ୍ୟ ଟିମ୍ ରେ ସାମିଲ୍ ହୋଇ କୁଚ ବିହାର ଟ୍ରଫି ପାଇଁ ଖେଳିଥିଲେ। ରଂଜିତା ବାରିକଙ୍କ କନିଷ୍ଠ ପୁତ୍ର ସାର୍ଥକଙ୍କୁ ଏହି ସଫଳତା ପାଇଁ କେନ୍ଦୁଝର ଜିଲ୍ଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକ ଙ୍କ ସମେତ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଏବଂ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

ସାଇବର ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୧୨।୧୧ (ସଂଚାର ବ୍ୟୁରୋ): ବଡ଼ବିଲ୍ ପୁଲିସ, ବ୍ୟାଙ୍କ ବ୍ୟାଙ୍କ ଅଫ ଇଣ୍ଡିଆ ବଡ଼ବିଲ ଶାଖା, ବଡ଼ବିଲ ସିଭିଲ ସୋସାଇଟି ଓ ରାଜ୍ୟ ସାଇବର ସୁରକ୍ଷା ମଞ୍ଚର ମିଳିତ ସହଯୋଗରେ ବଡ଼ବିଲ ଠାରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ବଡ଼ବିଲ ଏସ୍ ଡି ପି ଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଥାନା ଅଧିକାରୀ ଅଶୋକ କୁମାର ନାୟକ,ସାଂସଦ ପ୍ରତିନିଧି ନୀଳମଣି ମହାନ୍ତି ଓ ଚନ୍ଦ୍ରଗୁପ୍ତ ପ୍ରସାଦଙ୍କ ନେତୃତ୍ୱରେ ବଡ଼ବିଲ କିରିବୁରୁ ଛକଠାରୁ ଏକ ସାଇକେଲ ଶୋଭାଯାତ୍ରା ବାହାରି ପୁରୁଣା ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବଡ଼ବିଲବାସୀଙ୍କୁ ସାଇବର ଠକେଇ ସମ୍ବନ୍ଧରେ ସଚେତନ କରାଯାଇଥିଲା। ବଡ଼ବିଲ ପୌରାଞ୍ଚଳରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ,ବୁଦ୍ଧିଜୀବୀ, ବଡ଼ବିଲ ସିଭିଲ ସୋସାଇଟିର ସଦସ୍ୟ ଏହି ସଚେତନତା କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ।